


ଅଡୁଆରେ ରଣବୀର
▶ପୃଷ୍ଠା ୧୧ ଦେଖନ୍ତୁ...



RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 43 ♦ISSUE-187 ♦FRIDAY ♦2 JANUARY 2026 ♦PAGE-12 ♦₹ 7.00 | BHUBANESWAR | ♦ବର୍ଷ-୪୩ ♦ସଂଖ୍ୟା-୧୮୭ ♦ଶୁକ୍ରବାର ♦୨ ଜାନୁଆରୀ ୨୦୨୬ ♦ପୃଷ୍ଠା-୧୨ ♦ଟ.୭.୦୦


**ନୂଆବର୍ଷ ପାଳନ ବେଳେ ଅଘଟଣ**

## ସ୍ୱିଜରଲାଣ୍ଡ ରିସୋର୍ଟରେ ବିସ୍ଫୋରଣ; ୪୦ ମୃତ

■ ବର୍ଣ୍ଣ, ୧।୧ (ଏଜେନ୍ସି): ନୂଆବର୍ଷ ପାଳନ ବେଳେ ସ୍ୱିଜରଲାଣ୍ଡର କ୍ରାନ୍ସ ମୋଣ୍ଟାନା ସହରର ଏକ ଆଲପାଇନ ସ୍କି ରିସୋର୍ଟରେ ଗତକାଲି ବିଳମ୍ବିତ ରାତିରେ ବଡ଼ ଧରଣର ବିସ୍ଫୋରଣ ଘଟିବାରୁ ୪୦ ଜଣ ବ୍ୟକ୍ତି ପ୍ରାଣ ହରାଇଛନ୍ତି ଏବଂ ଶତାଧିକ ଆହତ ହୋଇଛନ୍ତି । ଆହତମାନଙ୍କୁ ବିଭିନ୍ନ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି । ନୂଆବର୍ଷ ପାଳନ ବେଳେ ଆତସବାଜି ଯୋଗୁଁ ବିସ୍ଫୋରଣ ହୋଥିବା ସନ୍ଦେହ କରାଯାଉଛି । ତେବେ ଏହା କୌଣସି ଆତଙ୍କବାଦୀ ଆକ୍ରମଣ ନୁହେଁ ବୋଲି ସରକାରଙ୍କ ପକ୍ଷରୁ ସ୍ପଷ୍ଟ କରାଯାଇଛି । ପୋଲିସ ଦେଇଥିବା ସୂଚନା ଅନୁଯାୟୀ ଗତ ରାତି ୧ଟା ୩୦ରେ ଏହି ବିସ୍ଫୋରଣ ହୋଇଥିଲା । ନବବର୍ଷ ଉତ୍ସବ ପାଳନ ଚାଲିଥିବା ବେଳେ କନଷ୍ଟେଲେସନ ବାରରେ ବିସ୍ଫୋରଣ ଘଟିଥିଲା । ବିସ୍ଫୋରଣ ସମୟରେ ବାର୍ ଭିତରରେ ୧୫୦ରୁ ଅଧିକ ଲୋକ ଥିଲେ । ସୂଚନା ପାଇବା ମାତ୍ରେ ପୁଲିସ, ଅଗ୍ନିଶମ ବାହିନୀ, ଆମ୍ବୁଲାନ୍ସ ଓ ଜରୁରିକାଳୀନ ଉଦ୍ଧାରକାରୀ ଦଳ ଘଟଣାସ୍ଥଳରେ ପହଞ୍ଚିଥିଲେ । ଆହତମାନଙ୍କୁ ତୁରନ୍ତ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା । କିଛି ଅନେକ ଆହତଙ୍କ ଅବସ୍ଥା ଗୁରୁତର ବୋଲି ଜଣାଯାଇଛି । ସତର୍କତା ସ୍ୱରୂପ ବିସ୍ଫୋରଣ ଅଞ୍ଚଳ ଓ ଏହାର ଆଖପାଖ ଅଞ୍ଚଳକୁ ସିଲ୍ କରାଯାଇଛି । ବିସ୍ଫୋରଣର ତଦନ୍ତ ଚାଲିଛି ଏବଂ ଫରେନସିକ ଟିମ୍ ଘଟଣାସ୍ଥଳରେ ପହଞ୍ଚି ପ୍ରମାଣ ଏକାଠି କରୁଛି । ବାର୍‌ରେ ଉପସ୍ଥିତ ଥିବା ଲୋକଙ୍କୁ ପଚରାଉଚରା କରାଯାଉଛି । କନସର୍ଟ ସମୟରେ ବ୍ୟବହାର କରାଯାଇଥିବା ବାଣ ଯୋଗୁଁ ବିସ୍ଫୋରଣ ଓ ପରେ ଅଗ୍ନିକାଣ୍ଡ ଘଟିଥାଇପାରେ ବୋଲି ସ୍ୱିସ ନ୍ୟୁଜ ଆଉଟଲେଟ୍ ବ୍ଲିକ ତରଫରୁ କୁହାଯାଇଛି ।

କ୍ରାନ୍ସ- ମୋଣ୍ଟାନା ରିସୋର୍ଟ ସ୍ୱିଜରଲାଣ୍ଡ ରାଜଧାନୀ ବର୍ଣ୍ଣଠାରୁ ଦୁଇ ଘଣ୍ଟା ଦୂରରେ ଭାଲାଇସ ଅଞ୍ଚଳର ଆଲପ୍ସର କେନ୍ଦ୍ରରେ ଅବସ୍ଥିତ ଏକ ବିଳାସପୂର୍ଣ୍ଣ ସ୍କି ରିସର୍ଟ ସହର । ଛୁଟି ଋତୁରେ କ୍ରାନ୍ସ- ମୋଣ୍ଟାନା ବହୁ ସଂଖ୍ୟାରେ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିଥାଏ । ଏଠାକୁ ହଜାର ହଜାର ପର୍ଯ୍ୟଟକ ଆସନ୍ତି ।



# ମହଙ୍ଗା ହେବ ବିଡ଼ି, ସିଗାରେଟ୍

▶ ଫେବୃଆରୀରୁ ୪୦% ଜିଏସ୍‌ଟି ସହ ନୂଆ ସେସ୍

▶ ସିଗାରେଟ କମ୍ପାନୀ ସେୟାରରେ ବଡ଼ ହ୍ରାସ

▶ ଦାନାପାଣି ହରାଇବେ ବହୁ କେନ୍ଦୁପତ୍ର ଶ୍ରମିକ

■ ନୂଆଦିଲ୍ଲୀ, ୧।୧ (ଏଜେନ୍ସି): ଫେବୃଆରୀରୁ ମହଙ୍ଗା ହେବ ବିଡ଼ି, ସିଗାରେଟ, ଜର୍ଦ୍ଦା ଜାତୀୟ ପାନମସଲା । ପ୍ରଚଳିତ ଜିଏସ୍‌ଟି ଉପରେ ଅତିରିକ୍ତ ଉତ୍ପାଦ ଶୁଳ୍କ ଲାଗୁ ଯୋଗୁଁ ଏହି ସାମଗ୍ରୀଗୁଡ଼ିକର ମୂଲ୍ୟ ବଢ଼ିବ । ଆକଳନ ଅନୁସାରେ ବିଡ଼ି ଓ ସିଗାରେଟ ମୂଲ୍ୟ ପ୍ରାୟ ୪୦% ପର୍ଯ୍ୟନ୍ତ ମହଙ୍ଗା ହେବ ଏବଂ ୧୫ଟଙ୍କା ମୂଲ୍ୟରେ ବିକ୍ରି ହେଉଥିବା ସିଗାରେଟ ୧୮ ରୁ ୨୦ ଟଙ୍କାରେ ପହଞ୍ଚିବ ।

ଭାରତରେ ତମାଖୁ ଉତ୍ପାଦ ଉପରେ ସରକାର ବହୁ ପୂର୍ବରୁ ଉଚ୍ଚ ଶୁଳ୍କ ଧାର୍ଯ୍ୟ କରିଛନ୍ତି । ସିଗାରେଟ, ପାନ ମସଲା ଓ ଅନ୍ୟ ତମାଖୁ ଉତ୍ପାଦ ଉପରେ ୨୮% ଜିଏସ୍‌ଟି ଲାଗୁ ହେଉଛି । ଏବେ ଏହି ଜିଏସ୍‌ଟି ୪୦% ହେବ ଏବଂ ଏହା ଉପରେ ପୁନଃ ସେସ୍ ଲାଗୁ କରାଯିବ । ଫଳରେ ସିଗାରେଟ୍ ଓ ପାନମସଲା ମୂଲ୍ୟ ୪୦% ଓ ବିଡ଼ି ମୂଲ୍ୟ ୨୦% ପର୍ଯ୍ୟନ୍ତ ବୃଦ୍ଧି ପାଇବ । ବଜାର ବିଶେଷଜ୍ଞଙ୍କ ଆକଳନ ଅନୁସାରେ ଟିକସ ବୋଝ କମାଇବା ପାଇଁ ସିଗାରେଟ୍ କମ୍ପାନୀଗୁଡ଼ିକ ମୂଲ୍ୟ ବୃଦ୍ଧି କରିବାର ସମ୍ଭାବନା ରହିଛି ।

ସମ୍ପ୍ରତି ଭାରତରେ ସିଗାରେଟ୍ ଉପରେ ମୋଟ ଟିକସ ପରିମାଣ ୫୩ ପ୍ରତିଶତ ରହିଛି । ଏହା ସତ୍ତ୍ୱେ ଏହି ସାମଗ୍ରୀଗୁଡ଼ିକ ମଣିଷର ସ୍ୱାସ୍ଥ୍ୟହାନୀର କାରଣ ପାଲଟିଥିବାରୁ ଅଧିକ ଟିକସ ଲାଗୁ ହେବ ବୋଲି କୁହାଯାଉଛି । ଭାରତରେ ବର୍ତ୍ତମାନ ଟିକସ ହାର ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ(ଡବ୍ଲ୍ୟୁଏଚ୍‌ଓ)ର ସୁପାରିଶ ଅପେକ୍ଷା ଯଥେଷ୍ଟ କମ୍ । ଡବ୍ଲ୍ୟୁଏଚ୍‌ଓ ରିପୋର୍ଟ ଅନୁସାରେ ଧୂମପାନକୁ ନିରୁତ୍ସାହିତ ସିଗାରେଟ୍ ଉପରେ ଅତି କମରେ ୭୫% ଟିକସ ଲାଗୁ କରାଯିବା ଉଚିତ । ଭାରତରେ ବର୍ତ୍ତମାନ ପ୍ରାୟ ୧୦ କୋଟି ଲୋକ ଧୂମପାନ କରୁଛନ୍ତି । ଏହି କାରଣରୁ ତମାଖୁ ଟିକସ ବୃଦ୍ଧିକୁ ଏକ ଗୁରୁତ୍ୱପୂର୍ଣ୍ଣ ସ୍ୱାସ୍ଥ୍ୟ ନୀତି ଭାବରେ ଦେଖାଯାଉଛି । ଏହାଛଡା ବୁଧବାର କେନ୍ଦ୍ର ଅର୍ଥ ମନ୍ତ୍ରଣାଳୟ ତମାଖୁ ଚୋବାଇବା, ଜର୍ଦ୍ଦା ସୁଗନ୍ଧିତ ତମାଖୁ ଏବଂ ଗୁଟଖା ପ୍ୟାକିଂ ମେସିନ୍ ସହିତ ଜଡିତ ନୂତନ ନିୟମ ଜାରି କରିଛି । ଏହି ନିୟମଗୁଡ଼ିକ ତମାଖୁ, ଜର୍‌ଦ୍ଦା ଏବଂ ଗୁଟଖା ପ୍ୟାକିଂ ମେସିନର ଉତ୍ପାଦନ କ୍ଷମତା ନିର୍ଣ୍ଣୟ କରିବା ଏବଂ ଏହା ଉପରେ ଆଧାର କରି ଟିକସ ଆଦାୟ ପାଇଁ ଏକ ଢାଞ୍ଚା ତିଆରି କରିଛି ।

ଅପରପକ୍ଷେ ତମାଖୁ ଉତ୍ପାଦ ଉପରେ ଟିକସ ବୃଦ୍ଧି ଖବର ଆଜି ଘରୋଇ ଷ୍ଟକ୍ ବଜାରକୁ ପ୍ରଭାବିତ କରିଛି । ଫଳସ୍ୱରୂପ ଦେଶର ସର୍ବବୃହତ ସିଗାରେଟ୍ କମ୍ପାନୀ ଆଇଟିସିର ସେୟାର ଆଜି ୧୦% ହ୍ରାସ ପାଇଛି । ଏହା ୨୦୨୦ ପରଠାରୁ କମ୍ପାନୀର ସେୟାରରେ ସବୁଠାରୁ ବଡ଼ ଏକ ଦିବସୀୟ ହ୍ରାସ । ମାର୍ସବୋରୋ ଭଳି ବ୍ରାଣ୍ଡ ବିକ୍ରି କରୁଥିବା କମ୍ପାନୀ ଗଡଫ୍‌ରେ ଫିଲିପ୍ସର ସେୟାର ମଧ୍ୟ ପ୍ରାରମ୍ଭରୁ ୧୭.୬% ହ୍ରାସ ଘଟିଛି । ଆଇଟିସି ନିଫ୍ଟି ୫୦ ଇଣ୍ଡେକ୍ସରେ ଗୁରୁବାର ସବୁଠୁ ବଡ଼ କ୍ଷତି ସହିଥିବା କମ୍ପାନୀ ହୋଇଛି । ଅନ୍ୟପକ୍ଷରେ ଏହି ସାମଗ୍ରୀଗୁଡ଼ିକ ଉପରେ ଉଚ୍ଚ ଶୁଳ୍କ ▶ପୃଷ୍ଠା-୭

**ବରିଷ୍ଠ ଆଇଏଏସ୍‌ସ୍ତରରେ ଅଦଳବଦଳ**

## ଦେଓରଞ୍ଜନ ଉନ୍ନୟନ କମିସନର

**ହେମନ୍ତଙ୍କୁ ଗୃହ ବିଭାଗର ଅତିରିକ୍ତ ଦାୟିତ୍ୱ**

**ସତ୍ୟବ୍ରତ ରାଜସ୍ୱ ପର୍ଷଦ ସଦସ୍ୟ ନିଯୁକ୍ତ**

**ବଦଳିଲେ ଗଜପତି ଓ ନୟାଗଡ଼ ଜିଲ୍ଲାପାଳ**

■ ଭୁବନେଶ୍ୱର,୧।୧(ସମିସ): ନୂଆ ବର୍ଷର ପ୍ରଥମ ଦିନରେ ବରିଷ୍ଠ ଆଇଏଏସ୍ ସ୍ତରରେ ଅଦଳବଦଳ କରିଛନ୍ତି ରାଜ୍ୟ ସରକାର । ମୁଖ୍ୟ ଶାସନ ଭାବେ ଅନୁ ଗର୍ଗ ଦାୟିତ୍ୱ ଗ୍ରହଣ ପରେ ପରେ ନୂତନ ଉନ୍ନୟନ କମିସନର ଭାବେ ଦେଓ ରଞ୍ଜନ କୁମାର (ଡିକେ) ସିଂଙ୍କୁ ସରକାର ନିଯୁକ୍ତି ଦେଇଛନ୍ତି । ଅନ୍ୟପକ୍ଷରେ ଉନ୍ନୟନ କମିସନର ଦୌଡ଼ରୁ ବାଦ୍ ପଡ଼ିଥିବା ବରିଷ୍ଠ ଆଇଏଏସ୍ ତଥା ଗୃହ ଓ ଜଙ୍ଗଲ ବିଭାଗର ଅତିରିକ୍ତ ମୁଖ୍ୟ ସଚିବ ସତ୍ୟବ୍ରତ ସାହୁଙ୍କୁ କ୍ଷମତା ଅଳିନ୍ଦରୁ ହଟାଇ ଦିଆଯାଇଛି । ତାଙ୍କୁ ରାଜସ୍ୱ ପର୍ଷଦ ସଦସ୍ୟ ଭାବେ ନିଯୁକ୍ତି ଦିଆଯାଇଛି । ରାଜ୍ୟ ସରକାରଙ୍କ ପକ୍ଷରୁ ଆଜି ସନ୍ଧ୍ୟାରେ ଜାରି ବିଜ୍ଞପ୍ତି ଅନୁଯାୟୀ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଦେଓ ରଞ୍ଜନ କୁମାର ସିଂହଙ୍କୁ ଉନ୍ନୟନ କମିସନର ତଥା ଯୋଜନା ଓ ସଂଯୋଜନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଭାବେ ଦାୟିତ୍ୱ ଦିଆଯାଇଛି । ଏହା ସହ ସେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଭାବେ ଅତିରିକ୍ତ ଦାୟିତ୍ୱ ତୁଲାଇବେ । ଶିଳ୍ପ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମାଙ୍କୁ ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଭାବେ ଅତିରିକ୍ତ ଦାୟିତ୍ୱ ପ୍ରଦାନ କରାଯାଇଛି । ଶ୍ରୀ ଶର୍ମା ବର୍ତ୍ତମାନ ସୂଚନା ଓ ଲୋକସମ୍ପର୍କ ବିଭାଗର ▶ପୃଷ୍ଠା-୭

**ସରକାରୀ ଅଧିକାରୀଙ୍କୁ ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶ**

## ଲକ୍ଷ୍ୟ ହାସଲ ପାଇଁ ଅଗ୍ରାଧିକାର ଭିତ୍ତିରେ କାର୍ଯ୍ୟ କର

■ ଭୁବନେଶ୍ୱର,୧।୧(ସମିସ): ୨୦୩୬ ସୁଦ୍ଧା ୫ ଶହ ବିଲିଅନ ଡଲାର ଅର୍ଥନୀତି ସହ ସମୃଦ୍ଧ ଓଡ଼ିଶା ଗଠନ ଲକ୍ଷ୍ୟରେ କାର୍ଯ୍ୟ କରିବା ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରାଜ୍ୟ ପ୍ରଶାସନର ବିଭାଗୀୟ ଉଚ୍ଚ ଅଧିକାରୀମାନଙ୍କୁ ଆହ୍ୱାନ ଦେଇଛନ୍ତି । ଇଂରାଜୀ ନୂଆ ବର୍ଷ ୨୦୨୬ର ପ୍ରଥମ ଦିନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମୁଖ୍ୟ ଶାସନ ସଚିବ ଏବଂ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟର ଅଧିକାରୀମାନଙ୍କ ସହିତ ଚଳିତ ବର୍ଷର ଆଭିମୁଖ୍ୟ ଓ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରିବା ସହ ପ୍ରଶାସନକୁ କ୍ରିୟାଶୀଳ କରିବାକୁ ଅଧିକାରୀମାନଙ୍କୁ ଏକାଧିକ ପରାମର୍ଶ ଦେଇଛନ୍ତି ।

ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ଦେଶର ଶ୍ରେଷ୍ଠ ୫ ବିକଶିତ ରାଜ୍ୟ ତାଲିକାରେ ଓଡ଼ିଶାକୁ ରଖିବା ପାଇଁ ଧାର୍ଯ୍ୟ ଲକ୍ଷ୍ୟ ହାସଲ କରିବାକୁ ▶ପୃଷ୍ଠା-୭



**ନୂଆବର୍ଷ ଶୁଭେଚ୍ଛା ପାଇଁ ନବୀନ ନିବାସରେ ଭିଡ଼**

## ରାଜ୍ୟ ସ୍ୱାର୍ଥ ପାଇଁ କାର୍ଯ୍ୟ କରିବାକୁ ନବୀନଙ୍କ ପରାମର୍ଶ

■ ଭୁବନେଶ୍ୱର, ୧।୧ (ସମିସ): ଇଂରାଜୀ ନୂଆବର୍ଷ ୨୦୨୬ର ପ୍ରଥମ ଦିନରେ ଆଜି ନବୀନ ନିବାସରେ ପ୍ରବଳ ଭିଡ଼ । ବିଜେଡିର ବହୁ ତୁଙ୍ଗ ନେତାଙ୍କଠାରୁ ଆରମ୍ଭ କରି ସାଧାରଣ କର୍ମୀ, ପ୍ରଶଂସକଙ୍କ ପର୍ଯ୍ୟନ୍ତ ନବୀନଙ୍କୁ ନୂଆବର୍ଷର ଶୁଭେଚ୍ଛା ଜଣାଇଛନ୍ତି । ନବୀନ ମଧ୍ୟ ସମସ୍ତଙ୍କୁ ଇଂରାଜୀ ନବବର୍ଷର ଅଭିନନ୍ଦନ ଜଣାଇଥିବା ବେଳେ ସମସ୍ତେ ମିଳିମିଶି ରାଜ୍ୟର ସ୍ୱାର୍ଥ ପାଇଁ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଛନ୍ତି ।



ଗୁରବାର ସକାଳୁ ସକାଳୁ ନବୀନଙ୍କୁ ଶୁଭେଚ୍ଛା ଜଣାଇବାକୁ ନବୀନ ନିବାସରେ ପ୍ରବଳ ଭିଡ଼ ହୋଇଥିଲା । ଦଳର ନେତା, କର୍ମୀ, ଶୁଭେଚ୍ଛୁମାନେ ହାତରେ ଫୁଲତୋଡ଼ା ଧରି ନବୀନଙ୍କୁ ଶୁଭେଚ୍ଛା ଜଣାଇବାକୁ ଲମ୍ବା ଲାଇନ ଲଗାଇଥିଲେ । ନିଜର ପ୍ରିୟ ନେତାଙ୍କ ଝଲକ ଟିଏ ପାଇବା ପାଇଁ ସମର୍ଥକ ବେଶ୍ ଉତ୍ସାହିତ ଥିବାବେଳେ ସମସ୍ତେ ଶୁଭେଚ୍ଛା ପ୍ରଦାନ ସହ ନବୀନଙ୍କ ସହ ଫଟୋ ଉଠାଇଥିଲେ । ନବୀନ ମଧ୍ୟ ହସ ହସ ମୁହଁରେ ▶ପୃଷ୍ଠା-୭

**ନାତୁଣୀକୁ ଦୁର୍ବ୍ୟବହାର**

## ପ୍ରତିବାଦ କରିବାରୁ ଅଜାକୁ ପିଟିପିଟି ହତ୍ୟା

■ ଦିଗପହଣ୍ଡି, ୧।୧ (ସମିସ): ନୂତନ ବର୍ଷର ପ୍ରଥମ ଦିନରେ ଚାରିଆଡ଼େ ଉତ୍ସବର ମାହୋଲ ଥିବାବେଳେ ଗଞ୍ଜାମ ଜିଲ୍ଲା ଦିଗପହଣ୍ଡି ବ୍ଲକ ଚଷାନିମଖଣ୍ଡି ପଞ୍ଚାୟତ ସିନ୍ଧବା ଗ୍ରାମରେ ଘଟିଛି ଏକ ଜଘନ୍ୟ ହତ୍ୟାକାଣ୍ଡ । ନାତୁଣୀକୁ ଜଣେ ଯୁବକ ବାରମ୍ବାର ଦୁର୍ବ୍ୟବହାର କରୁଥିବାବେଳେ ଏହାର ପ୍ରତିବାଦ କରିବାରୁ ସମ୍ପୃକ୍ତ ବୃଦ୍ଧଙ୍କୁ ପିଟି ପିଟି ଗାଁ ଦାଣ୍ଡରେ ହତ୍ୟା କରିଛନ୍ତି ୨ ଯୁବକ । ମୃତକ ହେଲେ ସନିଆ ଗୌଡ଼ (୮୫) । ଏହି ଘଟଣାରେ ପୁଲିସ ଗାଁର ଶିବ ଗୌଡ଼ ଓ ତାଙ୍କ ସମ୍ପର୍କୀୟ ଚିକୁନ ଗୌଡ଼ଙ୍କୁ ଅଟକ ରଖି ତଦନ୍ତ ଚଳାଇଛି । ପ୍ରକାଶ ଯେ, କିଛିଦିନ ହେଲା ଗାଁରେ ରହୁଥିବା ସନିଆଙ୍କ ନାତୁଣୀଙ୍କୁ ଶିବ ହଇରାଣ ହରକତ କରୁଥିଲା । ଏଥିରୁ ନିବୃତ୍ତ ରହିବାକୁ ପୂର୍ବରୁ ଅନେକଥର ସେ ଶିବକୁ ଚେତାବନୀ ଦେଇଥିଲେ । ଗତ ମଙ୍ଗଳବାର ▶ପୃଷ୍ଠା-୭

**ପାନୀୟ ପ୍ରିୟ ରାଜଧାନୀବାସୀ**

## ୭ ଦିନରେ ପିଇଦେଲେ ୩୨ କୋଟିର ମଦ

■ ଭୁବନେଶ୍ୱର, ୧।୧ (ସମିସ): ରାଜଧାନୀବାସୀଙ୍କୁ ବାଇଆ କରିଛି ମଦ । ଦେଶୀ ଓ ବିଦେଶୀ ସାଙ୍ଗକୁ ବିୟର ବି ବିକ୍ରି ହେଉଛି ପ୍ରଚୁର । ଯୁବପିଢ଼ିଙ୍କ ଠାରୁ ଆରମ୍ଭ କରି ପ୍ରାପ୍ତବୟସ୍କ, ଏପରିକି ମହିଳା ମଧ୍ୟ ମଦ ସାନ୍ନିଧ୍ୟରୁ ବାଦ ପଡ଼ିନାହାନ୍ତି । ବଡ଼ଦିନରୁ ଡ଼ିସେମ୍ବର ୩୧ ତାରିଖ ମଧ୍ୟରେ ରାଜଧାନୀବାସୀ ପାଖାପାଖି ୬ ଲକ୍ଷ ଲିଟର ମଦ ପିଇଛନ୍ତି । ସାଙ୍ଗସାଥୀ ଏକାଠି ହେଲେ ବୋତଲ ଖୋଲୁଛି । କେଉଁଠିକି ବୁଲିବାକୁ ଗଲେ ବି ଲୋଡ଼ାପଡୁଛି ବୋତଲ । ଭୋଜିଭାତ କଲେ ମଦ ପିଉଛନ୍ତି । କେହି ସାଥୀ ନ ମିଳିଲେ ଏକୁଟିଆ ଯାଇ ବାର୍, ରେସ୍ତୁରାଁ, ଆଉ ପବ୍‌ରେ ବସି ମଦ ଢୋକି ଦେଉଛନ୍ତି ।



**ଅଢ଼େଇ ଲକ୍ଷ ଲିଟର ବିଦେଶୀ, ଦେଢ଼ ଲକ୍ଷ ଲିଟର ଦେଶୀ ମଦ ବିକ୍ରି**

**କାଠୁଆ ଶୀତ ଦିନରେ ବି ବିକ୍ରି ହେଲା ୧.୭୮ ଲକ୍ଷ ଲିଟର ବିୟର**

୨୦୨୫ ମସିହାର ଶେଷ ସପ୍ତାହରେ ରାଜଧାନୀବାସୀ ୩୨ କୋଟି ୫୫ଲକ୍ଷ ୧୨ ଶହ ୫୫ଟଙ୍କାର ମଦ ପିଇଛନ୍ତି । ଏହା ମଧ୍ୟରେ ରହିଛି ଅଢେଇ ଲକ୍ଷ ଲିଟର ବିଦେଶୀ ଓ ଦେଢ ଲକ୍ଷ ଲିଟର ଦେଶୀ ମଦ । ରମ୍, ବିୟର, ହ୍ୱିସ୍କିଠାରୁ ଆରମ୍ଭ କରି ବ୍ରାଣ୍ଡି, ସ୍କଚ୍ ପର୍ଯ୍ୟନ୍ତ ସବୁ ପିଇ ଯାଇଛନ୍ତି । କାଠୁଆ ଶୀତ ହେଲେ ବି ବିୟର ବ୍ୟବସାୟରେ କୌଣସି ଫରକ ପଡ଼ିନି । ଗତ ୭ଦିନ ମଧ୍ୟରେ ରାଜଧାନୀବାସୀ ୧ ଲକ୍ଷ ୭୮ ହଜାର ଲିଟର ବିୟର୍ ପିଇଥିବା ନେଇ ଅବକାରୀ ବିଭାଗ ସୂଚନା ଦେଇଛି । ବଡ ଦିନଠାରୁ ଜିରୋ ନାଇଟ୍ ମଧ୍ୟରେ କ୍ଲବ, ପବ୍, ଅଫ ସପ୍‌ରେ ବହୁ ▶ପୃଷ୍ଠା-୭






ନୂଆବର୍ଷରେ ସଜେଇ ହୋଇଛି ଦୁବାଇର ବୁର୍ଜ ଖଲିଫା

# ନୂଆବର୍ଷ ପାଇଁ ଟାଇମ୍ସ ସ୍କୋୟାରରେ ୧୦ ଲକ୍ଷ ଲୋକ

ନୂଆଦିଲ୍ଲୀ, ୧।୧(ଏଜେନ୍ସି): ଭାରତ ସମେତ ବିଶ୍ୱବ୍ୟାପୀ ନୂଆବର୍ଷ ୨୦୨୬ର ଜବରଦସ୍ତ ସ୍ୱାଗତ କରାଯାଇଛି। ରାଜଧାନୀ ଦିଲ୍ଲୀର ଇଣ୍ଡିଆ ଗେଟ୍‌ରେ ଲୋକମାନେ ଅବଗଣନା ସହିତ ନୂଆବର୍ଷକୁ ଜୋରଦାର ସ୍ୱାଗତ କରିଥିଲେ। ସେହିପରି ଜମ୍ମୁ-କଶ୍ମୀରରେ ପ୍ରବଳ ତୁଷାରପାତ ଚାଲିଥିବା ବେଳେ ଲୋକେ ନୂଆବର୍ଷକୁ ସ୍ୱାଗତ କରିବାକୁ ଭୁଲି ନଥିଲେ। ନ୍ୟୁଜିଲାଣ୍ଡରେ ପ୍ରଥମେ ୨୦୨୬ ଆରମ୍ଭ ହୋଇଥିଲା। ଅକଲାଣ୍ଡର ସ୍କାଏ ଟାୱାରରେ ଜବରଦସ୍ତ ଆତସବାଜି ପ୍ରଦର୍ଶନ ହୋଇଥିଲା। ସେହିପରି ଜାପାନ, ଚୀନ୍, ସିଙ୍ଗାପୁର, ୟୁଏଇ, ଇଂଲଣ୍ଡ ଓ ଅଷ୍ଟ୍ରେଲିଆରେ ମଧ୍ୟ ପାରମ୍ପରିକ କାର୍ଯ୍ୟକ୍ରମ ଓ ଆତସବାଜି ସହିତ ନୂଆବର୍ଷକୁ ସ୍ୱାଗତ କରାଯାଇଥିଲା। ଭିନ୍ନ ଭିନ୍ନ ଟାଇମ୍ ଜୋନ କାରଣରୁ ୨୯ଟି ଦେଶ ଭାରତଠାରୁ ଆଗୁଆ ନୂଆବର୍ଷ ପାଳନ କରିଥିଲେ। ଆମେରିକାର ନ୍ୟୁୟର୍କର ଟାଇମ୍ସ ସ୍କୋୟାରରେ ନୂଆବର୍ଷ ଉତ୍ସବ ପାଳନ କରିବାକୁ ପାଖାପାଖି ୧୦ ଲକ୍ଷ ଲୋକ ଏକାଠି ହୋଇଥିଲେ। ଲୋକଙ୍କ ଉପରେ ୧ ଟନ୍‌ରୁ ଅଧିକ ରଙ୍ଗୀନ କାଗଜ ବର୍ଷା କରାଯାଇଥିଲା। ଆମେରିକା ଏହି ବର୍ଷ ନିଜର ୨୫୦ ବର୍ଷ ପୂରଣ କରିବାକୁ ଯାଉଥିବାରୁ ନୂଆବର୍ଷ ପାଳନ ସ୍ୱତନ୍ତ୍ର ଥିଲା। ସେହିପରି ରାଜଧାନୀ ୱାସିଂଟନ ଡିସିରେ ମଧ୍ୟ ଜବରଦସ୍ତ ଆତସବାଜି ଦେଖିବାକୁ ମିଳିଥିଲା। ବ୍ରାଜିଲର ରିଓ ଡି ଜାନେରିଓରେ, ବ୍ରିଟେନ ରାଜଧାନୀ ଲଣ୍ଡନର ଥେମ୍ସ ନଦୀକୂଳରେ ରଙ୍ଗବେରଙ୍ଗ ଆତସବାଜି ଦେଖିବାକୁ ମିଳିଥିଲା। ଫ୍ରାନ୍ସ ରାଜଧାନୀ ପ୍ୟାରିସ୍‌ର ଏଫିଲ ଟାୱାରରେ ସୁନ୍ଦର ଆତସବାଜି ସହ ନୂଆବର୍ଷକୁ ସ୍ୱାଗତ କରାଯାଇଥିଲା। ସେହିପରି ଜର୍ମାନୀ, ନେଦରଲାଣ୍ଡସ, ୟୁଏଇ, ଚୀନ୍, ସିଙ୍ଗାପୁର, ଦକ୍ଷିଣ କୋରିଆ, ଜାପାନ, ଅଷ୍ଟ୍ରେଲିଆର ପ୍ରାୟ ସବୁ ସହରରେ ଆତସବାଜି ସହ ନୂଆବର୍ଷ ପାଳନ କରାଯାଇଥିଲା। ତେବେ ନେଦରଲାଣ୍ଡସର ଆମଷ୍ଟରଡାମ୍‌ରେ ନୂଆବର୍ଷ ପାଳନ ଅବସରରେ ଐତିହାସିକ ଭୋଣ୍ଡେଲ ଚର୍ଚ୍ଚରେ ନୂଆବର୍ଷ ପାଳନ ବେଳେ ଅଗ୍ନିକାଣ୍ଡ ଘଟିଥିଲା। ଫଳରେ ସମଗ୍ର ଅଞ୍ଚଳରେ ଆତଙ୍କ ଖେଳିଯାଇଥିଲା।

# ନୂଆବର୍ଷରେ କାଶୀ, ବୃନ୍ଦାବନ, ଅଯୋଧ୍ୟାରେ ୧୦ ଲକ୍ଷ ଭକ୍ତ

■ ରାମଲାଲାଙ୍କ ଦର୍ଶନ କଲେ ୫ ଲକ୍ଷ ଶ୍ରଦ୍ଧାଳୁ
■ ବୈଷ୍ଣୋଦେବୀ ମନ୍ଦିରରେ ଅସମ୍ଭାଳ ଭିଡ଼
■ ମହାକାଳ ମନ୍ଦିରରେ ୧ ଲକ୍ଷ ଭକ୍ତ ସମାଗମ

ନୂଆଦିଲ୍ଲୀ, ୧।୧(ଏଜେନ୍ସି): ନୂଆବର୍ଷକୁ ଭାରତରେ ପୂରା ଧୂମ୍‌ଧାମରେ ପାଳନ କରାଯିବା ସହ ସ୍ୱାଗତ କରାଯାଇଛି। ଏହି ଅବସରରେ ଦେଶବ୍ୟାପୀ ଧାର୍ମିକ ଓ ପର୍ଯ୍ୟଟନ ସ୍ଥଳୀଗୁଡ଼ିକରେ ଲୋକଙ୍କ ପ୍ରବଳ ଭିଡ଼ ଦେଖିବାକୁ ମିଳିଛି। କାଶୀ, ବୃନ୍ଦାବନ ଓ ଅଯୋଧ୍ୟାରେ ୧୦ ଲକ୍ଷ ଶ୍ରଦ୍ଧାଳୁ ଦିଅଁ ଦର୍ଶନ କରିଛନ୍ତି। ଅଯୋଧ୍ୟାରେ ସଂଧ୍ୟା ସୁଦ୍ଧା ୫ ଲକ୍ଷରୁ ଅଧିକ ଲୋକ ରାମଲାଲାଙ୍କ ଦର୍ଶନ କରିଥିଲେ। ତଥାପି ଭିଡ଼ ବଢ଼ିବାରେ ଲାଗିଛି।

ସେହିଭଳି ମଥୁରାରେ ବାଙ୍କେ ବିହାରୀ ମନ୍ଦିର ଭକ୍ତଙ୍କ ଦ୍ୱାରା ପରିପୂର୍ଣ୍ଣ ହୋଇଛି ଓ ଅପରାହ୍ଣ ୧୨ଟା ସୁଦ୍ଧା ଦେଢ ଲକ୍ଷରୁ ଅଧିକ ଲୋକ ମନ୍ଦିରରେ ଦର୍ଶନ କରିଥିଲେ। ତେବେ ଅତ୍ୟଧିକ ଭିଡ଼ ଯୋଗୁଁ ଭକ୍ତ ପଞ୍ଜୀକରଣ ବନ୍ଦ ରଖାଯାଇଛି। ଜାନୁଆରୀ ୫ ପର୍ଯ୍ୟନ୍ତ ନଆସିବାକୁ ମନ୍ଦିର ପ୍ରଶାସନ ଲୋକଙ୍କୁ ନିବେଦନ କରିଛି। ସେହିପରି ଉଜ୍ଜୟିନୀ ମହାକାଳ ମନ୍ଦିରରେ ପ୍ରବଳ ଭିଡ଼ ଦେଖିବାକୁ ମିଳିଥିଲା। ଭାରତୀୟ ମହିଳା କ୍ରିକେଟ ଦଳର ଉପ-ଅଧିନାୟିକା ସ୍ମୃତି ମନ୍ଧାନା ଓ ଦଳର କିଛି ସଦସ୍ୟା ମଧ୍ୟ ଦର୍ଶନ କରିଛନ୍ତି। ଜମ୍ମୁ-କଶ୍ମୀର ବୈଷ୍ଣୋଦେବୀ ମନ୍ଦିରରେ ଭକ୍ତଙ୍କ ପ୍ରବଳ ଭିଡ଼ ପରିଲକ୍ଷିତ ହୋଇଛି। ବିଶୃଙ୍ଖଳା ଏଡାଇବା ପାଇଁ ବୈଷ୍ଣୋଦେବୀ ମନ୍ଦୀର ବୋର୍ଡ ପଞ୍ଜୀକରଣକୁ ସ୍ଥଗିତ ରଖିଛି।



# ୨୦୨୭ରେ ଦେଶରେ ଗଡ଼ିବ ପ୍ରଥମ ବୁଲେଟ୍ ଟ୍ରେନ୍

ନୂଆଦିଲ୍ଲୀ, ୧।୧(ଏଜେନ୍ସି): ଆସନ୍ତାବର୍ଷ ୨୦୨୭ ଅଗଷ୍ଟ ୧୫ରେ ଦେଶରେ ପ୍ରଥମଥର ପାଇଁ ବୁଲେଟ ଟ୍ରେନ ଚାଲିବ। ଏହି ସୂଚନା ଦେଇଛନ୍ତି ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ। ସେ କହିଛନ୍ତି ।।ଯେ ବୁଲେଟ ଟ୍ରେନ୍ ପ୍ରଥମେ ସୁରତରୁ ବିଲିମୋରା ପର୍ଯ୍ୟନ୍ତ ଚାଲିବ। ଏହାପରେ ଭାପିରୁ ସୁରତ ସେକ୍ସନ ଖୋଲିବ, ତା'ପରେ ଭାପିରରୁ ଅହମଦାବାଦ ଓ ଥାନେରୁ ଅହମଦାବାଦ ସେକ୍ସନ ଖୋଲିବ। ଏହାପରେ ଅହମ୍ମଦାବାଦରୁ ମୁମ୍ବାଇ ମଧ୍ୟରେ ଚଳାଚଳ କରିବ। ନୂଆପିଢ଼ିର ଟ୍ରେନ୍ ପାଇଁ ବହୁ ଦିନରୁ ଦାବି ହୋଇଆସୁଥିବାରୁ ଏହା ଭାରତବାସୀଙ୍କ ଅନେକ ବର୍ଷର ସ୍ୱପ୍ନକୁ ପୂରଣ କରିବ। ସଂପୂର୍ଣ୍ଣ ସ୍ୱଦେଶୀ ଜ୍ଞାନକୌଶଳରେ ବୁଲେଟ ଟ୍ରେନର ନିର୍ମାଣ କରାଯାଉଛି। ଏହା ଦେଶର ରେଳ ଭିତ୍ତିଭୂମିକୁ ମଜବୁତ କରିବା ସହିତ ଏହାକୁ ବିଶ୍ୱସ୍ତରୀୟ କରାଯିବ ବୋଲି ସେ କହିଛନ୍ତି।

ରେଳ ମନ୍ତ୍ରୀ ଆହୁରି କହିଛନ୍ତି ଯେ ଗୌହାଟୀରୁ କୋଲକାତା ମଧ୍ୟରେ ପ୍ରଥମ ବନ୍ଦେ ଭାରତ ସ୍ଲିପର ଟ୍ରେନ୍ ଚାଲିବ।। ଏହି ଟ୍ରେନ୍‌ର ତୃତୀୟ ଏସିର ଭଡ଼ା ୨୩୦୦ ଟଙ୍କା, ଦ୍ୱିତୀୟ ଏସିର ଭଡ଼ା ୩ ୦୦୦ ଓ ପ୍ରଥମ ଏସି ଭଡ଼ା ୩୬୦୦ ଟଙ୍କା ସ୍ଥିର କରାଯାଇଛି। ବୈଷ୍ଣବ କହିଛନ୍ତି ଯେ, ବନ୍ଦେ ଭାରତ ସ୍ଲିପର ଟ୍ରେନ୍‌ର ଟ୍ରାଏଲ, ଟେଷ୍ଟିଂ ଓ ସାର୍ଟିଫିକସନ ସମାପ୍ତ ହୋଇଛି।




ସ୍ଲିପର ଟ୍ରେନ୍‌କୁ ୧,୦୦୦ କିମିରୁ ଅଧିକ ଦୂରତା ପାଇଁ ଡିଜାଇନ୍ କରାଯାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଖୁବଶୀଘ୍ର ଏହି ଟ୍ରେନ୍‌କୁ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିବେ ବୋଲି ବୈଷ୍ଣବ କହିଛନ୍ତି। ଏହି ବର୍ଷ ଶେଷସୁଦ୍ଧା ୧୨ଟି ବନ୍ଦେ ଭାରତ ସ୍ଲିପର ଟ୍ରେନ୍ ପ୍ରସ୍ତୁତ ହେବ। ଦୁଇ ଦିନ ପୂର୍ବରୁ ଟ୍ରେନ୍‌ର ପରୀକ୍ଷଣ କରାଯାଇଥିଲା। ଏହି ଟ୍ରେନ୍ କୋଟା- ନାଗରା ରେଳ ଟ୍ରାକ୍‌ରେ ଘଣ୍ଟାପ୍ରତି ୧୮୦ କିମି ବେଗରେ ଚାଲିଥିଲା।

ବନ୍ଦେ ଭାରତ ଚେୟାର କାର୍ ଭାରତୀୟ ରେଳବାଇ ପାଇଁ ନୂତନ ଯୁଗ ଆରମ୍ଭ କରିଛି। ଲୋକେ ଏହାକୁ ବହୁତ ପସନ୍ଦ କରିଛନ୍ତି। ଦେଶରୁ ପ୍ରତ୍ୟେକ କୋଣରୁ ବନ୍ଦେ ଭାରତ

**ଗୌହାଟୀରୁ କୋଲକାତା ଚାଲିବ ପ୍ରଥମ ବନ୍ଦେ ଭାରତ ସ୍ଲିପର ଟ୍ରେନ୍**

ଟ୍ରେନ୍ ପାଇଁ ଦାବି ହେଉଛି ବୋଲି ସେ କହିଛନ୍ତି। ବନ୍ଦେ ଭାରତ ସ୍ଲିପର ଟ୍ରେନ୍‌ରେ ଉନ୍ନତ ସୁରକ୍ଷା ବୈଶିଷ୍ଟ୍ୟ, ଉତ୍କୃଷ୍ଟ ସସପେନସନ ସିଷ୍ଟମ ଓ ବିଶ୍ୱସ୍ତରୀୟ ସ୍ଲିପର କୋଚ୍ ରହିଛି। ଗୌହାଟୀରୁ ହାଓଡା ରୁଟ୍‌ରେ ବିମାନ ଭଡ଼ା ୬ରୁ ୮ ହଜାର ଟଙ୍କା ରହିଛି। କେତେକ ସମୟରେ ଏହା ୧୦ ହଜାର ଟଙ୍କାରେ ପହଞ୍ଚିଥାଏ। କିନ୍ତୁ ବନ୍ଦେ ଭାରତ ସ୍ଲିପର ଟ୍ରେନ୍‌ରେ ଗୌହାଟୀରୁ ହାଓଡା ଯିବା ପାଇଁ ମାତ୍ର ୨ ୩୦୦ ଟଙ୍କା ଭଡ଼ା ପଡ଼ିବ।

# ଭାରତ-ପାକିସ୍ତାନ ପରସ୍ପରକୁ ଦେଲେ ପରମାଣୁ ସୂଚନା



**୩୫ ବର୍ଷ ଧରି ଚାଲିଆସୁଛି ଏହି ପରମ୍ପରା**

ନୂଆଦିଲ୍ଲୀ, ୧।୧(ଏଜେନ୍ସି): ନୂଆବର୍ଷର ପ୍ରଥମ ଦିନରେ ଅର୍ଥାତ ଗୁରୁବାର ଭାରତ ଓ ପାକିସ୍ତାନ ପରସ୍ପରକୁ ନିଜ ନିଜର ପରାମାଣୁ ପ୍ରତିଷ୍ଠାନ ସମ୍ପର୍କରେ ତଥ୍ୟ ପ୍ରଦାନ କରିଛନ୍ତି। ଏହି ପ୍ରତିଷ୍ଠାନରେ ଦୁଇ ଦେଶ ସେମାନଙ୍କ ପରମାଣୁ ଅସ୍ତ୍ର ରଖିଥାନ୍ତି। ଏହି ପ୍ରକ୍ରିୟା ତଥା ପରମ୍ପରାଗତ ୩୫ ବର୍ଷ ହେବ ଚାଲିଆସୁଛି। ଦୁଇ ଦେଶ ନୂଆଦିଲ୍ଲୀ ଓ ଇସଲାମାବାଦ୍ ସ୍ଥିତ କୂଟନୈତିକ ଚ୍ୟାନେଲ ମାଧ୍ୟମରେ ଏହି ତାଲିକା ଆଦାନପ୍ରଦାନ କରିଛନ୍ତି। ୧୯୮୮ ଡିସେମ୍ବର ୩୧ରେ ଦୁଇ ଦେଶ ମଧ୍ୟରେ ଏକ ଚୁକ୍ତି ହୋଇଥିଲା। ଏଥିରେ ଦୁଇଦେଶ ପରସ୍ପରର ପରମାଣୁ ଠିକଣା, ଭିତ୍ତିଭୂମୀ ଉପରେ ଆକ୍ରମଣ ନ କରିବା ନେଇ ଉଲ୍ଲେଖ ରହିଛି। ଏହି ଚୁକ୍ତି ୧୯୯୧ ଜାନୁଆରୀ ୨୭ରେ ଲାଗୁ ହୋଇଥିଲା। ଏହା ଅନୁସାରେ ଦୁଇଦେଶ ପ୍ରତ୍ୟେକ କ୍ୟାଲେଣ୍ଡର ବର୍ଷ ଜାନୁଆରୀ ୧ରେ ପରସ୍ପରକୁ ନିଜର ପରମାଣୁ ଠିକଣା ସମ୍ପର୍କରେ ଅବଗତ କରାଇଥାନ୍ତି। ୧୯୯୨ ଜାନୁଆରୀ ୧ରେ ପ୍ରଥମଥର ପାଇଁ ଏହି ତାଲିକା ବିନିମୟ କରାଯାଇଥିଲା। ଭାରତ ପାଖରେ ୧୮୦ ଓ ପାକିସ୍ତାନ ପାଖରେ ୧୭୦ଟି ପରମାଣୁ ବୋମା ରହିଛି ବୋଲି ଷ୍ଟକହାମ ଇଣ୍ଟରନ୍ୟାସନାଲ ପିସ୍ ରିସର୍ଚ୍ଚ ଇନଷ୍ଟିଚ୍ୟୁଟ୍ (ଏସ୍‌ଆଇପିଆର୍‌ଆଇ) ତରଫରୁ କୁହାଯାଇଛି।

ହାଦି ହତ୍ୟା ଅଭିଯୁକ୍ତର ସୂଚନା

# 'ଭାରତ ନୁହେଁ; ମୁଁ ଦୁବାଇରେ ଅଛି'

ଢାକା, ୧।୧(ଏଜେନ୍ସି): ଉସମାନ ହାଦି ହତ୍ୟା ମାମଲାର ମୁଖ୍ୟ ଅଭିଯୁକ୍ତ ଫୈଜଲ କରିମ ମାସୁଦ ତାଙ୍କ ବିରୋଧରେ ହୋଇଥିବା ସମସ୍ତ ଅଭିଯୋଗକୁ ଅସ୍ୱୀକାର କରିଛନ୍ତି। ମାସୁଦ ଏକ ଭିଡିଓ ଜାରିକରି କହିଛନ୍ତି ଯେ, ମୁଁ ବାଂଲାଦେଶୀ ନୁହେଁ। ମୋତେ ଓ ମୋ ପରିବାରକୁ ଅଯଥାରେ ଫସାଇ ଦିଆଯାଇଛି। ହାଦି ଜମାତର ଏକ ଅଂଶ। ଜମାତର ସଦସ୍ୟମାନେ ତାଙ୍କୁ ମାରି ଥାଇପାରନ୍ତି। ହାଦିଙ୍କ ସହିତ ତାଙ୍କର କାରବାର କେବଳ ବ୍ୟବସାୟ ଓ ରାଜନୈତିକ ପାଣ୍ଠି ସହିତ ଜଡିତ ଥିଲା। ହତ୍ୟା ପରେ ଭାରତ ପଳାଇ ଆସିଥିବା ଖବରକୁ ଫୈଜଲ ପ୍ରତ୍ୟାଖାନ କରିଛନ୍ତି। ବର୍ତ୍ତମାନ ଦୁବାଇରେ ଅଛି ଓ ମୋତେ ରାଜନୈତିକ ଷଡ଼ଯନ୍ତ୍ରରେ ଫସାଯାଉଛି ବୋଲି ଫୈଜଲ କହିଛନ୍ତି। ଅନ୍ୟପଟେ ହାଦିଙ୍କ ମୃତ୍ୟୁ ସମ୍ପର୍କରେ ବାଂଲାଦେଶ ପୁଲିସ କହିଛି ଯେ, ଫୈଜଲ ଓ ତାଙ୍କ ସହଯୋଗୀ ଆଲମଗିରି ଶେଖ ସହ ମିଶି ଡିସେମ୍ବର ୧୨ରେ ହାଦିଙ୍କୁ ଗୁଳି କରି ହତ୍ୟା କରିଥିଲେ। ଏହାପରେ ଦୁହେଁ ହାଲୁଆଘାଟ ସୀମା ଦେଇ ଭାରତ ପଳାଇଯାଇଥିଲେ।

# କାମ୍ବୋଡିଆ ସୈନ୍ୟଙ୍କୁ ଛାଡ଼ିଲା ଥାଇଲାଣ୍ଡ

ବ୍ୟାଙ୍କକ୍, ୧।୧(ଏଜେନ୍ସି): ଥାଇଲାଣ୍ଡ ବୁଧବାର ୧୮ ଜଣ କାମ୍ବୋଡିଆ ସୈନ୍ୟଙ୍କୁ ମୁକ୍ତ କରିଛି। ଏହି ସୈନ୍ୟମାନେ ଗତ ଜୁଲାଇରୁ ଥାଇଲାଣ୍ଡ ଦ୍ୱାର ବନ୍ଦୀ ହୋଇ ରହିଥିଲେ। ଗତ ସପ୍ତାହରେ ଦୁଇ ଦେଶ ମଧ୍ୟରେ ସୀମା ବିବାଦର ଅନ୍ତ ପାଇଁ ନବୀକରଣ ହୋଇଥିବା ଅସ୍ତ୍ରବିରତି ଚୁକ୍ତି ଅନୁସାରେ ଏହି ସୈନ୍ୟଙ୍କୁ ମୁକ୍ତ କରାଯାଇଛି। ଏହି ଅସ୍ତ୍ରବିରତି ଶନିବାର ମଧ୍ୟାହ୍ନରୁ ଲାଗୁ ହୋଇଥିଲା। ୨୦ ଦିନ ଧରି ଚାଲିଥିବା ଏହି ଯୁଦ୍ଧରେ ୧୦୧ ଜଣ ଲୋକ ମୃତ୍ୟୁବରଣ କରିଥିଲେ ଓ ଦୁଇ ଦେଶର ମୋଟ ୫ ଲକ୍ଷ ଲୋକ ସ୍ଥାନାନ୍ତର ହୋଇଥିଲେ। ଏହି ଯୁଦ୍ଧରେ ଲଢୁଆ ଯୁଦ୍ଧ ବିମାନ, ରକେଟ ଗୁଳି ବିନିମୟ ଓ ତୋପ ମାଡ଼ ମଧ୍ୟ ଅନ୍ତର୍ଭୁକ୍ତ ଥିଲା। ଗତ ମଙ୍ଗଳବାର ଏହି ସୈନିକଙ୍କୁ ଫେରାଯିବାର କାର୍ଯ୍ୟକ୍ରମ ଥିଲା। କିନ୍ତୁ ଅସ୍ତ୍ରବିରତି ଉଲ୍ଲଂଘନ ପାଇଁ ଥାଇଲାଣ୍ଡ ଏହି ପ୍ରକ୍ରିୟାକୁ ବିଳମ୍ବିତ କରିଥିଲା। ଅବଶ୍ୟ ଏହାକୁ କାମ୍ବୋଡିଆ ଅସ୍ୱୀକାର କରିଥିଲା।

# ପୁଣେରେ ଶିବସେନା ପ୍ରାର୍ଥୀ ନିଜ ଦଳର ପ୍ରାର୍ଥୀଙ୍କ ଏ-ବି ଫର୍ମ ଗିଳିଦେଲେ

ମୁମ୍ବଇ, ୧।୧(ଏଜେନ୍ସି): ମହାରାଷ୍ଟ୍ରରେ ଏବେ ମହାନଗର ନିଗମ ନିର୍ବାଚନ ପ୍ରକ୍ରିୟା ଚାଲିଥିବା ବେଳେ ପୁଣେରେ ଏକ ଚକିତ କଲା ଭଳି ଘଟଣା ସାମ୍ନାକୁ ଆସିଛି। ଶିବସେନାର ଜଣେ ପ୍ରାର୍ଥୀ ଉଦ୍ଧବ କାମ୍ବଲେ ନିଜ ଦଳର ଅନ୍ୟ ଜଣେ ପ୍ରାର୍ଥୀଙ୍କ ଏ-ବି ଫର୍ମ ଚିରିବା ସହ ଗିଳି ଦେଇଛନ୍ତି। ଏବେ ଏହି ଘଟଣାକୁ ନେଇ ଚର୍ଚ୍ଚା ଚାଲିଛି। ବୁଧବାର ଧନକାୱାଡି ସାହାକରନଗର ୱାର୍ଡ କାର୍ଯ୍ୟାଳୟରେ ଏହି ଘଟଣା ଘଟିଛି। ଏହା ପରେ ଉଦ୍ଧବଙ୍କ ବିରୋଧରେ ଭାରତୀ ବିଦ୍ୟାପୀଠ ଥାନାରେ ଅଭିଯୋଗ କରାଯାଇଛି। ଶିବସେନାରେ ଏହି ଦୁଇ ପ୍ରାର୍ଥୀଙ୍କୁ ନିଜ ପାର୍ଟି ତରଫରୁ ଏ-ବି ଫର୍ମ ଦିଆଯାଇଥିଲା। ଏହାପରେ ଦୁଇଜଣ ପ୍ରାର୍ଥୀ କାମ୍ବଲେ ଓ ମଚିନ୍ଦ୍ର ଧୱାଲେଙ୍କ ମଧ୍ୟରେ ପ୍ରବଳ ଯୁକ୍ତିତର୍କ ହୋଇଥିଲା। ପୁଲିସ କହିବା ଅନୁସାରେ ଯୁକ୍ତିତର୍କ ପରେ କାମ୍ବଲେ ଧୱାଲେଙ୍କ ଏ-ବି ଫର୍ମକୁ ଚିରିବା ସହ ଗିଳି ଦେଇଥିଲେ। କାମ୍ବଲେଙ୍କୁ ଅଟକ ରଖାଯିବା ସହ ପଚରା ଉଚରା କରାଯାଉଛି ଓ ଏ ନେଇ ଏକ ମାମଲା ରୁଜୁ କରାଯାଇଛି। ଉଲ୍ଲେଖଥାଉ କି, ଏ-ବି ଫର୍ମ ନିର୍ବାଚନରେ ଏକ ଗୁରୁତ୍ୱପୂର୍ଣ୍ଣ ତଥା ଅପରିହାର୍ଯ୍ୟ ଫର୍ମ ଭାବେ ବିଚାର କରାଯାଏ। ଏହାଦ୍ୱାରା ଏକ ଦଳ ତା'ର ପ୍ରାର୍ଥୀଙ୍କୁ ନିର୍ବାଚନରେ ଅବତୀର୍ଣ୍ଣ ହେବା ପାଇଁ ସୁଯୋଗ ଦେଇଥାଏ ଓ ଦଳ ସମ୍ପୃକ୍ତ ବ୍ୟକ୍ତିଙ୍କୁ ନିଜର ପ୍ରାର୍ଥୀ ବୋଲି ଆନୁଷ୍ଠାନିକ ଭାବେ ଘୋଷଣା କରିଥାଏ। ଜାନୁଆରୀ ୧୫ରେ ମୁମ୍ବାଇ ସମେତ ମହାରାଷ୍ଟ୍ରର ୨୯ଟି ମହାନଗର ନିଗମରେ ନିର୍ବାଚନ ହେବ।

**ନ୍ୟୁୟର୍କ ସିଟିର ପ୍ରଥମ ମୁସ୍‌ଲିମ ମେୟର**

# କୋରାନ୍ ଛୁଇଁ ଶପଥ ନେଲେ ମମ୍‌ଦାନୀ

ନ୍ୟୁୟର୍କ, ୧।୧(ଏଜେନ୍ସି): ଭାରତୀୟ ବଂଶୋଦ୍ଭବ ଜୋହରାନ ମମ୍‌ଦାନୀ ନ୍ୟୁୟର୍କ ସହରର ପ୍ରଥମ ମୁସ୍‌ଲିମ ମେୟର ହେବାର ସୌଭାଗ୍ୟ ଲାଭ କରିଛନ୍ତି। ସେ ଗୁରୁବାର କୋରାନ ହାତରେ ରଖି ଶପଥ ଗ୍ରହଣ କରିଛନ୍ତି। ନ୍ୟୁୟର୍କ ଇତିହାସରେ ପ୍ରଥମଥର ପାଇଁ ଏପରି ହୋଇଛି। ଏପର୍ଯ୍ୟନ୍ତ ନ୍ୟୁୟର୍କ ସିଟିର ଅଧିକାଂଶ ମେୟର ହାତରେ ବାଇବେଲ୍ ଧରି ଶପଥ ଗ୍ରହଣ କରିଆସିଥିଲେ। ତେବେ ଆମେରିକାର ସମ୍ବିଧାନ ଅନୁସାରେ ଶପଥ ଗ୍ରହଣ ପାଇଁ କୌଣସି ଧାର୍ମିକ ପୁସ୍ତକ ଧରିବା ବାଧ୍ୟତାମୂଳକ ନୁହେଁ। ୩୪ ବର୍ଷୀୟ ଡେମୋକ୍ରାଟ୍ ନେତା ମମ୍‌ଦାନୀ ନ୍ୟୁୟର୍କ ସହରର ପ୍ରଥମ ମୁସଲମାନ ଓ ପ୍ରଥମ ଦକ୍ଷିଣ ଏସୀୟ ଓ ପ୍ରଥମ ଆଫ୍ରିକୀୟ ଜନ୍ମିତ ମେୟର। ନ୍ୟୁୟର୍କ ସହରର ସିଟି ହଲ୍ ତଳେ ଏକ ବନ୍ଦ ମେଟ୍ରୋ ଷ୍ଟେସନରେ ମମ୍‌ଦାନୀ ଶପଥ ଗ୍ରହଣ କରିଥିଲେ। ଏହା ଏକ ବ୍ୟକ୍ତିଗତ ସମାରୋହ ଥିଲା ଏଥିରେ ମମ୍‌ଦାନୀଙ୍କର ପରିବାର ସଦସ୍ୟ ଯୋଗ ଦେଇଥିଲେ। ଏହାପରେ ଅପରାହ୍ଣରେ ଏକ ସାର୍ବଜନୀନ ଶପଥ ଗ୍ରହଣ ଉତ୍ସବ ଆୟୋଜନ ହୋଇଥିଲା। ମମ୍‌ଦାନୀ ଦୁଇଟି କୋରାନ ଉପରେ ହାତ ରଖି ଶପଥ ଗ୍ରହଣ କରିଥିଲେ। ଏହି ଦୁଇଟି କୋରାନ ମଧ୍ୟରୁ ଗୋଟିଏ ତାଙ୍କ ଜେଜେବାପାଙ୍କର ଥିଲା ଓ ଅନ୍ୟଟି ଏକ ଛୋଟ ପକେଟ ଆକାରର କୋରାନ ଥିଲା। ପକେଟ ଆକାରର କୋରାନ ୧୮ତମ ଶତାବ୍ଦୀର ଶେଷ କିମ୍ବା ୧୯ଶ ଶତାବ୍ଦୀ ପ୍ରାରମ୍ଭର ବୋଲି କୁହାଯାଇଛି। ଏହା ନ୍ୟୁୟର୍କ ପବ୍ଲିକ ଲାଇବ୍ରେରୀ ସ୍କୋମବର୍ଗ ସେଣ୍ଟର ଫର ରିସର୍ଚ୍ଚ ଇନ୍ ବ୍ଲାକ କଲଚର ସଂଗ୍ରହର ଏକ ଅଂଶ ବୋଲି କୁହାଯାଇଛି।



ଉଲ୍ଲେଖଥାଉ କି, ମମ୍‌ଦାନୀ ନଭେମ୍ବର ୪ରେ ନ୍ୟୁୟର୍କ ସିଟି ମେୟର ନିର୍ବାଚନରେ ବିଜୟ ଲାଭ କରି ଇତିହାସ ସୃଷ୍ଟି କରିଥିଲେ। ଗତ ୧୦୦ ବର୍ଷର ଇତିହାସରେ ସେ ପ୍ରଥମ ଭାରତୀୟ ବଂଶୋଦ୍ଭବ ଓ ପ୍ରଥମ ମୁସ୍‌ଲିମ ମେୟର ଭାବେ ନିର୍ବାଚିତ ହୋଇ ସାରା ବିଶ୍ୱରେ ଚର୍ଚ୍ଚା ସୃଷ୍ଟି କରିଥିଲେ। ମମ୍‌ଦାନୀ ଭାରତୀୟ ମହିଳା ଫିଲ୍ମ ନିର୍ଦ୍ଦେଶିକା ମୀରା ନାଏରଙ୍କ ପୁଅ। ତାଙ୍କ ପିତା ହେଉଛନ୍ତି ଜଣେ ଭରାତୀୟ- ଉଗାଣ୍ଡା ଶିକ୍ଷାବିତ ଓ ରାଜନୈତକ ସମାଲୋଚକ। ସେ କଲମ୍ବିଆ ବିଶ୍ୱବିଦ୍ୟାଳୟରେ ରାଜନୀତି ବିଜ୍ଞାନ ଓ ଆଫ୍ରିକୀୟ ଅଧ୍ୟୟନର ପ୍ରଫେସର।

# ପାକିସ୍ତାନରେ ସଡ଼କ ଦୁର୍ଘଟଣାରେ ୧୫ ମୃତ

ଲାହୋର, ୧।୧(ଏଜେନ୍ସି): ପାକିସ୍ତାନର ପଞ୍ଜାବ ରାଜ୍ୟରେ ଏକ ସଡ଼କ ଦୁର୍ଘଟଣାରେ ୧୫ ଜଣ ଲୋକ ମୃତ୍ୟୁବରଣ କରିଥିବା ବେଳେ ୨୦ରୁ ଅଧିକ ଆହତ ହୋଇଛନ୍ତି। ମୃତକଙ୍କ ମଧ୍ୟରେ ବିଶ୍ୱବିଦ୍ୟାଳୟର ଖେଳାଳିମାନେ ମଧ୍ୟ ସାମିଲ ରହିଛନ୍ତି। ଲାହୋରଠାରୁ ୨୦୦ କିମି ଦୂରରେ ଥିବା ଆଣ୍ଡା ଫକୀର ଦି କୁଲି ଅଞ୍ଚଳରେ ଏହି ଦୁର୍ଘଟଣା ବୁଧବାର ଘଟିଥିଲା। ଏକ ବସ୍ ଓ ଭ୍ୟାନ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଥିଲା। ଆହତଙ୍କୁ ନିକଟସ୍ଥ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ପୁଲିସ ଏହି ମାମଲାର ଯାଞ୍ଚ୍ କରୁଛି।

# ଇନ୍ଦୋରରେ ଦୂଷିତ ପାଣି ନେଲାଣି ୧୪ ଜୀବନ

ଇନ୍ଦୋର, ୧।୧(ଏଜେନ୍ସି): ଦେଶର ସବୁଠାରୁ ସ୍ୱଚ୍ଛ ସହର ରୂପେ ପରିଚିତ ମଧ୍ୟପ୍ରଦେଶର ଇନ୍ଦୋରର ଭାଗୀରଥପୁରାରେ ଦୂଷିତ ପାଣି ପିଇ ୧୪ ଜଣ ଲୋକ ପ୍ରାଣ ହରାଇଲେଣି। ୧୪୦୦ରୁ ଅଧିକ ଲୋକ ମଧ୍ୟ ସଂକ୍ରମିତ ହେଲେଣି। ଏହାକୁ ନେଇ ସଂପୃକ୍ତ ଅଞ୍ଚଳରେ ଆତଙ୍କଜନିତ ପରିସ୍ଥିତି ସୃଷ୍ଟି ହୋଇଛି। ପରିସ୍ଥିତିର ମୁକାବିଲା ଲାଗି ପ୍ରଶାସନ ପକ୍ଷରୁ ନେକ୍ ପଦକ୍ଷେପ ଗ୍ରହଣ କରାଯାଇଥିଲେ ମଧ୍ୟ ସଂକ୍ରମଣ ବ୍ୟାପିବାରେ ଲାଗିଛି। ଦୂଷିତ ପାଣି ପିଇ ୧୪୦୦ ଲୋକ ସଂକ୍ରମିତ ହୋଇଛନ୍ତି ବୋଲି ଜଣାପଡ଼ିଛି। ୧୬୨ଜଣ ଲୋକ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି। ୨୭ଟି ସରକାରୀ ଓ ଘରୋଇ ହସ୍ପିଟାଲରେ ପୀଡିତଙ୍କ ଚିକିତ୍ସା କରାଯାଉଛି। ସୂଚନାଯୋଗ୍ୟ ଯେ ଖରଗୋନ ଜିଲ୍ଲାର ଜାଲୁଦ୍‌ରୁ ନର୍ମଦା ନଦୀର



ପାଣି ଇନ୍ଦୋରରେ ବ୍ୟବହାର କରାଯାଇଥାଏ।

ଇନ୍ଦୋର ମ୍ୟୁନିସପାଲ କର୍ପୋରେସନ (ଆଇଏମ୍‌ସି) କମିସନର ଦିଲୀପ କୁମାର ଯାଦବ କହିଛନ୍ତି ଯେ, ମୁଖ୍ୟ ଜଳ ଯୋଗାଣରେ ଏକ ଲିକେଜ୍ ଚିହ୍ନଟ ହୋଇଛି। ଭାଗିରଥୀପୁରାରେ ପାଇପଲାଇନ୍ ଉପରେ ଏକ ଶୌଚାଳୟ ନିର୍ମାଣ କରାଯାଇଥିଲା। ଏହା ପାନୀୟ ଜଳକୁ ପ୍ରଦୂଷଣ କରିଥାଇ ପାରେ ବୋଲି ସନ୍ଦେହ କରାଯାଉଛି। ଆଇଏମ୍‌ସି ଏବେ ପାଣି ପାଇପ ଲାଇନକୁ ଫ୍ଲସ କରୁଛି। ଶୁକ୍ରବାର ପର୍ଯ୍ୟନ୍ତ ଟ୍ୟାପ ପାଣି ବ୍ୟବହାର ନ କରିବାକୁ ସମସ୍ତଙ୍କୁ କୁହାଯାଇଛି। ଏ ସଂକ୍ରାନ୍ତରେ ମଧ୍ୟପ୍ରଦେଶ ହାଇକୋର୍ଟର ଇନ୍ଦୋର ବେଞ୍ଚ୍ ଏକ ଜନସ୍ୱାର୍ଥ ମାମଲାର ଶୁଣାଣି କରି ରାଜ୍ୟ ସରକାରଙ୍କୁ ଯଥାଶୀଘ୍ର ସ୍ୱଚ୍ଛ ଜଳ ଯୋଗାଇ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ପୁଣି ଦୂଷିତ ପାଣି ପାନ କରି ବାନ୍ତି, ଝାଡାରେ ପୀଡିତ ହୋଇଥିବା ସଂକ୍ରମିତ ପୀଡିତଙ୍କୁ ମାଗଣାରେ ଚିକିତ୍ସା ଯୋଗାଇ ଦେବାକୁ କହିଛନ୍ତି। ଶୁକ୍ରବାର ସୁଦ୍ଧା ବିସ୍ତୃତ ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ରିପୋର୍ଟରେ ପ୍ରଭାବିତ ଲୋକଙ୍କ ସଂଖ୍ୟା, ହସ୍ପିଟାଲରେ ଭର୍ତ୍ତି ହୋଇଥିବା ପୀଡିତଙ୍କ ସଂଖ୍ୟା ଓ ଯୋଗାଇ ଦିଆଯାଇଥିବା ଚିକିତ୍ସା ସେବା ଅନ୍ତର୍ଭୁକ୍ତ। ଇତିମଧ୍ୟରେ ଆଜି ସକାଳେ ବିଭାଗୀୟ ମନ୍ତ୍ରୀ କୈଳାଶ ବିଜୟବର୍ଗିୟ ଭାଗୀରଥପୁରା ଅଞ୍ଚଳରେ ପହଞ୍ଚି ୭ଜଣ ମୃତକଙ୍କ ପରିବାରକୁ ୨-୨ ଲକ୍ଷ ଟଙ୍କାର ଚେକ୍ ପ୍ରଦାନ କରିଥିଲେ। ପରିବାର ଲୋକେ ମନ୍ତ୍ରୀଙ୍କ ଉପସ୍ଥିତିରେ ନିଜର ଅସନ୍ତୋଷ ପ୍ରକାଶ କରିଥିଲେ ଓ ଚେକ୍ ଆବଶ୍ୟକ ନାହିଁ ବୋଲି କହିଥିଲେ।

**୧୪୦୦ ଲୋକ ସଂକ୍ରମିତ**




# ନୂଆବର୍ଷରେ ଶ୍ରୀକ୍ଷେତ୍ର ଲୋକାରଣ୍ୟ

- ମହାପ୍ରଭୁଙ୍କ ଆଶିଷ ନେଇ ବର୍ଷ ଆରମ୍ଭ କଲେ
- ସଅଳ ନୀତିକାନ୍ତି, ଶୀଘ୍ର ବାହାରିଲା ମହାପ୍ରସାଦ
- ବଡ଼ଦେଉଳ, ବଡ଼ଦାଣ୍ଡ ଓ ବେଳାଭୂମି ସବୁଠି ଗହଳି

ପୁରୀ,୧।୧(ସମିସ): ନୂଆବର୍ଷ ସମସ୍ତଙ୍କ ପାଇଁ ମଙ୍ଗଳମୟ ହେଉ। ସୁଖ, ଶାନ୍ତି ଓ ସମୃଦ୍ଧି ଭରି ଦେଉ। ପ୍ରତ୍ୟେକଙ୍କ ପାଇଁ ନୂଆ ଆଶା ଓ ସମ୍ଭାବନା ଆଣୁ। ବର୍ଷ ୨୦୨୬ର ପ୍ରଥମ ଦିନରେ ଦାରୁବିଗ୍ରହଙ୍କୁ ଦର୍ଶନ କରି ଏମିତି କୃପାଭିକ୍ଷା କରି କୃତାର୍ଥ ହୋଇଛନ୍ତି ଲକ୍ଷାଧିକ ଶ୍ରଦ୍ଧାଳୁ। ନୂଆବର୍ଷ ପାଇଁ ଗୁରୁବାର ଶ୍ରୀକ୍ଷେତ୍ର ପାଲଟିଥିଲା ଜନସମୁଦ୍ର। ଜୟ ଜଗନ୍ନାଥ ଧ୍ୱନିରେ ସୃଷ୍ଟି ହୋଇଥିଲା ଆଧ୍ୟାତ୍ମିକ ପରିବେଶ। ବଡ଼ଦାଣ୍ଡ ହେଉ କି ବଡ଼ଦେଉଳ ଅବା ବେଳାଭୂମି ସବୁଠି ଭକ୍ତ ଓ ପର୍ଯ୍ୟଟକଙ୍କ ଗହଳି ଦେଖିବାକୁ ମିଳିଥିଲା। ବୁଧବାର ରାତିରୁ ଗୁରୁବାର ଦିନତମାମ୍ ଭକ୍ତଙ୍କ ଗହଳିରେ ଉଚ୍ଛୁଳି ପଡୁଥିଲା ବଡ଼ଦାଣ୍ଡ। ଚଳଚଞ୍ଚଳ ହୋଇପଡିଥିଲା ଆଧ୍ୟାତ୍ମିକ ଓ ପର୍ଯ୍ୟଟନର ସହର ପୁରୀ। ମହାପ୍ରଭୁଙ୍କ ଦର୍ଶନ ପାଇଁ ମାଉସୀ ମା' ମନ୍ଦିର ପର୍ଯ୍ୟନ୍ତ ଲମ୍ବି ଯାଇଥିଲା ଧାଡି। ଅନୁକୂଳ ପାଗ ସାଙ୍ଗକୁ ବର୍ଷର ପ୍ରଥମ ଦିନରେ ବିଶ୍ୱନିୟନ୍ତାଙ୍କ ଦର୍ଶନ ନିମନ୍ତେ ଶ୍ରୀକ୍ଷେତ୍ରରେ ପ୍ରାୟ ୪ ଲକ୍ଷ ଭକ୍ତଙ୍କ ସମାଗମ ହୋଇଥିଲା। ବେଳାଭୂମିରେ ପହିଲି ସୂର୍ଯ୍ୟ ଏବଂ ରତ୍ନସିଂହାସନରେ ଦାରୁବିଗ୍ରହଙ୍କୁ ଦର୍ଶନ କରି ନୂଆବର୍ଷ ଆରମ୍ଭ କରିଛନ୍ତି ଶ୍ରଦ୍ଧାଳୁ।


ଏଥର ଶୃଙ୍ଖଳିତ ଦର୍ଶନ ବ୍ୟବସ୍ଥାକୁ ସବୁଠୁ ଅଧିକ ଗୁରୁତ୍ୱ ଦେଇଥିଲେ ସରକାର ଏବଂ ପ୍ରଶାସନ। ଭକ୍ତମାନେ କିପରି ଭଲ ଅନୁଭୂତି ନେଇ ଫେରିବେ ସେଥିଲାଗି ଜିଲ୍ଲା ପ୍ରଶାସନ, ପୁଲିସ ଓ ଶ୍ରୀମନ୍ଦିର ପ୍ରଶାସନ ସମ୍ପୂର୍ଣ୍ଣ ଭାବେ ସଜାଗ ରହିଥିଲେ। ବୁଧବାର ରାତି ୧୦ଟା ୨୫ରେ ଶ୍ରୀମନ୍ଦିରରେ ପହୁଡ଼ ହୋଇଥିଲା। ୩ ଘଣ୍ଟା ୩୦ ମିନିଟ୍ ଶୋଇଥିଲେ ଠାକୁର। ରାତି ୧ଟା ୫୫ରେ ଦ୍ୱାର ଫିଟି ଥିଲା। ୨ଟା ୪୦ରେ ମଙ୍ଗଳ ଆଳତି ହୋଇ ଗୁରୁବାର ସକାଳ ୬ଟା ସୁଦ୍ଧା ପହଲି ଭୋଗ ନୀତି ବଢିଥିଲା। ୭ଟା ୪୫ରେ ସକାଳ ଧୂପ, ପୂର୍ବାହ୍ନ ୧୦ଟା ୨୦ରେ ଭୋଗମଣ୍ଡପ ସରି ଧାର୍ଯ୍ୟ ସମୟ ପୂର୍ବରୁ ବାହାରିଥିଲା ମହାପ୍ରସାଦ। ମଧ୍ୟାହ୍ନ ୧୨ଟା ୫ରେ ମଧ୍ୟାହ୍ନ ଧୂପ ସରି ୧୨ଟା ୧୫ରେ ଦ୍ୱିତୀୟ ଭୋଗମଣ୍ଡପ ବଢିଥିଲା। ଏହାପରେ ଅନ୍ୟାନ୍ୟ ନୀତି ସମ୍ପନ୍ନ ହୋଇଥିଲା।

ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ ଲାଗି ବଗଲା ଧର୍ମଶାଳାଠାରୁ ସିଂହଦ୍ୱାର ପର୍ଯ୍ୟନ୍ତ ଶେଡ୍ କରାଯାଇଥିଲା। ଭକ୍ତଙ୍କ ପାଇଁ ପାନୀୟଜଳ ସାଙ୍ଗକୁ ଅନ୍ୟାନ୍ୟ ଆନୁଷଙ୍ଗିକ ସୁବିଧା କରାଯାଇଥିଲା। ତେବେ ରାତି ୨ଟାରେ ଦ୍ୱାରଫିଟିବା ଲାଗି ଆପାତତଃ ସମୟ ଧାର୍ଯ୍ୟ ହୋଇଥିବା ବେଳେ ଦର୍ଶନ ପାଇଁ ବୁଧବାର ରାତି ୧୨ଟା ପୂର୍ବରୁ ଭକ୍ତମାନେ ଆସି ଧାଡିରେ ଠିଆ ହୋଇଥିଲେ। ଏପରି କି ରାତି ୨ଟା ବେଳକୁ ଧାଡି ମାର୍କେଟ ଛକ ଡେଇଁ ଯାଇଥିଲା। ୧ଟା ୫୫ରେ ଦ୍ୱାର ଫିଟିବା ପରେ ଭିତର ଶୋଧ ଓ ମଙ୍ଗଳ ଆଳତି ପରେ ଦର୍ଶନ ଆରମ୍ଭ ହୋଇଥିଲା। ଭକ୍ତମାନେ କେବଳ ସିଂହଦ୍ୱାର ଦେଇ ମନ୍ଦିରକୁ ପ୍ରବେଶ କରୁଥିଲେ। ବାଇଶି ପାହାଚ, କୀର୍ତ୍ତନ ଚକଡା, ସାତପାହଚ ଦେଇ ବାହାରକାଠରୁ ଚତୁର୍ଦ୍ଧାବିଗ୍ରହଙ୍କୁ ଦର୍ଶନ କରିଥିଲେ। ଏହାପରେ ବେଢା ପରିସର ବିଭିନ୍ନ ମନ୍ଦିରକୁ ଯାଇ ଦର୍ଶନ କରି ଅନ୍ୟ ତିନିଦ୍ୱାର ଦେଇ ବାହାରକୁ ବାହାରୁଥିଲେ। ଶୃଙ୍ଖଳିତ ଦର୍ଶନ ପାଇଁ ବାହାରୁ ପୁଲିସ ମାନବ ଶୃଙ୍ଖଳ ସହ ଦଫା ଦଫା କରି ଭକ୍ତଙ୍କୁ ଭିତରକୁ ଛାଡୁଥିଲା। କିନ୍ତୁ ଭିଡ଼ ଅଧିକ ଥିବାରୁ ପୁଲିସ କର୍ମଚାରୀଙ୍କୁ ଗହଳି ନିୟନ୍ତ୍ରଣ ପାଇଁ ନାକେଦମ ହେବାକୁ ପଡିଥିଲା। ଭୋରୁ ଧାଡି ବଳଗଣ୍ଡି ପର୍ଯ୍ୟନ୍ତ ଲମ୍ବି ଯାଇଥିଲା। ଦିବ୍ୟାଙ୍ଗ, ବରିଷ୍ଠ ନାଗରିକଙ୍କୁ ଦର୍ଶନରେ ପୁଲିସ ଏବଂ ସ୍ୱେଚ୍ଛାସେବୀ ସହଯୋଗ କରିଥିଲେ। ଅନ୍ୟପକ୍ଷରେ ନୀତି ସଅଳ ସାଙ୍ଗକୁ ମହାପ୍ରସାଦ ଶୀଘ୍ର ବାହାରିଥିଲା। ଭକ୍ତମାନେ ଆନନ୍ଦରେ ମହାପ୍ରସାଦ ପାଇ ଖୁସି ହୋଇଥିଲେ। ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ, ସୁରକ୍ଷା ଏବଂ ଟ୍ରାଫିକ ନିୟନ୍ତ୍ରଣ ଲାଗି ୭୦ ପ୍ଲାଟୁନ ଫୋର୍ସ ମୁତୟନ ହୋଇଥିଲେ।

# ନୂଆବର୍ଷ ସକାଳକୁ ଗିଳିଦେଲା କୁହୁଡ଼ି

- ପୂର୍ବାହ୍ନ ୧୦ଟା ଯାଏଁ ରାଜଧାନୀ ଅନ୍ଧାର
- ଡିସେମ୍ବରରେ ସବୁଠୁ ଅଧିକ କୁହୁଡ଼ି
- ଜାନୁଆରୀରେ ବି ଜାରି ରହିବ ଶୀତ

ଭୁବନେଶ୍ୱର,୧।୧(ସମିସ): ନୂଆବର୍ଷର ପ୍ରଥମ ଦିନ (ଗୁରୁବାର) ସକାଳକୁ ଗିଳିଦେଲା ଘନ କୁହୁଡ଼ି। ପୂର୍ବାହ୍ନ ୧୧ଟା ଯାଏଁ କୁହୁଡ଼ିର ଚଦରରେ ଢାଙ୍କି ହୋଇଗଲା ସାରା ଓଡ଼ିଶା। ବୁଧବାର ରାତିରୁ ରାଜ୍ୟର ଅଧିକାଂଶ ସ୍ଥାନରେ କୁହୁଡ଼ି ଆରମ୍ଭ ହୋଇ ଗୁରୁବର ଦିନ ପ୍ରାୟ ୧୦ ଟା ପର୍ଯ୍ୟନ୍ତ ଲାଗି ରହିଥିଲା। କୁହୁଡ଼ିର ପ୍ରଭାବ ଏତେ ଅଧିକ ରହିଥିଲା ଯେ ଅନେକ ସ୍ଥାନରେ ମୁହଁକୁ ମୁହଁ ଦିଶୁ ନ ଥିଲା। ୨-୩ ଦିନ ପର୍ଯ୍ୟନ୍ତ ରାଜ୍ୟରେ ଘନ କୁହୁଡ଼ି ନେଇ ପାଣିପାଗ କେନ୍ଦ୍ର ଆକଳନ କରିଥିଲେ ମଧ୍ୟ ଗୁରୁବାର ସକାଳୁ ଏହାର ବାସ୍ତବତା ଯୋଗୁଁ ଜନଜୀବନ ଗୁରୁତର ଭାବେ ପ୍ରଭାବିତ ହୋଇଛି।



ଅନ୍ୟପଟେ ଆଇଏମ୍‌ଡି ସୂଚନା ଅନୁଯାୟୀ, ଗତ ଡିସେମ୍ବର ମାସରେ ଦେଶରେ ଓଡ଼ିଶାରେ ସବୁଠୁ ଅଧିକ ଦିନ କୁହଡ଼ି ଅନୁଭୂତ ହୋଇଛି। ଓଡ଼ିଶାରେ ୩୧ ଦିନ ମଧ୍ୟରୁ ମୋଟ୍ ୨୬ ଦିନ କୁହୁଡ଼ି ଅନୁଭୂତ ହୋଇଛି। ଓଡ଼ିଶା ତଳକୁ ଆସାମ, ମେଘାଳୟ ଓ ହିମାଚଳ ପ୍ରଦେଶ ରହିଛି। ଏଠାରେ ୨୩ ଦିନ ଲେଖାଏଁ କୁହୁଡ଼ି ହୋଇଥିବା ବେଳେ ପୂର୍ବ ଉତ୍ତର ପ୍ରଦେଶରେ ୨୨ ଦିନ କୁହୁଡ଼ି ଅନୁଭୂତ ହୋଇଛି। ଓଡ଼ିଶାରେ ଅନୁଭୂତ ହୋଇଥିବା କୁହୁଡ଼ି ଦିନ ସଂଖ୍ୟା ମଧ୍ୟରେ ରାଉରକେଲାରେ ସର୍ବାଧିକ ଦିନ କୁହୁଡ଼ି ଅନୁଭୂତ ହୋଇଥିବା ଜଣାପଡ଼ିଛି। ବର୍ତ୍ତମାନ ମୁଖ୍ୟତଃ ନିର୍ମଳ ଆକାଶ ରହୁଛି। ଏହାସହ ଗୁରୁଚାପ ବଳୟର ପ୍ରଭାବ ମଧ୍ୟ ଓଡ଼ିଶା ଉପରେ ରହୁଥିବା ବେଳେ ରାଜ୍ୟକୁ କିଛି କିଛି ମାତ୍ରାରେ ଜଳୀୟବାଷ୍ପପୂର୍ଣ୍ଣ ବାୟୁ ପ୍ରବାହ ରହୁଛି। ଏହି ସବୁ କାରଣ ପାଇଁ ରାଜ୍ୟରେ କୁହୁଡ଼ି ପାଇଁ ପାଗ ଅନୁକୂଳ ରହୁଛି।

ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ ରାଜ୍ୟରେ ଆହୁରି ୩ ଦିନ ପର୍ଯ୍ୟନ୍ତ ଘନ କୁହୁଡ଼ି ଆଶଙ୍କା ରହିଛି। ଶୁକ୍ରବାର ସନ୍ଧ୍ୟାରୁ ଶନିବାର ସକାଳ ମଧ୍ୟରେ ଜଗତସିଂହପୁରରେ ଅତି ଘନ କୁହୁଡ଼ି ଆଶଙ୍କା ସହ ପୁରୀ, କେନ୍ଦ୍ରାପଡ଼ା, ଅନୁଗୁଳ, ଢେଙ୍କାନାଳ, ଯାଜପୁର, ଭଦ୍ରକ, ବାଲେଶ୍ୱର, କଟକ, ନୟାଗଡ଼, ଖୋର୍ଦ୍ଧା ଓ ଗଜପତି ଜିଲ୍ଲାରେ ଘନ କୁହୁଡ଼ି ନେଇ ଆଶଙ୍କା କରାଯାଇଛି। ଏହାକୁ ଦୃଷ୍ଟିରେ ରଖି ପାଣିପାଗ କେନ୍ଦ୍ର ଏହି ଜିଲ୍ଲାଗୁଡ଼ିକ ପାଇଁ ଅରେଞ୍ଜ ଓ ୟେଲୋ ଆଲର୍ଟ ଜାରି କରିଛି।

ଅନ୍ୟପଟେ ନଭେମ୍ବର, ଡିସେମ୍ବର ପରେ ଜାନୁଆରୀରେ ମଧ୍ୟ ରାଜ୍ୟରେ ପ୍ରବଳ ଶୀତ ଅନୁଭୂତ ହେବ। ଆଇଏମ୍‌ଡି ପକ୍ଷରୁ ଜାନୁଆରୀ ମାସ ପାଇଁ ତାପମାତ୍ରା ଆକଳନ କରାଯାଇ କୁହାଯାଇଛି, ଜାନୁଆରୀରେ ରାଜ୍ୟରେ ତାପମାତ୍ରା ସ୍ୱାଭାବିକ ତୁଳନାରେ କମ୍ ରହିବ। ଏଥିପାଇଁ ରାଜ୍ୟରେ ପ୍ରବଳ ଶୀତ ଜାରି ରହିବ। ଅନ୍ୟପଟେ ଜାନୁଆରୀ ପ୍ରଥମ ସପ୍ତାହରେ କିଛି ମାତ୍ରାରେ ଶୀତ କମିଲେ ମଧ୍ୟ ଜାନୁଆରୀ ଦ୍ୱିତୀୟ ସପ୍ତାହରୁ ଦୃଷ୍ଟାନ୍ତମୂଳକ ଭାବେ ତାପମାତ୍ରା ହ୍ରାସ ପାଇବ। ଫଳରେ ଜାନୁଆରୀ ଦ୍ୱିତୀୟ ସପ୍ତାହରେ ରାଜ୍ୟରେ ଶୀତ ଲହରୀ ଅନୁଭୂତ ହେବା ନେଇ ଆକଳନ କରାଯାଇଛି।

# ମାର୍ଚ୍ଚରେ ଓଡ଼ିଶା ଆସିବେ ପ୍ରିୟଙ୍କା

- ବର୍ଷକରେ ୧୦ ବଡ଼ ସମାବେଶ କରିବ କଂଗ୍ରେସ
- ୩ ଓ ୪ ତାରିଖରେ ବସିବ ଗୁରୁତ୍ୱପୂର୍ଣ୍ଣ ବୈଠକ

ଭୁବନେଶ୍ୱର,୧।୧(ସମିସ): ଆସନ୍ତା ମାର୍ଚ୍ଚ ମାସରେ ଓଡ଼ିଶା ଗସ୍ତରେ ଆସିବେ କଂଗ୍ରେସ ନେତ୍ରୀ ପ୍ରିୟଙ୍କା ଗାନ୍ଧୀ। ଓଡ଼ିଶାରେ ରାଜ୍ୟ କଂଗ୍ରେସ ପକ୍ଷରୁ ଆୟୋଜିତ ହେବାକୁ ଥିବା ମହିଳା ସମାବେଶରେ ପ୍ରିୟଙ୍କା ଯୋଗଦେବେ। ଯଦିଓ ଏହି ସମାବେଶ କେଉଁଠାରେ ହେବ ତାହା ସ୍ଥିର ହୋଇନାହିଁ, ତେବେ ପ୍ରିୟଙ୍କାଙ୍କ ଗସ୍ତ ନେଇ ପିସିସି ସଭାପତି ଭକ୍ତ ଚରଣ ଦାସ ଆଜି ସୂଚନା ଦେଇଛନ୍ତି। ରାଜ୍ୟ କଂଗ୍ରେସର ୨୦୨୬ର ରଣନୀତିକୁ ନେଇ ପିସିସି ସଭାପତି କହିଛନ୍ତି, ଏବର୍ଷ ରାଜ୍ୟର ବିଭିନ୍ନ ସ୍ଥାନରେ



କଂଗ୍ରେସ ପ୍ରାୟ ୧୦ବଡ଼ ସମାବେଶ କରିବା ନେଇ ଯୋଜନା କରିଛି। ଏହି କ୍ରମରେ ପ୍ରଥମ ସମାବେଶ ଆସନ୍ତା ମାର୍ଚ୍ଚ ମାସରେ ଅନୁଷ୍ଠିତ ହେବ। ରାଜ୍ୟରେ ନାରୀ ନ୍ୟାୟ ପାଇଁ କଂଗ୍ରେସ କାର୍ଯ୍ୟ କରୁଛି। ଓଡ଼ିଶା ବର୍ତ୍ତମାନ ମହିଳାଙ୍କ ପାଇଁ ଅସୁରକ୍ଷିତ ହୋଇପଡ଼ିଛି। ପ୍ରତିଦିନ ମହିଳା ହିଂସା ବଢୁଥିବାରୁ ସରକାରଙ୍କ ଉପରେ ଚାପ ପକାଇବାକୁ ମହିଳା ସମାବେଶ ଆୟୋଜନ ପାଇଁ ଦଳ ଚିନ୍ତା କରିଛି। ମହିଳା ଅଧିକାର ଏବଂ ସୁଯୋଗ ବିଷୟରେ ସଚେତନତା ସୃଷ୍ଟି କରିବା ଦଳର ଲକ୍ଷ୍ୟ। ପ୍ରିୟଙ୍କା ଗାନ୍ଧୀଙ୍କ ନେତୃତ୍ୱ ମହିଳାମାନଙ୍କ ମଧ୍ୟରେ ଆତ୍ମବିଶ୍ୱାସକୁ ପ୍ରେରଣା ଦେବ ଏବଂ ସେମାନଙ୍କୁ ରାଜନୈତିକ ପ୍ରକ୍ରିୟାରେ ସାମିଲ ହେବାକୁ ପ୍ରୋତ୍ସାହିତ କରିବ ବୋଲି ଭକ୍ତ କହିଛନ୍ତି। ପ୍ରିୟଙ୍କାଙ୍କ ସମେତ ଦଳର ଅନ୍ୟ ବରିଷ୍ଠ ନେତା ଯେମିତି କି ରାହୁଲ ଗାନ୍ଧୀ, ଏଆଇସିସି ଅଧ୍ୟକ୍ଷ ମଲ୍ଲିକାର୍ଜୁନ୍ ଖଡ୍‌ଗେ ମଧ୍ୟ ଓଡ଼ିଶା ଗସ୍ତରେ ଆସିବେ। ସେମାନେ ରାଜ୍ୟର ବିଭିନ୍ନ ଅଞ୍ଚଳରେ ଜନସମାବେଶରେ ଅଂଶଗ୍ରହଣ କରିବେ। ରାହୁଲ ଗାନ୍ଧି ଓଡ଼ିଶା ଗସ୍ତରେ ବାରମ୍ବାର ଆସିବେ।

ଆସନ୍ତା ୩ ତାରିଖ ସନ୍ଧ୍ୟାରେ କଂଗ୍ରେସ ରାଜନୈତିକ ବ୍ୟାପାର କମିଟି ବୈଠକ ବସିବାର ସୂଚନା ରହିଛି। ଏହି ବୈଠକରେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଆଲୋଚନା ହେବାର ରହିଛି। ଅନ୍ୟପଟେ ଆସନ୍ତା ୪ରେ ଦଳର ଦଳର ବିଧାୟକ, ବିଭିନ୍ନ ପଦାଧିକାରୀ ଓ ଜିଲ୍ଲାସଭାପତିମାନଙ୍କର ମଧ୍ୟ ଏକ ବୈଠକ ରହିଛି। ପିସିସି ସଭାପତି ଆହୁରି କହିଛନ୍ତି ବର୍ତ୍ତମାନ କଂଗ୍ରେସକୁ ନେଇ ଅଧିକ ଚର୍ଚ୍ଚା ହେଉଛି। କଂଗ୍ରେସ ଉପରକୁ ଉଠୁଥିବାରୁ ଏହି ଚର୍ଚ୍ଚା ହେଉଛି। ୨୦୨୭ରେ ପଞ୍ଚାୟତ ନିର୍ବାଚନ ହେବ। ଆସନ୍ତା ୬ ମାସ ମଧ୍ୟରେ ବିଭିନ୍ନ ଜିଲ୍ଲା ଓ ଜୋନାଲ୍ କମିଟି ଗଠନ ଶେଷ ସହ ପଞ୍ଚାୟତ ନିର୍ବାଚନ ପାଇଁ ଯେଉଁ ପ୍ରକ୍ରିୟା ଓ ପଦକ୍ଷେପ ନିଆଯିବା କଥା ତାହା ଗ୍ରହଣ କରାଯିବ ବୋଲି କଂଗ୍ରେସ ପକ୍ଷରୁ କୁହାଯାଇଛି।

# ଭସାପୋଲରୁ ଖସି ଜଣେ ମୃତ

## ମଝି ଚିଲିକାରେ ଅଟକିଲା; ଯାତ୍ରୀ ହୀନସ୍ତା

ବ୍ରହ୍ମଗିରି,୧।୧(ସମିସ): ନୂଆବର୍ଷରେ ଚିଲିକାରେ ଘଟିଛି ଅଘଟଣ। ସାତପଡ଼ାଠାରୁ ଜହ୍ନିକୁଦା ଯାଉଥିବା ଭସାପୋଲରୁ ଖସି ଜଣେ ବ୍ୟକ୍ତି ନିଖୋଜ ଥିବାବେଳେ ତାଙ୍କ ମୃତଦେହ ଉଦ୍ଧାର ହୋଇଛି। ମୃତକ ହେଲେ ମାଲକାନଗିରି ଜିଲ୍ଲା ବାଲିମେଳା ଅଞ୍ଚଳର ଉମାଶଙ୍କର ସାବତ (୬୦)। ଆଜି ଘନ କୁହୁଡ଼ିରେ ଆଚ୍ଛାଦିତ ଚିଲିକାରେ ଭସାପୋଲଟି ସାତପଡ଼ାରୁ ଜହ୍ନିକୁଦା ଯାଉଥିଲା। ଏଥିରେ ଗଞ୍ଜାମ ଜିଲ୍ଲା ବ୍ରହ୍ମପୁରରୁ କିଛି ଲୋକ ସାଙ୍ଗ ହୋଇ ଚିଲିକା ବୁଲିବାକୁ ଆସିଥିଲେ। ସେଥିରେ ମାଲକାନଗିରି ଜିଲ୍ଲା ବାଲିମେଳାର




ଉମାଶଙ୍କର ପରିବାର ସହ ଯାଉଥିଲେ। ମାତ୍ର ସେ ହଠାତ୍ କେଉଁଆଡ଼େ ନିଖୋଜ ହୋଇଯାଇଥିଲେ। ଏହି ସମୟରେ କୁହୁଡ଼ି ଯୋଗୁଁ ଭସାପୋଲଟି ଚ୍ୟାନେଲରୁ ବାହାରି ଯାଇ ମଝି ଚିଲିକାରେ ଅଟକି ଯାଇଥିଲା। ସେତେବେଳେ ପରିବାର ଲୋକେ ଉମାଶଙ୍କରଙ୍କୁ ନପାଇ ଖୋଜାଖୋଜି କରିଥିଲେ। କିଛି ସମୟ ପରେ ତାଙ୍କର ଟୋପି, ଚପଲ ଏବଂ ବ୍ୟାଗ ପାଣିରେ ଭାସୁଥିବା ଦେଖିବାକୁ ମିଳିଥିଲା। ସ୍ଥାନୀୟ ଲୋକେ ଅଗ୍ନିଶମ ବିଭାଗକୁ ଜଣାଇବା ପରେ ଅଗ୍ନିଶମ କର୍ମଚାରୀ ପହଞ୍ଚି ଉଦ୍ଧାର କାର୍ଯ୍ୟରେ ଲାଗିପଡ଼ିଥିଲେ। ଦୁଇ ଘଣ୍ଟା ଖୋଜାଖୋଜି ପରେ ଉମାଶଙ୍କରଙ୍କ ମୃତଦେହ ମିଳିଲା ଥିଲା। ପୁଲିସ ଶବ ଜବତ କରିବା ସହ ଅଧିକ ତଦନ୍ତ କରୁଛି। ଭସାପୋଲ ଚିଲିକା ମଝିରେ ଫସି ରହିଥିବାରୁ ଅନ୍ୟ ଭେସଲ ଦ୍ୱାରା ଯାତ୍ରୀଙ୍କୁ ସୁରକ୍ଷିତ ଭାବେ ସ୍ଥାନାନ୍ତରିତ କରାଯାଇଛି। ସମୁଦ୍ର ଜୁଆର ଚିଲିକାରୁ କମିବା ପରେ ଜଳସ୍ତର ମଧ୍ୟ ହ୍ରାସ ପାଇଥିଲା। ଏଥିଯୋଗୁଁ ଭସାପୋଲ ଫସିଥିବା ନାଳରୁ ବାହାରକୁ ବାହାରି ପାରିନଥିଲା। ଦିନସାରା ବହୁ ଚେଷ୍ଟା ପରେ ମଧ୍ୟ ଭସାପଲଟି ସେଠାରୁ ବାହାରି ପାରିନଥିବା ଜଣାପଡ଼ିଛି। ସକାଳ ୭ଟା ୩୦ ସମୟରେ ସାତପଡ଼ାରୁ ବାହାରି ଜହ୍ନିକୁଦା ଅଭିମୁଖେ ଗୋଟିଏ ବସ, ୪ଟି କାର୍ ଏବଂ ୨୦ରୁ ଉର୍ଦ୍ଧ୍ୱ ବାଇକ ସହ ପାଖାପାଖି ୫୦ଜଣ ଯାତ୍ରୀଙ୍କୁ ନେଇ ଭସାପୋଲ ବାହାରିବାର ଥିଲା। କିନ୍ତୁ ଘନକୁହୁଡ଼ିକୁ ଦେଖି ୧ଘଣ୍ଟା ବିଳମ୍ବରେ ଯାତ୍ରା ଆରମ୍ଭ କରିଥିଲା। କିଛି ବାଟ ଯିବା ପରେ ଅଟକି ଯାଇଥିଲା। ଏହି ଘଟଣା ପରେ କର୍ତ୍ତୃପକ୍ଷଙ୍କ ଭୂମିକାକୁ ନେଇ ପ୍ରଶ୍ନ ଉଠିଛି। ଯାତ୍ରୀଙ୍କୁ କାହିଁକି ଲାଇଫ୍ ଜ୍ୟାକେଟ୍ ଦିଆଯାଇନଥିଲା ବୋଲି ଅଞ୍ଚଳବାସୀ ପ୍ରଶ୍ନ କରିଛନ୍ତି। ଏ ସମ୍ବନ୍ଧରେ ଚିଫ୍ ଏକ୍‌ଜିକ୍ୟୁଟିଭ୍ ଇଞ୍ଜିନିୟର ମଙ୍ଗୁଳି ରାଉତ କୁହନ୍ତି ସକାଳୁ ଘନ କୁହୁଡ଼ି ଥିଲା। ମୁଁ ମନା କରିଥିଲି ଭସାପୋଲ ଚଳାଇବା ପାଇଁ। କିନ୍ତୁ ସକାଳ ୮ ସମୟରେ ପାଗରେ ପରିବର୍ତ୍ତନ ହେବାରୁ ଭସପୋଲ ଯାଇଥିଲା। କିଛି ବାଟ ଯିବା ପରେ ଏହି ଦୁର୍ଘଟଣା ଘଟିଛି।

# ରାଜ୍ୟପାଳଙ୍କୁ ସୌଜନ୍ୟମୂଳକ ସାକ୍ଷାତ କଲେ ନବନିଯୁକ୍ତ ମୁଖ୍ୟ ସଚିବ ଅନୁ ଗର୍ଗ

ଭୁବନେଶ୍ୱର,୧।୧(ସମିସ): ନବବର୍ଷର ପ୍ରଥମ ଦିନରେ ଆଜି ଓଡ଼ିଶାର ନବନିଯୁକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମ୍‌ପାଟିଙ୍କୁ ଲୋକଭବନରେ ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି। ଏହି ସାକ୍ଷାତ ସମୟରେ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଗର୍ଗ ରାଜ୍ୟପାଳଙ୍କୁ ନୂତନ ବର୍ଷର ଶୁଭେଚ୍ଛା ଜଣାଇବା ସହ ରାଜ୍ୟର ସାମଗ୍ରିକ ପ୍ରଗତି ପାଇଁ ପ୍ରମୁଖ ପ୍ରଶାସନିକ ପ୍ରାଥମିକତା, ଜାରି ରହିଥିବା ବିକାଶମୂଳକ ପଦକ୍ଷେପ ଏବଂ କଲ୍ୟାଣକାରୀ କାର୍ଯ୍ୟକ୍ରମ ବିଷୟରେ ଆଲୋଚନା କରିଥିଲେ। ପ୍ରଭାବଶାଳୀ ଶାସନ ସୁନିଶ୍ଚିତ କରିବା ପାଇଁ ରାଜ୍ୟପାଳଙ୍କ କାର୍ଯ୍ୟାଳୟ ଏବଂ ରାଜ୍ୟ ପ୍ରଶାସନ ମଧ୍ୟରେ ସୁଗମ ସମନ୍ୱୟର ଗୁରୁତ୍ୱ ଉପରେ ଆଲୋଚନା ମଧ୍ୟ କରାଯାଇଥିଲା। ଏହି ଲକ୍ଷ୍ୟ ହାସଲ ପାଇଁ ଦଳଗତ ଭାବେ କାର୍ଯ୍ୟ କରିବାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରି ରାଜ୍ୟପାଳ ଆଗାମୀ ବର୍ଷରେ ନିରନ୍ତର ବିକାଶ ଓ ଓଡ଼ିଶାବାସୀଙ୍କ ମଙ୍ଗଳ ଉପରେ ଗୁରୁତ୍ୱାରୋପ କରିଥିଲେ।









# ମାଲକାନଗିରି ହିଂସାକାଣ୍ଡ: ମୃତ ଲାକେଙ୍କ ପରିବାରକୁ ମିଳିବ ୧୦ ଲକ୍ଷ ସହାୟତା

- ଘର ଭାଙ୍ଗିଥିଲେ ସର୍ବାଧିକ ୭୫ ହଜାର ପର୍ଯ୍ୟନ୍ତ ସହାୟତା
- ବାସଗୃହହୀନ ଜନଜାତି ପରିବାରକୁ ମିଳିବ ସ୍ଥାୟୀ ପଟ୍ଟା
- ପ୍ରତି ୧୫ ଦିନରେ ଜିଲ୍ଲାପାଳ କରିବେ ମାମଲାର ସମୀକ୍ଷା

ଭୁବନେଶ୍ୱର,୧।୧(ସମିସ): ଡିସେମ୍ବର ୭ ଓ ୮ ତାରିଖରେ ମାଲକାନଗିରି ଜିଲ୍ଲାର ରାଖେଲଗୁଡା ଏବଂ ଏମ.ଭି. ୨୬ ଗ୍ରାମରେ ଘଟିଥିବା ହିଂସାକାଣ୍ଡ ଘଟଣାରେ ମୃତକ ଲାକେ ପଡିଆମି ପରିବାରକୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍



ପାଣ୍ଠିରୁ ୧୦ ଲକ୍ଷ ଟଙ୍କାର ସ୍ୱତନ୍ତ୍ର ସହାୟତା ପ୍ରଦାନ କରାଯିବ। ଗୁରବାର ଏ ନେଇ ଉପ ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ସୂଚନା ଦେଇଛନ୍ତି। ସେହିପରି ମାଲକାନଗିରି ଜିଲ୍ଲା ପ୍ରଶାସନର ରିପୋର୍ଟ ଭିତ୍ତିରେ ଏମ.ଭି.୨୬ ଗ୍ରାମର ପ୍ରତ୍ୟେକ ଆଂଶିକ ଓ ସମ୍ପୂର୍ଣ୍ଣ କ୍ଷତିଗ୍ରସ୍ତ ବାସଗୃହର ମରାମତି କରାଯିବ। ରିପୋର୍ଟରେ ନଷ୍ଟ ଦର୍ଶାଯାଇଥିବା ଘରର ମୂଲ୍ୟାଙ୍କନ ପରିମାଣ ଅନୁସାରେ ସର୍ବାଧିକ ୭୫,୦୦ ଟଙ୍କା ପର୍ଯ୍ୟନ୍ତ ଆର୍ଥିକ ସହାୟତା ପ୍ରଦାନ କରାଯିବ। ସେହିପରି କ୍ଷତିଗ୍ରସ୍ତ ଦୋକାନ ମରାମତି ପାଇଁ ପ୍ରତ୍ୟେକ ଦୋକାନୀଙ୍କୁ ୨୦,୦୦୦ ଟଙ୍କା ପର୍ଯ୍ୟନ୍ତ ଆର୍ଥିକ ସହାୟତା ପ୍ରଦାନ କରାଯିବ ବୋଲି ଉପ ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି।

ମାଲକାନଗିରି ହିଂସା ସଂକ୍ରାନ୍ତରେ ଲୋକସେବା ଭବନରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ ଶ୍ରୀ ସିଂହଦେଓଙ୍କ ବ୍ୟତୀତ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ, ପୁଲିସ ଡିଜି, ରାଜସ୍ୱ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ, ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ଶାସନ ସଚିବ, ଗୁଇନ୍ଦା ବିଭାଗର ନିର୍ଦ୍ଦେଶକ ଏବଂ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ମାଲକାନଗିରି ଜିଲ୍ଲାପାଳ ଓ ଏସପି ମଧ୍ୟ ବୈଠକରେ ଯୋଗ ଦେଇଥିଲେ। ପ୍ରମୁଖ ନିଷ୍ପତ୍ତି ଅନୁଯାୟୀ ରେଗୁଲେସନ ୨/୫୬ (୨୦୦୨ ସଂଶୋଧିତ) ଅନୁଯାୟୀ ବିଚାରାଧୀନ ଶତାଧିକ ମାମଲାଗୁଡିକୁ ଜିଲ୍ଲାପାଳ ନିୟମିତ ଭାବରେ ପ୍ରତ୍ୟେକ ୧୫ ଦିନରେ ସମୀକ୍ଷା କରି ଏହାର ପ୍ରଗତି ସମ୍ବନ୍ଧରେ ଦକ୍ଷିଣାଞ୍ଚଳ ରାଜସ୍ୱ ଆୟୁକ୍ତ ଓ ସରକାରଙ୍କୁ ଅବଗତ କରାଇବେ। ଭୂମିହୀନ ତଥା ବାସଗୃହହୀନ ଜନଜାତି ପରିବାରକୁ ଏଫ.ଆର.ଏ ଏବଂ ଓ.ଜି.ଏଲ.ଏସ ଆଇନ ଅଧୀନରେ ସ୍ଥାୟୀ ପଟ୍ଟା ପ୍ରଦାନର ବ୍ୟବସ୍ଥା କରାଯିବ। ଏହାର ଅଗ୍ରଗତି ସମ୍ପର୍କରେ ପ୍ରତ୍ୟେକ ମାସରେ ଜିଲ୍ଲାପାଳ ସମୀକ୍ଷା କରିବା ସହ ସରକାରଙ୍କୁ ଅବଗତ କରାଇବେ। ସେହିପରି ମାଛକୁଣ୍ଡ ଜଳସେଚନ ଯୋଜନାରେ ବିସ୍ଥାପିତ ପରିବାରକୁ ସ୍ଥାୟୀ ପଟ୍ଟା ପ୍ରଦାନର ବ୍ୟବସ୍ଥା କରାଯିବ। ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ପ୍ରତ୍ୟେକ ତିନି ମାସରେ ମାଲକାନଗିରି ଜିଲ୍ଲାର ଉପରୋକ୍ତ ତଥା ଅନ୍ୟାନ୍ୟ ରାଜସ୍ୱ ମାମଲା ଉପରେ ନିୟମିତ ସମୀକ୍ଷା କରି ସରକାରଙ୍କୁ ଅବଗତ କରାଇବେ। ଅନ୍ୟ ନିଷ୍ପତ୍ତି ଅନୁଯାୟୀ ମୁଖ୍ୟମନ୍ତ୍ରୀ କୃଷି ଉନ୍ନୟନ ଯୋଜନା, ପିଏମ୍‌ଇଜିପି ଓ ପିଏମଏଫଏମଇ ଅଧୀନରେ ଜନଜାତି ବର୍ଗର ପ୍ରାର୍ଥୀ କିପରି ଲାଭବାନ ହୋଇପାରିବେ ଏହାର ବ୍ୟବସ୍ଥା କରାଯିବ। ପ୍ରାଥମିକ ବିଦ୍ୟାଳୟରେ କୋୟା, ଡିଡାଇ, ବଣ୍ଡା ଜନଜାତି ଭାଷାର ଖାଲିଥିବା ଏମଏଲଇ ଶିକ୍ଷକ ପଦକୁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ତୁରନ୍ତ ପୂରଣ କରିବେ ବୋଲି ନିଷ୍ପତ୍ତି ହୋଇଛି।

# ଅନୁଗୋଳ ଜିପି ଭାବେ ଆଇନଜୀବୀ ସୁବାସ ସାହୁଙ୍କ ଦାୟିତ୍ୱ ଗ୍ରହଣ



ଅନୁଗୋଳ,୧।୧(ସମିସ): ବରିଷ୍ଠ ଆଇନଜୀବୀ ସୁବାସ ଚନ୍ଦ୍ର ସାହୁ ଅନୁଗୋଳର ଗଭର୍ଣ୍ଣମେଣ୍ଟ ପ୍ଲିଡର (ଜିପି) ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ସରକାରଙ୍କ ବିଜ୍ଞପ୍ତି ଅନୁଯାୟୀ ସାହୁ ଅନୁଗୋଳ ଜିଲ୍ଲା ଜିପି ଭାବେ ନିଯୁକ୍ତି ପାଇଛନ୍ତି। ଗତ ୨୪ ତାରିଖ ଏହି ସରକାରୀ ବିଜ୍ଞପ୍ତି ପ୍ରକାଶ ପାଇବା ପରେ ସାହୁ ଜିପି ଦାୟିତ୍ୱ ବହନ କରି ଜିଲ୍ଲାପାଳଙ୍କ ନିକଟରେ ଯୋଗଦାନ କରିଥିଲେ। ଏଣିକି ତାଙ୍କ ତତ୍ତ୍ୱାବଧାନରେ ଜିଲ୍ଲାର ସମସ୍ତ ଦେୱାନୀ ମକଦ୍ଦମାରେ ପକ୍ଷଭୁକ୍ତ ଥିବା ସରକାରଙ୍କ ପକ୍ଷରୁ ମକଦ୍ଦମା ପରିଚାଳନା ହେବବୋଲି ଜଣାଯାଇଛି। ସାହୁ ଦୀର୍ଘ ୪୫ବର୍ଷ ଧରି ଅନୁଗୋଳ ତଥା ଅନ୍ୟାନ୍ୟ ଜିଲ୍ଲାରେ ଦେୱାନୀ, ଫୌଜଦାରୀ, ମାଟ୍ରିମୋନିଆଲ ଏବଂ କଞ୍ଜୁମର କୋର୍ଟରେ ମକଦ୍ଦମା ଲଢ଼ି ପକ୍ଷଙ୍କୁ ଉପଯୁକ୍ତ ନ୍ୟାୟ ପ୍ରଦାନ କ୍ଷେତ୍ରରେ ସଫଳତା ଲାଭ କରିଛନ୍ତି। ତାଙ୍କ ନିଯୁକ୍ତି ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ, ବିଧାୟକ ଅଗସ୍ତି ବେହେରା, ଅଶୋକ ମହାନ୍ତିଙ୍କୁ କୃତଜ୍ଞତା ଜଣାଇଛନ୍ତି। ସରକାରଙ୍କ ସମସ୍ତ ମକଦ୍ଦମାକୁ ଜନସ୍ୱାର୍ଥ ସମ୍ବନ୍ଧିତ ରାୟ ପ୍ରଦାନ କ୍ଷେତ୍ରରେ ନିରନ୍ତର ପ୍ରୟାସ କରିବେ ବୋଲି ସେ ପ୍ରକାଶ କରିଛନ୍ତି। ତାଙ୍କ ଯୋଗଦାନ ପରେ ବିଭିନ୍ନ ମହଲରୁ ତାଙ୍କୁ ସମ୍ବର୍ଦ୍ଧନା ଦିଆଯାଇଛି।

# କ୍ରିଷ୍ଣା କଲଚରାଲ ଗ୍ରୁପର ବାର୍ଷିକ ଉତ୍ସବ

ଜଗତସିଂହପୁର,୧।୧(ସମିସ): ଜଗତସିଂହପୁର ଜିଲ୍ଲାର ଅଗ୍ରଣୀ କଳା ଅନୁଷ୍ଠାନ କ୍ରିଷ୍ଣା କଲଚରାଲ ଗ୍ରୁପର ବାର୍ଷିକ ଉତ୍ସବ ବଦବାଗସ୍ଥ ଅନୁଷ୍ଠାନ ପରିସରରେ ପାଳିତ ହୋଇଯାଇଛି। ସଭାପତି ଶିକ୍ଷାବିତ ପ୍ରତାପ ଚନ୍ଦ୍ର ରାଉତରାୟଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ଦିଲ୍ଲୀପ ଜେନା ଯୋଗଦେଇ ସଂସ୍କୃତି ବିଭାଗ ପକ୍ଷରୁ କଳା ଅନୁଷ୍ଠାନଙ୍କ ଉନ୍ନତି ପାଇଁ ରହିଥିବା ଯୋଜନା ସମ୍ପର୍କରେ ସୂଚନା ଦେବା ସହିତ କ୍ରିଷ୍ଣା କଲଚରାଲ ଗ୍ରୁପର ଉତ୍ତରୋତ୍ତର ପ୍ରଗତି କାମନା କରିଥିଲେ। ସିଟିଏମ୍ଏସ ମାଧ୍ୟମରେ ଓଡ଼ିଶା ଓ ଓଡ଼ିଶା ବାହାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରି ଅନୁଷ୍ଠାନ ସୁନାମ ଅର୍ଜନ କରିଥିବା ଶ୍ରୀ ଜେନା ସୂଚନା ଦେଇଥିଲେ। ସେହିପରି ସାହିତ୍ୟିକ ଉମାକାନ୍ତ ନାୟକ, ଚିତ୍ତରଞ୍ଜନ ଚକ୍ରବର୍ତ୍ତୀ, ସୁପ୍ରତିଷ୍ଠିତ କଳାକାର ସୁଦୀପ୍ତ ସୁନ୍ଦର ସ୍ୱାଇଁ, ହରିହର ନନ୍ଦ ପ୍ରମୁଖ ଏଥିରେ ଅତିଥି ରୂପେ ଯୋଗଦେଇ ସଙ୍ଗୀତ ସାଧନା ଓ ଏହାର ପ୍ରଚାର ପ୍ରସାର ଦିଗରେ କ୍ରିଷ୍ଣା କଲଚରାଲ ଗ୍ରୁପ ସଦାସର୍ବଦା ତା'ର ଦାୟିତ୍ୱ ନିର୍ବାହ କରିଆସିଛି ଓ ଆଗକୁ ମଧ୍ୟ ଏହି ଧାରା ବଜାୟ ରହିବ ବୋଲି ଆଶାବ୍ୟକ୍ତ କରିଥିଲେ। ଏ ଅବସରରେ ଅନୁଷ୍ଠାନର ଦିବଂଗତ ପୂର୍ବତନ ସଭାପତି କ୍ଷେତ୍ରମୋହନ ନନ୍ଦଙ୍କ ସ୍ମୃତି ଉଦ୍ଦେଶ୍ୟରେ ୧ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା। ସମ୍ପାଦିକା କ୍ରିଷ୍ଣା ଦତ୍ତ ବାର୍ଷିକ ବିବରଣୀ ପାଠ କରିଥିବାବେଳେ ପ୍ରଦୀପ୍ତ ସାହୁ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ତ୍ରିଲୋକ୍ୟ ବିଶ୍ୱାଳ, ବ୍ରଜକିଶୋର ଦତ୍ତ, ଆଲୋକ ଖଟୁଆ, ରଶ୍ମିରଞ୍ଜନ ପୁହାଣ, ସୁବୋଧ ସାହୁ, ସାରଦା ଦାସ ଓ ଧୁମେଶ ଦାସ ପ୍ରମୁଖ ସହାୟତା କରିଥିଲେ।

**ଜିଲ୍ଲାସ୍ତରୀୟ ମତ୍ସ୍ୟ ଓ ପ୍ରାଣୀସମ୍ପଦ ମେଳା ଉଦଯାପିତ**

# ସମସ୍ତ ଯୋଜନା ଚାଷୀଙ୍କୁ ଜଣାଇବାକୁ ପରାମର୍ଶ

ଅନୁଗୋଳ,୧।୧(ସମିସ): ସ୍ଥାନୀୟ ବିଜୁ ମଇଦାନରେ ଆୟୋଜିତ ଜିଲ୍ଲାସ୍ତରୀୟ ମତ୍ସ୍ୟ ଓ ପ୍ରାଣୀସମ୍ପଦ ମେଳା ଉଦଯାପିତ ହୋଇଛି। ମୁଖ୍ୟଅତିଥି ଭାବେ ଢେଙ୍କାନାଳ ସାଂସଦ ରୁଦ୍ରନାରାୟଣ ପାଣି, ସମ୍ମାନିତ ଅତିଥି ଭାବେ ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ, କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କ ପ୍ରତିନିଧି ସୁଦୀପ ଗଡ଼ନାୟକ, ଅତିରିକ୍ତ ଜିଲ୍ଲାପାଳ ପ୍ରତାପ ପ୍ରୀତିମୟ, ଜିଲ୍ଲା ମୁଖ୍ୟପ୍ରାଣୀ ଚିକିତ୍ସା ଅଧିକାରୀ ଡା. ସତ୍ୟନାରାୟଣ ସାହୁ, ଜିଲ୍ଲା ମୁଖ୍ୟ ମତ୍ସ୍ୟ ଅଧିକାରୀ ପ୍ରଶାନ୍ତ କୁମାର ପାଣିଗ୍ରାହୀ, ଅତିରିକ୍ତ ଜିଲ୍ଲା ପ୍ରାଣୀ ଚିକିତ୍ସା ଅଧିକାରୀ ଡା. ପ୍ରତାପ କୁମାର ପଟ୍ଟନାୟକ ଯୋଗଦେଇଥିଲେ। ଚାଷୀମାନେ କିପରି ସରକାରୀ ଯୋଜନାଗୁଡ଼ିକର ଉପଯୋଗ କରି ରୋଜଗାରକ୍ଷମ ହୋଇପାରିବେ ସେ ସମ୍ପର୍କରେ ମୁଖ୍ୟଅତିଥି ଅବଗତ କରାଇଥିଲେ। ତୃଣମୂଳ ସ୍ତରରେ ପହଞ୍ଚି ସମସ୍ତ ସରକାରୀ ଯୋଜନା ସମ୍ପର୍କରେ ଚାଷୀଙ୍କୁ



ସରଳ ଭାଷାରେ ବୁଝାଇବାକୁ ଅନୁଗୋଳ ବିଧାୟକ ପ୍ରଧାନ ବିଭାଗୀୟ ଅଧିକାରୀଙ୍କୁ ପରାମର୍ଶ ଦେଇଛନ୍ତି। ମେଳାରେ ଅନୁଗୋଳ ଗୋଶାଳା, ଓମ୍ଫେଡ୍, କୃଷିବିଜ୍ଞାନ କେନ୍ଦ୍ର, ଗୋପାଳନ ସମ୍ବନ୍ଧୀୟ ଯନ୍ତ୍ରପାତି, ଉଦ୍ୟାନ କୃଷି, ଆରଏନ୍ ଇନ୍କ୍ୟୁବେଟର, ଜିଲ୍ଲା ବାଣିଜ୍ୟ କେନ୍ଦ୍ର ତଥା ବ୍ୟାଙ୍କ ଅଫ୍ ବରୋଦା ଆଦି ପକ୍ଷରୁ ୨୫ଟି ଷ୍ଟଲ ପ୍ରଦର୍ଶନ କରାଯାଇଥିଲା। ଏହି ଅବସରରେ କୁକୁଡ଼ା ପାଳନ କ୍ଷେତ୍ରରେ ପ୍ରଦୀପ ନାୟକ ଓ ସୀତାରାମ ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ଶ୍ରେଷ୍ଠ ପଶୁପାଳକ ଭାବେ ଏବଂ ବାୟୋଫ୍ଲୋକ୍ଟୋଲୋଜି ପାଇଁ ପିଙ୍କି ସାମଲ ଓ ମତ୍ସ୍ୟ ପୋଖରୀ ଯୋଜନା ନିମନ୍ତେ ଜଗନ୍ନାଥ ମେହେରଙ୍କୁ ୫ ହଜାର ଟଙ୍କା ଲେଖାଏଁ ଆର୍ଥିକ ପ୍ରୋତ୍ସାହନ ପ୍ରଦାନ କରାଯାଇଥିଲା। ୮ ଚାଷୀଙ୍କୁ ପ୍ରାଣୀ ପାଳନ ନିମନ୍ତେ କାର୍ଯ୍ୟାଦେଶ ଦିଆଯାଇଥିଲା। ଜିଲ୍ଲା ମୁଖ୍ୟପ୍ରାଣୀ ଚିକିତ୍ସା ଅଧିକାରୀ ଡା. ସତ୍ୟନାରାୟଣ ସାହୁ ସ୍ୱାଗତ ଭାଷଣ ଦେଇଥିବାବେଳେ ଜିଲ୍ଲା ମୁଖ୍ୟ ମତ୍ସ୍ୟ ଅଧିକାରୀ ପ୍ରଶାନ୍ତ କୁମାରପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ।

# ବିଦ୍ୟୁତ ଆଘାତରେ ଯୁବକ ମୃତ

ରାଜନଗର,୧।୧(ସମିସ): ରାଜନଗର ବ୍ଲକ ରଙ୍ଗଣୀ ପଞ୍ଚାୟତ ଗୋପାଳଜୀଉ ପାଟଣା ଗ୍ରାମରେ ଜଣେ ଯୁବକଙ୍କର ବିଦ୍ୟୁତ ଆଘାତରେ ମୃତ୍ୟୁ ହୋଇଛି। ମୃତକ ହେଲେ ଗ୍ରାମର ଶୁଶାନ୍ତ ଭୂୟାଁଙ୍କ ପୁଅ ସୁବ୍ରତ ଭୂୟାଁ (୨୭)। ସୁବ୍ରତ ବିଦ୍ୟୁତ ତାର ସଂସ୍ପର୍ଶରେ ଆସି ଗୁରୁତର ହୋଇପଡ଼ିଥିଲେ। ପରିବାର ଲୋକେ ତାଙ୍କୁ ତାଳଚୁଆ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ଅବସ୍ଥା ସଙ୍କଟାପନ୍ନ ଥିବାରୁ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୁଲିସ ମୃତଦେହ ଜବତ କରିଛି। ଶୁକ୍ରବାର ଶବ ବ୍ୟବଚ୍ଛେଦ କରାଯିବ ବୋଲି ସୂଚନା ମିଳିଛି।

**● ତାଳଚେର ପବିତ୍ର ମୋହନ ମେଡିକାଲ୍ କଲେଜ**

# ୮ରେ ଜିଲ୍ଲାପାଳ ଅଫିସ ଆଗରେ ଶାନ୍ତିପୂର୍ଣ୍ଣ ଧାରଣା

ତାଳଚେର,୧।୧(ସମିସ): ତାଳଚେର ପବିତ୍ର ମୋହନ ମେଡିକାଲ କଲେଜ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଆସନ୍ତା ୮ ତାରିଖ ଅନୁଗୋଳ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ୨୪ ଘଣ୍ଟିଆ ଶାନ୍ତିପୂର୍ଣ୍ଣ ଗଣଧାରଣା ଦିଆଯିବ ବୋଲି କମିଟି ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଏହାସହ ପରବର୍ତ୍ତୀ ସମୟରେ ତାଳଚେର ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ମଧ୍ୟ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଧାରଣା ଦିଆଯିବ ବୋଲି ଜଣାଇ ଦିଆଯାଇଛି। ସ୍ମାରକପତ୍ରରେ ଉଲ୍ଲେଖ କରାଯାଇଛି ଯେ ତାଳଚେର ପବିତ୍ର ମୋହନ ପ୍ରଧାନ ମେଡିକାଲ କଲେଜରେ ଚଳିତ ବର୍ଷଠାରୁ ଶିକ୍ଷାଦାନ ଆରମ୍ଭ କରାଯାଇଥିଲେ ମଧ୍ୟ ଏଯାବତ୍ ରୋଗୀସେବା ଆରମ୍ଭ ହୋଇନାହିଁ। ମେଡିକାଲ କଲେଜରେ ଅଭିଜ୍ଞ ଡାକ୍ତରଙ୍କ ଦ୍ୱାରା ଯଥାଶୀଘ୍ର ବାହ୍ୟ ଏବଂ ଅନ୍ତଃ ଚିକିତ୍ସା କରାଯାଇ ରୋଗୀସେବା ଆରମ୍ଭ କରାଯାଉ ବୋଲି ଦାବି କରାଯାଇଛି। ଦାବିପତ୍ରର ନକଲ ପ୍ରଧାନମନ୍ତ୍ରୀ, କେନ୍ଦ୍ର ଶିକ୍ଷାମନ୍ତ୍ରୀ, ରାଜ୍ୟ ସ୍ୱାସ୍ଥ୍ୟମନ୍ତ୍ରୀ, ଢେଙ୍କାନାଳ ସାଂସଦ, ତାଳଚେର ବିଧାୟକ, ଅନୁଗୋଳ ଏସ୍ପି, ଉପଜିଲ୍ଲାପାଳ, ଏସ୍ଡିପିଓ, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ସମେତ ଅନୁଗୋଳ ଏବଂ ତାଳଚେର ଥାନା ଅଧିକାରୀଙ୍କୁ ମଧ୍ୟ ପ୍ରଦାନ କରାଯାଇଛି। କ୍ରିୟାନୁଷ୍ଠାନ କମିଟି ସାଧାରଣ ସମ୍ପାଦକ ବିଜୟ କୁମାର ପ୍ରଧାନଙ୍କ ନେତୃତ୍ୱରେ ଅଭୟ ପାଣି, ପ୍ରଫୁଲ୍ଲ ନାଏକ, ରମାକାନ୍ତ ସାମଲ, ବିନୋଦ ଲାଲ ପ୍ରମୁଖ ଦାବିପତ୍ର ପ୍ରଦାନ କରିଥିଲେ।














































## ଦନ୍ତା ଆକ୍ରମଣରେ ମାନସିକ ବିକାରଗ୍ରସ୍ତ ବ୍ୟକ୍ତିଙ୍କ ମୃତ୍ୟୁ

ଅନୁଗୋଳ,୧ ।୧(ସମିସ): ଅନୁଗୋଳ ବନଖଣ୍ଡ ଅନ୍ତର୍ଗତ ବଡ଼କେରା ପଞ୍ଚାୟତ ଗୁରଙ୍ଗ ଖଇରା ସାହି ନିକଟ ଆଡ଼ଗଣ୍ଡି ନାଳ ପୋଲ ପାଖରେ ଦନ୍ତା ହାତୀ ଆକ୍ରମଣରେ ଜଣେ ମାନସିକ ବିକାରଗ୍ରସ୍ତ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ମୃତକଙ୍କ ପରିଚୟ ମିଳିପାରି ନାହିଁ। ତେବେ ତାଙ୍କ ବୟସ ପ୍ରାୟ ୪୦ ବର୍ଷ ହେବ ବୋଲି ଅନୁମାନ କରାଯାଉଛି। ମିଳିଥିବା ସୂଚନା ଅନୁଯାୟୀ, ମୃତ ବ୍ୟକ୍ତି ଜଣକ ବିଗତ ୪/୫ ବର୍ଷ ହେବ ଏହି ଅଞ୍ଚଳରେ ବୁଲାବୁଲି କରୁଥିଲେ। ଯିଏ ଯାହା ଦେଲେ ଖାଉଥିଲେ। ଗୁରୁବାର ଭୋର୍ ସମୟରେ ବ୍ୟକ୍ତି ଜଣକ ଖଇରାସାହିଠାରୁ ନାଳ ଆଡ଼କୁ ଯାଉଥିଲେ। ଘନ କୁହୁଡ଼ି ଯୋଗୁଁ କିଛି ଦେଖାଯାଉ ନ ଥିବା ବେଳେ ଦନ୍ତା ହାତୀ ସହ ମୁହାଁମୁହିଁ ହୋଇଥିଲେ। ହାତୀ ତାଙ୍କୁ ଶୁଣ୍ଢରେ ଟେକି କଚାଡ଼ି ଦେଇଥିଲା। ଘଟଣାସ୍ଥଳରେ ତାଙ୍କ ମୃତ୍ୟୁ ହୋଇଛି। ଅନୁଗୋଳ ବନ କର୍ମଚାରୀଙ୍କ ସହ ରେଞ୍ଜର ଉଦ୍ଧବ ବେହେରା ଓ ବନ୍ତଲା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଶବ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛନ୍ତି।

## ଗାଈ ଚରାଳିଙ୍କ ମୃତଦେହ ଉଦ୍ଧାର

କଣିହାଁ,୧ ।୧(ସମିସ): ରେଙ୍ଗାଳି ଥାନା ପୋଡ଼ାଗଡ଼ ଗାଁରେ ଗାଈ ଚରାଳିଙ୍କ ରକ୍ତାକ୍ତ ମୃତଦେହ ଉଦ୍ଧାର ହୋଇଛି। ମୃତକ ହେଲେ ଟିହିଙ୍କୁ ହେନ୍ତାଳ (୬୬)। ବୁଧବାର ଟିହିଙ୍କୁ ଗାଁରୁ ଗୋରୁପଲ ନେଇ ଜଙ୍ଗଲକୁ ଚରାଇବାକୁ ଯାଇଥିଲେ। ତେବେ ସେ ଆଉ ଘରକୁ ଫେରି ନ ଥିଲେ। ପରିବାର ଲୋକ ଓ ଗ୍ରାମବାସୀ ବହୁ ଖୋଜାଖୋଜି କରିଥିଲେ ମଧ୍ୟ ତାଙ୍କ ପତ୍ତା ପାଇ ନ ଥିଲେ। ଗୁରୁବାର ସକାଳ ୭ଟାରେ ମଠ ଜଙ୍ଗଲ ପାଖରୁ ତାଙ୍କ ରକ୍ତାକ୍ତ ମୃତଦେହ ମିଳିଥିଲା। ତାଙ୍କ ଚପଲ, ଝାମ୍ପି ଅନ୍ୟତ୍ର ପଡ଼ିଥିବା ବେଳେ ଶରୀରର ଅନେକ ସ୍ଥାନରେ କ୍ଷତ ରହିଛି। ଜଙ୍ଗଲୀ ଜନ୍ତୁ ଆକ୍ରମଣରେ ଟିହିଙ୍କୁଙ୍କ ମୃତ୍ୟୁ ହୋଇଥିବା ସନ୍ଦେହ ଉପୁଜିଛି। ଏ ସମ୍ପର୍କରେ ତାଙ୍କ ପୁଅ ପ୍ରତାପ ହେନ୍ତାଳ ରେଙ୍ଗାଳି ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ବନ ବିଭାଗ ଓ ରେଙ୍ଗାଳି ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିବା ସହ ପୁଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପାଲଲହଡ଼ା ଡାକ୍ତରଖାନା ପଠାଇଛି।

## ନବବର୍ଷରେ ହିଙ୍ଗୁଳା ପୀଠ ଲୋକାରଣ୍ୟ



ତାଳଚେର,୧ ।୧(ସମିସ): ଇଂରାଜୀ ନବବର୍ଷ ପାଳନ ଅବସରରେ ତାଳଚେରର ଅଧିଷ୍ଠାତ୍ରୀ ଦେବୀ ମା' ହିଙ୍ଗୁଳାଙ୍କ ଦର୍ଶନ ପାଇଁ ଗୋପାଳପ୍ରସାଦସ୍ଥିତ ପୀଠ ପରିସର ଲୋକାରଣ୍ୟ ହୋଇଯାଇଥିଲା। ପ୍ରବଳ ଶୀତ ଓ କୁହୁଡ଼ି ସତ୍ତ୍ୱେ ପ୍ରତ୍ୟୁଷରୁ ବହୁ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ମା'ଙ୍କ ପହିଲି ଦର୍ଶନ କରିବା ପାଇଁ ଭକ୍ତମାନେ ଲମ୍ବା ଧାଡ଼ିରେ ଠିଆ ହୋଇଥିଲେ। ଏହି ଅବସରରେ ପୀଠ ପରିସରରେ ବିଶ୍ୱଶାନ୍ତି ଯଜ୍ଞ ଅନୁଷ୍ଠିତ ହୋଇଥିଲା। ଭିଡ଼ ନିୟନ୍ତ୍ରଣ କରିବାକୁ ସ୍ଥାନୀୟ ପୁଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା।

## ମା' କଳିଙ୍ଗେଶ୍ୱରୀଙ୍କ ପୀଠରେ ଭକ୍ତଙ୍କ ଭିଡ଼

ଅନୁଗୋଳ,୧ ।୧(ସମିସ): ଅନୁଗୋଳ ବ୍ଲକ ଶାବଳଭଙ୍ଗା ଗ୍ରାମ ଅଭିମାଣପୁର ସାହିସ୍ଥିତ ମା' କଳିଙ୍ଗେଶ୍ୱରୀଙ୍କ ପୀଠରେ ଇଂରାଜୀ ନବବର୍ଷର ପ୍ରଥମ ଦିନରେ ଗୁରୁବାର ହଜାର ହଜାର ସଂଖ୍ୟାରେ ଭକ୍ତଙ୍କ ସମାଗମ ହୋଇଛି। ପୀଠ ନିକଟରେ ନାମ ସଂକୀର୍ତ୍ତନ ସହ ଭକ୍ତଙ୍କ ପାଇଁ ପ୍ରସାଦ ସେବନର କାର୍ଯ୍ୟକ୍ରମ ହୋଇଥିଲା। ସାହି ସଭାପତି କାହ୍ନୁଚରଣ ସାହୁଙ୍କ ତତ୍ତ୍ୱାବଧାନ ଏବଂ ସାହି ଲୋକଙ୍କ ସହଯୋଗରେ କାର୍ଯ୍ୟକ୍ରମ ହୋଇଥିଲା। ତେବେ ପୀଠକୁ ଯାତାୟାତ ପାଇଁ ଭଲ ରାସ୍ତା ନ ଥିଲେ ସୁଦ୍ଧା ବହୁ ଦୂରଦୂରାନ୍ତରୁ ଭକ୍ତ ଧାଇଁ ଆସିଥିଲେ। ରାତିରେ ସାଂସ୍କୃତିକ କାର୍ଯ୍ୟକ୍ରମ ଦଣ୍ଡବାଦ ଆୟୋଜନ କରାଯାଇଥିଲା।

## ଏବିଇଓଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



କିଶୋରନଗର,୧ ।୧(ସମିସ): କିଶୋରନଗର ଏବିଇଓ ତଥା ବିଆରସିସି ଦାୟିତ୍ୱରେ ଥିବା ଜବାହରଲାଲ ପ୍ରଧାନଙ୍କୁ ବୁଧବାର ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ ପୁଷ୍ପଗୁଚ୍ଛ, ମାନପତ୍ର ଓ ଉତ୍ତରୀୟ ଦେଇ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। କାର୍ଯ୍ୟକ୍ରମରେ ବିଇଓ ଅରୁଣ କୁମାର ସେଠୀ, ଏବିଇଓ ରମଣୀ ରଞ୍ଜନ ସାହୁ, ଲକ୍ଷଣ କୁମାର ଦେହୁରୀ, ଅବସରପ୍ରାପ୍ତ ଏବିଇଓ ଗଜେନ୍ଦ୍ର ବେହେରା, ପ୍ରଭାକର ରାଉଳଙ୍କ ସମେତ ଶିକ୍ଷା ବିଭାଗର କର୍ମଚାରୀ ଉପସ୍ଥିତ ରହି ପ୍ରଧାନଙ୍କ ଦୀର୍ଘ ନିରାମୟ ଜୀବନ କାମନା କରିଥିଲେ।

## ଅଜଣା ଗାଡ଼ି ଧକ୍କାରେ ବୃଦ୍ଧ ମୃତ

ପାଲଲହଡ଼ା,୧ ।୧(ସମିସ): ଗୁରୁବାର ସନ୍ଧ୍ୟାରେ ପାଲଲହଡ଼ା ଥାନା ମୁକ୍ତାପୁର ଢାବା ନିକଟରେ ଚାଲି ଚାଲି ଯାଉଥିବା ଜଣେ ବୃଦ୍ଧଙ୍କୁ ଅଜଣା ଗାଡ଼ି ଧକ୍କା ଦେବାରୁ ଘଟଣାସ୍ଥଳରେ ତାଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ନଗିରା ପଞ୍ଚାୟତ ଖଡ଼କା ଗାଁର ଲକ୍ଷ୍ମଣ ବେହେରା (୫୫)। ପୁଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ତଦନ୍ତ ଆରମ୍ଭ କରିଛି।

### ଜିଲ୍ଲା ଓ ଉପଖଣ୍ଡସ୍ତରୀୟ କୃଷି ଯନ୍ତ୍ରପାତି ମେଳା ଉଦଯାପିତ

# 'ଯନ୍ତ୍ରପାତି ଦ୍ୱାରା କୃଷି ଉତ୍ପାଦନ ବୃଦ୍ଧି ହୋଇଥାଏ'

କିଶୋରନଗର,୧ ।୧(ସମିସ)



କିଶୋରନଗର ବରପଡ଼ିଆରେ ୫ ଦିନଧରି ଚାଲିଥିବା ଜିଲ୍ଲା ଓ ଉପଖଣ୍ଡସ୍ତରୀୟ କୃଷି ଯନ୍ତ୍ରପାତି ମେଳା ଗୁରୁବାର ଉଦଯାପିତ ହୋଇଛି। ଜିଲ୍ଲା କୃଷି ଅଧିକାରୀ ଉମାଶଙ୍କର ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଅନୁଗୋଳ ଏୟୁସିସି ବ୍ୟାଙ୍କ ସଭାପତି ସନ୍ତୋଷ କୁମାର ପ୍ରଧାନ, ସମ୍ମାନିତ ଅତିଥି ଭାବେ ଆଠମଲ୍ଲିକ ଉପଜିଲ୍ଲାପାଳ ଉପେନ୍ଦ୍ର ଲୁହା, କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କ କିଶୋରନଗର ବ୍ଲକ ପ୍ରତିନିଧି ସରୋଜ କୁମାର ସାହୁ, ଆଠମଲ୍ଲିକ ପ୍ରତିନିଧି ପ୍ରକାଶ ଚନ୍ଦ୍ର ସାହୁ, ଜିଲ୍ଲା ଜଳଛାୟା ପ୍ରକଳ୍ପ ନିର୍ଦ୍ଦେଶକ ଜୟଶଙ୍କର ପ୍ରଧାନ, ଜିଲ୍ଲା ଉଦ୍ୟାନ କୃଷି ଉପନିର୍ଦ୍ଦେଶକ ଅମ୍ବର ଲୁଗୁନ, ଜିଲ୍ଲା କୃଷି ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀ ପ୍ରମୋଦ କୁମାର ଦାସ, ବିଡିଓ ସୁବ୍ରତ କୁମାର ବେହେରା, ଆଠମଲ୍ଲିକ ଅତିରିକ୍ତ ଜିଲ୍ଲା କୃଷି ଅଧିକାରୀ ବିନୋଦ କୁମାର ଦଳେଇ ଯୋଗଦେଇଥିଲେ। ଚାଷୀମାନେ ଚାଷକାର୍ଯ୍ୟରେ ଯନ୍ତ୍ରପାତି ବ୍ୟବହାର କଲେ କୃଷି ଉତ୍ପାଦନ ବୃଦ୍ଧି ହୋଇଥାଏ ବୋଲି ଅତିଥିମାନେ କହିଥିଲେ। ଏହି ଅବସରରେ ସଫଳ ଚାଷୀ ଓ ବିଭିନ୍ନ ଷ୍ଟଲ ଆଣିଥିବା ଗ୍ରୁପକୁ ପୁରସ୍କୃତ କରାଯାଇଥିଲା। ପରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଏହି ମେଳାରୁ ୫୦ରୁ ଊର୍ଦ୍ଧ୍ୱ ସବସିଡିରେ ବିଭିନ୍ନ ଯନ୍ତ୍ରପାତି କିଣି ଉପକୃତ ହୋଇଥଇଲେ। ଏଥିରେ ୫୭ଟି ଷ୍ଟଲ ପ୍ରଦର୍ଶିତ ହୋଇଥିଲା। ରଞ୍ଜିତ ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

### ୭୧ ତମ ରାଜ୍ୟ ଦୌଡ଼କୁଦ ପ୍ରତିଯୋଗିତା

## ଅନୁଗୋଳକୁ ୪ ସ୍ୱର୍ଣ୍ଣ ସହ ୬ ପଦକ



ଅନୁଗୋଳ,୧ ।୧(ସମିସ): କଟକ ରିଜର୍ଭ ପୁଲିସ ପଡ଼ିଆରେ ଡିସେମ୍ବର ୨୭ରୁ ୩୦ ତାରିଖ ପର୍ଯ୍ୟନ୍ତ ୭୧ତମ ରାଜ୍ୟ ଦୌଡ଼କୁଦ ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। ଏଥିରେ ଅନୁଗୋଳ ଦଳକୁ ୪ ସ୍ୱର୍ଣ୍ଣ ସହ ମୋଟ ୬ ପଦକ ମିଳିଛି। ସ୍ୱାଧୀନ କୁମାର ମାଝୀଙ୍କୁ ପୁରୁଷ ଉଚ୍ଚଡିଆଁରେ ସ୍ୱର୍ଣ୍ଣ ପଦକ ମିଳିଛି। ସେହିଭଳି ଦୁଷ୍ମନ୍ତ ପ୍ରଧାନ ୨୩ ବର୍ଷରୁ କମ ପରୁଷ ୧୦ କିମି ଦ୍ରୁତ ଚାଲିରେ ସ୍ୱର୍ଣ୍ଣ, ପ୍ରିୟବ୍ରତ ପ୍ରଧାନ ପୁରୁଷ ଜାଭଲିନ ଥ୍ରୋରେ ସ୍ୱର୍ଣ୍ଣ, ଡୁମାଣି ହାଁସଦା ୧୬ ବର୍ଷରୁ କମ ୬୦୦ ମିଟର ଦୌଡ଼ରେ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ରାଜଲକ୍ଷ୍ମୀ ବେହେରା ୧୬ ବର୍ଷରୁ କମ ବାଳିକା ବିଭାଗ ଜାଭଲିନରେ ରୌପ୍ୟ ଏବଂ ପ୍ରଦୀପ ଗଡ଼ନାୟକ ୨୩ ବର୍ଷରୁ କମ ପୁରୁଷ ବିଭାଗ ୫ କିମି ଦୌଡ଼ରେ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ସୌରଭ ଶତପଥୀ ୧୮ ବର୍ଷରୁ କମ ୧୦୦ ଓ ୨୦୦ ମିଟର ଦୌଡ଼ରେ ୫ମ ସ୍ଥାନ ହାସଲ କରି ନିଜ ପ୍ରତିଭା ପ୍ରଦର୍ଶନ କରିଛନ୍ତି। ଏହି ଗସ୍ତରେ ନୀଳମଣି ଦାସ ମ୍ୟାନେଜର, ହେମନ୍ତ ଦାସ ଓ ଲୋପାମୁଦ୍ରା ସାହୁ କୋଚ ରୂପେ ସାମିଲ ଥିଲେ। ଫଳାଫଳ ନେଇ ଜିଲ୍ଲା କ୍ରୀଡ଼ା ସଂସଦ ସମ୍ପାଦକ ଡ. ଗୌରଗୋବିନ୍ଦ ସାମନ୍ତ, ଉପସଭାପତି ନେତ୍ରାନନ୍ଦ ମହାକୁଡ଼ ଏବଂ ସହସମ୍ପାଦକ ପେସ୍କାର ଗଡ଼ନାୟକ, ଜିଲ୍ଲା କ୍ରୀଡ଼ା ଅଧିକାରୀ ଅକ୍ଷୟ କୁମାର ସିଠଙ୍କ ସମେତ ବରିଷ୍ଠ ସଦସ୍ୟ ପ୍ରଦୀପ ଦେବତା, ରୁଚିର କୁମାର ଦାସ, ବସନ୍ତ କୁମାର ଦାସ, ପ୍ରଭାସ କୁମାର ଦାସ, ରମେଶ ଚନ୍ଦ୍ର ସାହୁ ପ୍ରମୁଖ ଖୁସିବ୍ୟକ୍ତ କରିବା ସହ ବିଜୟୀମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

## ନିଆରା ଢଙ୍ଗରେ ନୂଆବର୍ଷ ପାଳିଲେ ଖାଦ୍ୟ କମିଶନ ଅଧ୍ୟକ୍ଷ



ଖମାର,୧ ।୧(ସମିସ): ପବିତ୍ର ନୂତନ ବର୍ଷ -୨୦୨୬ ଅବସରରେ ଶ୍ରଦ୍ଧା ସେବା ସହଯୋଗ ସଙ୍ଗଠନର ପ୍ରତିଷ୍ଠାତା ତଥା ଓଡ଼ିଶା ରାଜ୍ୟ ଖାଦ୍ୟ ଆୟୋଗ ଅଧ୍ୟକ୍ଷ ଇଂ ଅବନୀକାନ୍ତ ସାହୁ ନିଆରା ଢଙ୍ଗରେ ଏହି ଉତ୍ସବକୁ ପାଳନ କରିଛନ୍ତି। ଏହି ଅବସରରେ ତିରିବି ଶିବ ମନ୍ଦିରରେ ଯାଇ ପୂଜାର୍ଚ୍ଚନା କରି ଆଶିର୍ବାଦ ଭିକ୍ଷା କରି ଜଗତର କଲ୍ୟାଣ ନିମନ୍ତେ କାମନା କରିଥିଲେ। ମନ୍ଦିରର ପୂଜାରୀ ମାନଙ୍କୁ ନୂତନ ବର୍ଷ -୨୦୨୬ର ଶୁଭେଚ୍ଛା ଜଣାଇବା ସହିତ ସେମାନଙ୍କୁ ଶ୍ରଦ୍ଧା ସେବା ସହଯୋଗ ସଙ୍ଗଠନର ସଦସ୍ୟ ମାନଙ୍କ ମିଶି କମ୍ବଳ ବଣ୍ଟନ କରିଥିଲେ। ତା ପରବର୍ତୀ ସମୟରେ ମାଲ୍ୟଗିରି ପର୍ବତର ପାଦଦେଶର ଥିବା ବାଗୁଡ଼ିଭୂୟାଁ ଅଞ୍ଚଳରେ ଯେଉଁଠାରେ କି ଥଣ୍ଡାର ପ୍ରକୋପ ଅଧିକ ରହିଥାଏ ସେହି ଅଞ୍ଚଳର ବିଭିନ୍ନ ଗାଁ ଗୁଡ଼ିକରେ ଜନ ସାଧାରଣ ମାନଙ୍କୁ ଶୀତ ଦାଉରୁ ରକ୍ଷା କରିବା ପାଇଁ ଖାଦ୍ୟ କମିଶନ ଅଧ୍ୟକ୍ଷ ଇଂ ଅବନୀକାନ୍ତ ସାହୁ ଏବଂ ଶ୍ରଦ୍ଧା ସେବା ସହଯୋଗ ସଙ୍ଗଠନର ସମସ୍ତ ସଦସ୍ୟ ମାନଙ୍କ ଉଦ୍ୟମରେ କମ୍ବଳ ବଣ୍ଟନ କରିଥିଲେ ଓ ଇଂରାଜୀ ନୂତନ ବର୍ଷ -୨୦୨୬କୁ ଏକ ନିଆରା ପରମ୍ପରା ଅନୁସାରେ ସମସ୍ତଙ୍କ ସହିତ ମିଳିମିଶି ପାଳନ କରିଥିଲେ।

## 'ଆଗେଇବା'ର ସ୍ୱନକ୍ଷତ୍ର ଦିବସ ପାଳିତ



ଅନୁଗୋଳ,୧ ।୧(ସମିସ): ଦୈନିକ ଖବରକାଗଜ "ଆଗେଇବା' ପ୍ରକାଶନର ପ୍ରଥମ ବାର୍ଷିକ ଉତ୍ସବ ଓ ସ୍ୱାଭିମାନ ଦିବସ ଏୟୁସିସି ବ୍ୟାଙ୍କ୍ ସମ୍ମିଳନୀ କକ୍ଷରେ ପାଳିତ ହୋଇଛି। "ଆଗେଇବା' ସମ୍ପାଦକ ତଥା ପୂର୍ବତନ ସାଂସଦ ମହେଶ ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲ୍ଲା ପ୍ରତିନିଧି ପର୍ଶୁରାମ ଦାଶ ମଞ୍ଚ ପରିଚାଳନା କରିଥିଲେ। ସମ୍ମାନିତ ଅତିଥି ଭାବେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ବବିତା ପ୍ରଧାନ, ଅନୁଗୋଳ ପୌରାଧ୍ୟକ୍ଷ ଅକ୍ଷୟ କୁମାର ସାମନ୍ତ ଯୋଗଦେଇଥିଲେ। ୧୯୮୧ରୁ ପାକ୍ଷିକ ଓ ପରେ ସାପ୍ତାହିକ ଖବରକାଗଜ ଭାବେ ପ୍ରକାଶନ ପରେ ଲୋକଙ୍କ ସ୍ୱର ହୋଇ ଛିଡ଼ା ହେବାର ପରିକଳ୍ପନା ନେଇ ଏହା ୨୦୨୫ ଜାନୁଆରୀ ୧ରେ ଦୈନିକ ପ୍ରକାଶନର ମାନ୍ୟତା ପାଇଥିଲା ବୋଲି ସମ୍ପାଦକ ସାହୁ ପ୍ରକାଶ କରିଥିଲେ। ଅନୁଗୋଳରେ ବଢୁଥିବା ପ୍ରଦୂଷଣ ପ୍ରସଙ୍ଗରେ ଉଦବେଗ ପ୍ରକାଶ ପାଇଥିଲା। ସାମ୍ବାଦିକ ଓ ଓକିଲମାନଙ୍କ ନେତୃତ୍ୱରେ ଜନସାଧାରଣଙ୍କୁ ସାମିଲ କରାଯାଇ ଏହାର ସମାଧାନ ଦିଗରେ ପଦକ୍ଷେପ ନେବା ନିମନ୍ତେ ଆଲୋଚନା ହୋଇଥିଲା। ୧୯୭୫ ମସିହା ଜରୁରୀ ପରିସ୍ଥିତି ସମୟରେ ଏହା ବିରୋଧରେ ଆନ୍ଦୋଳନ କରି କେନ୍ଦ୍ର ସରକାର ଦ୍ୱାରା ଗିରଫ ହୋଇ ବର୍ଷାଧିକ କାଳ କାରାବରଣ କରିଥିବା ଓ ପରେ ରାଜ୍ୟ ସରକାରଙ୍କ ଦ୍ୱାରା ଅନୁମୋଦିତ ହୋଇଥିବା ଅନୁଗୋଳର ଦୁଇ ଲୋକତନ୍ତ୍ର ସେନାନୀ ତ୍ରିଲୋଚନ ପ୍ରଧାନ ଓ ବିଶ୍ୱନାଥ ପଣ୍ଡାଙ୍କୁ ସମ୍ମାନିତ କରାଯାଇଥିଲା। ସମାଜସେବୀ ବିମଳ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ଅନୁଗୋଳର ଆନ୍ତର୍ଜାତିକ କ୍ରୀଡ଼ାବିତ୍ ପ୍ରକାଶ ଗଡ଼ନାୟକ ସମ୍ବର୍ଦ୍ଧିତ



ଅନୁଗୋଳ,୧ ।୧(ସମିସ): ଭୁବନେଶ୍ୱର ଜୟଦେବ ଭବନରେ ଆୟୋଜିତ ଏକ ପାକ୍ଷିକ ଓଡ଼ିଆ ଖବରକାଗଜର ସ୍ୱନକ୍ଷତ୍ର ଉତ୍ସବରେ ଅନୁଗୋଳ ମାଟିର ପୁଅ ଆନ୍ତର୍ଜାତିକ ଖ୍ୟାତିସମ୍ପନ୍ନ କ୍ରୀଡ଼ାବିତ୍ ପ୍ରକାଶ କୁମାର ଗଡ଼ନାୟକଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ପ୍ରଫେସର ଡ. ପ୍ରତିଭା ମହାରଥୀ ଯୋଗଦେଇ ପ୍ରକାଶଙ୍କୁ ପୁଷ୍ପମାଲ୍ୟ, ମାନପତ୍ର ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିଛନ୍ତି। ସୂଚନାଯୋଗ୍ୟ, ପ୍ରକାଶ ବାୟୁସେନାରୁ ସ୍ୱେଚ୍ଛାକୃତ ଅବସର ନେବା ପରେ ୨୦୧୦ରେ ମାଷ୍ଟର୍ସ ଆଥଲେଟ୍ ଭାବେ ଅନେକ ରାଜ୍ୟ ଜାତୀୟ ଓ ଆନ୍ତର୍ଜାତୀୟ କ୍ରୀଡ଼ା ପ୍ରତିଯୋଗିତାରେ ଅଂଶଗ୍ରହଣ କରି ଅନେକ ସଫଳତା ସାଉଁଟିଛନ୍ତି। ସେ ଅନ୍ତର୍ଜାତୀୟ ସ୍ତରରେ ବାଂଲାଦେଶ, ଶ୍ରୀଲଙ୍କା, ମାଲେସିଆ, ନେପାଳ, ଭୁଟାନ ଓ ଥାଇଲାଣ୍ଡ ପ୍ରଭୃତି ଦେଶରେ ନିଜ ଜଲୱା ଦେଖାଇ ୧୨ଟି ସ୍ୱର୍ଣ୍ଣପଦକ ସହ ସମୁଦାୟ ୧୯ଟି ଅନ୍ତର୍ଜାତୀୟ ପଦକ ଜିଣି ଭାରତକୁ ବିଶ୍ୱ ଦରବାରରେ ଏକ ଭିନ୍ନ ପରିଚୟ ପ୍ରଦାନ କରିଛନ୍ତି। ସେ ଏକାଧାରରେ ଜଣେ ବାୟୁଯୋଦ୍ଧା, ସମାଜସେବୀ, ବାଦ୍ୟକାର, କଣ୍ଠଶିଳ୍ପୀ, ଚିତ୍ରକର ଓ ଦ୍ରୁତ ସାଇକଲ ଚାଳକ ଭାବେ ବେଶ୍ ଖ୍ୟାତିଲାଭ କରିଛନ୍ତି।

## ସଡ଼କ ସୁରକ୍ଷା ମାସର ଶୁଭାରମ୍ଭ



ଅନୁଗୋଳ,୧ ।୧(ସମିସ): ଆଜିର ଜାତୀୟ ସ?କ ସୁରକ୍ଷା ମାସ ଉଦଘାଟନ ସମାରୋହରେ ଅନୁଗୋଳ ଜିଲ୍ଲାପାଳ ଶ୍ରୀ ଅବଦାଲ୍ ମୁହମ୍ମଦ୍ ଅଖତର ପତାକା ଦେଖାଇ ସ?କ ସୁରକ୍ଷା ମାସର ଶୁଭାରମ୍ଭ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଉଦୟ କୁମାର ମହାପାତ୍ର, ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ପ୍ରତାପ ପ୍ରୀତିମୟ, ଅନୁଗୋଳ ଉପ-ଜିଲ୍ଲାପାଳ ଶ୍ରୀ ମାୟାଧର ବେହେରା, ଅନୁଗୋଳ ଆଞ୍ଚଳିକ ପରିବହନ ଅଧିକାରୀ ଶ୍ରୀ ସମ୍ବିତ କୁମାର,ତାଳଚେର ଆଞ୍ଚଳିକ ପରିବହନ ଅଧିକାରୀ ଶ୍ରୀ ନିଖିଳ କୁମାର ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଜିଲ୍ଲାସ୍ତରୀୟ ବିଭାଗୀୟ ଅଧିକାରୀମାନେ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଏହି ସଚେତନତା କାର୍ଯ୍ୟକ୍ରମ ଏକ ମାସ ପର୍ଯ୍ୟନ୍ତ ଜାରି ରହିବ।ଏହାର ମୁଖ୍ୟ ଉଦ୍ଦେଶ୍ୟ ହେଲା ଲୋକମାନଙ୍କୁ ସଚେତନ କରି ସଡକ ଜନିତ ଦୁର୍ଘଟଣାକୁ ହ୍ରାସ କରିବା।

## ୪ରୁ ୮ ସାତକୋଶିଆ ବନ୍ଦ

ଅନୁଗୋଳ,୧ ।୧(ସମିସ): ବାର୍ଷିକ କୁମ୍ଭୀର ଓ ପକ୍ଷୀ ଗଣନା ପାଇଁ ଜାନୁଆରୀ ୪ରୁ ୮ ତାରିଖ ପର୍ଯ୍ୟନ୍ତ ସାତକୋଶିଆ ଅଭୟାରଣ୍ୟ ପର୍ଯ୍ୟଟକଙ୍କ ପାଇଁ ବନ୍ଦ ରହିବ। ଏ ନେଇ ସାତକୋଶିଆ ୱାଇଲ୍ଡ ଲାଇଫ ଡିଏଫ୍ଓ ସୂଚନା ଦେଇଛନ୍ତି। ଏ ସମ୍ପର୍କରେ ରାଜ୍ୟ ପିସିସିଏଫ୍, ସାତକୋଶିଆ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର ଆର୍‌ସିସିଏଫ୍, କଟକ ଓ ଅନୁଗୋଳ ଜିଲ୍ଲାପାଳଙ୍କୁ ସୂଚନା ଦିଆଯାଇଛି।

## ପଞ୍ଚଧାର ସାହିତ୍ୟ ସଂସଦର ଶୀତ ଆସର




କିଶୋରନଗର,୧ ।୧(ସମିସ): ଆଠମଲ୍ଲିକର ଅଗ୍ରଣୀ ସାହିତ୍ୟ ଓ ସାଂସ୍କୃତିକ ଅନୁଷ୍ଠାନ ପଞ୍ଚଧାର ସାହିତ୍ୟ ସଂସଦ ପକ୍ଷରୁ ନୂତନ ବର୍ଷକୁ ସ୍ୱାଗତ ଜଣାଇ ଶୀତ ଆସର ଅନୁଷ୍ଠିତ ହୋଇଛି। ସ୍ଥାନୀୟ ସୂଚନା କେନ୍ଦ୍ରରେ ସଭାପତି ପ୍ରାକ୍ତନ ଅଧ୍ୟାପକ ବିବେକାନନ୍ଦ ବେହେରାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ କବିତା ପାଠୋତ୍ସବ ଓ ସଙ୍ଗୀତ ପରିବେଷଣ ହୋଇଥିଲା। ପଞ୍ଚଧାର ସାହିତ୍ୟ ସଂସଦ ସମ୍ପାଦକ ଇଂ ଆଭାସ କୁମାର କ୍ଷେତୀ କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ସର୍ବେଶ୍ୱର ଘିବାଲା, ଶାନ୍ତନୁ କୁମାର ମେହେର, ବାବୁଲି ଦେହୁରିଆ ପ୍ରମୁଖ ସ୍ୱରଚିତ କବିତା ପାଠ କରିଥିଲେ। କଣ୍ଠଶିଳ୍ପୀ ବିଭୂତି ଭୂଷଣ ରଥ ଓଡ଼ିଆ ଚଳଚ୍ଚିତ୍ରର ପୁରୁଣା ହିଟ୍ ସଙ୍ଗୀତ ପରିବେଷଣ କରିଥିବା ବେଳେ ପରମେଶ୍ୱର ପାତ୍ର ଭଜନ ଓ ରଞ୍ଜନ କୁମାର ସ୍ୱାଇଁ ପୁରୁଣା ହିନ୍ଦୀ ଚଳଚ୍ଚିତ୍ର ଗୀତ ପରିବେଷଣ କରିଥିଲେ। ସାମ୍ବାଦିକ ଉଦୀପ୍ତ ପୁରୋହିତ ଓ ଆଇନଜୀବୀ ଦୀନେଶ ସିଂ ସାମନ୍ତ ସଂସଦର ଆଗାମୀ କାର୍ଯ୍ୟକ୍ରମ ସମ୍ପର୍କରେ ମତାମତ ପ୍ରଦାନ କରିଥିଲେ। ବାଦ୍ୟଯନ୍ତ୍ରରେ ଗୁରୁ ଶ୍ରୀଧର ମହାନ୍ତି ଓ ଯୁବ ତବଲା ବାଦକ ମାନସ କର୍ଣ୍ଣ ସହଯୋଗ କରିଥିଲେ। ଶିକ୍ଷକ ମାନସ ବିଶ୍ୱାଳ ଓ ରଣଜିତ୍ ରଣା ସହଯୋଗ କରିଥିଲେ। ଯୁବଶିଳ୍ପୀ ଅଭିଳାଷ ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ।

### ଆନ୍ତର୍ଜାତିକ ସମବାୟ ବର୍ଷ-୨୦୨୫ ଉଦଯାପିତ

# ଛୋଟ ଉଦ୍ୟୋଗର ଆର୍ଥିକ ଉନ୍ନତି ଦିଗରେ ଦୃଷ୍ଟି ଦେବାକୁ ପରାମର୍ଶ



ଅନୁଗୋଳ,୧ ।୧(ସମିସ): ସ୍ଥାନୀୟ ପୌରପାଳିକା ଟାଉନ୍ ହଲରେ ସମବାୟ ସମିତି ସମୂହ ଉପନିବନ୍ଧକଙ୍କ ଦ୍ୱାରା ଆୟୋଜିତ ଆନ୍ତର୍ଜାତିକ ସମବାୟ ବର୍ଷ-୨୦୨୫ ଉଦ୍‌ଯାପିତ ହୋଇଛି। ଚଳିତ ବର୍ଷର ବାର୍ତ୍ତା 'ସମବାୟ ମାଧ୍ୟମରେ ଏକ ଉତ୍କୃଷ୍ଟ ପୃଥିବୀ ଗଠନ'। ଅତିରିକ୍ତ ଜିଲ୍ଲାପାଳ ପ୍ରତାପ ପ୍ରୀତିମୟ ମୁଖ୍ୟଅତିଥି ଭାବେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ସମବାୟ ମାଧ୍ୟମରେ କିପରି କ୍ଷୁଦ୍ର ଓ ନାମମାତ୍ର ଚାଷୀ ଏବଂ ଛୋଟ ଉଦ୍ୟୋଗୀମାନଙ୍କ ଆର୍ଥିକ ଉନ୍ନତି ହୋଇପାରିବ ସେ ଦିଗରେ ଦୃଷ୍ଟି ଦେବାକୁ ମୁଖ୍ୟଅତିଥି ସମସ୍ତ ସମବାୟ ଅନୁଷ୍ଠାନଗୁଡ଼ିକୁ ପରାମର୍ଶ ଦେଇଥିଲେ। ପରେ ସମବାୟ ସମିତି ସମୂହ ଉପନିବନ୍ଧକ ୨୦୨୫ରେ ସମିତି ମାଧ୍ୟମରେ ନିଆଯାଇଥିବା ବିଭିନ୍ନ କାର୍ଯ୍ୟକ୍ରମର ସଫଳ କାହାଣୀକୁ ପାୱାର ପଏଣ୍ଟ ମାଧ୍ୟମରେ ପ୍ରଦର୍ଶନ କରିଥିଲେ। ଅନୁଗୋଳ ସ୍ୱୟଂଶାସିତ ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ସାନ୍ତନୁ କୁମାର ସର ମୁଖ୍ୟବକ୍ତା ଭାବେ ଯୋଗଦେଇ ସମବାୟ କ୍ଷେତ୍ରରେ ଅନ୍ତର୍ଜାତୀୟ, ଜାତୀୟ ଏବଂ ରାଜ୍ୟବ୍ୟାପୀ ସମବାୟର ସଫଳ କାହାଣୀ କହିବା ସହ ସମବାୟ ଆନ୍ଦୋଳନରେ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଭୂମିକା ବର୍ଣ୍ଣନା କରିଥିଲେ। ଏହି ଅବସରରେ ଉଲ୍ଲେଖନୀୟ କାର୍ଯ୍ୟ ନିମନ୍ତେ ୫ଟି ସମବାୟ ସମିତି ଏବଂ ୩ଟି ଏସ୍ଏଚ୍‌ଜିକୁ ଅତିଥି ପୁରସ୍କୃତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅନୁଗୋଳ କେନ୍ଦ୍ର ସଂଯୁକ୍ତ କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତି ସନ୍ତୋଷ କୁମାର ପ୍ରଧାନ, ଅନୁଗୋଳ ଉପଜିଲ୍ଲାପାଳ ମାୟାଧର ବେହେରା, ରାଜ୍ୟ ସମବାୟ ମହାସଂଘ ନିର୍ଦ୍ଦେଶକ ଚିତ୍ତରଞ୍ଜନ ନାୟକ, ଅନୁଗୋଳ ସଂଯୁକ୍ତ କେନ୍ଦ୍ର ସମବାୟ ବ୍ୟାଙ୍କ ନିର୍ଦ୍ଦେଶକ ସରୋଜ କୁମାର ନାୟକ, ନିର୍ଦ୍ଦେଶିକା ସଂଯୁକ୍ତା ସାହୁ, ଆଞ୍ଚଳିକ ସମବାୟସମିତି ସଭାପତି ନାରାୟଣ ତ୍ରିପାଠୀ, ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଡା. ସତ୍ୟ ନାରାୟଣ ସାହୁଙ୍କ ସମେତ ବିଭିନ୍ନ ସମବାୟ ସମିତିର ସଭାପତି, ସମ୍ପାଦକ, ଏସ୍ଏଚ୍‌ଜି ସଦସ୍ୟା, ବିଭାଗୀୟ ଅଧିକାରୀ ଓ କର୍ମକର୍ତ୍ତା ଉପସ୍ଥିତ ଥିଲେ। ନିରଞ୍ଜନ ସେଠ ଧନ୍ୟବାଦ ଅର୍ପଣ କରିଥିବାବେଳେ ଅବନୀକାନ୍ତ ମିଶ୍ର ମଞ୍ଚ ପରିଚାଳନା କରିଥିଲେ।

ସକାଳ
THE SAKALA

# ସମ୍ପାଦକୀୟ



ଆମେ ପରସ୍ପରର ପରିପୂରକ ବୋଲି ଭୁଲି ଯାଇଥିବାରୁ ବିଶ୍ୱରେ ଶାନ୍ତି ବ୍ୟାହତ ହେଉଛି।

-ମଦର ଟେରେସା

## ଭ୍ୟାକ୍‌ସିନ୍ ଭୟ

ଅମୃତ ଯଦି ବିଷ ପାଲଟେ, ଔଷଧ ଯଦି ରୋଗ ସୃଷ୍ଟି କରେ, ଟିକା ଯଦି ସଂକ୍ରମଣକୁ ଜନ୍ମ ଦିଏ ତେବେ ଅତ୍ୟାଧୁନିକ ଭେଷଜ ବିଜ୍ଞାନ ଯୁଗରେ ଏହାକୁ କେବଳ ଏକ ବିଡ଼ମ୍ବନା ନୁହେଁ, ବ୍ୟତିକ୍ରମ ବୋଲି କହିବାକୁ ହେବ। ଦୁର୍ଭାଗ୍ୟବଶତଃ ଏଭଳି ଏକ ଅଲୋଡ଼ା ବ୍ୟତିକ୍ରମ ଓ ବିଡ଼ମ୍ବନା ସହିତ ଭାରତର ନାମ ପୁଣି ଥରେ ଯୋଡ଼ି ହୋଇଯାଇଛି। ଅଷ୍ଟ୍ରେଲିଆ ଓ ଇଂଲଣ୍ଡ ବଜାରରେ ବିକ୍ରି ହେଉଥିବା ଭାରତରେ ଉତ୍ପାଦିତ 'ଅଭୟରାବ୍' ନାମକ ଏକ ଆଣ୍ଟିରାବିଜ୍ ଟିକା(କୁକୁର, ବିରାଡ଼ି, ବିଲୁଆ, ବାଦୁଡ଼ି, ମାଙ୍କଡ଼ ଆଦି ପ୍ରାଣୀ କାମୁଡ଼ା ଜନିତ ପ୍ରାଣଘାତୀ ସଂକ୍ରମଣରୁ ସୁରକ୍ଷା ପାଇଁ ପ୍ରତିଷେଧକ) ନେଇ ସେଠାକାର କେତେକ ବ୍ୟକ୍ତି ସଂକ୍ରମଣର ଶିକାର ହୋଇଥିବା ଅଭିଯୋଗ ହୋଇଛି। ଏପରିକି ଯେଉଁମାନେ ପ୍ରତିଷେଧକ ରୂପେ ଆଗୁଆ 'ଅଭୟରାବ୍' ନେଇସାରିଛନ୍ତି ସେମାନେ ଟିକା ପ୍ରଭାବକୁ କାଟିବା ପାଇଁ ତୁରନ୍ତ ଡାକ୍ତରୀ ଚିକିତ୍ସା କରାଇବାକୁ ଅଷ୍ଟ୍ରେଲିଆ ସମେତ ଇଂଲଣ୍ଡ ଓ ଆମେରିକାର ସ୍ୱାସ୍ଥ୍ୟ ବିଭାଗ ଜରୁରୀ ପରାମର୍ଶ ଦେଇଛି। ଏପରିକି ଭାରତରୁ ସେଠାକୁ ଯାଉଥିବା ପର୍ଯ୍ୟଟକମାନେ 'ଅଭୟରାବ୍' ନେଇଛନ୍ତି କି ନାହିଁ ତାହାର ଯାଞ୍ଚ କରିବାକୁ ସମ୍ପୃକ୍ତ ଦେଶର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟମାନେ ମାର୍ଗଦର୍ଶିକା ଜାରି କରିଥିବା ସୂଚନା ମିଳିଛି।

ସାଂଘାତିକ ତଥା ଉଦ୍‌ବେଗଜନକ ତଥ୍ୟ ହେଲା ଏହି ଟିକା ପ୍ରସ୍ତୁତକାରୀ କମ୍ପାନୀ 'ହ୍ୟୁମାନ୍ ବାୟୋଲଜିକାଲ୍ ଇନ୍‌ଷ୍ଟିଚ୍ୟୁଟ୍' ହେଉଛି ଏକ ରାଷ୍ଟ୍ରାୟତ୍ତ ଉଦ୍ୟୋଗ। ଗତ ନଭେମ୍ବର ମାସରୁ 'ଅଭୟରାବ୍'ର କେତେକ ନକଲି ବା ଭେଜାଲ୍ ଟିକା ଭାରତର ବିଭିନ୍ନ ସହରର ଔଷଧ ବଜାରକୁ ଆସିଥିବା ଜଣାପଡ଼ିବା ପରେ ଆମେରିକାର 'ସେଣ୍ଟର ଫର ଡିଜିଜ୍ କଣ୍ଟ୍ରୋଲ୍ ଆଣ୍ଡ ପ୍ରିଭେନ୍‌ସନ୍' ପକ୍ଷରୁ ଭାରତୀୟ ପର୍ଯ୍ୟଟକଙ୍କ ଉପରେ ସତର୍କ ଦୃଷ୍ଟି ରଖାଯାଇଛି। ବିଶେଷକରି ଗତ ଅକ୍ଟୋବର ମାସରୁ ଆମେରିକା ଆସିଥିବା ଭାରତୀୟ ପର୍ଯ୍ୟଟକମାନେ 'ଅଭୟରାବ୍' ନେଇଛନ୍ତି କି ନାହିଁ ତାହାର ଯାଞ୍ଚ କରିବାକୁ ଆମେରିକାରେ କଡ଼ା ନିର୍ଦ୍ଦେଶ ଦିଆଯାଇଛି।

ଏଠାରେ ଦୁଇଟି ପ୍ରସଙ୍ଗ ଉଦ୍‌ବେଗ ସୃଷ୍ଟି କରୁଛି। ପାଶ୍ଚାତ୍ୟ ଦେଶମାନେ 'ଅଭୟରାବ୍' ଭେଜାଲ୍ ହୋଇଥିବା ବ୍ୟାଚ୍‌ର ଘାତକ ଚରିତ୍ର ବିଷୟରେ ସତର୍କ ସୂଚନା ଜାରି କରିସାରିଥିବା ବେଳେ ଭାରତରେ ସେଭଳି ନିଷ୍ଠା ଦେଖାଯାଇନାହିଁ। ଯେଉଁ ପୀଡ଼ିତମାନେ ଉକ୍ତ ବିବାଦୀୟ ବ୍ୟାଚ୍‌ର ଟିକା ନେଇସାରିଛନ୍ତି ସେମାନଙ୍କ ସ୍ୱାସ୍ଥ୍ୟ ବିଷୟରେ ମଧ୍ୟ କର୍ତ୍ତୃପକ୍ଷ ଗୁରୁତ୍ୱ ଦେଇନାହାନ୍ତି। ଦ୍ୱିତୀୟ ପ୍ରସଙ୍ଗଟି ସାମଗ୍ରିକ ଭାବେ ଦେଶର ଭାବମୂର୍ତ୍ତି, ବିଶ୍ୱସନୀୟତା ଓ ଅର୍ଥନୀତି ସହିତ ଜଡ଼ିତ। ଭାରତୀୟ ଔଷଧ ନିର୍ମାତାଙ୍କ କଫ୍‌ସିରପ୍ ଖାଇ ୨୦୨୪ରେ ଆଫ୍ରିକୀୟ ରାଷ୍ଟ୍ର ଗାମ୍ବିଆରେ ୬୬ ପିଲାଙ୍କର ମୃତ୍ୟୁ ଘଟଣା ପରେ ଉକ୍ତ ଔଷଧର ବ୍ୟବହାର ଓ ବିକ୍ରିବଟା ଉପରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ପକ୍ଷରୁ ନିଷେଧାଦେଶ ଜାରି କରାଯାଇଥିଲା। କିନ୍ତୁ ଏହି ଘଟଣା ପରେ ଭାରତର ଔଷଧର ମାନ ଯାଞ୍ଚ ଲାଗି ଥିବା କର୍ତ୍ତୃପକ୍ଷ ଯେତିକି ତତ୍ପର ହେବା କଥା ସେଥିରେ ବୋଧହୁଏ ଅଭାବ ରହିଗଲା। ତେଣୁ ଏବେ ପୁଣି ଟିକା କ୍ଷେତ୍ରରେ ଭାରତ ଅପବାଦ ମୁଣ୍ଡାଇଛି।

କମ୍ପାନୀ ପକ୍ଷରୁ (୮କଇ୨୪୦୧୪) ବ୍ୟାଚ୍‌ର ନକଲି ଟିକା ବଜାରରେ ବିକ୍ରି ହୋଇଥିବା ସ୍ୱୀକାର କରିଥିବା ବେଳେ ଏ ସମ୍ପର୍କରେ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ଅବଗତ କରିଥିବା ସ୍ପଷ୍ଟୀକରଣ ଦେଇଛି। 'ଅଭୟରାବ୍' ଭାରତୀୟ ଟିକା ବଜାରରେ ୪୦% ଅଂଶ ଦଖଲ କରିଛି। ତେଣୁ ଯେଉଁମାନେ ସେହି ଟିକା ନେଇସାରିଛନ୍ତି ସେମାନଙ୍କ ଭାଗ୍ୟ ଓ ଭବିଷ୍ୟତ କେବଳ ଭଗବାନଙ୍କ ଭରସାରେ ରହିଛି। ଅପରପକ୍ଷରେ ବିଭାଗୀୟ କର୍ତ୍ତୃପକ୍ଷଙ୍କ ସୂଚନା ଅନୁଯାୟୀ ଅଭିଯୋଗ ମିଳିବା ମାତ୍ରେ ଦିଲ୍ଲୀ, ମୁମ୍ବାଇ, ଆଗ୍ରାର ଔଷଧ ବଜାରରେ ଚଢ଼ଉ କରାଯାଇଥିଲା ଏବଂ 'ଅଭୟରାବ୍'ର ଉକ୍ତ ବ୍ୟାଚ୍‌ର ସମସ୍ତ ଔଷଧକୁ ଜବତ କରାଯାଇଥିଲା। କିନ୍ତୁ ପରୀକ୍ଷା ପରେ ସେଥିରେ ସେଭଳି କିଛି ହାନିକାରକ କିମ୍ବା ଭେଜାଲ୍ ଉପାଦାନ ନଥିବା ଜଣାପଡ଼ିଥିଲା। ଏଠାରେ ପ୍ରଶ୍ନ ଉଠିବା ସ୍ୱାଭାବିକ ଯେ ପାଶ୍ଚାତ୍ୟ ବିକଶିତ ଦେଶମାନେ ଯାହାକୁ ଉଦ୍‌ବେଗଜନକ ଭାବେ ଚିହ୍ନିତ କରିଛନ୍ତି ତାହାକୁ ଭାରତୀୟ କର୍ତ୍ତୃପକ୍ଷ ନିର୍ଭେଜାଲ୍ ପ୍ରମାଣପତ୍ର ଦେଇଦେଲେ କିପରି। ହୁଏତ ଏଥିସହିତ ଦେଶର ଭାବମୂର୍ତ୍ତି ଓ ଅର୍ଥନୀତି ଜଡ଼ିତ ଥିବାରୁ କର୍ତ୍ତୃପକ୍ଷ ଚାପରେ 'ଅଭୟରାବ୍'ର ଉକ୍ତ ବିବାଦୀୟ ବ୍ୟାଚ୍‌କୁ ଅପବାଦମୁକ୍ତ କରିଦେଇଥାଇ ପାରନ୍ତି।

ଆମ ଦେଶର ଔଷଧ ବଜାରର କାରବାର ବାର୍ଷିକ ପ୍ରାୟ ୫୦୦୦ କୋଟି ଡଲାର। ଭାରତ ମଧ୍ୟ ବିଶ୍ୱର ସର୍ବାଧିକ ଜେନେରିକ୍(ମୌଳିକ ଔଷଧ) ଔଷଧ ପ୍ରସ୍ତୁତ କରେ, ଯାହା ଆନ୍ତର୍ଜାତିକ ଆବଶ୍ୟକତାର ୨୦ପ୍ରତିଶତ। କଠୋର ନିୟାମକ ଓ ନିୟନ୍ତ୍ରଣ ବ୍ୟବସ୍ଥା ମଧ୍ୟରେ ଆମ ଦେଶରେ ଔଷଧ ଓ ଟିକା ଉତ୍ପାଦିତ ହୋଇଥାଏ। ଗୁଣାତ୍ମକମାନ ଦୃଷ୍ଟିରୁ ଉତ୍କୃଷ୍ଟ ଓ ମୂଲ୍ୟ ଦୃଷ୍ଟିରୁ ସୁଲଭ ରହୁଥିବାରୁ ବିଦେଶରେ ଭାରତୀୟ ଔଷଧ ଓ ଟିକାର ଚାହିଦା ଅଧିକ। ଆନ୍ତର୍ଜାତିକ ଔଷଧ ଗୁଣାତ୍ମକମାନ ନିୟନ୍ତ୍ରଣ ସଂସ୍ଥା ଏବଂ ବିଭିନ୍ନ ଦେଶର ସମ୍ପୃକ୍ତ ସଂଗଠନଗୁଡ଼ିକ ଦ୍ୱାରା ଭାରତୀୟ ଔଷଧର ଗୁଣ, ମାନ ଓ ନିରାପତ୍ତା ଅନୁମୋଦିତ। କୋଭିଡ୍, ଏଡ୍ସ ଓ ବିଭିନ୍ନ ଭୂତାଣୁଜନିତ ରୋଗ ସଂକ୍ରମଣ ପ୍ରତିରୋଧକାରୀ ଔଷଧ ଏବଂ ଟିକା ଉତ୍ପାଦନରେ ଭାରତ ବିଶ୍ୱରେ ଏକନମ୍ବର ମାନ୍ୟତା ହାସଲ କରିଛି। କିନ୍ତୁ ଯେତେବେଳେ ନାମୀଦାମୀ ବ୍ରାଣ୍ଡର ଉତ୍ପାଦ ନିମ୍ନମାନର କିମ୍ବା ବିଷାକ୍ତ କିମ୍ବା ଭେଜାଲ୍ ବୋଲି ଜଣାପଡୁଛି ସେତେବେଳେ ଭାରତର ପ୍ରତିଷ୍ଠା ଓ ଭରସା ଉପରେ ଆଞ୍ଚ ଆସୁଛି। ଥରେ ଭରସା ତୁଟିଲେ ସୁଧାର ଆଣିବା ସହଜ ନୁହେଁ।

ସବୁ ପ୍ରତିକାର ଓ ନିୟନ୍ତ୍ରଣ ବ୍ୟବସ୍ଥା ସତ୍ତ୍ୱେ କିଛି ଅସାଧୁ ବ୍ୟବସାୟୀ ଓ ଉତ୍ପାଦନକାରୀ ନକଲି ଔଷଧ କାରବାର ଭଳି ଅମାନବୀୟ କାର୍ଯ୍ୟକଳାପରେ ଜଡ଼ିତ ଅଛନ୍ତି। ନକଲି ଔଷଧ ବିକ୍ରି ହେଉଥିବା ଜଣାପଡ଼ିବା ପରେ ଚିରାଚରିତ ଢଙ୍ଗରେ ଘଟଣାର ତଦନ୍ତ ହେଉଛି। କିନ୍ତୁ ଏହାର ଯେପରି ପୁନରାବୃତ୍ତି ନ ହେବ ସେ ଦିଗରେ ଦୃଢ଼ ପଦକ୍ଷେପ ନିଆ ନ ଯାଉଥିବାରୁ ଏଭଳି ଘଟଣା ବଢ଼ିବାରେ ଲାଗିଛି। ଏ ଦିଗରେ ମଧ୍ୟ ସରକାର ଦୃଢ଼ ଆଇନ ପ୍ରଣୟନ କରିବା ଦିଗରେ ଚିନ୍ତା କରିବାର ସମୟ ଆସିଯାଇଛି। ମାନବ ଜୀବନର ସୁରକ୍ଷା ସର୍ବୋପରି।

## ସ୍ୱତନ୍ତ୍ର କ୍ଷମତା ଓ ବେତନ ବୃଦ୍ଧିର ଯଥାର୍ଥତା

**ସୌଭାଗ୍ୟ ସୁନ୍ଦରରାୟ**

ଗତ ୪ ବର୍ଷ ମଧ୍ୟରେ ସର୍ବୋଚ୍ଚ ନ୍ୟାୟାଳୟର କର୍ମଚାରୀମାନେ ନିୟମିତ ବର୍ଦ୍ଧିତ ବେତନ ବ୍ୟତିରେକ ୩ରୁ ୬ କିସ୍ତି ପର୍ଯ୍ୟନ୍ତ ଅତିରିକ୍ତ ହାରରେ ବର୍ଦ୍ଧିତ ଭତ୍ତା ପାଇଛନ୍ତି। ଏପରିକି ଗୋଟିଏ ବର୍ଷରେ ଜଣେଜଣେ କର୍ମଚାରୀଙ୍କୁ ୨ରୁ ୩ କିସ୍ତି ପର୍ଯ୍ୟନ୍ତ ଅତିରିକ୍ତ ଭତ୍ତା ପ୍ରଦାନ କରାଯାଇଛି। ଫଳରେ କର୍ମଚାରୀଙ୍କ ବେତନ ସ୍ୱାଭାବିକ ଦରମା ହାରଠାରୁ ପ୍ରାୟ ୧୫୦% ବୃଦ୍ଧି ପାଇଛି। ତେବେ ଏହା କିପରି ସମ୍ଭବ? ଏଇଥିପାଇଁ ସମ୍ଭବ ଯେ, ଏ ବାବଦରେ ପ୍ରଧାନ ବିଚାରପତିଙ୍କ ଇଚ୍ଛାଧୀନ କ୍ଷମତା ରହିଛି। ନିକଟରେ ଅବସର ଗ୍ରହଣ କରିଥିବା ପ୍ରଧାନ ବିଚାରପତି ବି.ଆର ଗଭାଇଙ୍କ ଦୃଷ୍ଟିକୁ ଏହି ବିଷୟ ଆସିଥିଲା। ଫଳରେ ସର୍ବୋଚ୍ଚ ନ୍ୟାୟାଳୟର ସମସ୍ତ ବିଚାରପତିଙ୍କୁ ନେଇ ପୂର୍ଣ୍ଣାଙ୍ଗ ଅଦାଲତରେ ଏ ବିଷୟର ତର୍ଜମା କରାଯାଇଥିଲା ଏବଂ ଅତିରିକ୍ତ ବେତନ ହାର ରଦ୍ଦ ପାଇଁ ନିଷ୍ପତ୍ତି ନିଆଯାଇଥିଲା। ବିଷୟର ତର୍ଜମା କରୁଥିବା ଅଧିକାଂଶ ବିଚାରପତି ଅନୁଭବ କରିଥିଲେ ଯେ, ସର୍ବୋଚ୍ଚ ନ୍ୟାୟାଳୟ ଏକ ରାଜତନ୍ତ୍ର ନୁହେଁ କି ପ୍ରଧାନ ବିଚାରପତି ରାଜା ନୁହନ୍ତି। ଏହି ନିଷ୍ପତ୍ତି ପରେ ହଠାତ୍ କର୍ମଚାରୀଙ୍କ ଦରମା ହ୍ରାସ ପାଇବାରୁ ଏ ବିଷୟଟି ଲୋକଲୋଚନକୁ ଆସିଲା। ଏଣିକି ସର୍ବୋଚ୍ଚ ନ୍ୟାୟାଳୟ କର୍ମଚାରୀଙ୍କ ଦରମା ବୃଦ୍ଧି ନିଷ୍ପତ୍ତି ଏକାକୀ ପ୍ରଧାନ ବିଚାରପତି ନେଇପାରିବେ ନାହିଁ। ସମସ୍ତ ବିଚାରପତି ମିଳିତ ଭାବେ ଏ ବାବଦରେ ପଦକ୍ଷେପ ଗ୍ରହଣ କରିବେ ବୋଲି ନିଷ୍ପତ୍ତି ନିଆଯାଇଛି।

ଏବେ ଓଡ଼ିଶା ବିଧାନସଭା ସଦସ୍ୟଙ୍କ ଦରମା ବୃଦ୍ଧି ପ୍ରସଙ୍ଗକୁ ଆସିବା। ଓଡ଼ିଶା ବିଧାନସଭା ଇତିମଧ୍ୟରେ ଗୃହର ସଦସ୍ୟଙ୍କ ଦରମା ପ୍ରାୟ ୩ ଗୁଣ ବୃଦ୍ଧି କରିଛନ୍ତି। ମୁଖ୍ୟମନ୍ତ୍ରୀ ୩ ଲକ୍ଷ ୭୪ ହଜାର, ବାଚସ୍ପତି ଓ ଉପମୁଖ୍ୟମନ୍ତ୍ରୀ ୩ ଲକ୍ଷ ୬୮ ହଜାର, କ୍ୟାବିନେଟ ମନ୍ତ୍ରୀ, ବିରୋଧୀ ଦଳ ନେତା, ସରକାରୀ ମୁଖ୍ୟ ସଚେତକ ୩ ଲକ୍ଷ ୬୨ ହଜାର ଟଙ୍କା ବେତନ ପାଇବେ। ଏହା ହେଲା ବିଧାନସଭାର ଇଚ୍ଛାଧୀନ କ୍ଷମତା। ବିଧାୟକମାନଙ୍କୁ ସର୍ବାଧିକ ପରିମାଣର ବେତନ ପ୍ରଦାନ କରିବାରେ ଓଡ଼ିଶା ଏବେ ଦେଶର ୧ ନମ୍ବର ରାଜ୍ୟ। ବିଧାନସଭା ବାଚସ୍ପତିଙ୍କ ଦ୍ୱାରା ଗଠିତ ୧୧ ଜଣିଆ କମିଟିର ସୁପାରିସକ୍ରମେ ଦଳମତ ନିର୍ବିଶେଷରେ ସମସ୍ତ ବିଧାୟକ ଏହାକୁ ସମର୍ଥନ କରିଥିଲେ। ବିରୋଧୀ ଦଳ ନେତା ବର୍ଦ୍ଧିତ ଦରମା ନେବାକୁ ମନା କରିଥିଲେ। କମିଟିର ସଦସ୍ୟ ଥିବା ଲକ୍ଷ୍ମଣ ମୁଣ୍ଡା ଅତ୍ୟଧିକ ଦରମା ବୃଦ୍ଧିକୁ ନାପସନ୍ଦ କରିଥିଲେ। ବିଜେପି ବିଧାୟକ ଜୟ ନାରାୟଣ ମିଶ୍ରଙ୍କ ପାଇଁ ବର୍ଦ୍ଧିତ ବେତନ ହାର କମ୍ ଥିଲା। ପରେ ଦେଖାଗଲା ଯେ ବିଜେପି ଓ ବିଜେଡି ବିଧାୟକମାନେ ଏହି ବେତନ ବୃଦ୍ଧିକୁ ନାପସନ୍ଦ କଲେ। ତା' ହାଲେ ଏହି ବିଲ ଗୃହରେ କିପରି ଗୃହୀତ ହେଲା? ଦିଲ୍ଲୀ ଚାପରେ ବୋଧହୁଏ ବିଜେପି ବିଧାୟକଗଣ ଏବେ ବେତନ ବୃଦ୍ଧିର ପୁନର୍ବିଚାର କଥା ଉଠାଇଛନ୍ତି।

ପ୍ରଥମତଃ, ବିଧାୟକମାନେ ନିଜକୁ ଜନସେବକ ବୋଲି କହୁଛନ୍ତି। ସେମାନେ ବିଧାନସଭାରେ ସାଧାରଣ ଜନତାଙ୍କ ପ୍ରତିନିଧିତ୍ୱ କରିଥା'ନ୍ତି। କେଉଁ କାରଣ ପାଇଁ ଜନସେବକଙ୍କ ନିମନ୍ତେ ଦରମା ନିର୍ଦ୍ଧିଷ୍ଟ ହେଉଛି ଏହି ପରିପ୍ରେକ୍ଷୀରେ ତାହାର ତର୍ଜମା ହେବାର ଆବଶ୍ୟକତା ରହିଛି। ନିର୍ବାଚନମଣ୍ଡଳୀର ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେଇ ବିଧାୟକମାନେ କାହିଁକି ଟଙ୍କା ବାଣ୍ଟନ୍ତି? ଏହା ଭୋଟ ବ୍ୟାଙ୍କ ଓ କର୍ମୀଙ୍କୁ ଧରି ରଖିବା ପାଇଁ ଉଦ୍ଦିଷ୍ଟ ବୋଲି ମନେହୁଏ।

ଉପରୋକ୍ତ ଘଟଣାକୁ ଅନୁଧ୍ୟାନ କଲେ ଜଣାଯାଉଛି ଯେ ଏସବୁ ଇଚ୍ଛାଧୀନ ବ୍ୟବସ୍ଥାର ଦୁରୁପଯୋଗ। ଆମର ସାମ୍ବିଧାନିକ ଓ ପ୍ରଶାସନିକ ବ୍ୟବସ୍ଥାରେ ଇଚ୍ଛାଧୀନ କ୍ଷମତା ବିଭିନ୍ନ ବ୍ୟକ୍ତିବିଶେଷଙ୍କୁ ପ୍ରଦାନ କରାଯାଇଛି। ଏହି ଇଚ୍ଛାଧୀନ କ୍ଷମତାଟି କ'ଣ ତାହା ଆଲୋଚନା କରାଯିବାର ସମୟ ଏବେ ଆସିଛି। ଯାହା ଜଣାଯାଏ ଏକ ଜରୁରୀ ପରିସ୍ଥିତିର ମୁକାବିଲା ବା ସମାଜର ବୃହତ୍ତର କଲ୍ୟାଣ ଦୃଷ୍ଟିରୁ ଇଚ୍ଛାଧୀନ କ୍ଷମତା ବଳରେ ନିଷ୍ପତ୍ତି ନିଆଯିବା ନିମନ୍ତେ ଏହି ବ୍ୟବସ୍ଥାଟି ରହିଛି। କିନ୍ତୁ ଦେଖାଯାଉଛି ଏହି କ୍ଷମତାର ପ୍ରୟୋଗ ଅବିଚାରିତ ଭାବେ କରାଯାଉଛି। ଇଚ୍ଛାଧୀନ କୋଟା ବଳରେ କେନ୍ଦ୍ର ପେଟ୍ରୋଲିମ ମନ୍ତ୍ରାଣାଳୟ ୨୦୦୦ ମସିହାରୁ ଯେଉଁ ପେଟ୍ରୋଲ ପମ୍ପ, ଏଲପିଜି ଓ କିରାସିନି ଏଜେନ୍ସି ବଣ୍ଟନ କରିଥିଲେ ୨୦୦୨ ମସିହାରେ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀ ତାହାକୁ ରଦ୍ଦ କରିଥିଲେ। ସେତେବେଳେ ବ୍ୟବସ୍ଥାଗତ ସ୍ୱଚ୍ଛତା ପାଇଁ ଏହା କରାଯାଇଥିଲା। ଓଡ଼ିଶାରେ ମଧ୍ୟ ଅତୀତରେ ନଗର ଉନ୍ନୟନ ଓ ଗୃହ ନିର୍ମାଣ ବିଭାଗ ମନ୍ତ୍ରୀଙ୍କ ନିକଟରେ ଥିବା ଇଚ୍ଛାଧୀନ ଜମି ଆବଣ୍ଟନ କୋଟା କ୍ଷମତା ରଦ୍ଦ କରାଯାଇଛି।

ଏବେ ଦେଶରେ ପ୍ରାୟ ୨ କୋଟି ସରକାରୀ କର୍ମଚାରୀ କାର୍ଯ୍ୟରତ। ଏଥିମଧ୍ୟରୁ ୫୦ ଲକ୍ଷ କର୍ମଚାରୀ କେନ୍ଦ୍ର ସରକାରଙ୍କ ଅଧୀନରେ କାର୍ଯ୍ୟ କରୁଥିବା ବେଳେ ଅବଶିଷ୍ଟ ବିଭିନ୍ନ ରାଜ୍ୟ ସରକାରଙ୍କ ଅଧୀନରେ କାର୍ଯ୍ୟ କରୁଛନ୍ତି। ଏହି କର୍ମଚାରୀମାନେ କ'ଣ ନିଜର ବେତନ ଧାର୍ଯ୍ୟ କରିପାରୁଛନ୍ତି? ପ୍ରତି ୧୦ ବର୍ଷରେ କର୍ମଚାରୀଙ୍କ ଦରମା ବୃଦ୍ଧିର ପରମ୍ପରା ରହିଛି। କର୍ମଚାରୀଙ୍କ ଶେଷ ଦରମା ବୃଦ୍ଧି ୨୦୧୬ ମସିହାରେ ହୋଇଥିଲା। ଏଣୁ ପରବର୍ତ୍ତୀ ଦରମା ବୃଦ୍ଧି ୨୦୨୬ ମସିହାରୁ ହେବା କଥା। ତାହା କାହିଁକି ହୋଇପାରୁ ନାହିଁ? ଏଥିପାଇଁ କିଛି ନିୟମାବଳୀ ରହିଛି। ମନ୍ତ୍ରିମଣ୍ଡଳର ଅନୁମୋଦନ, ବେତନ ଆୟୋଗ ଗଠନ, ଆୟୋଗର ସର୍ତ୍ତାବଳୀ, ଚୂଡ଼ାନ୍ତ ରିପୋର୍ଟ ପ୍ରଦାନ, ରିପୋର୍ଟ ଗ୍ରହଣ ଆଦି ଲମ୍ବା ପ୍ରଶାସନିକ ବ୍ୟବସ୍ଥା ରହିଛି।

ନିକଟରେ ୮ମ ବେତନ ଆୟୋଗ ଗଠନ ହୋଇଛି। ଏହାର ଅଧ୍ୟକ୍ଷ ରହିଛନ୍ତି ଅବସରପ୍ରାପ୍ତ ବିଚାରପତି ରଞ୍ଜନା ପ୍ରକାଶ ଦେଶାଇ। ସଦସ୍ୟ ଅଛନ୍ତି ପ୍ରଫେସର ପୁଲକ ଘୋଷ। ସଦସ୍ୟ ସଚିବ ଅଛନ୍ତି ପଙ୍କଜ ଜୈନ। ଏ ତିନି ଜଣଙ୍କ ମଧ୍ୟରେ ପଙ୍କଜ ଜୈନ ଭାରତୀୟ ପ୍ରଶାସନିକ ସେବା ଅଧିକାରୀ ଓ ଜଣେ କର୍ମଚାରୀ। ତେବେ ଦରମା ବୃଦ୍ଧି ନିଷ୍ପତ୍ତି ନେବା ପ୍ରକ୍ରିୟାରେ ତାଙ୍କର ବିଶେଷ ଭୂମିକା ନାହିଁ। ସେ କେବଳ ସରକାରଙ୍କ ପକ୍ଷରୁ ଅନ୍ୟ ଦୁଇ ସଦସ୍ୟଙ୍କୁ ସହାୟତା କରିବେ। ଦୁଇ ସଦସ୍ୟଙ୍କ ମଧ୍ୟରୁ ଜଣେ ବିଚାର ବିଭାଗରୁ ଆସିଥିବା ବେଳେ ଅନ୍ୟଜଣେ ଶିକ୍ଷା ବିଭାଗରୁ ଆସିଛନ୍ତି। ପ୍ରଫେସର ଘୋଷ ଆଇଆଇଏମ, ବାଙ୍ଗାଲୋରର ଅଧ୍ୟାପକ। ଏ କ୍ଷେତ୍ରରେ ସମସ୍ତ ସଦସ୍ୟ ପଦବୀରେ ଯଦି ସରକାରୀ କର୍ମଚାରୀଙ୍କୁ ନିଆଯାଇଥା'ନ୍ତା ତା'ହେଲେ ସମସ୍ୟାଟି ଏଇଆ ହୋଇଥା'ନ୍ତା ଯେ, ସବୁ କର୍ମଚାରୀ-ସଦସ୍ୟ ନିଜ ସ୍ୱାର୍ଥ ନିମନ୍ତେ ଦରମା ହାର ଯଥେଷ୍ଟ ବୃଦ୍ଧି କରିବାକୁ ସୁପାରିସ କରି ଅବିଳମ୍ବେ ରିପୋର୍ଟ ଦାଖଲ କରିଥା'ନ୍ତେ। କିନ୍ତୁ ଆମର ବିଧି ବ୍ୟବସ୍ଥାରେ ତାହା ସମ୍ଭବ ନୁହେଁ। ବିଧାୟକଙ୍କ ଦରମା ବୃଦ୍ଧି ପାଇଁ ଗଠିତ କମିଟି କାହିଁକି ଅନୁରୂପ ହେଉନାହିଁ? କମିଟି ଗଠନ, ଅର୍ଥ ବିଭାଗର ମଞ୍ଜୁରୀ ଆଦି ବିଭିନ୍ନ ପ୍ରଶାସନିକ ବ୍ୟବସ୍ଥା। ଓଡ଼ିଶା ବିଧାୟକଙ୍କ ଶେଷ ଭତ୍ତା ବୃଦ୍ଧି ୨୦୧୭ ମସିହାରେ ହୋଇଥିଲା। କର୍ମଚାରୀଙ୍କ ଦରମା ମଧ୍ୟ ୨୦୧୬ ମସିହାରେ ହୋଇଥିଲା। ତା' ହେଲେ ବିଧାୟକଙ୍କ ଦରମା ଓ ଭତ୍ତା କେଉଁ ଆଧାରରେ ୮ ବର୍ଷରେ ୩ ଗୁଣ ବୃଦ୍ଧି ପାଇଲା? ତେଣୁ ସରକାରଙ୍କ ଦ୍ୱାରା ଗଠିତ ସ୍ୱତନ୍ତ୍ର କମିଟି ଦ୍ୱାରା ବିଧାନସଭା, ଲୋକସଭା ଓ ରାଜ୍ୟସଭା ସଦସ୍ୟଙ୍କ ବେତନ ଭତ୍ତା ନିର୍ଦ୍ଧାରଣର କରାଯିବାର ଆବଶ୍ୟକତା ରହିଛି।

ସମ୍ବିଧାନର ଧାରା ୧୪୨ରେ ସର୍ବୋଚ୍ଚ ନ୍ୟାୟାଳୟଙ୍କୁ ଅଖଣ୍ଡ କ୍ଷମତା ପ୍ରଦାନ କରାଯାଇଛି। ଧାରା ୨୦୦ ଓ ୨୦୧ ରେ ରାଜ୍ୟପାଳ ଓ ରାଷ୍ଟ୍ରପତିଙ୍କୁ ମଧ୍ୟ ଅଖଣ୍ଡ କ୍ଷମତା ପ୍ରଦାନ କରାଯାଇଛି। ଏହି ଅଖଣ୍ଡ କ୍ଷମତାର ଅର୍ଥ କ'ଣ ଇଚ୍ଛାଧୀନ ବୋଲି ଧରିବାକୁ ପଡ଼ିବ? ଅର୍ଥାତ ରାଜ୍ୟପାଳ ଓ ରାଷ୍ଟ୍ରପତି ନିଜ ଇଚ୍ଛା ଅନୁଯାୟୀ ସମୟରେ ବିଧାନସଭା କିମ୍ବା ସଂସଦ ଅନୁମୋଦିତ ବିଲ ଅନୁମୋଦନ କରିବେ। ସର୍ବୋଚ୍ଚ ନ୍ୟାୟାଳୟ ମଧ୍ୟ ଧାରା ୧୪୨କୁ ଇଚ୍ଛା ଅନୁଯାୟୀ ପ୍ରୟୋଗ କରପାରିବେ। ତାମିଲନାଡୁର ୧୦ଟି ବିଲ ଅନୁମୋଦିତ 'ଧରି ନିଆଗଲା' ବୋଲି ଧାରା ୧୪୨ର ପ୍ରୟୋଗ ବଳରେ ସର୍ବୋଚ୍ଚ ନ୍ୟାୟାଳୟର ଦୁଇ ଜଣିଆ ଖଣ୍ଡପୀଠ ଯେଉଁ ରାୟ ଦେଲେ ତାହାକୁ ୫ ଜଣିଆ ଖଣ୍ଡପୀଠ ପରବର୍ତ୍ତୀ ଅବସ୍ଥାରେ ନାକଚ କରିଥିବା ଦେଖାଗଲା।

ଏଣୁ ଇଚ୍ଛାଧୀନ ବା ସ୍ୱତନ୍ତ୍ର କ୍ଷମତାକୁ ସୂକ୍ଷ୍ମ ଦୃଷ୍ଟିକୋଣରୁ ଦେଖାଯିବାର ଆବଶ୍ୟକତା ରହିଛି। ନ୍ୟାୟପାଳିକା, ବ୍ୟବସ୍ଥାପିକା ବା କାର୍ଯ୍ୟପାଳିକା ନିକଟରେ କିଛିକିଛି ସ୍ୱତନ୍ତ୍ର କ୍ଷମତା ରହିଛି। ଏହି ସ୍ୱତନ୍ତ୍ର କ୍ଷମତା ଯଦି ସମାଜ କଲ୍ୟାଣ ଦିଗରେ ଉପଯୋଗ ନହୋଇ ନିଜସ୍ୱ ବା ମୁଷ୍ଟିମେୟ ସ୍ୱାର୍ଥରେ ଉପଯୋଗ ହେବ ଏହାକୁ କ୍ଷମତାର ଦୁରୁପଯୋଗ ବୋଲି ଧରିବାକୁ ପଡ଼ିବ।

ବରିଷ୍ଠ ସାମ୍ବାଦିକ
କଟକ, ମୋ: ୯୪୩୭୨୨୯୨୩୩

## ସମ୍ପର୍କର ନୂଆ ଦିଗ

**ଡ. ସୁଶାନ୍ତ କୁମାର ପରିଡ଼ା**

ବିଶ୍ୱ ରାଜନୀତିରେ କେତେକ ରାଜିନାମା ଔପଚାରିକ ଥାଏ। ଆଉ କେତେକ ନୂଆ ଦିଗର ସୂଚନା ଦିଏ। ଇଥିଓପିଆ ସହିତ ଭାରତର ନୂତନ ଦ୍ୱିପାକ୍ଷିକ ସମ୍ପର୍କ ଏହି ଦ୍ୱିତୀୟ ପର୍ଯ୍ୟାୟର। ଶୀତଳ ଯୁଦ୍ଧ ପରେ ଭାରତ ଅଧିକ ଧ୍ୟାନ ଦେଇଥିଲା ଆମେରିକା, ୟୁରୋପ, ରୁଷ ଓ ପୂର୍ବ-ଏସିଆ ଉପରେ। କିନ୍ତୁ ଏକବିଂଶ ଶତାବ୍ଦୀର ଦ୍ୱିତୀୟ ଦଶକରେ ଭାରତ ଆଫ୍ରିକାକୁ ଭବିଷ୍ୟତର ଏକ ମୁଖ୍ୟ ସାଥୀ ଭାବରେ ଦେଖୁଛି।

ଭାରତ ଆଫ୍ରିକା ସହ କେବଳ ବ୍ୟବସାୟ କିମ୍ବା ସମ୍ପଦ ଉପରେ ଭିତ୍ତି କରି ସମ୍ପର୍କ ଗଢ଼ିବାକୁ ଚାହୁଁନାହିଁ; ଭାରତ ଚାହୁଁଛି ଦୀର୍ଘକାଳୀନ, ସମାନତାମୂଳକ ଓ ଆତ୍ମୀୟ ସମ୍ପର୍କ। ସାମ୍ପ୍ରତିକ ଭାରତୀୟ ବିଦେଶନୀତିର ମୁଖ୍ୟ ବୈଶିଷ୍ଟ୍ୟ ହେଉଛି ବ୍ୟକ୍ତିଗତ ସମ୍ପର୍କ ଓ ମାନବୀୟ ଭାବନାକୁ ଗୁରୁତ୍ୱ। ଇଥିଓପିଆ ଯାତ୍ରାରେ ମଧ୍ୟ ସେଇ ଭାବନା ପ୍ରକାଶ ପାଇଛି। ଭାରତ ନିଜକୁ 'ବଡ଼ ଭାଇ' ଭାବେ ପ୍ରସ୍ତୁତ କରୁନାହିଁ, ବରଂ 'ସହଯାତ୍ରୀ' ଭାବେ ପ୍ରସ୍ତୁତ କରୁଛି। ଇଥିଓପିଆ ଆଜି ଅର୍ଥନୀତିକୁ କୃଷି ଉପରୁ ଶିଳ୍ପ ଓ ସେବା କ୍ଷେତ୍ର ଦିଗକୁ ନେଇଯିବାକୁ ଚେଷ୍ଟା କରୁଛି। ରେଳପଥ, ସଡ଼କ, ବିଦ୍ୟୁତ, ଶିଳ୍ପ ପାର୍କ ଏହି ସବୁ କ୍ଷେତ୍ରରେ ବଡ଼ ନିବେଶ ଦରକାର। ଏଠି ଭାରତୀୟ କମ୍ପାନୀମାନଙ୍କ ପାଇଁ ଅନେକ ସୁଯୋଗ ରହିଛି। କିନ୍ତୁ ଭାରତର ଭୂମିକା କେବଳ ନିବେଶକ ଭାବରେ ନୁହେଁ। ଭାରତ ଇଥିଓପିଆକୁ ବୈଷୟିକ ସହଯୋଗ, ଦକ୍ଷତା ବିକାଶ ଓ ମାନବ ସମ୍ପଦ ତିଆରିରେ ସାହାଯ୍ୟ କରିପାରେ। ଆଇଟି, ଡିଜିଟାଲ ପେମେଣ୍ଟ, ଇ-ଗଭର୍ନାନ୍ସ ଓ ଷ୍ଟାର୍ଟଅପ୍ କ୍ଷେତ୍ରରେ ଭାରତର ଅନୁଭବ ଇଥିଓପିଆ ପାଇଁ ବହୁତ ମୂଲ୍ୟବାନ। ସ୍ୱାସ୍ଥ୍ୟ କ୍ଷେତ୍ରରେ ମଧ୍ୟ ଭାରତ ଏକ ଭରସାଯୋଗ୍ୟ ସାଥୀ। ଇଥିଓପିଆ ପରି ଦେଶରେ ଶସ୍ତା ଓ ଉଚ୍ଚ ଗୁଣମାନର ଔଷଧ ଏକ ବଡ଼ ଆବଶ୍ୟକତା, ଯାହାକୁ ଭାରତ ପୂରଣ କରିପାରେ। ସ୍ୱାସ୍ଥ୍ୟ କ୍ଷେତ୍ରରେ ଭାରତ ଆଡିସ୍ ଆବାବାର ମହାତ୍ମା ଗାନ୍ଧୀ



ହସ୍ପିଟାଲର କ୍ଷମତା ବୃଦ୍ଧିରେ ସହଯୋଗ କରିବ। ବିଶେଷତଃ ମାତୃ ସ୍ୱାସ୍ଥ୍ୟ ଓ ନବଜାତ ଶିଶୁ ସେବାକୁ ଆହୁରି ଉନ୍ନତ କରିବା ଉପରେ ଗୁରୁତ୍ୱ ଦିଆଯିବ। ଏହାଛଡ଼ା ଇଥିଓପିଆର ହଜାର ହଜାର ଛାତ୍ରଛାତ୍ରୀ ଆଜି ଭାରତର ବିଭିନ୍ନ ବିଶ୍ୱବିଦ୍ୟାଳୟରେ ପଢୁଛନ୍ତି। ସେମାନେ ଭବିଷ୍ୟତରେ ଦୁଇ ଦେଶ ମଧ୍ୟରେ ସେତୁ ଭାବେ କାମ କରିବେ। ତେଣୁ ସେମାନଙ୍କ ପାଇଁ ଉଦ୍ଦିଷ୍ଟ ଆଇସିସିଆର ଛାତ୍ରବୃତ୍ତି ସଂଖ୍ୟାକୁ ଦଇଗୁଣା କରାଯାଇଛି। ଆଇଟିଇସି କାର୍ଯ୍ୟକ୍ରମ ଅଧୀନରେ କୃତ୍ରିମ ବୁଦ୍ଧିମତ୍ତା କ୍ଷେତ୍ରରେ ବିଶେଷ ସଂକ୍ଷିପ୍ତ ଅବଧିର ପାଠ୍ୟକ୍ରମ ଆରମ୍ଭ କରାଯିବ, ଯାହା ଇଥିଓପିଆର ଯୁବ ପେସାଦାରମାନଙ୍କୁ ଆଗାମୀ ପ୍ରଯୁକ୍ତି ପାଇଁ ପ୍ରସ୍ତୁତ କରିବ। ସାଂସ୍କୃତିକ ଦୃଷ୍ଟିରୁ ଭାରତ ଓ ଇଥିଓପିଆରେ ଅନେକ ସାଧାରଣତା ରହିଛି। ଧର୍ମୀୟ ବହୁବିଧତା, ପୁରାତନ ପରମ୍ପରା, ପରିବାରମୁଖୀ ସମାଜ ଏହି ସବୁ ଦିଗ ଦୁଇ ଦେଶକୁ ନିକଟ କରେ। ଏହି ସାଂସ୍କୃତିକ ସମ୍ପର୍କ ଆର୍ଥିକ ଓ ରାଜନୈତିକ ସମ୍ପର୍କକୁ ଅଧିକ ଦୃଢ଼ କରେ।

ଆଜି ଆଫ୍ରିକା ଉପରେ ବିଶ୍ୱର ସମସ୍ତ ବଡ଼ ଶକ୍ତିଙ୍କ ନଜର ରହିଛି। କେହି ଖଣିଜ ସମ୍ପଦ ପାଇଁ, କେହି ରଣନୀତିକ ଅଞ୍ଚଳ ପାଇଁ, କେହି ବଜାର ପାଇଁ। ଏମିତି ପରିସ୍ଥିତିରେ ଆଫ୍ରିକାକୁ ଏକ ସମାନତାମୂଳକ ସହଯୋଗୀ ଦରକାର। ଭାରତ ସେଇ ଭୂମିକା ନେବାକୁ ଚେଷ୍ଟା କରୁଛି। ଦୁଇ ଦେଶ ମଧ୍ୟରେ ସମ୍ପର୍କକୁ 'କୌଶଳଗତ ସହଯୋଗ'(ଷ୍ଟ୍ରାଟେଜିକ୍ ପାର୍ଟନର) ମାନ୍ୟତା ଦିଆଯାଇଛି, ଯାହା ଦୁଇ ଦେଶର ମିତ୍ରତାରେ ଗୁରୁତ୍ୱପୂର୍ଣ୍ଣ ଭାବେ ପରିଗଣିତ କରାଯାଉଛି। ଇଥିଓପିଆର ବିଦେଶ ମନ୍ତ୍ରଣାଳୟରେ ଏକ ଡାଟା ସେଣ୍ଟର ସ୍ଥାପନ, ଜାତିସଂଘ ଶାନ୍ତିରକ୍ଷା କାର୍ଯ୍ୟରେ ପ୍ରଶିକ୍ଷଣ ସହଯୋଗ ଏବଂ କଷ୍ଟମ୍ସ କ୍ଷେତ୍ରରେ ପାରସ୍ପରିକ ପ୍ରଶାସନିକ ସହଯୋଗ ସମ୍ବନ୍ଧୀୟ ଚୁକ୍ତି ଦୁଇଦେଶ ମଧ୍ୟରେ ସ୍ୱାକ୍ଷର ହୋଇଛି। ଜି୨୦ କମନ୍ ଫ୍ରେମୱର୍କ ଅନୁସାରେ ଇଥିଓପିଆର ଋଣ ପୁନର୍ଗଠନ ସମ୍ବନ୍ଧୀୟ ଏକ ବୁଝାମଣାପତ୍ର ସ୍ୱାକ୍ଷର ହୋଇଛି, ଯାହା ଭାରତ ଇଥିଓପିଆ ଆର୍ଥିକ ସହଯୋଗକୁ ଆହୁରି ମଜବୁତ କରିବ।

ଇଥିଓପିଆ ଆଫ୍ରିକାର ଏକ ବିଶେଷ ଦେଶ। ଏହା କେବେ ଉପନିବେଶ ହୋଇନଥିଲା। ଏହାର ଇତିହାସ, ସଂସ୍କୃତି ଓ ସ୍ୱାଭିମାନ ଆଫ୍ରିକାର ଅନ୍ୟାନ୍ୟ ଦେଶଙ୍କ ପାଇଁ ଏକ ପ୍ରେରଣା। ଆଫ୍ରିକୀୟ ସଂଘର ମୁଖ୍ୟାଳୟ ଆଡିସ୍ ଆବାବାରେ ଥିବା କାରଣରୁ ଇଥିଓପିଆ କେବଳ ଏକ ଦେଶ ନୁହେଁ, ସମ୍ପୂର୍ଣ୍ଣ ଆଫ୍ରିକାର ଏକ କୂଟନୀତିକ କେନ୍ଦ୍ର। ଏହି ପୃଷ୍ଠଭୂମିରେ ଭାରତ-ଇଥିଓପିଆ ସମ୍ପର୍କ ଉଭୟ ଦେଶ ଓ ବିଶ୍ୱ ରାଜନୀତି ପାଇଁ ଏକ ବିଶେଷ ଗୁରୁତ୍ୱ ବହନ କରେ। ଏହି ବୁଝାମଣା ଯଦି କାଗଜରେ ସୀମିତ ନ ରହି, କାର୍ଯ୍ୟରେ ପରିଣତ ହୁଏ, ତେବେ ଏହା କେବଳ ଦୁଇ ଦେଶ ପାଇଁ ନୁହେଁ, ସମ୍ପୂର୍ଣ୍ଣ ବିକାଶଶୀଳ ବିଶ୍ୱ ପାଇଁ ଏକ ଉଦାହରଣ ହେବ। ଭାରତ ଓ ଇଥିଓପିଆ ଦୁଇଟି ଦେଶ ଯଦି ସମାନତା, ସମ୍ମାନ ଓ ଭରସା ଉପରେ ଭିତ୍ତି କରି ଆଗକୁ ବଢ଼ନ୍ତି, ତେବେ ଏହି ସମ୍ପର୍କ ଆଗାମୀ ଦଶକରେ ଆଫ୍ରିକାଏସିଆ ସହଯୋଗର ଏକ ମଡେଲ୍ ହୋଇଉଠିପାରିବ।

(ବିଭାଗୀୟ ମୁଖ୍ୟ, ଲୋକନାଥ ମହାବିଦ୍ୟାଳୟ)
ପାଟକୁରା(କେନ୍ଦ୍ରାପଡ଼ା), ମୋ: ୯୪୩୭୨୧୦୪୫୮

## କୋଣ୍ଡାଲା ରାୟୁଡୁ ଓ ବିଚ୍ଛା ମଜାର୍

**ଓଜସ୍ୱିନୀ**

ବିଚିତ୍ର ବିଶ୍ୱାସ

*ପୂର୍ବପ୍ରକାଶିତ ଉତ୍ତାରୁ...*

ବିଚ୍ଛାପୂଜନ ସମ୍ପର୍କିତ ଅନ୍ୟ ଏକ ମନ୍ଦିର ଆନ୍ଧ୍ରପ୍ରଦେଶର କୁରନୁଲ୍ ଜିଲ୍ଲାର କୋଣ୍ଡମୁରୁରେ ଅଛି, ଯେଉଁଠାରେ ଭକ୍ତମାନେ ଜୀବନ୍ତ ବିଚ୍ଛାକୁ ନେଇ ଠାକୁରଙ୍କୁ ଅର୍ପଣ କରନ୍ତି। କୋଣ୍ଡମୁରୁର ପାହାଡ଼ ଶିଖରରେ ଥିବା ଏହି ମନ୍ଦିର 'କୋଣ୍ଡାଲା ରାୟୁଡୁ' ନାମରେ ପ୍ରସିଦ୍ଧ। ଏହି ମନ୍ଦିର ଭଗବାନ ଭେଙ୍କଟେଶ୍ୱର ସ୍ୱାମୀଙ୍କୁ ସମର୍ପିତ। ଠାକୁରଙ୍କୁ ଜୀବନ୍ତ ବିଚ୍ଛା ଅର୍ପଣ କଲେ ଆଶୁ ମନସ୍କାମନା ପୂରଣ ହେଉଥିବାର ବିଶ୍ୱାସ କରାଯାଏ। ତେଣୁ ଶ୍ରଦ୍ଧାଳୁମାନେ ମନ୍ଦିରକୁ ଆସିବା ପୂର୍ବରୁ ପାହାଡ଼ ଉପରକୁ ଯାଇ ଜୀବନ୍ତ ବିଚ୍ଛା ଖୋଜି ହାତରେ ଧରି ମନ୍ଦିରକୁ ଆସନ୍ତି। ବିଚ୍ଛାକୁ ଧରିବା ପାଇଁ କୌଣସି ବସ୍ତୁର ଉପଯୋଗ ମଧ୍ୟ ହୁଏନାହିଁ। ଠାକୁରଙ୍କ କୃପାରୁ ବିଚ୍ଛା ସେମାନଙ୍କର କୌଣସି କ୍ଷତି କରନ୍ତି ନାହିଁ ବୋଲି ଭକ୍ତମାନେ କୁହନ୍ତି। ଭକ୍ତମାନଙ୍କ ବିଶ୍ୱାସ ଏତେ ଗଭୀର ଯେ, ଆଜିପର୍ଯ୍ୟନ୍ତ ସେଭଳି କୌଣସି ପ୍ରତିକୂଳ ଘଟଣା ଦେଖିବାକୁ ମିଳିନାହିଁ। ତେଣୁ ପିଲାମାନେ ମଧ୍ୟ ହାତରେ ବିଚ୍ଛା ଧରି ମନ୍ଦିରକୁ ଯାଉଥିବାର ଦେଖିବାକୁ ମିଳେ। ଏହି ପରମ୍ପରା କାହିଁ କେଉଁ କାଳରୁ ଚାଲିଆସୁଛି। ଶ୍ରାବଣ ମାସର ତୃତୀୟ ସୋମବାରରେ ମନ୍ଦିରରେ ଭକ୍ତଙ୍କ ଭିଡ଼ ଅଧିକ ପରିଲକ୍ଷିତ ହୋଇଥାଏ।

ସେହିଭଳି ଉତ୍ତର ପ୍ରଦେଶର ଅମରୋହାଠାରେ ଥିବା ହଜରତ ଶାହ ବିଲାୟତ ନାମକ ଦର୍‌ଗାହରେ ମଧ୍ୟ ଅସଂଖ୍ୟ ବିଚ୍ଛା ଦେଖାଯାଆନ୍ତି। ଏଠାକୁ ଆସୁଥିବା ଲୋକମାନଙ୍କ ପାଦ ପାଖରେ ସେହିସବୁ ବିଷାକ୍ତ ବିଚ୍ଛାଗୁଡ଼ିକ ବିଚରଣ କରୁଥିଲେ ମଧ୍ୟ କେହି ଭୟଭୀତ ହୁଅନ୍ତି ନାହିଁ। ସେଠାରେ ଥିବା ବିଚ୍ଛାଗୁଡ଼ିକ ବିଗତ ୮୦୦ ବର୍ଷ ଧରି ବଞ୍ଚି ରହିଛନ୍ତି ଏବଂ କାହାକୁ ଦଂଶନ କରନ୍ତି ନାହିଁ ବୋଲି କୁହାଯାଏ। ଏହି ଦର୍‌ଗାହର ଅନ୍ୟ ଏକ ବିଶେଷତ୍ୱ ହେଉଛି, ଏଠାକୁ ବାହାରର କୌଣସି ବିଚ୍ଛା ଆସିଯିବା ପରେ ତା'ର ସ୍ୱଭାବରେ ଆପେ ଆପେ ପରିବର୍ତ୍ତନ ହୋଇଯାଏ। କେହି ମଧ୍ୟ କୌଣସି ବିଚ୍ଛାକୁ ବିନା ଅନୁମତିରେ ବାହାରକୁ ନେଇପାରିବେ ନାହିଁ ବୋଲି ନିୟମ ରହିଛି। ତେଣୁ ଲୋକମାନେ ଏହି ସ୍ଥାନକୁ 'ବିଚ୍ଛା ମଜାର୍' ମଧ୍ୟ କହିଥା'ନ୍ତି।

୮୫୦ ବର୍ଷ ପୁରୁଣା ଏହି ଦର୍‌ଗାହ ସମ୍ପର୍କିତ ଜନଶ୍ରୁତି ରହିଛି ଯେ, ହଜରତ ସୈୟଦ ଶରଫ ଉଦ୍ଦିନ ଶାହ ବିଲାୟତ ସୁଦୂର ଇରାନ୍‌ରୁ ଏଠାକୁ ଆସିଥିଲେ। ତାଙ୍କର ଗୁରୁ କହିଥିଲେ ଯେ, 'ଯେଉଁଠାରେ ତୁମକୁ ରୋହୁ ମାଛ ଓ ଆମ୍ବ ଖାଇବାକୁ ମିଳିବ, ସେଠାରେ ତୁମର ଯାତ୍ରା ସମାପ୍ତ ହେଲା ବୋଲି ଭାବିନେବ।' ଅମରୋହାଠାରେ ପହଞ୍ଚିବା ପରେ ତାଙ୍କୁ ଜଣେ ବୃଦ୍ଧା ରୋହୁମାଛ ସହିତ ଆମ୍ବ ଓ ରୁଟି ଖାଇବା ପାଇଁ ଦେଇଥିଲେ। ସେହିଦିନଠାରୁ ସେ ଅମରୋହାରେ ରହିଗଲେ। ଏକଦା ଜଣେ ବୃଦ୍ଧ ତାଙ୍କ ପାଖକୁ ଆସି କହିଲେ, 'ଏଠାରେ ବହୁତ ସାପ ଓ ବିଚ୍ଛା ଅଛନ୍ତି, ଯେଉଁ କାରଣରୁ ଲୋକମାନେ ସବୁବେଳେ ଭୟଭୀତ ହୋଇ ରହୁଛନ୍ତି ଏବଂ ଆପଣଙ୍କ ପାଖକୁ ଆସିବା ପାଇଁ ଅସୁବିଧା ହେଉଛି।' ଏହାର ଉତ୍ତରରେ ହଜରତ ଶାହ ବିଲାୟତ କହିଲେ ଯେ, 'ମୋର ଦର୍‌ଗାହରେ ସାପ ଓ ବିଚ୍ଛା ରହିଲେ ମଧ୍ୟ କାହାକୁ ସେମାନେ ଦଂଶନ କରିବେ ନାହିଁ।' ତେଣୁ ଏଠାକୁ ଆସୁଥିବା ଲୋକମାନଙ୍କର ବିଚ୍ଛା କିମ୍ବା ସାପ ପ୍ରତି ଭୟ ନଥାଏ। ଏହି ଦର୍‌ଗାହର ସବୁଠାରୁ ବଡ଼ ବିଶେଷତ୍ୱ ହେଉଛି ଯେ ଗୋଟିଏ ବିଚ୍ଛାକୁ ମାତ୍ର କିଛି କ୍ଷଣ ପାଇଁ ଦର୍‌ଗାହ ବାହାରକୁ ନେବାକୁ ଅନୁମତି ମିଳିଥାଏ। କିନ୍ତୁ ଗୋଟିଏ ମିନିଟ୍‌ରୁ ଅଧିକ ହେଲେ ଉକ୍ତ ବ୍ୟକ୍ତି ବିଚ୍ଛା ଦଂଶନରେ ମୃତ୍ୟୁବରଣ କରିଥାଏ। ଏଭଳି ଆଲୌକିକତାଭରା ଏହି ଦର୍‌ଗାହକୁ ଦୂରଦୂରାନ୍ତରୁ ଜାତିଧର୍ମବର୍ଣ୍ଣ ନିର୍ବିଶେଷରେ ଲୋକମାନେ ମନସ୍କାମନା ପୂରଣ କରିବାକୁ ଆସିଥା'ନ୍ତି। (କ୍ରମଶଃ...)

ଭୁବନେଶ୍ୱର, ମୋ: ୯୦୯୦୧୯୪୯୪୩

### ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୁନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# ତାଳପତ୍ରରେ ଜୀବନ୍ତ ହେଉଛି ୫୦୦ ବର୍ଷର ଐତିହ୍ୟ

## ଲୁପ୍ତପ୍ରାୟ ପୋଥି ଲେଖନ କଳାର ପୁନରୁଦ୍ଧାର କରୁଛନ୍ତି ଅମିୟ



ମାହାଙ୍ଗା,୧ା୧(ସମିସ): ଆଧୁନିକତାର ଚକାଚକ ମଧ୍ୟରେ ଯେତେବେଳେ ଆମର ପ୍ରାଚୀନ କଳା ଓ ସଂସ୍କୃତି ବିଲୁପ୍ତ ହେବାକୁ ବସିଛି, ସେତିକିବେଳେ କଟକ ଜିଲ୍ଲା ମାହାଙ୍ଗା ବ୍ଲକ ଉଷୁମା ଗ୍ରାମର ଅମିୟ ପ୍ରସାଦ ମହାପାତ୍ର ଏକ ଅନନ୍ୟ ଉଦାହରଣ ସୃଷ୍ଟି କରିଛନ୍ତି। ଦୀର୍ଘ ୫୦୦ ବର୍ଷ ତଳର ତାଳପତ୍ର ପୋଥି ଲେଖନ କଳାକୁ ପୁନର୍ଜୀବିତ କରିବା ପାଇଁ ସେ ଗତ ୨୦ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ନିରନ୍ତର ପ୍ରୟାସ ଜାରି ରଖିଛନ୍ତି। ମହାପୁରୁଷମାନଙ୍କ ଦ୍ୱାରା ପ୍ରଣୀତ ଗୀତା, ମହାଭାରତ, ଭାଗବତ ଓ ମାଳିକା ଭଳି ଅମୂଲ୍ୟ ଗ୍ରନ୍ଥଗୁଡ଼ିକୁ ସେ ନିଜ ଜେଜେବାପାଙ୍କ ଅମଳର ପାରମ୍ପରିକ ଲେଖନୀ ସାହାଯ୍ୟରେ ତାଳପତ୍ରରେ ପୁନଃ ଲିପିବଦ୍ଧ କରୁଛନ୍ତି। ଏହି କଠିନ ସାଧନା ମଧ୍ୟରେ ସେ ଶ୍ରୀମଦ୍ ଭାଗବତ, ଗୀତଗୋବିନ୍ଦ ଓ ରାମାୟଣ ଭଳି ଅନେକ ଗ୍ରନ୍ଥ ସମାପ୍ତ କରିବା ପରେ ଏବେ ବଳରାମ ଦାସଙ୍କ "ବ୍ରହ୍ମ ପୁରାଣ' ଲେଖିବାରେ ମଗ୍ନ ଅଛନ୍ତି। ପୋଥି ପ୍ରସ୍ତୁତିର ପ୍ରକ୍ରିୟା ଅତ୍ୟନ୍ତ ଧୈର୍ଯ୍ୟସାଧ୍ୟ ଓ ବୈଜ୍ଞାନିକ। ଅମିୟ ପ୍ରଥମେ ତାଳଗଛରୁ ଉନ୍ନତମାନର ମଞ୍ଜି ପତ୍ର ସଂଗ୍ରହ କରି ତାକୁ ପାଗ କରିବା ପାଇଁ ପ୍ରାୟ ୧୫ ରୁ ୩୦ ଦିନ ପର୍ଯ୍ୟନ୍ତ ପଙ୍କ ବା ପୋଖରୀ ପାଣିରେ ବୁଡ଼ାଇ ରଖନ୍ତି। ପତ୍ରଟି ନରମ ଓ ଲେଖିବା ଉପଯୋଗୀ ହେବା ପରେ ଏହାକୁ ଆବଶ୍ୟକୀୟ ଆକାରରେ କାଟି ମଝିରେ ଛିଦ୍ର କରାଯାଏ ଏବଂ ବାଉଁଶ ବତା ବା କାଠ ପଟା ସାହାଯ୍ୟରେ ପୋଥି ଆକାରରେ ବନ୍ଧାଯାଏ। କେବଳ ପୋଥି ଲେଖିବା ନୁହେଁ, ବରଂ ଅନ୍ୟମାନଙ୍କ ପାଖରେ ଥିବା ପୁରୁଣା ଓ ନଷ୍ଟ ହେବାକୁ ବସିଥିବା ଗ୍ରନ୍ଥଗୁଡ଼ିକୁ ମଧ୍ୟ ସେ ସଂଗ୍ରହ କରି ସୁରକ୍ଷିତ ରଖୁଛନ୍ତି। ତାଙ୍କର ଏହି ନିଶା ଓ ଭଗବତ୍ ଭକ୍ତି ଯୋଗୁଁ ସେ ୨୦୨୫ ମସିହା ଗୋକର୍ଣ୍ଣେଶ୍ୱର ମହାଦେବଙ୍କ ଭାଗବତ ମେଳଣରେ ୨୭ ଜଣ ଗାଦୀଶ୍ୱରଙ୍କୁ ନିଜ ହାତଲେଖା "ଶ୍ରୀ ଗୀତଗୋବିନ୍ଦ' ପୋଥି ଉପହାର ସ୍ୱରୂପ ପ୍ରଦାନ କରିଥିଲେ। ପୋଥି ଲେଖନ ବ୍ୟତୀତ ଅମିୟ ଜଣେ ସୁସାହିତ୍ୟିକ ଓ ପ୍ରବଚକ ଭାବେ ମଧ୍ୟ ବେଶ୍ ପରିଚିତ। ସେ ଗୋସ୍ୱାମୀ ତୁଳସୀଦାସଙ୍କ "ଶ୍ରୀ ରାମଚରିତମାନସ'କୁ ଓଡ଼ିଆ ନବାକ୍ଷରି ଛନ୍ଦରେ ଅନୁବାଦ କରୁଥିବା ବେଳେ ତାଙ୍କର "ମାନସ ନବାକ୍ଷରି' (ସୁନ୍ଦରାକାଣ୍ଡ) ପୁସ୍ତକଟି କଟକର ଶ୍ରୀ ତାରିଣୀ ପ୍ରେସ୍‌ରେ ପ୍ରକାଶିତ ହୋଇସାରିଛି।

ଗ୍ରାମାଞ୍ଚଳରେ ହଜିଯାଉଥିବା ଭଗବତ ଟୁଙ୍ଗିର ପରମ୍ପରାକୁ ପୁନର୍ଜୀବିତ କରିବା ଏବଂ ଯୁବପିଢ଼ିଙ୍କୁ ନିଜ ଐତିହ୍ୟ ସହ ଯୋଡ଼ିବା ପାଇଁ ତାଙ୍କର ଏହି ନିଷ୍ଠାପର ଉଦ୍ୟମ ଅଞ୍ଚଳବାସୀଙ୍କ ଦ୍ୱାରା ବେଶ୍ ପ୍ରଶଂସିତ ହୋଇଛି। ଓଡ଼ିଆ ଭାଷାର ଅସ୍ମିତା ଓ ସଂସ୍କୃତିକୁ ବଞ୍ଚାଇ ରଖିବା ପାଇଁ ଅମିୟଙ୍କ ଏହି ଲେଖନୀ ଚାଳନା ଆଗାମୀ ଦିନରେ ଏକ ଆଲୋକବର୍ତ୍ତିକା ସଦୃଶ କାର୍ଯ୍ୟ କରିବ।


### କୁହୁଡ଼ି ଯୋଗୁଁ ବିମାନ ସେବା ବାଧାପ୍ରାପ୍ତ

# ୫ ବିମାନର ଗତିପଥ ପରିବର୍ତ୍ତନ

**୩୧ ହଜାର ଫୁଟ୍ ଉପରେ ଦେଢ଼ ଘଣ୍ଟା ଚକ୍କର କାଟିଲା ବିମାନ**

ଭୁବନେଶ୍ୱର,୧ା୧(ସମିସ): ସକାଳୁ ସକାଳୁ ଘନ କୁହୁଡିରେ ଢାଙ୍କି ହୋଇଥିଲା ଭୁବନେଶ୍ୱର। ଏହା ପ୍ରଭାବରେ ଭୁବନେଶ୍ୱର ବିଜୁ ପଟ୍ଟନାୟକ ବିମାନବନ୍ଦରରେ ବିମାନଚଳାଚଳ ଗୁରୁତର ବାଧାପ୍ରାପ୍ତ ହୋଇଛି। ଘନ କୁହୁଡି ପାଇଁ ୫ ବିମାନର ଗତିପଥ ପରିବର୍ତ୍ତନ କରାଯାଇଛି। ୩ ଟି ରାୟପୁରକୁ ଏବଂ ୨ ଟି ବିମାନକୁ କୋଲକାତାକୁ ପରିବର୍ତ୍ତନ କରାଯାଇଛି। ସେଥିମଧ୍ୟରୁ ୩ ଟି ବିମାନ ଦିଲ୍ଲୀରୁ ଆସୁଥିବା ବେଳେ ଗୋଟିଏ ଚେନ୍ନାଇ ଏବଂ ଗୋଟିଏ ବେଙ୍ଗାଲୁରୁରୁ ଆସୁଥିଲା। ସକାଳ ସାଢେ ୬ ଟା ବେଳେ ରନୱେରେ ଦୃଶ୍ୟମାନ କ୍ଷମତା ମାତ୍ର ୫୦ ମିଟର ଥିଲା, ସେଥିପାଇଁ ବିମାନ ଉଡି ପାରିନଥିଲା। ଅତି କାମରେ ଦୃଶ୍ୟମାନ ୫୫୦ ମିଟର ରହିଲେ ବିମାନ ଉଡାଣ ହୋଇଥାଏ। ହେଲା ଏହା କମ୍ ରହିଥିବାରୁ ଆଜି ବିମାନ ସେବା ବାଧାପ୍ରାପ୍ତ ହୋଇଛି। ଅନ୍ୟପଟେ ଜଣେ ଯାତ୍ରୀଙ୍କ କହିବା ଅନୁଯାୟୀ ଗୋଟିଏ ବିମାନ ୩୧ ହଜାର ଫୁଟ୍ ଉପରେ ପ୍ରାୟ ଦେଢ଼ ଘଣ୍ଟା ଚକ୍କର କାଟିବା ପରେ ବିମାନଟି ଅବତରଣ କରିପାରିଥିଲା। ସେ ମୁମ୍ବାଇରୁ ଆସିଥିଲେ। ସେହିପରି ଭୁବନେଶ୍ୱରରୁ ଡେରାଡୁନ ସକାଳ ୬ ଟା ରେ ଥିବା ବିମାନ ଦିନ ୧୦ ଟାରେ ଉଡାଣ କରିଛି। ଜୟପୁର ଉତ୍କଳା ବିମାନ ମଧ୍ୟ ବିଳମ୍ବରେ ଉଡାଣ ଭରିଛି। ପ୍ରୋଟୋକଲ ଅନୁସାରେ ଯାତ୍ରୀଙ୍କ ସୁବିଧା ପାଇଁ ସମସ୍ତ ବ୍ୟବସ୍ଥା କରାଯାଇଛି। ଆଗକୁ କୁହୁଡି ଜାରି ରହିବ। ଅଧିକ କୁହୁଡି ହେବା ଯୋଗୁଁ ବିମାନ ସେବାରେ ବାଧାପ୍ରାପ୍ତ ହେବାର ସମ୍ଭାବନା ରହିଛି, ଯାତ୍ରୀମାନେ ଯେଉଁଭଳି କୌଣସି ଅସୁବିଧାରେ ନପଡ଼ନ୍ତି ତେଣୁ ଘରୁ ବାହାରିବା ଆଗରୁ ବିମାନ ସମୟ ଯାଞ୍ଚ କରିବାକୁ ଭୁବନେଶ୍ୱର ବିମାନବନ୍ଦର ନିର୍ଦ୍ଦେଶକ ଅନୁରୋଧ କରିଛନ୍ତି।

# ବିଦ୍ୟୁତ୍ ସଂସ୍ପର୍ଶରେ ଅଢେଇ ବର୍ଷ ଶିଶୁର ମୃତ୍ୟୁ



ଯାଜପୁର,୧ା୧(ସମିସ): ଯାଜପୁର ସଦର ଥାନା ଅନ୍ତର୍ଗତ ସିମିଳିଆ ପଞ୍ଚାୟତର ତାଳପଦା ଗାଁରେ ଅଭାବନୀୟ ଘଟଣା ଘଟିଛି। ଜଣେ ଅଢ଼େଇ ବର୍ଷର ଶିଶୁପୁତ୍ରର ବିଦ୍ୟୁତ୍ ସଂସ୍ପର୍ଶରେ ମୃତ୍ୟୁ ଘଟିଛି। ରାକେଶ ସାହୁଙ୍କ ପୁଅ ଓମପ୍ରକାଶ ସାହୁ ବାଡ଼ିରେ ସକାଳେ ଖେଳୁଥିବା ସମୟରେ ସେଠାରେ ପଡ଼ିଥିବା ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସିଯାଇଥିଲା। ତାକୁ ଗୁରୁତର ଅବସ୍ଥାରେ ଜିଲ୍ଲା ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲେ ମଧ୍ୟ ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ପଡ଼ୋଶୀ ମାନସ ପଣ୍ଡା ନିଜ ବାଡ଼ି ଧାନ ଖଳାରେ ଧାନ ମେସିନ ଲଗାଇ ଧାନ ଅମଳ କରୁଥିଲେ। ସେ ଟ୍ରାନ୍ସଫର୍ମରରୁ ହୁକ ପକାଇ ବିଦ୍ୟୁତ୍ ଆଣି ଥିବାବେଳେ ଏଭଳି ଅଘଟଣ ଘଟିଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି। ଏ ନେଇ ଯାଜପୁର ସଦର ଥାନାରେ ଅଭିଯୋଗ କରାଯିବା ପରେ ପୁଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

### କେନ୍ଦ୍ର ରଖିଲା ଅନୁରୋଧ

# ଏପ୍ରିଲ ସୁଦ୍ଧା ଆଉ ୬ ଲକ୍ଷ ମେଟ୍ରିକ ଟନ୍ ଚାଉଳ ଉଠାଣ

- ୫ ଲକ୍ଷ ମେଟ୍ରିକ ଟନ୍ ଉଷୁନା, ୧ ଲକ୍ଷ ମେଟ୍ରିକ ଟନ୍ ଅରୁଆ ଚାଉଳ ନେବ କେନ୍ଦ୍ର
- ଏଯାବତ୍ ୧୦ ଲକ୍ଷ ୫୦ ହଜାର ମେଟ୍ରିକ ଟନ୍ ଧାନ ସଂଗ୍ରହ

ଭୁବନେଶ୍ୱର,୧ା୧(ସମିସ): ରାଜ୍ୟ ପାଖରେ ବର୍ତ୍ତମାନ ୭ ଲକ୍ଷ ମେଟ୍ରିକ୍ ଟନ୍ ଚାଉଳ ଅଛି। ଆସନ୍ତା ଏପ୍ରିଲ ମାସ ସୁଦ୍ଧା କେନ୍ଦ୍ର ସରକାର ୫ ଲକ୍ଷ ମେଟ୍ରିକ୍ ଟନ୍ ଉଷୁନା ଚାଉଳ ଓ ୧ ଲକ୍ଷ ମେଟ୍ରିକ୍ ଟନ୍ ଅରୁଆ ଚାଉଳ ଉଠାଇବେ। ବଳକା ୧ ଲକ୍ଷ ମେଟ୍ରିକ୍ ଟନ୍ ଚାଉଳକୁ ଅକ୍ସନ୍ କରି ବିକ୍ରି କରିବୁ ବୋଲି ରାଜ୍ୟ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ତି। କେନ୍ଦ୍ର ସରକାର ଓଡ଼ିଶାର ଦାବିକୁ ଗ୍ରହଣ କରିଥିବାରୁ ଶ୍ରୀ ପାତ୍ର ଏଥିପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ କେନ୍ଦ୍ର ଯୋଗାଣ ମନ୍ତ୍ରୀ ପ୍ରହ୍ଲାଦ ଯୋଶୀଙ୍କୁ ଧନ୍ୟବାଦ ଜଣାଇଛନ୍ତି। ସେହିପରି ଏନେଇ ବାରମ୍ବାର କେନ୍ଦ୍ର ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଥିବାରୁ ଶ୍ରୀ ପାତ୍ର ମୁଖ୍ୟମନ୍ତ୍ରୀଙ୍କୁ ମଧ୍ୟ ଧନବାଦ ଅର୍ପଣ କରିଛନ୍ତି।

ଶ୍ରୀ ପାତ୍ର କହିଛନ୍ତି ଯେ ରାଜ୍ୟରେ ୬୩ ଲକ୍ଷ ମେଟ୍ରିକ୍ ଟନ୍ ଚାଉଳ ଉତ୍ପାଦନ ହୋଇଛି। ୨୮ ଲକ୍ଷ ମେଟ୍ରିକ୍ ଟନ୍ ଆମର ନିଜସ୍ୱ ବ୍ୟବହାର ହେଉଛି। ଆଉ ୨୮ ଲକ୍ଷ ମେଟ୍ରିକ୍ ଟନ୍ କେନ୍ଦ୍ର ନେଇଛି। ଆମ ପାଖରେ ଆହୁରି ୭ ଲକ୍ଷ ମେଟ୍ରିକ୍ ଟନ୍ ଚାଉଳ ଅଛି। କେନ୍ଦ୍ର ସରକାର ଆଉ ୬ ଲକ୍ଷ ମେଟ୍ରିକ ଟନ୍ ଚାଉଳ ନେବାକୁ ସମ୍ମତି ପ୍ରକାଶ ପରେ ଚଳିତ ବର୍ଷ ଧାନ ସଂଗ୍ରହରେ ସମସ୍ୟା ରହିବ ନାହିଁ ବୋଲି ସେ ମତବ୍ୟକ୍ତ କରିଛନ୍ତି। ସେହିପରି ରାଜ୍ୟରେ ୧୦ ଲକ୍ଷ ମେଟ୍ରିକ୍ ଟନ୍ ଚାଉଳ ରଖିବାକୁ ଗୋଦାମ ତିଆରି ହେବ। ଏଥିପାଇଁ ସ୍ଥାନ ନିରୂପଣ ହୋଇସାରିଛି। ଚଳିତ ବର୍ଷ ଏହି ଗୋଦାମ ଘର ନିର୍ମାଣ ଆରମ୍ଭ ହୋଇଯିବ ବୋଲି ସେ ସୂଚନା ଦେଇଛନ୍ତି। ସେହିପରି ବୁଧବାର ସୁଦ୍ଧା ରାଜ୍ୟରେ ୧୦ ଲକ୍ଷ ୫୦ ହଜାର ମେଟ୍ରିକ ଟନ୍ ଧାନ ସଂଗ୍ରହ ହୋଇସାରିଛି। ୧୮ ଜିଲ୍ଲାର ମୋଟ ୨.୩୦ ଲକ୍ଷ କୃଷକ ସେମାନଙ୍କର ଧାନ ବିକ୍ରି କରିସାରିଛନ୍ତି। ସେମାନଙ୍କ ଆକାଉଣ୍ଟକୁ ୨୩୫୦ କୋଟି ଟଙ୍କା ପ୍ରଦାନ କରାଯାଇ ସାରିଛି ବୋଲି ସେ କହିଛନ୍ତି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ମହଙ୍ଗା ହେବ...

ରାଜ୍ୟର କେନ୍ଦୁପତ୍ର ଶିଳ୍ପ ଓ ଏହା ସହ ଜଡ଼ିତ ଶ୍ରମିକଙ୍କୁ କ୍ଷତିଗ୍ରସ୍ତ କରିବ। ସମ୍ପ୍ରତି ଓଡ଼ିଶା ସମେତ ଅନେକ ରାଜ୍ୟର ଲକ୍ଷଲକ୍ଷ ଶ୍ରମିକ କେନ୍ଦୁପତ୍ର ଶିଳ୍ପ ସହ ଜଡ଼ିତ। ଉଚ୍ଚ ଶୁଳ୍କ ଯୋଗୁଁ ବଜାର ପ୍ରଭାବିତ ହେବା ଦ୍ୱାରା ଏହି ଶ୍ରମିକମାନେ କ୍ଷତିଗ୍ରସ୍ତ ହେବେ ବୋଲି ଆକଳନ କରାଯାଉଛି। କେନ୍ଦୁପତ୍ର ଉପରୁ ଜିଏସ୍‌ଟି ହ୍ରାସ ପାଇଁ ଓଡ଼ିଶା ପରି ଅନେକ ରାଜ୍ୟ ବିଭିନ୍ନ ସମୟରେ ଦାବି କରି ଆସିଛନ୍ତି। ବିଭିନ୍ନ ନିର୍ବାଚନ ସମୟରେ କେନ୍ଦୁପତ୍ରରୁ ଜିଏସ୍‌ଟି ହ୍ରାସ ପଶ୍ଚିମ ଓଡ଼ିଶାରେ ନିର୍ବାଚନୀ ପ୍ରସଙ୍ଗ ବି ହୋଇଛି। ମାତ୍ର ଜିଏସ୍‌ଟି ହ୍ରାସ ପରିବର୍ତ୍ତେ ଏହା ଉପରେ ସେସ ବୃଦ୍ଧି ଏହି ଶିଳ୍ପକୁ ପ୍ରଭାବିତ କରିପାରେ ବୋଲି ଆକଳନ କରାଯାଉଛି।

### ଦେଓରଞ୍ଜନ ଉନ୍ନୟନ...

ଅତିରିକ୍ତ ମୁଖ୍ୟ ଶାସନ ସଚିବ ଭାବେ ଅତିରିକ୍ତ ଦାୟିତ୍ୱ ସହ ଇପିକଲ୍‌ର ଅଧ୍ୟକ୍ଷ ଭାବେ ଅତିରିକ୍ତ ଦାୟିତ୍ୱ ତୁଲାଉଛନ୍ତି। ମହିଳା ଓ ଶିଶୁ ବିକାଶ ବିଭାଗର ପ୍ରମୁଖ ଶାସନ ସଚିବ ଶୁଭା ଶର୍ମାଙ୍କୁ ଜଳ ସମ୍ପଦ ବିଭାଗର ପ୍ରମୁଖ ଶାସନ ସଚିବ ଭାବେ ଅତିରିକ୍ତ ଦାୟିତ୍ୱ ପ୍ରଦାନ କରାଯାଇଛି। ଅବକାରୀ ବିଭାଗ ପ୍ରମୁଖ ଶାସନ ସଚିବ ଭାସ୍କରଜ୍ୟୋତି ଶର୍ମାଙ୍କୁ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗର ପ୍ରମୁଖ ଶାସନ ସଚିବ ଭାବେ ଅତିରିକ୍ତ ଦାୟିତ୍ୱ ପ୍ରଦାନ କରାଯାଇଛି। ସେହିପରି ସମବାୟ ବିଭାଗ କମିସନର ତଥା ସଚିବ ରାଜେଶ ପ୍ରଭାକର ପାଟିଲ୍‌ଙ୍କୁ ଏସ୍‌ଆରସି ଭାବେ ଅତିରିକ୍ତ ଦାୟିତ୍ୱ ସହ ଓସ୍‌ଡମାର ପରିଚାଳନା ନିର୍ଦ୍ଦେଶକ ଭାବେ ଅତିରିକ୍ତ ଦାୟିତ୍ୱ ପ୍ରଦାନ କରାଯାଇଛି। ଗଣଶିକ୍ଷା ବିଭାଗ ଅତିରିକ୍ତ ସଚିବ ମଧୁମିତା ରଥଙ୍କୁ ନୟାଗଡ଼ ଜିଲ୍ଲାପାଳ ଓ ନୟାଗଡ଼ ଜିଲ୍ଲାପାଳ ଅକ୍ଷୟ ସୁନିଲ ଅଗ୍ରୱାଲଙ୍କୁ ଗଜପତି ଜିଲ୍ଲାପାଳ ଭାବେ ବଦଳି କରାଯାଇଛି।

### ଲକ୍ଷ୍ୟ ହାସଲ...

ପଡ଼ିବ। ଏକ ଉତ୍ତରଦାୟୀ ପ୍ରଶାସନର ଭୂମିକା ନିଭାଇବା ପାଇଁ ଲୋକଙ୍କ ଅଭିଯୋଗ ଶୁଣାଣିକୁ ଅତ୍ୟନ୍ତ ଗୁରୁତ୍ୱର ସହିତ ବିଚାର କରିବାକୁ ପଡ଼ିବ। ସମାଜର କୌଣସି ଲୋକ ଯେପରି ସରକାରୀ ସୁବିଧା ସୁଯୋଗରୁ ବଞ୍ଚିତ ନ ହୁଅନ୍ତି, ସେଥିପାଇଁ ସବୁସ୍ତରରେ ଲୋକଙ୍କ ଅଭିଯୋଗ ଶୁଣି ତାକୁ ତୁରନ୍ତ ସମାଧାନ କରିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଅଭିଯୋଗ ଶୁଣାଣି ପାଇଁ ସୋସିଆଲ ମିଡିଆକୁ ବହୁଳ ବ୍ୟବହାର ସହ ସମସ୍ୟାର ସମାଧାନ ପାଇଁ ସବୁ ସ୍ତରର ଅଧିକାରୀଙ୍କୁ କ୍ଷେତ୍ର ପରିଦର୍ଶନ ପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି, ପ୍ରଶାସନରେ ଦୁର୍ନୀତିଗ୍ରସ୍ତ, ଅପାରଗ ତଥା ଦାୟିତ୍ୱହୀନ ଅଧିକାରୀଙ୍କୁ ବରଦାସ୍ତ କରାଯିବ ନାହିଁ। ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ସେହିପରି ସବୁପ୍ରକାର ସରକାରୀ କାର୍ଯ୍ୟ ଓଡ଼ିଆ ଭାଷାରେ କରିବା ସହ ସରକାରୀ ସ୍ତରରେ ନୋଟିସ, ଚିଠି ଓ ବିଜ୍ଞପ୍ତିକୁ ଓଡ଼ିଆରେ ଲେଖାଯିବାକୁ ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଆରୋପ କରିଛନ୍ତି। ନିର୍ଦ୍ଦେଶ ପାଳନ ନ ହେଲେ ଖିଲାପକାରୀଙ୍କୁ କୈଫିୟତ ତଲବ ପାଇଁ ବି କୁହାଯାଇଛି। ଏତଦ୍ ବ୍ୟତୀତ ରାଜ୍ୟ ଶିଳ୍ପାୟନର ଦ୍ରୁତ ବିକାଶ ପାଇଁ ନିର୍ଦ୍ଦେଶାବଳୀ ଉପରେ ଗୁରୁତ୍ୱ ଦେବା ସହ ନବକୃଷ୍ଣ ଚୌଧୁରୀ ଉନ୍ନୟନ ଗବେଷଣା କେନ୍ଦ୍ରକୁ ଉତ୍କର୍ଷ କେନ୍ଦ୍ର କରିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି।

### ରାଜ୍ୟ ସ୍ୱାର୍ଥ ପାଇଁ...

ସମସ୍ତଙ୍କ ଶୁଭେଚ୍ଛା ଗ୍ରହଣ କରିବା ସହ ଶୁଭକାମନା ପ୍ରଦାନ କରିଥିଲେ। ବରିଷ୍ଠ ନେତାଙ୍କ ମଧ୍ୟରେ ଦେବୀ ପ୍ରସାଦ ମିଶ୍ର, ପ୍ରମିଳା ମଲ୍ଲିକ, ନିରଞ୍ଜନ ପୂଜାରୀ, ଅତନୁ ସବ୍ୟସାଚୀ ନାୟକ, ସଞ୍ଜୟ କୁମାର ଦାସବର୍ମା, ଡ. ଅରୁଣ କୁମାର ସାହୁ, ଟୁକୁନି ସାହୁ, ଅଶୋକ ଚନ୍ଦ୍ର ପଣ୍ଡା, ଯୁବ ବିଜେଡି ସଭାପତି ଚିନ୍ମୟ ସାହୁ, ଛାତ୍ର ବିଜେଡି ସଭାପତି ଇପ୍ସିତା ସାହୁ, ବିଭିନ୍ନ ଛାମୁଆ ସଂଗଠନର କର୍ମକର୍ତ୍ତାଙ୍କ ସମେତ ବହୁ ବରିଷ୍ଠ ନେତା, କର୍ମୀ ଉପସ୍ଥିତ ଥିଲେ।

ଏହି ଅବସରରେ ବିଜେଡି ବରିଷ୍ଠ ଉପସଭାପତି ଦେବୀ ପ୍ରସାଦ ମିଶ୍ର କହିଛନ୍ତି ଯେ ଦଳର ସଭାପତି ନବୀନ ପଟ୍ଟନାୟକ ରାଜ୍ୟବାସୀଙ୍କ ସୁଖସମୃଦ୍ଧି କାମନା କରିବା ସହ ଦଳର କର୍ମୀମାନଙ୍କୁ ଉତ୍ସର୍ଗୀକୃତ ଭାବରେ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଛନ୍ତି। ବିରୋଧୀ ଦଳର ଭୂମିକାକୁ ନିଷ୍ଠାର ସହ ପାଳନ କରିବାକୁ ଦଳୀୟ କର୍ମୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ବିଏମ୍‌ସି ମେୟର ସୁଲୋଚନା ଦାସ କହିଛନ୍ତି ଯେ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ଓଡ଼ିଶା ଦେଶରେ ଏକ ବିକଶିତ ରାଜ୍ୟରେ ପରିଣତ ହୋଇଥିଲା। ମହାବାତ୍ୟା ପରେ ନବୀନଙ୍କ ନେତୃତ୍ୱ ଓଡ଼ିଶାକୁ ନୂଆ ରୂପ ଦେଇଛି। କ୍ଷମତାରେ ନ ଥିଲେ ମଧ୍ୟ ସେ ରାଜ୍ୟବାସୀଙ୍କ ପାଇଁ ଅହରହ ଚିନ୍ତା କରୁଛନ୍ତି। ଆଜି ନୂଆବର୍ଷରେ ସେ ରାଜ୍ୟବାସୀଙ୍କ ପାଇଁ କାମ କରିବାକୁ ଦଳୀୟ କର୍ମୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ବିଜେଡି ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ସେବା ଜାରି ରଖିଛି। ତାଙ୍କ ନେତୃତ୍ୱ ପଛରେ ସମସ୍ତେ ଠିଆ ହୋଇଛନ୍ତି ଓ ରହିଥିବେ ବୋଲି ସେ କହିଛନ୍ତି।

### ୭ ଦିନରେ ପିଇଦେଲେ...

ସଂଖ୍ୟାରେ ଗ୍ରାହକ ଏକଜୁଟ୍ ହୋଇ ମଦ ପିଇଛନ୍ତି। ପୁରୁଷଙ୍କ ସହ ତାଳ ଦେଇ ମହିଳାମାନେ ମଦ୍ୟପାନ କରିଛନ୍ତି ବୋଲି ସୂଚନା ମିଳିଛି। ମଦ ଉପରେ ରୋକ୍ ଲାଗିବ ବୋଲି ସରକାର ଦଳ ଦାବି କରୁଥିଲେ। ମାତ୍ର ହେଲେ ବଢୁଥିବା ମଦୁଆ ସଂଖ୍ୟା ଏବଂ ମଦ ବିକ୍ରି ତଥ୍ୟ ସମସ୍ତଙ୍କୁ ଡରାଇବାରେ ଲାଗିଛି। ଜିରୋ ନାଇଟ୍ ଦିନ ରାଜଧାନୀର ସମସ୍ତ ବାର୍, ମଦ ବିକ୍ରି କରୁଥିବା ରେସ୍ତୋରାଁ, ପପ୍‌ରେ ଖଚାଖଚ ଭିଡ ହୋଇଛି। ରାତି ୧୨ଟା ବେଳେକୁ ଏତେ ଭିଡ ଯେ ପାଦ ପକାଇବାକୁ ଜାଗା ମିଳୁନଥିଲା। ଗ୍ରାହକଙ୍କୁ ଆକୃଷ୍ଟ କରିବାକୁ ବ୍ୟବସାୟୀମାନେ ଭିନ୍ନ ଭିନ୍ନ କୌଶଳ ଆପଣାଇ ଥିଲେ। ରାଜଧାନୀରେ ଏଭଳି ମଦ ବିକ୍ରିକୁ ମଦ ବିରୋଧୀ ସଂଗଠନ ପକ୍ଷରୁ ଭିନ୍ନ ପ୍ରତିକ୍ରିୟା ପ୍ରକାଶ ପାଇଛି। ଯଦି ପ୍ରତ୍ୟେକ ୨ କିଲୋମିଟର ମଧ୍ୟରେ ୫ରୁ ଊର୍ଦ୍ଧ୍ୱ ମଦ ଦୋକାନ ଖୋଲିବେ ତେବେ ମାତ୍ର କିଛି ବର୍ଷ ମଧ୍ୟରେ ସବୁ ମଦୁଆ ହୋଇଯିବେ। ରାଜଧାନୀରେ ଅରାଜକତା ବଢିବ।

### ପ୍ରତିବାଦ କରିବାରୁ...

ରାତି ପ୍ରାୟ ୯ଟାରେ ପୁଣିଥରେ ଶିବ ତାଙ୍କ ନାତୁଣୀଙ୍କୁ ଦୁର୍ବ୍ୟବହାର କରିଥିଲା। ଗୁରୁବାର ସକାଳ ପ୍ରାୟ ୯ଟାରେ ସନିଆ ଘର ସମ୍ମୁଖରେ ଶିବଙ୍କୁ ଦେଖି ଘଟଣା ସମ୍ପର୍କରେ ପଚାରିଥିଲେ। ଏଥିରେ ଉତ୍ତ୍ୟକ୍ତ ହୋଇ ଶିବ ଓ ତାଙ୍କ ସମ୍ପର୍କୀୟ ଚିକୁନ ତାଙ୍କୁ ଗାଳିଗୁଲଜ କରିଥିଲେ। ପରେ ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା। ପରେ ଉତ୍ତେଜିତ ହୋଇ ଶିବ ଓ ଚିକୁନ କାଠଫାଳିରେ ସନିଆଙ୍କୁ ପିଟି ପିଟି ଲହୁଲୁହାଣ କରିଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ଦିଗପହଣ୍ଡି ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିବାବେଳେ ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ଖବରପାଇ କେ.ନୂଆଗାଁ ଥାନା ଆଇଆଇସି କିଶୋର କୁମାର ସାମଲ, ଏଏସ୍‌ଆଇ ସି. ତାରକେଶ୍ୱର ରାଓ ସଦଳବଳ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିବା ସହ ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରୁ ଶବ ଜବତ କରି ବ୍ୟବଛେଦ ନିମନ୍ତେ ବ୍ରହ୍ମପୁର ବଡ଼ ଡାକ୍ତରଖାନାକୁ ପଠାଇଥିଲେ। ହତ୍ୟାକାଣ୍ଡରେ ସମ୍ପୃକ୍ତ ଶିବ ଓ ଚିକୁନକୁ ଥାନାକୁ ଆଣି ଅଟକ ରଖି ପଚରାଉଚରା ଚଳାଇଛନ୍ତି। ସନିଆଙ୍କ ପୁଅ ବିଚିତ୍ର ଗୌଡ଼ଙ୍କ ଏତଲା ଅନୁଯାୟୀ ଏକ ହତ୍ୟା ମାମଲା (ନଂ.୧/୨୬) ରୁଜୁ କରାଯାଇଛି। ମୃତଦେହ ବ୍ୟବଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା। ଶୋକାକୁଳ ପରିବେଶ ମଧ୍ୟରେ ଗାଁ ଶ୍ମଶାନରେ ସନିଆଙ୍କ ଅନ୍ତିମ ସଂସ୍କାର ହୋଇଛି।


## ସମ୍ବଲପୁର ଜିଲ୍ଲା ସମବାୟ କେନ୍ଦ୍ର ବ୍ୟାଙ୍କ ଲିଃ, ବରଗଡ

ନବ ବର୍ଷ - ୨୦୨୬ ଓ ବିଶ୍ୱ ପ୍ରସିଦ୍ଧ ୭୮ତମ ବରଗଡ଼ ବିରାଟ ଧନୁଯାତ୍ରା ଉପଲକ୍ଷେ ବ୍ୟାଙ୍କର ସମସ୍ତ ଜମାକାରୀ, ଗ୍ରାହକ, ଶୁଭେଚ୍ଛୁ, ପୃଷ୍ଠପୋଷକ ତଥା ଅଞ୍ଚଳବାସୀଙ୍କୁ ଆନ୍ତରିକ ଶୁଭେଚ୍ଛା ଜଣାଉଛୁ। ଏହି ଅଞ୍ଚଳର ସମସ୍ତ ପରିବାର ହସଖୁସିରେ ଓ ଆନନ୍ଦଉଲ୍ଲାସରେ ଏହି ଯାତ୍ରାକୁ ଉପଭୋଗ କରନ୍ତୁ। ନିଜ ପରିବାରର ତଥା ଅଞ୍ଚଳର ଆର୍ଥିକ ଓ ସାମାଜିକ ଉନ୍ନତି ସାଧନ ନିମନ୍ତେ ଏହି ବ୍ୟାଙ୍କ ପ୍ରତି ଆପଣମାନଙ୍କର ଅକୁଣ୍ଠ ସହଯୋଗ ଆମ୍ଭର ଏକାନ୍ତ କାମ୍ୟ।

ଶ୍ରୀଯୁକ୍ତ ଭକ୍ତେଶ୍ୱର ମଳିକ, ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ

ଶ୍ରୀଯୁକ୍ତ ନରେନ୍ଦ୍ର ପଧାନ, ସଭାପତି



O-1920

Email ID-cuttackrw2nd@yahoo.co.in
Telephone / Fax No. (0671)-2445119

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER, RURAL WORKS DIVISION-II, CUTTACK**

**e-procurement Notice for Road work**

**Bid Identification No. SECTC-II-25 of 2025-26 dt. 30.12.2025**

| | | |
|---|---|---|
| 1. Number of the work | :- | 05 (Five) numbers Building |
| 2. Estimated Cost. (Approx) | :- | Rs. 43.52 lakh to 43.68 lakh |
| 3. Period of completion | :- | 06 (Six) calendar month |
| 4. Date & time of sale & receipt of bid document online | :- | From: 08.01.2026 at 11:00 AM To: 27.01.2026 at 5:30 PM |
| 5. Date & time of opening of bids | :- | 28.01.2026 at 11:30 AM |
| 6. Name and address of Inviting Officer | :- | O/o the Superintending Engineer, R. W. Division-II, Cuttack, Nayabazar, Cuttack-753004 |

Further details can be seen from the State Govt. portal https://tendersorissa.gov.in

OIPR-25095/11/043/2526

*Superintending Engineer*
*R.W. Division-II, Cuttack*



O-1919

Email ID-cuttackrw2nd@yahoo.co.in
Telephone / Fax No. (0671)-2445119

**GOVERNMENT OF ODISHA**
**O/O THE SUPERINTENDING ENGINEER, RURAL WORKS DIVISION-II, CUTTACK**

**e-procurement Notice for Building Work**

**Bid Identification No. SECTC-II-24of 2025-26 dt. 30.12.2025**

| | | | |
|---|---|---|---|
| 1. | Number of the work | :- | 12 (Twelve) number of Buildings for the year 2025-2026 |
| 2. | Estimated Cost. (Approx) | :- | Rs. 58.71 lakh to Rs. 77.77 lakh |
| 3. | Period of completion | :- | 12 (Twelve) calendar months |
| 4. | Date & time of sale & receipt of bid document online | :- | From: 08.01.2026 at 11:00AM To:27.01.2026 at 5:30 PM |
| 5. | Date & time of opening of Technical bid | :- | 28.01.2026 at 11:30 AM |
| 6. | Date & time of opening of Finanical bid | :- | To be intimated later on |
| 7. | Name and address of Inviting Officer | | Superintending Engineer, R. W. Division-II, Cuttack, Nayabazar, Cuttack-753004 |

Further details can be seen from the State Govt. portal https://tendersorissa.gov.in

OIPR-25095/11/042/2526

*Superintending Engineer*
*R.W. Division-II, Cuttack*



## କେନ୍ଦ୍ରାପଡା ଜିଲ୍ଲାର ଚାଷୀଭାଇମାନଙ୍କ ନିମନ୍ତେ ବିଶେଷ ସୂଚନା

ଏତଦ୍ୱାରା କେନ୍ଦ୍ରାପଡ଼ା ଜିଲ୍ଲାର ସମସ୍ତ ଚାଷୀଭାଇ ଓ ଭଉଣୀ ମାନଙ୍କ ଅବଗତ ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଚଳିତ ୨୦୨୫ - ୨୬ ଖରିଫ ବର୍ଷ ପାଇଁ ରାଜ୍ୟ ସରକାର ଚାଷୀମାନଙ୍କ ନିମନ୍ତେ ଏଫ୍.ଏ.କ୍ୟୁ. ମାନର ସାଧାରଣ ଓ ଗ୍ରେଡ୍ 'ଏ' ଧାନ ନିମନ୍ତେ ସର୍ବନିମ୍ନ ସହାୟକ ମୂଲ୍ୟ ସ୍ଥିର କରିଛନ୍ତି।

କେନ୍ଦ୍ରାପଡ଼ା ଜିଲ୍ଲା ପ୍ରଶାସନର ନିଷ୍ପତି କ୍ରମେ, ଚଳିତ ଖରିଫ ବର୍ଷ ୨୦୨୫-୨୬ ନିମନ୍ତେ ତା ୦୯.୦୧.୨୦୨୬ ରିଖ ଠାରୁ ତା ୩୧.୦୩.୨୦୨୬ ରିଖ ପର୍ଯ୍ୟନ୍ତ କେନ୍ଦ୍ରାପଡ଼ା ଯୋଗାଣ ନିଗମ ଜରିଆରେ ଜିଲ୍ଲାର ୧୧୮ ଗୋଟି ପ୍ରାଥମିକ କୃଷି ସମବାୟ ସମିତି (PACS) ମାଧ୍ୟମରେ ଧାନକ୍ରୟ ମଣ୍ଡିମାନ ଖୋଲାଯାଇଅଛି। ସୁବିଧାରେ ଧାନ ବିକ୍ରି କରିବା ନିମିତ୍ତ ଚାଷୀଭାଇମାନେ ନିକଟସ୍ଥ (PACS)ରେ ନାମ ପଞ୍ଜିକରଣ କରିଥିବା ବାଧ୍ୟତା ମୂଳକ ଅଟେ।

ନିମ୍ନରେ ଏଫ୍.ଏ.କ୍ୟୁ. ସାଧାରଣ ଧାନର ମାନ ଓ ଦର ପ୍ରଦତ୍ତ କରାଗଲା। ଧାନ ବ୍ୟବସାୟ ଉପଯୋଗୀ, ଖାଦ୍ୟ ଉପଯୋଗୀ, ଶୁଖିଲା, ପରିଷ୍କାର, ସମରଙ୍ଗୀ, ସମଆକାର ଏବଂ ଦୁର୍ଗନ୍ଧ ମୁକ୍ତ କିସମର ହୋଇଥିବା ଆବଶ୍ୟକ।

ଏଣୁ ଜିଲ୍ଲାର ଚାଷୀ ଭାଇ ଓ ଭଉଣୀ ମାନଙ୍କୁ ଅନୁରୋଧ, ସେମାନେ ସେମାନଙ୍କର ଉତ୍ପାଦିତ ବଳକା ଧାନ (FAQ)ମାନର କରାଇ ସେମାନଙ୍କର ସଂପୃକ୍ତ ଅଞ୍ଚଳର (PACS) ଗୁଡିକରୁ ସରକାରଙ୍କ ନିୟମାନୁଯାୟୀ ଅଗ୍ରିମ ଟୋକନ୍ ଗ୍ରହଣ କରି ସରକାରଙ୍କ ଦ୍ୱାରା ଘୋଷିତ ସର୍ବନିମ୍ନ ସହାୟକ ମୂଲ୍ୟରେ ସକାଳ ୮ଘଟିକା ଠାରୁ ଦିନ ୨ ଘଟିକା ପର୍ଯ୍ୟନ୍ତ ଧାର୍ଯ୍ୟ କରାଯାଇଥିବା ବାର ମାନଙ୍କରେ ଧାନ ବିକ୍ରୟ କରିପାରିବେ। ଆବଶ୍ୟକ ହେଲେ ଧାର୍ଯ୍ୟ ଦିନ ଓ ସମୟ ପରିବର୍ତ୍ତନ କରାଯାଇପାରିବ। (FAQ) ଧାନର ଗୁଣାତ୍ମକ ମାନ ନିମ୍ନରେ ପ୍ରଦାନ କରାଗଲା।

| ଧାନରେ ମିଶ୍ରିତ ନିକୃଷ୍ଟ ବା ବାହ୍ୟ ପଦାର୍ଥ | ଏଫ୍.ଏ.କ୍ୟୁ. ମାନର ଧାନପାଇଁ ସର୍ବୋଚ୍ଚ ଗ୍ରହଣୀୟ ସୀମା |
|---|---|
| ❖ ବାଲି, ମାଟି, ଗୋଡ଼ି ବା ଧୂଳି ଇତ୍ୟାଦି ଅଜୈବୀକ ବାହ୍ୟ ପଦାର୍ଥ | ୧.୦% |
| ❖ କାଠି, କୁଟା, ଧୂଷ, ଅଗାଡ଼ି ବା ପୋଲା ଇତ୍ୟାଦି ଜୈବୀକ ବାହ୍ୟ ପଦାର୍ଥ | ୧.୦% |
| ❖ ଖରାପ, ବେରଙ୍ଗୀ, ପାଣିଫୁଲା ବା ପୋକା ଇତ୍ୟାଦି | ୫.୦% |
| ❖ ଅପରିପକ୍ୱ, କଞ୍ଚା, ସବୁଜ, ବଙ୍କା ବା ସଙ୍କୁଚିତ ଇତ୍ୟାଦି | ୩.୦% |
| ❖ ସରୁଧାନରେ ମିଶ୍ରିତ ମୋଟା ଧାନ (କେବଳ ଗ୍ରେଡ଼ 'ଏ' ଧାନ ନିମନ୍ତେ) | ୬.୦% |
| ❖ ଆଦ୍ରତା ବା ଜଳୀୟ ଅଂଶ | ୧୭.୦% |
| ସରକାରଙ୍କଦ୍ୱାରା ଘୋଷିତ ହୋଇଥିବା ଧାନର ସର୍ବନିମ୍ନ ସହାୟକ ମୂଲ୍ୟ :- | |
| ❖ ଏଫ୍.ଏ.କ୍ୟୁ ମାନର ସାଧାରଣ ଧାନ କୁଇଣ୍ଟାଲ୍ ପ୍ରତି ଦର | ଟ. ୨୩୬୯.୦୦ } ୩୧୦୦.୦୦ |
| ❖ ଓ ଅତିରିକ୍ତ ଇନପୁଟ୍ କୁଇଣ୍ଟାଲ ପ୍ରତି ଦର | ଟ. ୮୦୦.୦୦ |
| ❖ ଗ୍ରେଡ଼ 'ଏ' ଧାନ କୁଇଣ୍ଟାଲ ପ୍ରତି ଦର | ଟ. ୨୩୮୯.୦୦ |

ଧାନ କ୍ରୟ ଦିବସ : ଗୁରୁବାର ଓ ଜାତୀୟ ଛୁଟି ଦିବସ ବ୍ୟତୀତ, ସାପ୍ତାହିକ ଧାର୍ଯ୍ୟ ବାରରେ (ସାପ୍ତାହିକ ୩ ଦିନ) ଧାନ କ୍ରୟ କରାଯିବ।

ଚାଷୀଭାଇମାନେ ସେମାନଙ୍କର ଧାନ ବିକ୍ରି କରିବାରେ ଅସୁବିଧାର ସମ୍ମୁଖୀନ ହେଲେ ବା କୌଣସି କ୍ରୟକାରୀ ସଂସ୍ଥା ସମ୍ବନ୍ଧରେ କିଛି ଅଭିଯୋଗ ଥିଲେ ସେମାନେ ଜିଲ୍ଲାପାଳ, ଉପ-ଜିଲ୍ଲାପାଳ, ଜିଲ୍ଲା ଯୋଗାଣ ଅଧିକାରୀ, ସହକାରୀ ସମବାୟ ନିବନ୍ଧକ ଓ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କୁ ଯୋଗାଯୋଗ କରିବା ପାଇଁ ଅନୁରୋଧ।

୧). ଜିଲ୍ଲା କଣ୍ଟ୍ରୋଲ୍ ରୁମ୍ - ୨୨୦୫୪୪ (୦୬୭୨୭)
୨). ଅତିରିକ୍ତ ଜିଲ୍ଲାପାଳ ତଥା ନୋଡ଼ାଲ ଅଧିକାରୀ - ୨୩୨୬୦୧ (୦୬୭୨୭)
୩). ଜିଲ୍ଲା ଯୋଗାଣ ଅଧିକାରୀ, କେନ୍ଦ୍ରାପଡ଼ା - ୯୪୩୮୨୦୦୦୪୭
୪). ସି.ସି.ସି.ବି. ନୋଡାଲ ଅଫିସର, କେନ୍ଦ୍ରାପଡ଼ା - ୨୩୨୨୨୬ (୦୬୭୨୭)
୫). ଏ. ଆର୍. ସି. ଏସ୍., କେନ୍ଦ୍ରାପଡ଼ା - ୨୩୨୦୫୮ (୦୬୭୨୭)/୯୮୬୧୭୭୮୫୧୪/୭୯୭୮୮୨୭୧୨୭
୬). ନିୟନ୍ତ୍ରିତ ବଜାର କମିଟି, କେନ୍ଦ୍ରାପଡ଼ା - ୯୭୭୬୪୫୭୭୨୬

ଧାନ କ୍ରୟ କେନ୍ଦ୍ରର ସୁପରିଚାଳନା ନିମିତ୍ତ ସମସ୍ତ ସହଯୋଗ ପାଇଁ ଅନୁରୋଧ

ଜିଲ୍ଲା ପ୍ରଶାସନ, କେନ୍ଦ୍ରାପଡା

ସୌଜନ୍ୟ: ନିୟନ୍ତ୍ରିତ ବଜାର କମିଟି, କେନ୍ଦ୍ରାପଡା



## ବିଜ୍ଞାପିତ ଅଞ୍ଚଳ ପରିଷଦ, ଖଲ୍ଲିକୋଟ, ଗଞ୍ଜାମ
NOTIFIED AREA COUNCIL, KHALLIKOTE, GANJAM
Email: nackhallikote@gmail.com, ☎: 06810-296333(O), Pin No. 761030

**ଅଭିନନ୍ଦନ ବାର୍ତ୍ତା**

ଅଦ୍ୟ ତା.୦୧ ଜାନୁୟାରୀ ୨୦୨୬ରିଖ ନବ ବର୍ଷ ଅଭିନନ୍ଦନ ଉପଲକ୍ଷେ ଖଲ୍ଲିକୋଟ ବିଜ୍ଞାପିତ ଅଞ୍ଚଳ ପରିଷଦର ବରିଷ୍ଠ ନାଗରିକ, ବୁଦ୍ଧିଜୀବୀ, ଆଇନଜୀବୀ, ବ୍ୟବସାୟୀ, ସାମ୍ବାଦିକ ଏବଂ ଜନ ସାଧାରଣଙ୍କୁ ପରିଷଦ ତରଫରୁ ହାର୍ଦ୍ଦିକ ଅଭିନନ୍ଦନ ଜଣାଇବା ସହ ସମସ୍ତ ବ୍ୟବସାୟୀ ବନ୍ଧୁ ଓ ସହରବାସୀଙ୍କୁ ଖଲ୍ଲିକୋଟ ବିଜ୍ଞାପିତ ଅଞ୍ଚଳ ପରିଷଦ ତରଫରୁ ନିବେଦନ କରାଯାଉଛି ଯେ,

- ପଲିଥିନ ବ୍ୟବହାର କରନ୍ତୁ ନହିଁ ଓ ପରିବେଶ ପ୍ରଦୂଷଣରୁ ବଞ୍ଚିତ ହୁଅନ୍ତୁ। ପଲିଥିନ ବ୍ୟବହାର କରିବା ନଜରକୁ ଆସିଲେ ଆଇନ ଅନୁଯାଇ ଆର୍ଥିକ ଦଣ୍ଡ ପ୍ରଦାନ କରାଯିବ।
- ପରିଷଦର ଟିକସ, ଗୃହଟିକସ, ଦୋକାନ ଭଡା ଯଥା ସମୟରେ ଜମା କରିବା ସହ ବ୍ୟବସାୟ ପ୍ରତିଷ୍ଠାନର ପଞ୍ଜିକରଣ କରାଇ ନିଅନ୍ତୁ।
- ପରିଷଦରୁ ଗୃହ ନକ୍ସା ମଞ୍ଜୁର ହେଲା ପରେ ଘର ତିଆରି କରନ୍ତୁ ଏବଂ ତିଆରି ହୋଇଯାଇଥିବା ଗୃହର ନକ୍ସା ପରିଷଦ ଠାରୁ ମଞ୍ଜୁର କରାଇ ନିଅନ୍ତୁ।
- ଅଳିଆ ଆବର୍ଜନା ଏଣେତେଣେ ନ ପକାଇ ଶୁଖିଲା ଅଳିଆ ଓ ଓଦା ଅଳିଆ ପୃଥକ ପୃଥକ କରି ରଖନ୍ତୁ। ପରିଷଦ ଦ୍ୱାରା ବ୍ୟବହାର କରାଯାଉଥିବା ଅଳିଆ ସଂଗ୍ରହ ଯାନରେ ରଖିଥିବା ଅଳିଆକୁ ପକାନ୍ତୁ ଏବଂ ସରକାରଙ୍କ ଦ୍ୱାରା ପ୍ରଯୋଜିତ ସ୍ୱଚ୍ଛଭାରତ ଅଭିଯାନରେ ସାମିଲ ହୁଅନ୍ତୁ।
- ରାସ୍ତା ଉପରେ ଘର ତିଆରି ସାମଗ୍ରୀ ଯଥା– ଗୋଡି, ବଲି, ଇଟା ଓ ପଥର ଇତ୍ୟାଦି ଜମା କରି ରଖନ୍ତୁ ନହିଁ।
- ଗୃହପାଳିତ ପଶୁ ଯଥା – ଗାଈଗୋରୁ, ଘୁଷୁରୀ ଇତ୍ୟାଦିକୁ ଖୋଲାରେ ଛାଡନ୍ତୁ ନହିଁ।
- ବିଶୁଦ୍ଧ ପାନୀୟଜଳ ବ୍ୟବହାର କରନ୍ତୁ।
- ପ୍ରତ୍ୟେକ ବ୍ୟକ୍ତି ବିଶେଷ ଓ ବ୍ୟବସାୟୀ ବନ୍ଧୁମାନେ ସେମାନଙ୍କ ଗୃହ ଓ ବ୍ୟବସାୟ ପ୍ରତିଷ୍ଠାନର ୫ ମିଟର ପରିମିତ ଅଞ୍ଚଳକୁ ସଫସୁତୁରା କରି ରଖନ୍ତୁ।

**ବିକାଶ ପଥେ ଖଲ୍ଲିକୋଟ –**

ସରକାରଙ୍କ ଦ୍ୱାରା ପ୍ରଚଳିତ ସମସ୍ତ ଯୋଜନାଗୁଡିକର ସଫଳ ରୂପାୟନ ଓ ପରିଷଦର ନିଜସ୍ୱ ଉନ୍ନୟନ ମୂଳକ କାର୍ଯ୍ୟ ଗୁଡିକୁ ଖଲ୍ଲିକୋଟର ବିକାଶ ଧାରାରେ ସାମିଲ କରି ଜନସାଧାରଣଙ୍କୁ ସମସ୍ତ ପ୍ରକାର ମୌଳିକ ସୁବିଧା ସୁଯୋଗ ପହଞ୍ଚାଇବା ହିଁ ଆମ ସଭିଙ୍କ ଏକମାତ୍ର ଲକ୍ଷ୍ୟ।

*"ଆସନ୍ତୁ ଆମେ ସମସ୍ତେ ମିଶି ଆମ ସହରକୁ ସୁସ୍ଥ ଓ ସ୍ୱଚ୍ଛ ଭାବରେ ଗଢି ତୋଳିବା"*

ଇଂ ନିରଞ୍ଜନ ବେହେରା, ଅଧ୍ୟକ୍ଷ, ବିଜ୍ଞାପିତ ଅଞ୍ଚଳ ପରିଷଦ, ଖଲ୍ଲିକୋଟ, ଗଞ୍ଜାମ।

ଶ୍ରୀ ସନ୍ଦୀପ ଖଡଙ୍ଗା, କାର୍ଯ୍ୟନିର୍ବାହୀ ଅଧିକାରୀ, ବିଜ୍ଞାପିତ ଅଞ୍ଚଳ ପରିଷଦ, ଖଲ୍ଲିକୋଟ, ଗଞ୍ଜାମ।



**AFFIDAVIT**

I, Ram Chandra Pradhan, aged about 56 years, S/o- Nimai Charan Pradhan resident of At- Gulipatana, Po/ps- Umerkote, Dist- Nabarangpur, Pin- 764073, Odisha do hereby declare by this affidavit No. 01, dtd- 01/01/2026, that now onwards I shall be known as **RAMACHANDRA PRADHAN** for all future purposes.

**AFFIDAVIT**

I, Sangeeta Badajena, aged about 56 years, W/o- Dibyasingha Badajena, resident of At- Majhisahi, Jobra, PO- College Square, Ps- Malgodown, DIst- Cuttack, Odisha declared by this affidavit No. 76AA 495027, dtd- 31/12/2025 that now onwards I shall be known as **SANGITA BADAJENA** for all future purposes.

**AFFIDAVIT**

I Sanjaya Kumar Agrawalla, S/O- Niranjan Agrawalla, resident of Govindtola, Dhanupali, Sambalpur, PIN- 768005, Odisha declare by this affidavit No. 2551, dated- 26/12/2025 that now onwards I shall be known as **SANJAY AGRAWAL** for all future purposes.

**NOTICE**

By virtue of an affidavit sworn before Executive Magistrate, Cuttack Sadar on Dated 11/11/2025, I, Reshama Bibi, W/o- Abdul Wazid, Resident of Village: Mugabhanga, Po- Phulnakhara, Ps-Cuttack Sadar, Dist- Cuttack, Odisha,754001 , I have changed my name from "RUKHASHANA PRAVIN" to "RESHAMA BIBI". Henceforth, I shall be known as **"RESHAMA BIBI"** for all purposes.

**AFFIDAVIT**

I Anju Agrawalla, W/O- Sanjay Agrawal resident of Govindtola, Dhanupali, Sambalpur, PIN- 768005, Odisha declare by this affidavit No- 2550, dated- 26/12/2025 that now onwards I shall be known as **ANJU AGRAWAL** for all future purposes.

**AFFIDAVIT**

By virtue of an affidavit (CF No. 28, dt- 31/12/2025) sworn before The Executive Magistrate, Bhubaneswar, I, **Manoj Das,** S/o- Late Surendra Nath Das, resident of At- Nandipada, PO- Maraigaon, PS- Nandipada, Dist- Keonjhar, PIN- 758083, Odisha declare that I have changed my minor son's name from **Sai Sujit Das to Sujat Kumar Das.** Henceforth, he shall be known as **Sujat Kumar Das** (new name) for all purposes.

**Manoj Das**

# ଆଇଆଇଏମ୍‌ସିରେ ଖୋଲିଲା ପିଏଚ୍‌ଡି ପାଠ୍ୟକ୍ରମ

ଢେଙ୍କାନାଳ,୧।୧(ସମିସ): ସ୍ଥାନୀୟ ଭାରତୀୟ ଜନସଞ୍ଚାର ସଂସ୍ଥାନ ପକ୍ଷରୁ ସାମ୍ବାଦିକତା ଓ ଯୋଗାଯୋଗ କ୍ଷେତ୍ରରେ ଗବେଷଣାକୁ ଅଧିକ ସୁଦୃଢ଼ କରିବା ପାଇଁ ଡକ୍ଟର ଅଫ ଫିଲୋସୋଫି ପାଠ୍ୟକ୍ରମ ଖୋଲିଛି। ଦିଲ୍ଲୀ ଓ ଢେଙ୍କାନାଳ ସମେତ ଅନ୍ୟ ଆଞ୍ଚଳିକ କ୍ୟାମ୍ପସରେ ଏହି ପାଠ୍ୟକ୍ରମ ସାମିଲ ହୋଇଛି। ଏନେଇ ଏକ ସ୍ୱତନ୍ତ୍ର ଉତ୍ସବ ଦିଲ୍ଲୀ କ୍ୟାମ୍ପସ

## ସାମିଲ ହେଲା ଢେଙ୍କାନାଳ କ୍ୟାମ୍ପସ

ସମ୍ମିଳନୀ କକ୍ଷରେ ଆୟୋଜିତ ହୋଇଛି। ଏଥିରେ ଆଇଆଇଏମସିର କୁଳପତି ଡ. ପ୍ରଜ୍ଞା ପାଲିୱାଲ ଗୌର ମଞ୍ଚାସୀନ ରହି ପାଠ୍ୟକ୍ରମର ଶୁଭାରମ୍ଭ କରିଛନ୍ତି। ଅନ୍ୟ କ୍ୟାମ୍ପସଗୁଡ଼ିକରୁ ଶିକ୍ଷକ ଓ କର୍ମଚାରୀମାନେ ଆଭାସୀ ଜରିଆରେ ଯୋଗଦେଇଥିଲେ। ବିଭିନ୍ନ କ୍ୟାମ୍ପସକୁ ସମ୍ବୋଧିତ କରି କୁଳପତି ଡ. ଗୌର ନୂତନ ପିଏଚଡି ପାଠ୍ୟକ୍ରମ ଖୋଲିବାର ବିଭିନ୍ନ ଦିଗ ଉପରେ




ଆଲୋଚନା କରିଥିଲେ। ସାମ୍ବାଦିକତା ଓ ଯୋଗାଯୋଗ କ୍ଷେତ୍ରର ସମସାମୟିକ ସାମାଜିକ, ପ୍ରଯୁକ୍ତିବିଦ୍ୟା ଓ ନୀତିଗତ ଚ୍ୟାଲେଞ୍ଜ ସହ ଜଡ଼ିତ ବହୁମୁଖୀ ଅନୁସନ୍ଧାନ ତଥା ଗବେଷଣା ନିମନ୍ତେ ଏହାର ଡିଜାଇନ ହୋଇଥିବା କହିଥିଲେ। ସେହିପରି ବିକେନ୍ଦ୍ରୀକୃତ ଗବେଷଣା ଉପରେ ଆଲୋଚନା କରି ଆଞ୍ଚଳିକ ସମସ୍ୟା ଓ ବାସ୍ତବତା ଆଧାରିତ ଗବେଷଣା ଉପରେ ଗୁରୁତ୍ୱ ଦେବାକୁ ଆଞ୍ଚଳିକ କ୍ୟାମ୍ପସଗୁଡ଼ିକୁ ପରାମର୍ଶ ଦେଇଥିଲେ। ପ୍ରସଙ୍ଗଭିତ୍ତିକ ନିର୍ଦ୍ଦିଷ୍ଟ ଅନ୍ତର୍ଦୃଷ୍ଟି ସୃଷ୍ଟି କରିବା ଏବଂ ବିଭିନ୍ନ ସାମାଜିକ ସାଂସ୍କୃତିକ ଦୃଷ୍ଟିକୋଣ ମାଧ୍ୟମରେ ଜାତୀୟ ଆଲୋଚନାକୁ ସମୃଦ୍ଧ କରିବା ଏହି ପାଠ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ବୋଲି କହିଥିଲେ। ପ୍ରତିଷ୍ଠାନର କୁଳସଚିବ ତଥା ଏଡିଜି ଏଲ ମଧୁ ନାଗ, ସମସ୍ତ ଆଞ୍ଚଳିକ ନିର୍ଦ୍ଦେଶକ, ଢେଙ୍କାନାଳ ଆଞ୍ଚଳିକ ନିର୍ଦ୍ଦେଶକ ପ୍ରଫେସର ଆନନ୍ଦ ପ୍ରଧାନ ଏବଂ ଆଞ୍ଚଳିକ କ୍ୟାମ୍ପସର ଅଧ୍ୟାପକ ଓ କର୍ମଚାରୀ ଯୋଗଦେଇଥିଲେ। ପିଏଚଡି ପାଠ୍ୟକ୍ରମ ଶିକ୍ଷା କ୍ଷେତ୍ରରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ହେବା ସହ ପ୍ରତିଷ୍ଠାନର ଗବେଷଣାଭିତ୍ତିକ ପରିବେଶ ଓ ଶୈକ୍ଷିକ ବାତାବରଣକୁ ଆଗକୁ ନେବ। ସାମ୍ବାଦିକତା ଓ ଗଣଯୋଗାଯୋଗ କ୍ଷେତ୍ରରେ ବୃତ୍ତିଗତ ଶିକ୍ଷା ତଥା ତାଲିମ ପାଇଁ ଉଲ୍ଲେଖନୀୟ ଅବଦାନ ରଖିଥିବା ଆଇଆଇଏମସି ଏବେ ନୂତନ ଜ୍ଞାନ, ଶୈକ୍ଷିକ ଉତ୍କର୍ଷତା ଓ ସୃଜନଶୀଳ ନେତୃତ୍ୱ କ୍ଷେତ୍ରରେ ବିଶେଷ ଅବଦାନକୁ ଯୋଡ଼ିବ ବୋଲି ପ୍ରଫେସର ପ୍ରଧାନ କହିଥିଲେ। ଭାରତ ସରକାରଙ୍କ ସୂଚନା ଏବଂ ପ୍ରସାରଣ ମନ୍ତ୍ରଣାଳୟ ଅଧୀନରେ ଥିବା ଭାରତୀୟ ଜନସଞ୍ଚାର ସଂସ୍ଥାନ ଡିମ୍ଡ ଟୁ ବି ୟୁନିଭର୍ସିଟି ଚଳିତ ୨୦୨୫-୨୬ ଶିକ୍ଷାବର୍ଷ ପାଇଁ ପିଏଚଡିରେ ପ୍ରବେଶ ନିମନ୍ତେ ଯୋଗ୍ୟ ପ୍ରାର୍ଥୀଙ୍କଠାରୁ ଅନଲାଇନ ଆବେଦନ ଆମନ୍ତ୍ରଣ କରିଛି। ଉଭୟ ପୂର୍ଣ୍ଣକାଳୀନ ଏବଂ ପାର୍ଟଟାଇମ୍ ପାଇଁ ଆବେଦନ ଜାନୁଆରୀ ୧ରୁ ଆରମ୍ଭ ହୋଇଥିବା ବେଳେ ଆବେଦନର ଶେଷ ଜାନୁଆରୀ ୩୦ ରହିଛି। ଉଭୟ ବର୍ଗ ପାଇଁ ଆବେଦନକାରୀଙ୍କ ମଧ୍ୟରୁ ୟୁଜିସି ନେଟ ପାସ୍ କରିଥିବା ପ୍ରାର୍ଥୀଙ୍କୁ ସିଧାସଳଖ ସାକ୍ଷାତକାର ପାଇଁ ଡକାଯିବ। ତେବେ ପାର୍ଟଟାଇମ୍ ପିଏଚଡି ପାଇଁ ଆବେଦନକାରୀ ୟୁଜିସି ନେଟ୍ ପାସ୍ କରି ନ ଥିଲେ ଆଇଆଇଏମସି ପକ୍ଷରୁ ହେବାକୁ ଥିବା ପରୀକ୍ଷା ଦେବାକୁ ପଡ଼ିବ। ଯୋଗ୍ୟତା ମାନଦଣ୍ଡ, ପ୍ରବେଶ ପରୀକ୍ଷା ଏବଂ ପାଠ୍ୟକ୍ରମର ଗଠନ ବାବଦରେ ସମ୍ପୂର୍ଣ୍ଣ ବିବରଣୀ ପାଇଁ ଆଶାୟୀମାନେ ଆଇଆଇଏମସିର ଅଫିସିଆଲ ୱେବସାଇଟ୍ ଆଇଆଇଏମସି.ଜିଓଭି. ଇନ୍‌ରେ ପିଏଚ୍‌ଡି ପ୍ରୋସପେକ୍ଟସ୍‌ରେ ସବିଶେଷ ତଥ୍ୟ ପାଇପାରିବେ।

## ଟାଟା ଷ୍ଟିଲ୍ ମେରାମଣ୍ଡଳୀକୁ ଜାତୀୟ ଶକ୍ତି ସଂରକ୍ଷଣ ପୁରସ୍କାର

ଢେଙ୍କାନାଳ,୧।୧(ସମିସ): ଟାଟା ଷ୍ଟିଲ ମେରାମଣ୍ଡଳୀ ପ୍ଲାଣ୍ଟକୁ ପ୍ରତିଷ୍ଠିତ ଜାତୀୟ ଶକ୍ତି ସଂରକ୍ଷଣ ପୁରସ୍କାର ମିଳିଛି। ଲୌହ ଓ ଇସ୍ପାତ ଶିଳ୍ପ ଅନ୍ତର୍ଗତ ଇଣ୍ଟିଗ୍ରେଟେଡ ଷ୍ଟିଲ୍ ପ୍ଲାଣ୍ଟ ବର୍ଗରେ କମ୍ପାନୀ ଦ୍ୱିତୀୟ ପୁରସ୍କାର ଲାଭ କରିଛି। ୨୦୨୩ରୁ ୨୦୨୫ ଗତ ୩ ବର୍ଷ ମଧ୍ୟରେ ଶକ୍ତି ସଂରକ୍ଷଣ କ୍ଷେତ୍ରରେ ଉଲ୍ଲେଖନୀୟ ପ୍ରଦର୍ଶନ ଯୋଗୁ କମ୍ପାନୀକୁ ଏହି ପୁରସ୍କାର ମିଳିଛି।



ନୂଆଦିଲ୍ଲୀର ବିଜ୍ଞାନ ଭବନରେ କେନ୍ଦ୍ର ଶକ୍ତି ମନ୍ତ୍ରଣାଳୟ ଅଧୀନରେ ଥିବା ବ୍ୟୁରୋ ଅଫ୍ ଏନର୍ଜି ଏଫିସିଏନ୍ସି ଦ୍ୱାରା ଆୟୋଜିତ ସ୍ୱତନ୍ତ୍ର ଉତ୍ସବରେ ଏହି ପୁରସ୍କାର ପ୍ରଦାନ କରାଯାଇଛି। କେନ୍ଦ୍ର ଶକ୍ତିମନ୍ତ୍ରୀ ମନୋହରଲାଲ ଖଟ୍ଟରଙ୍କଠାରୁ ଟାଟା ଷ୍ଟିଲ ମେରାମଣ୍ଡଳୀର ପାୱାର ସିଷ୍ଟମ୍ ମୁଖ୍ୟ ରାଜେଶ କୁମାର ଅଗ୍ରୱାଲ କମ୍ପାନୀ ପକ୍ଷରୁ ଏହି ପୁରସ୍କାର ଗ୍ରହଣ କରିଛନ୍ତି। ଏହି ବର୍ଗରେ ସାରା ଦେଶର ମୋଟ ୫୬ଟି ଇସ୍ପାତ କାରଖାନା ଭାଗ ନେଇଥିଲେ। ଗତ ତିନିଟି ଆର୍ଥିକ ବର୍ଷ ମଧ୍ୟରେ ପ୍ରାୟ ୨୯ ମିଲିୟନ ୟୁନିଟ ବିଦ୍ୟୁତ ଶକ୍ତି ସଞ୍ଚୟ କରି ଟାଟା ଷ୍ଟିଲ ମେରାମଣ୍ଡଳୀ ଏହି ଗୌରବ ଅର୍ଜନ କରିଛି।

## ସରକାରୀ କାର୍ଯ୍ୟକ୍ରମ ସମ୍ବନ୍ଧୀୟ ସଚେତନତା ଓ ସମ୍ପର୍କ ବୈଠକ




ଢେଙ୍କାନାଳ,୧।୧(ସମିସ): ହିନ୍ଦୋଳ ବ୍ଲକ ସଭାଗୃହରେ ବିଶ୍ୱ ଯୁବକେନ୍ଦ୍ର, ଅନୁଗୋଳ ଦ୍ୱାରା ପରିଚାଳିତ ଆକ୍ସେସ ଟୁ ଜଷ୍ଟିସ ପ୍ରକଳ୍ପ ତରଫରୁ ସରକାରୀ କାର୍ଯ୍ୟକ୍ରମ ସମ୍ବନ୍ଧୀୟ ସଚେତନତା ଓ ସମ୍ପର୍କ ବୈଠକ ଅନୁଷ୍ଠିତ ହୋଇଛି। ଅତିଥି ଭାବେ ଏବିଡିଓ ଜ୍ୟୋତିରଞ୍ଜନ ପ୍ରଧାନ, ସହକାରୀ ପ୍ରକଳ୍ପ ଅଧିକାରୀ ତାପସ୍ୱିନୀ ପଣ୍ଡା, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ରୋହିତ କୁମାର ପ୍ରଧାନ, ମିଶନ ଶକ୍ତି ବ୍ଲକ କାର୍ଯ୍ୟକ୍ରମ ସଂଯୋଜକ ସଞ୍ଜୀବ କୁମାର ଜେନା, ବ୍ଲକ ସଂଯୋଜକ ଲକ୍ଷ୍ମୀଧର ପ୍ରଧାନ, ସାଗରକାନ୍ତ ରାଉତ, ବ୍ଲକ କାର୍ଯ୍ୟକ୍ରମ ପରିଚାଳକ ଶାନ୍ତନୁ କୁମାର ସାହୁ, ବିଶ୍ୱ ଯୁବକେନ୍ଦ୍ରର ନିର୍ଦ୍ଦେଶକ ମନୋଜ କୁମାର ମହାପାତ୍ର ପ୍ରମୁଖ ସମ୍ବଳ ବ୍ୟକ୍ତି ଭାବେ ଯୋଗଦେଇଥିଲେ। ପ୍ରାରମ୍ଭରେ ବିଶ୍ୱ ଯୁବକେନ୍ଦ୍ରର କାଉନସେଲର ମନସ୍ମିତା ନାୟକ ସ୍ୱାଗତ ଜଣାଇଥିଲେ। ନିର୍ଦ୍ଦେଶକ ମହାପାତ୍ର ବାଲ୍ୟ ବିବାହ, ଶିଶୁ ଚାଲାଣ ଓ ଶିଶୁ ନିର୍ଯାତନା ବନ୍ଦ ପାଇଁ ସମାଜରେ ସମସ୍ତ ବ୍ୟକ୍ତିଙ୍କ ଭୂମିକା ଉପରେ ଆଲୋକପାତ କରିଥିଲେ। ରାଜ୍ୟ ସରକାରଙ୍କ ଦ୍ୱାରା ପରିଚାଳିତ, ଆସ ସ୍କୁଲ ଯିବା କାର୍ଯ୍ୟକ୍ରମ, ସ୍ୱୟଂସହାୟକ ଗୋଷ୍ଠୀଙ୍କୁ ଦିଆଯାଉଥିବା ଋଣ ବ୍ୟବସ୍ଥା, ରାସନ କାର୍ଡ, ମନରେଗା ଯୋଜନା, ଆବାସ, ସୁଭଦ୍ରା, ବିଧବା, ଭିନ୍ନକ୍ଷମ ଓ ବାର୍ଦ୍ଧକ୍ୟ ଭତ୍ତା, ସ୍ୱୟଂ ସହାୟକ ଗୋଷ୍ଠୀ ମାଧ୍ୟମରେ ମାଛଚାଷ, କୁକୁଡ଼ା ଓ ଘୁଷୁରୀ ଚାଷ, ପୋଷଣ, କୃଷି ଓ ଶ୍ରୀଅନ୍ନ ଯୋଜନା ସହିତ ସରକାରଙ୍କ ୬୪ଟି ଯୋଜନା ବିଷୟରେ ଅବଗତ କରିଥିଲେ। ବିଶ୍ୱ ଯୁବକେନ୍ଦ୍ରର କାର୍ଯ୍ୟକାରୀ ସଦସ୍ୟ ହରମୋହନ ମହାପାତ୍ର, ପ୍ରକଳ୍ପ ସହାୟିକା କୁମୁଦିନୀ ସ୍ୱାଇଁ, ଜୁଲି ସ୍ୱାଇଁ ସହଯୋଗ କରିଥିଲେ।

## ପ୍ରଧାନଶିକ୍ଷକଙ୍କୁ ଅବସର ସମ୍ବର୍ଦ୍ଧନା




ଢେଙ୍କାନାଳ,୧।୧(ସମିସ): ସଦର ବ୍ଲକ ହଳଦୀଗୁଣ୍ଡି ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ରୁଦ୍ରନାରାୟଣ ଶଥପଥୀ ଡିସେମ୍ବର ୩୧ ତାରିଖ ଚାକିରିରୁ ଅବସର ଗ୍ରହଣ କରିଛନ୍ତି। ଏହି ଅବସରରେ ବିଦ୍ୟାଳୟ ପରିଚାଳନା କମିଟି, ଶିକ୍ଷକ, ଛାତ୍ରଛାତ୍ରୀ ଓ ଗ୍ରାମବାସୀଙ୍କ ତରଫରୁ ବିଦ୍ୟାଳୟ ପରିସରରେ ବୁଧବାର ତାଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। କମିଟି ସଭାପତି ସୁମିତ୍ରା ବେହେରାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ଏବିଇଓ ଭଗବାନ ବେହେରା, ମୁଖ୍ୟବକ୍ତା ଭାବେ ପ୍ରଧାନଶିକ୍ଷକ ବିଷ୍ଣୁ ମଲ୍ଲିକ, ସମ୍ମାନିତ ଅତିଥି ଭାବେ ପ୍ରାଥମିକ ଶିକ୍ଷକ ସଂଘ ସମ୍ପାଦକ ଶତ୍ରୁଘ୍ନ ମଲ୍ଲିକ, ୱାର୍ଡସଭ୍ୟ ରଞ୍ଜନ କୁମାର ବେହେରା, ଅଙ୍ଗନବାଡ଼ି କର୍ମୀ ଗୀତାଞ୍ଜଳି ନାୟକ, ପ୍ରାକ୍ତନ ସିଆରସିସି ଦୀନକୃଷ୍ଣ ପୋଥାଳ ପ୍ରମୁଖ ଯୋଗଦେଇ ବିଦାୟୀ ପ୍ରଧାନଶିକ୍ଷକଙ୍କ କର୍ମମୟ ଜୀବନ ଓ ଗୁଣାବଳୀ ସମ୍ପର୍କରେ ଆଲୋକପାତ କରିଥିଲେ। ଶିକ୍ଷକ ରଞ୍ଜନ କୁମାର ସାହୁ, ଶିକ୍ଷୟିତ୍ରୀ କଲ୍ୟାଣୀ ସାହୁ, ଚିତ୍ରାବତୀ ବେହେରା, ଗ୍ରାମ ମୁଖିଆ ବିଜୟ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ସିଆରସିସି ପ୍ରମୋଦ ସାହୁ ମଞ୍ଚ ସଞ୍ଚାଳନ କରିଥିଲେ। ବିଦାୟୀ ପ୍ରଧାନଶିକ୍ଷକଙ୍କୁ ପୁଷ୍ପଗୁଚ୍ଛ, ଉପଢୌକନ, ମାନପତ୍ର ଓ ଉପହାର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଶିକ୍ଷକ ବିଶ୍ୱଜିତ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଅହମଦିଆ ମୁସଲିମ ଯୁବ ସଙ୍ଗଠନର ସ୍ୱଚ୍ଛତା ଅଭିଯାନ

ଢେଙ୍କାନାଳ,୧।୧(ସମିସ): ଢେଙ୍କାନାଳ ସହର ଉପକଣ୍ଠ ଗୁଣ୍ଡିଚାପଡ଼ାରେ ଅହମଦିୟା ମୁସଲିମ ଯୁବ ସଙ୍ଗଠନ ପକ୍ଷରୁ ସ୍ୱଚ୍ଛତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ନୂତନ ବର୍ଷ ଅବସରରେ ଗୁଣ୍ଡିଚାପଡ଼ା ସହିଦ ସ୍ମାରକୀଠାରୁ ଗ୍ରାମ କୋଠଘର ପର୍ଯ୍ୟନ୍ତ ରାସ୍ତା ସଫେଇ କରାଯାଇଥିଲା। ଅହମଦିୟା ମୁସଲିମ ସମୁଦାୟର ସଭାପତି ସୁଲେମାନ ଅଲ୍ଲୀ ଖାଁଙ୍କ ପରାମର୍ଶ ତଥା ଯୁବ ସଙ୍ଗଠନ ଅଧ୍ୟକ୍ଷ ସୋଲେମାନ ଖାଁଙ୍କ ନେତୃତ୍ୱରେ ପୂର୍ବତନ ଯୁବ ସଭାପତି ମହମୁଦ ଖାଁ, ଶେଖ୍ ଜହୀର, ମୌଲବୀ ଜଲାଲଉଦ୍ଦିନ ଖାଁ, ମୌଲବୀ ମୁଜାଫର ଖାଁ ଓ ଶେଖ୍ ତନୱିର ପ୍ରମୁଖ ବହୁ ଯୁବକ ଏଥିରେ ସାମିଲ ହୋଇଥିଲେ।



## ଯାଦବ ସମାଜ ପକ୍ଷରୁ ପ୍ରତିଭା ସମ୍ମାନ



ଭୁବନ,୧।୧(ସମିସ): ଭୁବନ ଏନ୍‌ଏସି ଅନ୍ତର୍ଗତ ବୁଦ୍ଧେଶ୍ୱର ମନ୍ଦିର ପରିସରରେ ଆଞ୍ଚଳିକ ଯାଦବ ସମାଜ ସମ୍ମିଳନୀ ରବିବାର ଅନୁଷ୍ଠିତ ହୋଇଛି। ଏହି ଅବସରରେ ଅଲେଖ ପ୍ରସାଦ ଦାସ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ପ୍ରତିଭା ସମ୍ମାନ ଅନୁଷ୍ଠିତ ହୋଇଛି। ଟ୍ରଷ୍ଟି ଶିକ୍ଷାବିତ ଅଲେଖ ପ୍ରସାଦ ଦାସ ଏଥିରେ ଅଧ୍ୟକ୍ଷତା କରିଥିଲେ। ଅଧ୍ୟାପକ ରବୀନ୍ଦ୍ର ବାରିକ ସଂଯୋଜନା କରିଥଲେ। ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ରେଲୱେ ମୁଖ୍ୟଯନ୍ତ୍ରୀ ରବୀନ୍ଦ୍ର କୁମାର ସାବତ, ମୁଖ୍ୟବକ୍ତା ଭାବେ ଯୋଗେନ୍ଦ୍ର ନାଥ ଦାସ, ସମ୍ମାନିତ ଅତିଥି ଭାବେ ଓଡ଼ିଶା ଯାଦବ ମହସଂଘ ସଭାପତି ନାରାୟଣ ଚନ୍ଦ୍ର ବେହେରା, ସାଧାରଣ ସମ୍ପାଦକ ସ୍ୱର୍ଣ୍ଣଲତା ବେହେରା, ଡା. ନିର୍ମଳ ମହାକୁଡ଼, ରମାକାନ୍ତ ଖିଲାର ସରପଞ୍ଚ ଶିଶିରକାନ୍ତ ବେହେରା, ରାମଚନ୍ଦ୍ର ବେହେରା, ମହେଶ୍ୱର ଖିଲାର, ଡା. ସୁଶାନ୍ତ କୁମାର ଦାସ ଯୋଗଦେଇଥିଲେ। ୧୦ ଜଣଙ୍କୁ ମାନପତ୍ର, ଉତ୍ତରୀୟ ଦେଇ ସମ୍ମାନିତ କରାଯାଇଥିଲା। ଯାଦବ ସମାଜର ୧୨ ଜଣ ବରିଷ୍ଠ ମୁରବୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏମ୍‌ସ ବିଶାଖାପାଟଣାର ଛାତ୍ର ନବେନ୍ଦୁ ମହାକୁଡ଼ଙ୍କୁ ସ୍ୱତନ୍ତ୍ର ଭାବେ ସମ୍ବର୍ଦ୍ଧିତ କରାଯାଇଥିଲା। ଡା. ମୀରା ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ଢେଙ୍କାନାଳ ଯାଦବ ସମାଜ ସଭାପତି କ୍ଷୀରୋଦ ଚନ୍ଦ୍ର ଦାସ, ସୁକାନ୍ତ ବେହେରା, ସୌଭାଗ୍ୟ କୁମାର ଦାସ, ବାବୁଲି ନାୟକ, ବିଜୟ କୁମାର ଦାସ ପ୍ରମୁଖ ସହଯୋଗ କରିଥିଲେ।

## କ୍ରିକେଟ ଟୁର୍ଣ୍ଣାମେଣ୍ଟ; ବଡ଼ସିଙ୍ଗଡ଼ା ଚାମ୍ପିଅନ

ପରଜଙ୍ଗ,୧।୧(ସମିସ): ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ବ୍ଲକ କୁଆଲୋ ପଞ୍ଚାୟତ ହାଇସ୍କୁଲ ପଡ଼ିଆରେ ଆୟୋଜିତ ଚନ୍ଦନ ଏବଂ ସୁଶା ମେମୋରିଆଲ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦଯାପିତ ହୋଇଛି। ବଡ଼ସିଙ୍ଗଡ଼ା ଓ ପରଜଙ୍ଗ ଦଳ ମଧ୍ୟରେ ଫାଇନାଲ ମ୍ୟାଚ୍ ଖେଳାଯାଇଥିଲା। ବଡ଼ସିଙ୍ଗଡ଼ା ବିଜୟୀ ହୋଇ ଚାମ୍ପିଅନ ହୋଇଛି। ଚିନ୍ମୟ ବାରିକ ଏବଂ ପିଙ୍କୁ ସାହୁ ଖେଳ ପରିଚାଳନା କରିଥିଲେ। ଶିବା ବେହେରା ଏବଂ ଅଙ୍କି ସାହୁ ସ୍କୋରସିଟ ପରିଚାଳନା କରିଥିଲେ। ବ୍ରହ୍ମାନନ୍ଦ ସାହୁ ଧାରାବିବରଣୀ ପ୍ରଦାନ କରିଥିଲେ। ମୁଖ୍ୟଅତିଥି ଭାବେ ଢେଙ୍କାନାଳ ସାଂସଦ ରୁଦ୍ରନାରାୟଣ ପାଣି ଯୋଗଦେଇ ଚାମ୍ପିଅନ



ଦଳକୁ ଟ୍ରଫି ସହ ୨୦ ହଜାର ଟଙ୍କା ଓ ରନର୍ସଅପ ଦଳକୁ ଟ୍ରଫି ସହ ୧୦ ହଜାର ଟଙ୍କା ପୁରସ୍କାର ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ଭାବେ ପରଜଙ୍ଗ ବ୍ଲକ ଉପାଧ୍ୟକ୍ଷା ଯଶସ୍ୱିନୀ ରାଉତ, କୁଆଲୋ ସରପଞ୍ଚ ଅଜିତ କୁମାର ସାହୁ, ପୂର୍ବତନ ସରପଞ୍ଚ ଏଲିନା ଭୂତିଆ, ଯୁବନେତା ଅନୀଲ ଭୁତିଆ, ବିଜେପି ନେତା ଦୁର୍ଗାଚରଣ ନାୟକ ଯୋଗଦେଇ ମ୍ୟାନ ଅଫ ଦି ସିରିଜ, ମ୍ୟାନ ଅଫ ଦି ମ୍ୟାଚ, ବେଷ୍ଟ ବୋଲର, ବ୍ୟାଟର, ଅଲ୍‌ରାଉଣ୍ଡର ଟ୍ରଫି ପ୍ରଦାନ କରିଥିଲେ। ସରପଞ୍ଚ ଅଜିତ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଆୟୋଜକ ଅନୁଷ୍ଠାନର ବିକାଶ ବେହେରା, ଶିବାଜୀ ସାହୁ, ଇନ୍ଦ୍ର ବେହେରା, ଲିପୁ ସାହୁ ପ୍ରମୁଖ ସହଯୋଗ କରିଥିଲେ।

## ବିରାଶାଳ କପ କ୍ରିକେଟ; କେନ୍ଦୁଝର ଚାମ୍ପିଅନ



କଙ୍କଡ଼ାହାଡ଼,୧।୧(ସମିସ): କଙ୍କଡ଼ାହାଡ଼ ବ୍ଲକ ବିରାଶାଳ କଲେଜ ଖେଳ ପଡ଼ିଆରେ କଳିଙ୍ଗ କ୍ରିକେଟ କ୍ଲବ ଆନୁକୂଲ୍ୟରେ ଆୟୋଜିତ ୩ୟ ସର୍ବଭାରତୀୟ ବିରାଶାଳ କପ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦଯାପିତ ହୋଇଛି। ଟୁର୍ଣ୍ଣାମେଣ୍ଟରେ ୮ ଦଳ ଭାଗ ନେଇଥିଲେ। ଫାଇନାଲ ମ୍ୟାଚ ବାଲେଶ୍ୱର ଓ କେନ୍ଦୁଝର ଦଳ ମଧ୍ୟରେ ଅନୁଷ୍ଠିତ ହେଇଥିଲା। ସୁପର ଓଭରରେ କେନ୍ଦୁଝର ବିଜୟୀ ହୋଇ ଚାମ୍ପିଅନ ହୋଇଛି। ଉଦଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ କାମାକ୍ଷାନଗର ବିଧାୟକ ଶତ୍ରୁଘ୍ନ ଜେନା, ସମ୍ମାନିତ ଅତିଥି ଭାବେ ପରଜଙ୍ଗ ବିଧାୟକ ବିଭୂତି ଭୂଷଣ ପ୍ରଧାନ, ବିଜେପି ଜିଲ୍ଲା ସଭାପତି ରାସବିହାରୀ ବେହେରା, ବିଜେପି ରାଜ୍ୟ ଯୁବ ସାଧାରଣ ସମ୍ପାଦକ ଦୀପକ ଗୋଛାୟତ ପ୍ରମୁଖ ଯୋଗଦେଇ ବିଜେତା ଓ ଉପବିଜେତା ଦଳକୁ ଟ୍ରଫି ଓ ପୁରସ୍କାର ରାଶି ପ୍ରଦାନ କରିଥିଲେ। ଦିବ୍ୟଜ୍ୟୋତି ସାହୁ, ସୁରେନ୍ଦ୍ର ସାହୁ ଖେଳ ପରିଚାଳନା କରିଥିଲେ। ବିପିନ ବିହାରୀ ସାହୁ, ବିଭୁ କଲ୍ୟାଣ ସେନାପତି ଧାରାବିବରଣୀ ପ୍ରଦାନ କରିଥିଲେ। ଶୁଭମ ନନ୍ଦ, କାହ୍ନା ଦାସ। ସ୍କୋର ସିଟ୍ ପରିଚାଳନା କରିଥିଲେ। କଳିଙ୍ଗ କ୍ରିକେଟ କ୍ଲବର ହରେଶ ବେହେରା, ଅଭୟ ବେହେରା, ଶୁଭ୍ରାଂଶୁ ସାମଲ, ଟୁଲୁ ମିଶ୍ର, ହିମାଂଶୁ ମିଶ୍ର, ସନ୍ଦୀପ ମିଶ୍ର, ରଞ୍ଜିତ ବେହେରା ପ୍ରମୁଖ ସହଯୋଗ କରିଥିଲେ।

## ଗାଁରେ ପଶି ଘର ଭାଙ୍ଗିଲା ଦନ୍ତା

କାମାକ୍ଷାନଗର,୧।୧(ସମିସ): କାମାକ୍ଷାନଗର ପଶ୍ଚିମାଞ୍ଚଳ ରେଞ୍ଜ ଅଁଳାବେରେଣୀ ଫରେଷ୍ଟ ସେକ୍ସନରେ ଦନ୍ତା ଆତଙ୍କ। ବୁଧବାର ବିଳମ୍ବିତ ରାତିରେ ହାତୀ ଅଁଳାବେରେଣୀ ଜୁଆଙ୍ଗସାହିରେ ପଶି ଘର ଭାଙ୍ଗିଛି। ତେବେ ପରିବାର ଲୋକେ ଅଳ୍ପକେ ବର୍ତ୍ତିଯାଇଛନ୍ତି। ଦନ୍ତା ଜଙ୍ଗଲରୁ ବାହାରି ଅଁଳାବେରେଣୀ ଗ୍ରାମ ଜୁଆଙ୍ଗସାହିରେ ପଶି ଦୀର୍ଘ ସମୟ ଧରି ରହିଥିଲା। ଗ୍ରାମର ଦୁଷ୍ମନ୍ତ ପଧାନ



ଓ ରେଖା ପଧାନଙ୍କ ଘର ଭାଙ୍ଗି ଦେଇଥିଲା। ଖବର ପାଇ ବନବିଭାଗ କର୍ମଚାରୀ ପହଞ୍ଚି ଦନ୍ତାକୁ ଘଉଡ଼ାଇଥିଲେ। ଏବେ ଦନ୍ତାଟି ଗାଁ ନିକଟ ଜଙ୍ଗଲରେ ଥିବା ଜଣାପଡ଼ିଛି।

## ଟଳିଗଲା ବିପଦ, ଶିକାରୀଙ୍କୁ ଧରିଲେ ଗ୍ରାମବାସୀ

ହିନ୍ଦୋଳ,୧।୧(ସମିସ): ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ଉପଖଣ୍ଡରେ ନୂଆବର୍ଷ ପାଇଁ ଜନ୍ତୁ ଶିକାର କରିବାକୁ ବିଦ୍ୟୁତ୍ ସଂଯୋଗ କରି ତାର ବିଛାଯାଇଥିବା ବେଳେ ଏକ ବଡ଼ଧରଣର ବିପଦ ଟଳିଯାଇଛି। ବିଦ୍ୟୁତ ଫାଶ ବିଛାଇଥିବା ଶିକାରୀଙ୍କୁ ଦୁଦୁରୁକୋଟ ଗ୍ରାମବାସୀ କାବୁ କରିଛନ୍ତି।

ବୁଧବାର ବିଳମ୍ବିତ ରାତିରେ ନୂତନ ବର୍ଷକୁ ସ୍ୱାଗତ କରିବା ପାଇଁ

- ଜନ୍ତୁ ଶିକାର ପାଇଁ ବସିଥିଲା ଫାଶ
- ଅଳ୍ପକେ ବର୍ତ୍ତିଲେ ୫୦ରୁ ଊର୍ଦ୍ଧ୍ୱ ଯୁବକ



ଦୁଦୁରୁକୋଟ ଗ୍ରାମର ଶତାଧିକ ଯୁବକ ପ୍ରସ୍ତୁତି ଚଳାଉଥିଲେ। ସେହି ଗ୍ରାମର କିଛି ଯୁବକ ଜନ୍ତୁ ଶିକାର ପାଇଁ ବିଦ୍ୟୁତ ଫାଶ ପକାଇଥିଲେ। ସନ୍ଧ୍ୟା ୭ଟାରେ ସେହି ବାଟ ଦେଇ ଯାଉଥିବା କିଛି ଯୁବକ ବିଦ୍ୟୁତ ସଂସ୍ପର୍ଶରେ ଆସିବା ପୂର୍ବରୁ ଫାଶ ପଡ଼ିଥିବା ଦେଖି ପାରିଥିଲେ। ଫାଶ ବସାଇ ନିକଟରେ ଜଗି ରହିଥିବା କିଛି ଶିକାରୀଙ୍କୁ ଯୁବକମାନେ ଧରିଥିଲେ। ଶିକାରୀମାନେ ଫାଶ ପକାଇଥିବା ସ୍ୱୀକାର କରିବା ପରେ ଗ୍ରାମର ଯୁବକମାନେ ହିନ୍ଦୋଳ ବନବିଭାଗକୁ ଖବର ଦେଇଥିଲେ। ଘଟଣାସ୍ଥଳରେ ବନବିଭାଗ ଅଧିକାରୀମାନେ ପହଞ୍ଚି ଦୁଦୁରକୁଟ ବାଘୁଆସାହି ଗ୍ରାମର ଶିକାରୀ ଅଖିଳ ବେହେରା ଓ ସୁବାସ ବେହେରାଙ୍କୁ ଗିରଫ କରିବା ସହ ସେମାନଙ୍କଠାରୁ ଶିକାର ଉଦ୍ଦେଶ୍ୟରେ ବ୍ୟବହୃତ ତାର, ବୋତଲ ଆଦି ସରଞ୍ଜାମ ଓ ଏକ କଟୁରୀ ଜବତ କରିଛନ୍ତି। ଗିରଫ ଦୁଇ ଶିକାରୀଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ବନବିଭାଗ ପକ୍ଷରୁ କୁହାଯାଇଛି। ଅନ୍ୟ ଦୁଇଜଣ ଫେରାର ହୋଇଯାଇଥିବା ଜଣାପଡ଼ିଛି। ଯଦି ଯୁବକମାନେ ବିଦ୍ୟୁତ ଫାଶକୁ ଦେଖିପାରି ନ ଥାନ୍ତେ ତେବେ ସେହି ରାସ୍ତା ଦେଇ ଯାଉଥିବା ୫୦ରୁ ଅଧିକ ଯୁବକଙ୍କ ଜୀବନ ଯାଇଥାନ୍ତା ବୋଲି ଚର୍ଚ୍ଚା ହେଉଛି।

## ପିଇଓଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



କାମାକ୍ଷାନଗର,୧।୧(ସମିସ): କାମାକ୍ଷାନଗର ବ୍ଲକ ମହୁଲପାଳ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ (ପିଇଓ) ଭାବେ କାର୍ଯ୍ୟ କରୁଥିବା ଦିଲେଶ୍ୱର ସାହୁ ବୁଧବାର ଚାକିରିରୁ ଅବସର ନେଇଛନ୍ତି। ଏହି ପରିପ୍ରେକ୍ଷୀରେ କାମାକ୍ଷାନଗର ବ୍ଲକ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ସଙ୍ଘ ତରଫରୁ ସ୍ଥାନୀୟ ବ୍ଲକ କାର୍ଯ୍ୟାଳୟ ପରିସରରେ ତାଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଦିଲେଶ୍ୱର ୧୯୯୫ରେ ପରଜଙ୍ଗ ବ୍ଲକ ବଡ଼ଝରା ପଞ୍ଚାୟତ ସେକ୍ରେଟାରୀ ଭାବେ ଚାକିରି ଜୀବନ ଆରମ୍ଭ କରି ପରେ ଢେଙ୍କାନାଳ, କାମାକ୍ଷାନଗର, ଭୁବନ, କଙ୍କଡ଼ାହାଡ଼ ଓ ଗଁଦିଆ ବ୍ଲକର ବିଭିନ୍ନ ପଞ୍ଚାୟତରେ ପିଇଓ ଭାବେ କାର୍ଯ୍ୟ କରିଥିଲେ। ଅବସରକାଳୀନ ସମ୍ବର୍ଦ୍ଧନା ସଭାରେ ବ୍ଲକର ବିଭିନ୍ନ ପଞ୍ଚାୟତର କାର୍ଯ୍ୟନିର୍ବାହୀ ଅଧିକାରୀ ଯୋଗଦେଇ ଦିଲେଶ୍ୱରଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ପ୍ରଦାନ କରି ସମ୍ବର୍ଦ୍ଧନା ଜ୍ଞାପନ କରିବା ସହ ତାଙ୍କ ଅବସର ପରବର୍ତ୍ତୀ ଜୀବନ ପାଇଁ ଶୁଭେଚ୍ଛା ଜ୍ଞାପନ କରିଥିଲେ। ସଭାରେ ଅନ୍ୟମାନଙ୍କ ମଧ୍ୟରେ ବୈକୁଣ୍ଠନାଥ କର, ପ୍ରୀତିସାଗର ନାୟକ, ରଞ୍ଜନ ଦେହୁରୀ, ପ୍ରଜ୍ୟୋତି ବିଶ୍ୱାଳ, ଅମରେନ୍ଦ୍ର ଭୋଇ, ମାଧବଚନ୍ଦ୍ର ପ୍ରଧାନ, ମୁକେଶ କୁମାର ସର୍ଦ୍ଦାର, ବିକାଶ ବେହେରା, ଅଭିଳାଷ ମହାନ୍ତି, ପ୍ରଫୁଲ୍ଲ କୁମାର ସେନାପତି, ଦୀପକ ସିଂହ, ସତ୍ୟନାରାୟଣ ପ୍ରଧାନ, ସ୍ୱର୍ଣ୍ଣପ୍ରଭା ବିଶ୍ୱାଳ, ପ୍ରଜ୍ଞାପ୍ରାଞ୍ଜଳି ପଣ୍ଡା, ଗୀତାଞ୍ଜଳି ସୋରେନ, ଅନିରୁଦ୍ଧ ରାଉତ ପ୍ରମୁଖ ପିଇଓ ଯୋଗଦେଇଥିଲେ। ମୁଖ୍ୟଅତିଥି ଭାବେ ପୂର୍ବତନ କାମାକ୍ଷାନଗର ବ୍ଲକ ଗ୍ରାମ ପଞ୍ଚାୟତ ଉନ୍ନୟନ ଅଧିକାରୀ ତଥା ପରଜଙ୍ଗ ଏବିଡିଓ ରଞ୍ଜିତ କୁମାର ଜେନା ଯୋଗଦେଇଥିଲେ।

### ଧୁମଧାମରେ ନବବର୍ଷକୁ ସ୍ୱାଗତ

## କପିଳାସ ପୀଠ ସହ ବିଭିନ୍ନ ବଣଭୋଜିସ୍ଥଳରେ ଅସମ୍ଭାଳ ଭିଡ଼

ଗଁଦିଆ,୧।୧(ସମିସ):

ବିଦାୟ ନେଇଛି ବର୍ଷ ୨୦୨୫। ଆରମ୍ଭ ହୋଇଛି ୨୦୨୬। ଏଥି ପାଇଁ ଗଁଦିଆ ବ୍ଲକ ଉତ୍ସବମୁଖର ହୋଇପଡ଼ିଛି। ବ୍ଲକର ବିଭିନ୍ନ ପର୍ଯ୍ୟଟନସ୍ଥଳୀ, ଧାର୍ମିକ କ୍ଷେତ୍ର, କ୍ଲବ୍ ଓ ବଣଭୋଜିସ୍ଥଳରେ ନବବର୍ଷ ୨୦୨୬ ଧୁମଧାମରେ ପାଳନ କରାଯାଇଛି। ଅନେକ ଲୋକ ଭୋରରୁ ବିଭିନ୍ନ ମନ୍ଦିର ଯାଇ ଦେବଦେବୀଙ୍କୁ ଦର୍ଶନ କରି ସୁଖସମୃଦ୍ଧି, ଶାନ୍ତି କାମନା କରିଛନ୍ତି। ଏଥିପାଇଁ ମନ୍ଦିରଗୁଡ଼ିକରେ ଗୁରୁବାର ସକାଳୁ ବେଶୀ ଗହଳି ହୋଇଥିଲା। ପ୍ରସିଦ୍ଧ କପିଳାସର ଶ୍ରୀଶ୍ରୀ ଚନ୍ଦ୍ରଶେଖରଜୀଉଙ୍କ ପୀଠ ଏବଂ ମହିମାଗାଦିରେ ହଜାର ହଜାର ଶ୍ରଦ୍ଧାଳୁଙ୍କ ଭିଡ଼ ଲାଗିଥିଲା। ଅନୁରୂପ ଭାବେ ବୁଧବାର ମଧ୍ୟରାତ୍ରରେ ଲୋକେ ନାଚଗୀତ ଓ ଭୋଜିଭାତ ଆସରରେ ପୁରୁଣା ବର୍ଷକୁ ବିଦାୟ ଦେବା ସହ ନବବର୍ଷକୁ ସ୍ୱାଗତ କରିଥିଲେ। ଦୁଇଦିନ ବିଭିନ୍ନ ପିକନିକ ସ୍ପଟରେ ପ୍ରବଳ ଗହଳି ହୋଇଛି। କପିଳାସରେ ରାଜ୍ୟ ତଥା ଦେଶର ବିଭିନ୍ନ ପ୍ରାନ୍ତରୁ ୫୦ ହଜାରରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ନୂଆବର୍ଷ ଅବସରରେ ପୀଠରେ ସ୍ୱତନ୍ତ୍ର ନୀତିକାନ୍ତି ଅନୁଷ୍ଠିତ ହୋଇଥିଲା। ସକାଳ ୫ଟା ସୁଦ୍ଧା ଠାକୁରଙ୍କ ସମସ୍ତ ନୀତିକାନ୍ତି ଶେଷ ହେବାପରେ ଭକ୍ତଙ୍କ ଦର୍ଶନ ପାଇଁ ସିଂହଦ୍ୱାର ଉନ୍ମୁକ୍ତ ହୋଇଥିଲା। ପୀଠରେ ଶ୍ରଦ୍ଧାଳୁମାନେ ଦର୍ଶନ ସାରି ପାଦଦେଶରେ ଥିବା ଡିଅର୍ ପାର୍କ ଓ ବିଜ୍ଞାନ କେନ୍ଦ୍ର ପରିସର ବୁଲି ମଜା ନେଇଥିଲେ। ସେହିପରି ବିଭିନ୍ନ ସ୍ଥାନରୁ ଆସିଥିବା ସ୍କୁଲ ପିଲା, ଯୁବଗୋଷ୍ଠୀ ଓ ପରିବାର ସଦସ୍ୟ କପିଳାସ ପାଦଦେଶ ଅଭୟାରଣ୍ୟରେ ଭୋଜିଭାତର ମଜା ଉଠାଇଥିଲେ। ସେହିପରି ସଦର ବ୍ଲକ କୃଷ୍ଣକୁମାରପୁରସ୍ଥିତ ଶ୍ରୀଶ୍ରୀ ଦତ୍ତାତ୍ରୟ ସାଇଆଶ୍ରମ, ସନ୍ଥପୁର ଜଗନ୍ନାଥ ମନ୍ଦିର ଏବଂ ମହିମାଗାଦି ପରିସର ଲୋକାରଣ୍ୟ ହୋଇଉଠିଥିଲା। ପୁଲିସ ପ୍ରଶାସନ ତରଫରୁ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ବ୍ୟାପକ ବନ୍ଦୋବସ୍ତ କରାଯାଇଥିଲା। ସପ୍ତଶଯ୍ୟା, ଦଣ୍ଡାଧର, ଯୋରନ୍ଦା, ଅନନ୍ତ ଶୟନ ଓ ବିଭିନ୍ନ ମଠରେ ଶ୍ରଦ୍ଧାଳୁ ଓ ପର୍ଯ୍ୟଟକଙ୍କ ସମାଗମ ହୋଇଥିଲା।



# ନୂଆବର୍ଷ ପାଇଁ ଗୋରେଖନାଥଙ୍କ ପୀଠରେ ଭିଡ଼



**ରଘୁନାଥପୁର,୧।୧(ସମିସ):** ଜଗତସିଂହପୁର ଜିଲ୍ଲା ରଘୁନାଥପୁର ବ୍ଲକ୍ କେରେକେରାସ୍ଥ ପ୍ରସିଦ୍ଧ ବିଭୂତିକ୍ଷେତ୍ର ପ୍ରଭୁ ଗୋରେଖନାଥ ପୀଠ ଇଂରାଜୀ ନବବର୍ଷ ଉପଲକ୍ଷେ ଚଳଚଞ୍ଚଳ ହୋଇଉଠିଥିଲା। ପ୍ରବଳ କୁହୁଡି ସତ୍ତ୍ୱେ ବଡି ଭୋରୁ ପ୍ରଭୁଙ୍କ ମଙ୍ଗଳାରାତି କାର୍ଯ୍ୟ ସମାପନ ପରେ ପୀଠକୁ ଦର୍ଶନାର୍ଥୀଙ୍କ ଆଗମନ ହୋଇଥିଲା। ଧୀରେ ଧୀରେ ଶ୍ରଦ୍ଧାଳୁ ଭକ୍ତଙ୍କ ସଂଖ୍ୟା ଆଶାତୀତ ଭାବେ ବୃଦ୍ଧି ପାଇଥିଲା। ଭିଡ଼କୁ ଦୃଷ୍ଟିରେ ରଖି ପୀଠ ପ୍ରଶାସନ ପକ୍ଷରୁ ବ୍ୟାପକ ବନ୍ଦୋବସ୍ତ କରାଯାଇଥିଲା। ତେବେ ପୂର୍ବାହ୍ନଠାରୁ ପୀଠକୁ ଆସିବାକୁ ଥିବା ତିନୋଟି ପଥରେ ଟ୍ରାଫିକ ଜାମ ସମସ୍ୟା ଉତ୍କଟ ହୋଇଥିଲା। ଆବଶ୍ୟକ ସଂଖ୍ୟକ ପୁଲିସ ବ୍ୟବସ୍ଥା ନ ଥିବାରୁ ରାସ୍ତାରେ ଶତାଧିକ ବାଇକ୍ ଓ କାର୍ ଭିଡ଼ରେ ଘଣ୍ଟା ଘଣ୍ଟା ଫସି ରହିଥିଲେ। ଏପରିକି ସଂକୀର୍ଣ୍ଣ ରାସ୍ତାରେ ପାଦରେ ଚାଲିଚାଲି ଆସୁଥିବା ପଥଚାରୀଙ୍କୁ ମଧ ଅଟକି ରହିବାକୁ ପଡ଼ିଥିଲା। ସ୍ଥାନୀୟ ଯୁବକ ସଂଘର ସଦସ୍ୟ ଭିଡ଼କୁ ନିୟନ୍ତ୍ରଣ କରିଥିଲେ। ବଡି ଭୋରୁ ପୂଜକ ଦିଲ୍ଲୀପ ପଣ୍ଡା ପ୍ରଭୁଙ୍କୁ ଚିତାଲାଗି କରିଥିଲେ। ପରେ ପାଳିଆ ସେବକଙ୍କ ଦ୍ୱାରା ପୂଜାନୀତି ଜାରି ରହିଥିଲା। ଦିନତମାମ ପୀଠରେ ଭଜନ କୀର୍ତ୍ତନ ହେବା ସହ ମାନସିକଧାରୀଙ୍କ ପକ୍ଷରୁ ପୂଜାର୍ଚ୍ଚନା କରାଯାଇଥିଲା। ପୀଠ ପ୍ରଶାସନ ପକ୍ଷରୁ ବ୍ୟାପକ ପାନୀୟଜଳ ଓ ଶୌଚାଳୟର ବ୍ୟବସ୍ଥା କରାଯାଇଥିଲା। ତିର୍ତ୍ତୋଲ ତହସିଲଦାର କଳ୍ପନା ନାୟକ ପୀଠରେ ମାଜିଷ୍ଟ୍ରେଟ ଦାୟିତ୍ୱରେ ଉପସ୍ଥିତ ଥିଲେ। ସ୍ଥାନୀୟ ଯୁବକ ଓ କର୍ମକର୍ତ୍ତା ଉପସ୍ଥିତ ରହି ସହଯୋଗ କରିଥିଲେ।

# ଶାରଳାଙ୍କ ପୀଠରେ ୫୦ ହଜାରରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁ

**ତିର୍ତ୍ତୋଲ,୧।୧(ସମିସ)** ଆଜି ଇଂରାଜୀ ନବବର୍ଷରେ ଝଙ୍କଡ଼ ଶାରଳାଙ୍କ ପୀଠ ଲୋକାରଣ୍ୟ ହୋଇ ଉଠିଥିଲା। ୫୦ ହଜାରରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ଭୋରରୁ ଦୂରଦୂରାନ୍ତରୁ ଶ୍ରଦ୍ଧାଳୁ ଆସି ମା'ଙ୍କ ଦର୍ଶନ କରି ନୂଆବର୍ଷ ମଙ୍ଗଳମୟ ହେଉ ବୋଲି କାମନା କରିଥିଲେ। ଘନ କୁହୁଡ଼ି ଯୋଗୁଁ ସକାଳ ସମୟରେ ଶ୍ରଦ୍ଧାଳୁଙ୍କ ସମାଗମ କମ୍ ଥିଲା। ପୂର୍ବାହ୍ନରୁ ସନ୍ଧ୍ୟା ପର୍ଯ୍ୟନ୍ତ ପ୍ରବଳ ଭିଡ଼ ପରିଲକ୍ଷିତ ହୋଇଥିଲା। ପୁଲିସ ଓ ମନ୍ଦିର ପ୍ରଶାସନ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ମନ୍ଦିର ମୁଖ୍ୟ ରାସ୍ତାର ତେନ୍ତୁଳିପଦା ଗ୍ରାମଠାରେ ରାସ୍ତାରେ ରାସ୍ତା ପ୍ରଶସ୍ତୀକରଣ କାର୍ଯ୍ୟ କରାଯାଇ ନ ଥିବାରୁ ଯାନବାହାନ ଜାମ୍ ଲାଗିଯାଇଥିଲା। ଫଳରେ ଶ୍ରଦ୍ଧାଳୁଙ୍କ ଯାତାୟାତରେ ଅସୁବିଧା ହୋଇଥିଲା।



# ରାଜ୍ୟସ୍ତରୀୟ ନେଟ୍‌ବଲ୍ ପ୍ରତିଯୋଗିତାରେ ଜଗତସିଂହପୁରର ସଫଳତା

**ଜଗତସିଂହପୁର,୧।୧(ସମିସ):** ଗଞ୍ଜାମ ଜିଲ୍ଲା ନେଟ୍‌ବଲ୍ ଆସୋସିଏସନ୍ ଦ୍ୱାରା ବ୍ରହ୍ମପୁରର ବିଜିପୁରଠାରେ ୨୬ତମ ରାଜ୍ୟ ସିନିୟର୍ ନେଟ୍‌ବଲ୍ ଚାମ୍ପିଅନସିପ୍ ଆୟୋଜିତ ହୋଇଯାଇଛି। ୨୮ ଓ ୨୯ ଦୁଇଦିନ ଧରି ଅନୁଷ୍ଠିତ ଏହି ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଜଗତସିଂହପୁର ଜିଲ୍ଲା ନେଟ୍‌ବଲ୍ ଦଳ ଯୋଗଦେଇ ଉଭୟ ସିନିୟର ବାଳକ ଓ ବାଳିକା ବିଭାଗରେ ରନର୍ସଅପ୍ ହୋଇଥିଲା। ଜଗତସିଂହପୁର ଦଳର ଏହି ସଫଳତା ପାଇଁ ଜଗତସିଂହପୁର ଜିଲ୍ଲା ନେଟ୍‌ବଲ୍ ଆସୋସିଏସନ ସଭାପତି ଆଇନଜୀବୀ ନରେଶ ଦାସ ଓ ସମ୍ପାଦକ ଟୁନା ଦାସ ଖେଳାଳିଙ୍କୁ ଅଭିନନ୍ଦନ ଜଣାଇଛନ୍ତି।



# ଉଦୟବଟ ମହନ୍ତ ଲକ୍ଷ୍ମୀଧର ଦାସଙ୍କ ସ୍ମୃତିସଭା



**ପାରାଦୀପ,୧।୧(ସମିସ):** ମାଳିକା ବର୍ଣ୍ଣିତ ପାରାଦୀପ ପ୍ରସିଦ୍ଧ ଆଧ୍ୟାତ୍ମିକ କ୍ଷେତ୍ର ଉଦୟବଟ ମହନ୍ତ ସ୍ୱର୍ଗତ ଲକ୍ଷ୍ମୀଧର ଦାସଙ୍କ ଶ୍ରାଦ୍ଧ ଉତ୍ସବ ମହାପୁରୁଷ ରାଜୀବଲୋଚନ ଦାସଙ୍କ ସମାଧି ପୀଠ ଉଦୟ ବଟରେ ପାଳିତ ହୋଇଯାଇଛି। ଏ ଅବସରରେ ଉଦୟ ବଟ ପରିଚାଳନା କମିଟି ସଭାପତି ମିହିର ରଞ୍ଜନ ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସ୍ମୃତିଚାରଣ ସଭାରେ ମୁଖ୍ୟଅତିଥି ଭାବେ ବିଶିଷ୍ଟ ସ୍ତମ୍ଭକାର ତଥା ପ୍ରାକ୍ତନ ସଦସ୍ୟ ଓଡିଶା ସାହିତ୍ୟ ଏକାଡେମୀ ଅକ୍ଷୟ କୁମାର ରାଉତ ଯୋଗଦେଇ ମହନ୍ତ ଲକ୍ଷ୍ମୀଧର ଦାସଙ୍କ ତ୍ୟାଗପୁତ ଜୀବନ ଓ ସମାଜର ସେବା ସମ୍ପର୍କରେ ନିଜର ବକ୍ତବ୍ୟ ରଖିଥିଲେ ସମ୍ମାନିତ ଅତିଥି ଭାବେ ପରିଚାଳନା କମିଟି ସଭ୍ୟ ମନୋରଞ୍ଜନ ମହାନ୍ତି, ସୁକାନ୍ତ ଦାସ, ହୋମିଓପାଥିକ ଚିକିତ୍ସକ ଡା. ରବୀନ୍ଦ୍ର ସ୍ୱାଇଁ, ସମାଜସେବୀ ରବୀନ୍ଦ୍ର ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ। ଅଜୟ ମହାପାତ୍ର, ରମେଶ ବେହେରା, ପ୍ରମୋଦ ଜେନା, ସୁଶାନ୍ତ ସାମଲ, ଚିତ୍ତରଞ୍ଜନ ନାୟକ, ମହନ୍ତ ଶତ୍ରୁଘନ ଦାସ ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଭଜନ କୀର୍ତ୍ତନ ଓ ସାଂସ୍କୃତିକ ସଭାର ଆୟୋଜନ କରାଯାଇଥିଲା।

# ପଥୁରିଆରେ ମହିଳାଙ୍କ ମଦ ବିରୋଧୀ ସଚେତନତା



**କୁଜଙ୍ଗ,୧।୧(ସମିସ):** ସ୍ଥାନୀୟ ପଥୁରିଆ ଗ୍ରାମବାସୀ ଓ ପଥୁରିଆ ମହିଳା ଏକତା ଗୋଷ୍ଠୀ ପକ୍ଷରୁ ଆଜି ନୂଆବର୍ଷରେ ଅଭିନବ ପ୍ରୟାସ କରାଯାଇଛି ।ପରିବାରକୁ ନିଶା ମୁକ୍ତ ପରିବାର କରିବାକୁ ମହିଳା ସଂକଳ୍ପ କରିବା ସହ ସଭା, ଶୋଭାଯାତ୍ରା ଦ୍ୱାରା ସଚେତନ କରାଇଛନ୍ତି। ଏଥିସହ ସଡ଼କ ଦୁର୍ଘଟଣାରେ ପୀଡ଼ିତ ପରିବାରର ଦୁଃଖ ଓ ଯନ୍ତ୍ରଣା ଅନୁଭବ କରି ସଡ଼କ ସୁରକ୍ଷା ଜୀବନ ରକ୍ଷା ଓ ସ୍ୱଚ୍ଛ ପରିବେଶ ସୁସ୍ଥ ପରିବେଶ ସୁସ୍ଥ ଗ୍ରାମ ନେଇ ବ୍ୟାପକ ସଚେତନତା କରାଯାଇଛି। ଶତାଧିକ ମହିଳା କୁଜଙ୍ଗ ବ୍ଲକ ଅନ୍ତର୍ଗତ ଅଗପାଳ ପଞ୍ଚାୟତ ପଥୁରିଆ ଗ୍ରାମ ଦେବତୀ ବଜ୍ର ମହାକାଳୀ ପୀଠରେ ସମାବେଶ ହେବା ସହ ଗ୍ରାମ ପରିକ୍ରମା କରି ଅଣାକାର ମଠ ଦେଇ ପୁଣି ଗ୍ରାମ ଦେବତୀ ପୀଠରେ ଏକତ୍ରିତ ହୋଇଥିଲେ। ହାତରେ ପ୍ଲାକାର୍ଡ, ମୁହଁରେ ନିଶା ନିବାରଣ, ପରିବେଶ ସୁରକ୍ଷା ସ୍ଲୋଗାନ ଦେଇଥିଲେ। ଏହି ଆୟୋଜନ ମହିଳାମାନେ କରିଥିବାବେଳେ ଗ୍ରାମବାସୀ, ଗ୍ରାମ କମିଟି କର୍ମକର୍ତ୍ତା, ମୁରବୀ ସହଯୋଗ କରିଥଲେ।

# ଆହ୍ୱାନ ଫାଉଣ୍ଡେସନ୍ ପକ୍ଷରୁ ରକ୍ତଦାନ ଶିବିର




**ପାରାଦୀପ,୧।୧(ସମିସ):** ଆହ୍ୱାନ ଫାଉଣ୍ଡେସନ ପକ୍ଷରୁ ଆଜି ନୂଆବର୍ଷକୁ ନିଆରା ଢଙ୍ଗରେ ପାଳନ କରାଯାଇଛି। ନୂଆବର୍ଷର ପ୍ରଥମ ଦିନରେ ସଂଗଠନର ବାର୍ଷିକ ଉତ୍ସବ ସହିତ ରକ୍ତଦାନ ଶିବିରର ଆୟୋଜନ କରାଯାଇଥିଲା। ଶିବିରକୁ ପାରାଦୀପ ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ପାରାଦୀପ ବନ୍ଦର ମୁଖ୍ୟ ଅର୍ଥ ପରାମର୍ଶଦାତା ଅଶୋକ ସାହୁ, ଉପମୁଖ୍ୟ ଅର୍ଥ ପରାମର୍ଶଦାତା ରୁଦ୍ରନାରାୟଣ ମିଶ୍ର, ପ୍ରଶାନ୍ତ ମହାରଣା, ଇଫକୋ ଲୋକ ସମ୍ପର୍କ ଅଧିକାରୀ ଡ. ପ୍ରସନ୍ନ ବେଉରା, ବନ୍ଦର ଚିକିତ୍ସାଳୟର ଅବସରପ୍ରାପ୍ତ ଚିକିତ୍ସକ ଡା. ରାଜକିଶୋର ମଲ୍ଲିକ, ଦନ୍ତ ଚିକିତ୍ସକ ଡା. ଅରବିନ୍ଦ ନାୟକ, ପୂର୍ବତନ ପାରିଷଦ ଶଙ୍କର ରାଉତ, ଏନସିସି ଆଲୁମ୍ନି ଆସୋସିଏସନ ସଭାପତି ଅମ୍ବିକା ମହାପାତ୍ର ପ୍ରମୁଖ ଯୋଗଦେଇ ଫାଉଣ୍ଡେସନର କାର୍ଯ୍ୟକୁ ପ୍ରଶଂସା କରିଥିଲେ। ଏ ଅବସରରେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ହାସଲ କରିଥିବା ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସଭାପତି ସାଗର ବିଶ୍ୱାଳ ସ୍ୱାଗତ ଭାଷଣ ଦେଇଥିଲେ। ସମ୍ପାଦକ ତଥା ପରିବେଶବିତ ଇଂ. ପ୍ରଭାସ ସ୍ୱାଇଁ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ରକ୍ତଦାନ ଶିବିରରେ ୧୬୧ ୟୁନିଟ୍ ସଂଗ୍ରହ କରାଯାଇଥିଲା।

# ରୂପକ ଖୁଣ୍ଟିଆ ଜିଲ୍ଲା ବିଜେପି ସମ୍ପାଦକ



**ତିର୍ତ୍ତୋଲ,୧।୧(ସମିସ):** ତିର୍ତ୍ତୋଲ ବ୍ଲକ୍‌ର ରୂପକ ଖୁଣ୍ଟିଆଙ୍କୁ ଜିଲ୍ଲା ବିଜେପି ସମ୍ପାଦକ ଓ ଜିଲ୍ଲା ଆଇଟି ଇନଚାର୍ଜ ନିଯୁକ୍ତ କରାଯାଇଛି। ଶ୍ରୀ ଖୁଣ୍ଟିଆ ପୂର୍ବରୁ ସାରଳା ମଣ୍ଡଳର ଓବିସି ମୋର୍ଚ୍ଚା ସଭାପତି, ଯୁବମୋର୍ଚ୍ଚା ସଭାପତି ଓ ମଣ୍ଡଳ ପ୍ରତିନିଧି ଭାବେ ସଫଳତାର ସହ କାର୍ଯ୍ୟ କରି ଦକ୍ଷତା ପ୍ରତିପାଦିତ କରିଛନ୍ତି। ତାଙ୍କର ଏହି ଦୀର୍ଘ ଦିନର ସାଂଗଠନିକ ଅଭିଜ୍ଞତା ଓ ନିଷ୍ଠାକୁ ଦେଖି ଦଳ ତାଙ୍କୁ ଜିଲ୍ଲାସ୍ତରୀୟ କର୍ମକର୍ତ୍ତା ଟିମରେ ସ୍ଥାନ ଦେଇଛି। ଏହି ନିଯୁକ୍ତି ପରେ ଶ୍ରୀ ଖୁଣ୍ଟିଆ ଦଳର ଜିଲ୍ଲା ସଭାପତି ପ୍ରତାପ ମିଶ୍ର, ଶିଳ୍ପମନ୍ତ୍ରୀ ସମ୍ପଦ ସ୍ୱାଇଁ, ସାଂସଦ ବିଭୁପ୍ରସାଦ ତରାଇ, ତିର୍ତ୍ତୋଲ ନିର୍ବାଚନୀମଣ୍ଡଳୀ ନେତା ରାଜକିଶୋର ବେହେରା, ପ୍ରାକ୍ତନ ଜିଲ୍ଲା ସଭାପତି ସତ୍ୟବ୍ରତ ମହାପାତ୍ରଙ୍କ ବିଜେପି ନେତୃବୃନ୍ଦଙ୍କୁ କୃତଜ୍ଞତା ଜଣାଇଛନ୍ତି।

# ବରିଷ୍ଠ ନାଗରିକ ମଞ୍ଚର ସମ୍ମିଳନୀ



**ଏରସମା,୧।୧(ସମିସ):** ଏରସମାସ୍ଥ ଶ୍ରୀଶ୍ରୀ ବ୍ରଜକିଶୋର ଦେବ ଜଗନ୍ନାଥ ମନ୍ଦିରରେ ବରିଷ୍ଠ ନାଗରିକ ମଞ୍ଚର ୧୮ତମ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ପାଲା ଗାୟକ ଗାୟକ ଶେଖର ଶତାୟୁ ପୁରୁଷ ଜଗନ୍ନାଥ ବେହେରା, ବରେଣ୍ୟ ଅତିଥି ଭାବେ ବିଧାୟକ ଶାରଦା ପ୍ରସନ୍ନ ଜେନା, ସମ୍ମାନିତ ଅତିଥି ଭାବେ ମହେଶ୍ୱର ସ୍ୱାଇଁ, ସ୍ଥାନୀୟ ସରପଞ୍ଚ ସଚିଦାନନ୍ଦ ଦାସ, ବରିଷ୍ଠ ନେତା ନିତ୍ୟାନନ୍ଦ ଦାସ, ବିଜୟ ସ୍ୱାଇଁ, ବାବୁ ସ୍ୱାଇଁ ଯୋଗ ଦେଇଥିଲେ। ବାସୁଦେବ ମହାରଣାଙ୍କ ତତ୍ତ୍ୱାବଧାନରେ ବନ୍ଧୁ ଶିବସୁନ୍ଦର ସ୍ୱାଇଁ, ଦୁର୍ଯ୍ୟୋଧନ ସେଠୀ, ପୂର୍ବତନ ସରପଞ୍ଚ ବିଷ୍ଣୁପ୍ରିୟା ଜେନା, ଘନଶ୍ୟାମ ଦାସ, ବାବାଜୀ ଚରଣ ଖଟୁଆ, ଦୈତାରୀ ଦାସ, ଯୋଗେନ୍ଦ୍ର ସାହୁ, ବଂଶୀଧର ଦାସ, ସୁର୍ଦ୍ଦଶନ ସ୍ୱାଇଁ, ରବୀନ୍ଦ୍ର ଶର୍ମା ପ୍ରମୁଖ ଉପସ୍ଥିତ ଥିଲେ।

# ସ୍ୱାମୀ ବିବେକାନନ୍ଦ ଲୋକସଂସଦର ସମ୍ମିଳନୀ

**ଜଗତସିଂହପୁର,୧।୧(ସମିସ):** ସ୍ୱାମୀ ବିବେକାନନ୍ଦ ଲୋକସଂସଦର ମୋ ଗାଁ, ଓଡ଼ିଶା ପୂର୍ବ ସମ୍ଭାଗ (ପ୍ରାଚୀପ୍ରବୋଧ)ର ବାର୍ଷିକ ସମ୍ମିଳନୀ ପାଳିତ ହୋଇଯାଇଛି। ମୋ ଗାଁ, ପରିବେଶ ବିଭାଗର ପୂର୍ବ ସମ୍ଭାଗ ସଂଯୋଜକ ପରିବେଶବିତ୍ ଉତ୍କଳ ରଞ୍ଜନ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ରାଜ୍ୟ ମୁଖ୍ୟ ପରିବେଶ ବୈଷୟିକ ପରାମର୍ଶଦାତା ଏକାଦଶୀ ନନ୍ଦୀ, ରାଜ୍ୟ ମୋ ଗାଁ ଟ୍ରଷ୍ଟର ମୁଖ୍ୟ ଇନ୍ଦ୍ରମଣି ଷେଣ୍ଡ, ନିମନ୍ତ୍ରିତ ଅତିଥି ଭାବେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ପୀତବାସ ପଣ୍ଡା ପ୍ରମୁଖ ଯୋଗଦେଇ ୨୦୨୫ରେ ପୂର୍ବ ସମ୍ଭାଗ ଅନ୍ତର୍ଗତ ଜଗତସିଂହପୁର, କେନ୍ଦ୍ରାପଡ଼ା, ଯାଜପୁର, କଟକ, ଖୋର୍ଦ୍ଧା ଓ ପୁରୀ ଜିଲ୍ଲାରେ ମୋ ଗାଁ ଆନୁକୂଲ୍ୟରେ ଆୟୋଜିତ ହୋଇଥିବା ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ସମୀକ୍ଷା କରିଥିଲେ। ୨୦୨୬ ପାଇଁ କାର୍ଯ୍ୟ ଖସଡ଼ା ପ୍ରସ୍ତୁତ କରାଯାଇ ସର୍ବସମ୍ମତିକ୍ରମେ ଗୃହୀତ ହୋଇଥିଲା।

ପ୍ରସ୍ତାବିତ କାର୍ଯ୍ୟକ୍ରମ ମଧ୍ୟରେ ସ୍ୱାସ୍ଥ୍ୟ ଶିବିର ଆୟୋଜନ, ଫଳଚାରା ଓ ତାଳମଞ୍ଜି ରୋପଣ, ଏକକ ବ୍ୟବହୃତ ପ୍ଲାଷ୍ଟିକ୍ ବର୍ଜନ, ସଫେଇ କାର୍ଯ୍ୟକ୍ରମ, ଜିଆଖତ ପ୍ରସ୍ତୁତି, ରୋଷେଇ ବଗିଚା ପରିଚାଳନା, ଜୈବ ବିବିଧତା ସଂରକ୍ଷଣ, ପାନୀୟ ଜଳର ସଦୁପଯୋଗ ଓ ଜଳଉତ୍ସର ସୁପରିଚାଳନା, ଜଳବାୟୁ ପରିବର୍ତ୍ତନ ପ୍ରତିହତ ଆଦି ପାଇଁ ଉଭୟ ସଚେତନତା ଓ ବାସ୍ତବଧର୍ମୀ କାର୍ଯ୍ୟକ୍ରମ ଆୟୋଜନ କରାଯିବା ଉପରେ ବିଶେଷ ଭାବେ ଆଲୋଚନା କରାଯାଇ ସେଥିମଧ୍ୟରୁ ଯଥାସମ୍ଭବ କାର୍ଯ୍ୟକାରୀ କରିବା ନିମନ୍ତେ ସ୍ଥିର କରାଯାଇଥିଲା। ପରିବେଶ ସୁରକ୍ଷାରେ ମହିଳାଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ଏହି ଉକ୍ତିକୁ ଆଧାର କରି ଗାଁରେ ବସବାସ କରୁଥିବା ମହିଳାଙ୍କୁ ସଶକ୍ତ କରିବା ଭଳି କାର୍ଯ୍ୟକ୍ରମ ଆୟୋଜନ କରାଯିବା ଉପରେ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ରାଜ୍ୟ ଉପସଭାପତି ପ୍ରଫେସର ପ୍ରଳୟ ନନ୍ଦଙ୍କ ଅଧ୍ୟକ୍ଷତା ଓ ରାଜ୍ୟ ସାଂଗଠନିକ ସମ୍ପାଦକ ପ୍ରଫେସର ଚିତ୍ତରଞ୍ଜନ ନାୟକଙ୍କ ସଂଯୋଜନାରେ ଆୟୋଜିତ ଉଦ୍‌ଯାପନୀ ସଭାରେ ସମ୍ମାନିତ ଅତିଥି ଭାବେ ପୂର୍ବ ସମ୍ଭାଗ କାର୍ଯ୍ୟକାରିଣୀ ସଭାପତି ଡ. ରାମଚନ୍ଦ୍ର ପଲାଇ, ରାଜ୍ୟ ସାଧାରଣ ସମ୍ପାଦକ ଡ. ସନ୍ତୋଷ ମହାପାତ୍ରଙ୍କ ଉପସ୍ଥିତିରେ ପୂର୍ବ ସମ୍ଭାଗ ମୋ ଗାଁ ସଂଯୋଜକ ଶ୍ରୀ ମହାନ୍ତି ଅନୁମୋଦିତ ହୋଇଥିବା ପ୍ରସ୍ତାବ ଉପସ୍ଥାପନ କରିଥିଲେ।

ଏହି କାର୍ଯ୍ୟକ୍ରମରେ ଜଗତସିଂହପୁର ଜିଲ୍ଲା ଶାଖା ଉପସଭାପତି ଶିକ୍ଷାବିତ୍ ପ୍ରକାଶ ରଞ୍ଜନ ଦାଶ, ଆଜୀବନ ସଦସ୍ୟ ଗଛ ମଣିଷ କାର୍ତ୍ତିକ ଚନ୍ଦ୍ର ମୁଦୁଲି, ପ୍ରକୃତିବନ୍ଧୁ ରାଜକିଶୋର ବିଶ୍ୱାଳ ଓ ପରିବେଶପ୍ରେମୀ କନକଲତା ପରିଡା ପ୍ରମୁଖ ଯୋଗ ଦେଇଥିଲେ। ଶ୍ରମତୀ ପରିଡ଼ା ପରିବେଶ ସୁରକ୍ଷା ଆଧାରିତ କବିତା ପାଠ କରିଥିଲେ। ଏହି କାର୍ଯ୍ୟକ୍ରମରେ କେନ୍ଦ୍ରାପଡ଼ାରୁ ଗୋଲେଖ ବିହାରୀ ଦାସ, ରଞ୍ଜନ ମହାନ୍ତି, ପ୍ରଫୁଲ୍ଲ ପଣ୍ଡା, ନରେନ୍ଦ୍ର ଦାଶ, କଟକରୁ ଗିରିଜା ଶଙ୍କର ଶତପଥୀ ଓ କରୁଣାକର ନାୟକ, ଯାଜପୁରରୁ କେଦାରନାଥ କୁଣ୍ଡୁ ଓ ଭଗବାନ ଜେନା, ପୁରୀରୁ କିଶୋର ଚନ୍ଦ୍ର ଦାସ ପ୍ରମୁଖ ଉପସ୍ଥିତ ରହି ମୋ ଗାଁ ଆଲୋଚନାଚକ୍ରରେ ନିଜସ୍ୱ ମତ ଦେଇଥିଲେ। ଅଭୟ ସୂତାର ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ପ୍ରକାଶ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।

# ଅଳକା ପୁରସ୍କାର ପାଇଁ ପୁସ୍ତକ ଆହ୍ୱାନ

**ଜଗତସିଂହପୁର, ୧।୧(ସମିସ):** ଇତିମଧ୍ୟରେ ଜଗତସିଂହପୁର ସାହିତ୍ୟ ପରିଷଦର ଷୋଡ଼ଶ ବାର୍ଷିକ ଉତ୍ସବ ଉଦ୍‌ଯାପିତ ହୋଇଯାଇଛି। କାର୍ଯ୍ୟକାରୀ ସଭାପତି ଡ. ଜ୍ୟୋତିର୍ମୟୀ ମହାନ୍ତିଙ୍କ ବାସଭବନରେ କାର୍ଯ୍ୟକାରୀ କମିଟି ବୈଠକ ଇଂ. ବିଷ୍ଣୁ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇ ଉତ୍ସବର ସମୀକ୍ଷା କରାଯିବା ସହିତ ୨୦୨୫ ଅଳକା ପୁରସ୍କାର ଓ ଶଙ୍ଖଲାଭ ପଣ୍ଡା ଯୁବ ପୁରସ୍କାର ପାଇଁ ଲେଖକଙ୍କଠାରୁ ବିଗତ ୫ ବର୍ଷ ମଧ୍ୟରେ ପ୍ରକାଶିତ ପୁସ୍ତକ ପଠାଇବା ପାଇଁ ଅନୁରୋଧ କରାଯାଇଛି। ଲେଖକମାନେ ସେମାନଙ୍କ ଲିଖିତ ଗଳ୍ପ, କବିତା, ଗୀତି କବିତା, କାବ୍ୟ, ପ୍ରବନ୍ଧ, ସମାଲୋଚନା, ମଞ୍ଚ ନାଟକ, ଉପନ୍ୟାସ, ଶିଶୁ କବିତା, ଶିଶୁ ଗଳ୍ପ, ଶିଶୁ ଉପନ୍ୟାସ ପ୍ରଭୃତି ଦୁଇ କପି ପଠାଇବେ। ଲେଖକ, ପାଠକ କିମ୍ବା ପ୍ରକାଶକ ଏହି ପୁସ୍ତକ ପୁରସ୍କାର ପାଇଁ ପଠାଇପାରିବେ। ଯୁବ ପୁରସ୍କାର ପାଇଁ ବୟସ ସୀମା ୩୫ ବର୍ଷ ଭିତରେ ହୋଇଥିବା ଆବଶ୍ୟକ। ପଠାଇଥିବା ପୁସ୍ତକ ଅନ୍ୟକୌଣସି ଅନୁଷ୍ଠାନ ଦ୍ୱାରା ପୁରସ୍କୃତ ହୋଇ ନ ଥିବା ଉଲ୍ଲେଖ ରହିବ। ପୁସ୍ତକ ଚଳିତ ମାସ ୩୧ ତାରିଖ ମଧ୍ୟରେ ପହଞ୍ଚିବା ଆବଶ୍ୟକ। ଉମାକାନ୍ତ ନାୟକ, ସମ୍ପାଦକ, ଜଗତସିଂହପୁର ସାହିତ୍ୟ ପରିଷଦ, ହରିହରପୁର (ବଡ଼ବଜାର) ଜଗତସିଂହପୁର-୯୩୩୭୧୫୫୧୨ ଠିକଣାରେ ପୁସ୍ତକ ପଠାଇବାକୁ କୁହାଯାଇଛି।

# ସାଇ ସେବା ଟ୍ରଷ୍ଟ ପକ୍ଷରୁ କମ୍ବଳ ବଣ୍ଟନ



**ବିରିଡ଼ି,୧।୧(ସମିସ):** ବିରିଡି ବ୍ଲକ ସାଇସେବା ଟ୍ରଷ୍ଟ ଚାଷୀଖଣ୍ଡ ଆନୁକୂଲ୍ୟରେ ଅଞ୍ଚଳର ୫୦୦ରୁ ଊର୍ଦ୍ଧ୍ୱ ଅସହାୟ, ବୃଦ୍ଧବୃଦ୍ଧାଙ୍କୁ ଶୀତବସ୍ତ୍ର କମ୍ବଳ ବଣ୍ଟନ କରାଯାଇଥିଲା। ସାଇ ସେବା ଟ୍ରଷ୍ଟ ସମ୍ପାଦକ ଦିଲ୍ଲୀପ ସ୍ୱାଇଁଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ରାଜ୍ୟ ମାନବାଧିକାର କମିଶନଙ୍କ ବରିଷ୍ଠ ସଦସ୍ୟ ଅସୀମ ଅମିତାଭ ଦାଶ ଯୋଗଦେଇ କମ୍ବଳ ବଣ୍ଟନ କରିଥିଲେ। ବରେଣ୍ୟ ଅତିଥି ଭାବେ ସମାଜସେବୀ ଅରୁଣ ଦାସ, ସମ୍ମାନିତ ଅତିଥି ଭାବେ ସରପଞ୍ଚ ଯୁଧିଷ୍ଠିର ବେହେରା, ଜିଲ୍ଲା ପରିଷଦ ସଭ୍ୟ ଚନ୍ଦ୍ରଶେଖର ଦାଶ, ଅନଙ୍ଗ ବିଶ୍ୱାଳ, ମଧୁସୂଦନ ଦାସ, ତରୁଣ ଉପାଧ୍ୟାୟ, ଲଗେନ ସିଂହ, ନିକୁଞ୍ଜ ବିହାରୀ ଭଞ୍ଜ, ରଘୁନାଥ ସ୍ୱାଇଁ ପ୍ରମୁଖ ସାମିଲ ହୋଇ କମ୍ବଳ ବଣ୍ଟନ କରିଥିଲେ। କାର୍ଯ୍ୟକ୍ରମକୁ ଦୀପକ ଆଚାର୍ଯ୍ୟ, ମନୋରଞ୍ଜନ ଓଝା, ନୀଳେନ୍ଦ୍ର ସ୍ୱାଇଁ, ଶୈଳେନ୍ଦ୍ର ସ୍ୱାଇଁ, ଜିତେନ୍ଦ୍ର ସ୍ୱାଇଁ, ରଞ୍ଜନ ସ୍ୱାଇଁ, ନୃସିଂହ ସ୍ୱାଇଁ, ସାରଦା ବାରିକ ପ୍ରମୁଖ ପରିଚାଳନା କରିଥିଲେ।

# ମହାବୀରଙ୍କ ବାର୍ଷିକ ଉତ୍ସବ

**ଏରସମା,୧।୧(ସମିସ):** ଏରସମା ବ୍ଲକ୍ ଅନ୍ତର୍ଗତ ସିହା ଗ୍ରାମରେ ମା' ଉତ୍ତରେଶ୍ୱରୀ ପୀଠରେ ମହାବୀରଙ୍କ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସିହା ଗ୍ରାମ୍ୟ କମିଟି ସଭାପତି ଆଶିଷ ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଗ୍ରାମବାସୀ ଉପସ୍ଥିତ ଥିଲେ। ପ୍ରଭାତରେ ସୂର୍ଯ୍ୟପୂଜା, କଳସ ସ୍ଥାପନ, ମଙ୍ଗଳ ଆଳତି ପରେ ସର୍ବସାଧାରଣଙ୍କ ଦର୍ଶନ ନିମନ୍ତେ ମନ୍ଦିର ଦ୍ୱାର ଖୋଲାଯାଇଥିଲା। ୧୦୮ ହନୁମାନ ଚାଳିଶା ଗାନ କରାଯାଇଥିଲା। ୧୨ଟାରେ ମଧ୍ୟାହ୍ନ ଧୂପ ଅନୁଷ୍ଠିତ ହୋଇଥିଲା। ସନ୍ଧ୍ୟାରେ ସରୋଜିନୀ ବେହେରା ଓ ସାଥିଙ୍କ ଦ୍ୱାରା ପାଲା ପରିବେଷଣ କରାଯାଇଥିଲା। ଏଥିରେ ନରେନ୍ଦ୍ର ସ୍ୱାଇଁ, ବିଚିତ୍ର ସ୍ୱାଇଁ, ଶିବପ୍ରସାଦ ଲେଙ୍କା, ସର୍ବେଶ୍ୱର ଜେନା, ସ୍ୱାମୀ ବିବେକାନନ୍ଦ ସ୍ମାରକ ଯୁବ ସଂଗଠନର ସଭାପତି ରଞ୍ଜନ ଜେନା, ସମ୍ପାଦକ ସୁଶାନ୍ତ ସ୍ୱାଇଁ, ବାବାଜୀ ମହାନ୍ତି, ଛନକର ସେଠୀ, ସୁଧୀର ସ୍ୱାଇଁ, ନିକୁଞ୍ଜ କିଶୋର ସ୍ୱାଇଁ, ପାର୍ଥସାରଥୀ ମହାରଣା ପ୍ରମୁଖଙ୍କ ସହିତ ଗ୍ରାମବାସୀ ଉପସ୍ଥିତ ହୋଇ ସହଯୋଗ କରିଥିଲେ।



# ଆଜିଠୁ ଶାରଳା ନାଟକ ଉତ୍ସବ

**ଜଗତସିଂହପୁର, ୧।୧(ସମିସ):** ସାରସ୍ୱତ ଅନୁଷ୍ଠାନ ପ୍ରଥମା ଫାଉଣ୍ଡେସନ ପକ୍ଷରୁ ଶୁକ୍ରବାରଠାରୁ ତିନିଦିନିଆ ଦ୍ୱିତୀୟ ରାଜ୍ୟସ୍ତରୀୟ ଶାରଳା ନାଟକ ଉତ୍ସବ-୨୦୨୬ ଆରମ୍ଭ ହେବାକୁ ଯାଉଛି। ଏଥିପାଇଁ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି। ଶୁକ୍ରବାର ସନ୍ଧ୍ୟା ୬ଟାରେ ଆଦିକବି ଶାରଳା ଦାସ ସଂସ୍କୃତି ଭବନରେ ଶିଳ୍ପମନ୍ତ୍ରୀ ସମ୍ପଦ ସ୍ୱାଇଁ, ଜଗତସିଂହପୁର ବିଧାୟକ ଅମରେନ୍ଦ୍ର ଦାସ ଶାରଳା ନାଟକ ଉତ୍ସବକୁ ଉଦ୍‌ଘାଟନ କରିବା କାର୍ଯ୍ୟକ୍ରମ ରହିଛି। ତେବେ ବଡ଼ କଥା ହେଉଛି, ନାଟ୍ୟ ପରମ୍ପରାକୁ ପ୍ରୋତ୍ସାହନ ଦେବା ପାଇଁ ଦର୍ଶକ ଟିକେଟ୍ ବୁକିଂ କରି ନିଜର ଉତ୍ସାହ ଦେଖାଇଛନ୍ତି। ଉଦ୍‌ଘାଟନୀ ସନ୍ଧ୍ୟାରେ ଭୁବନେଶ୍ୱର ବିଦ୍ୟାକନକ ସୃଜନାନୁଷ୍ଠାନ ଗୋଦାବରିଶ ମହାପାତ୍ରଙ୍କ କାଳଜୟୀ କାହାଣୀ "ମାଗୁଣିର ଶଗଡ଼' ପରିବେଷଣ କରିବେ। ଏହାକୁ ନବୀନ ପରିଡ଼ା ନାଟ୍ୟରୂପ ଦେଇଥିବାବେଳେ ନିର୍ଦ୍ଦେଶନା ଦେଇଛନ୍ତି ଜଗଦୀଶ ମହାରଣା। ଶନିବାର ଭୁବନେଶ୍ୱରର ଜୀବନରେଖା ଥିଏଟର ପରିବେଷଣ କରିବ ନାଟକ "କମଳା'। ବିଜୟ ତେନ୍ଦୁଲକରଙ୍କ ମୂଳ ରଚନାକୁ ଓଡ଼ିଆ ଅନୁବାଦ କରିଛନ୍ତି ଚିନ୍ମୟୀ ଷଡ଼ଙ୍ଗୀ ଓ ଅଭିନ୍ନ ରାଉତରାୟ ନିର୍ଦ୍ଦେଶନା ଭାର ସମ୍ଭାଳିଛନ୍ତି। ଉଦ୍‌ଯାପନୀ ସନ୍ଧ୍ୟାରେ ମନୋଜ ମିତ୍ରଙ୍କ ରଚିତ ନାଟକ "ସମ୍ପର୍କ" ମଞ୍ଚସ୍ଥ ହେବ। ଏହାର ନିର୍ଦ୍ଦେଶନା ଦେଇଛନ୍ତି ଦର୍ପନାରାୟଣ ସେଠୀ। ଭୁବନେଶ୍ୱର ରଙ୍ଗମ୍ ନାଟ୍ୟସଂସ୍ଥା କଳାକାର ଏହି ନାଟକ ପରିବେଷଣ କରିବେ। ଏ ଅବସରରେ ବିଶିଷ୍ଟ ଅଭିନେତା ଓ ନିର୍ଦ୍ଦେଶକ ଚୌଧୁରୀ ଜୟପ୍ରକାଶ ଦାସଙ୍କୁ ସମ୍ମାନଜନକ "କୃପାସିନ୍ଧୁ ମହାନ୍ତି ନାଟ୍ୟ ସମ୍ମାନ' ଓ "ପ୍ରଥମା ସମ୍ମାନ-୨୦୨୬' ପ୍ରଦାନ କରାଯିବ। ସିଦ୍ଧି ଚାରିଟେବୁଲ୍ ଟ୍ରଷ୍ଟ ସହଯୋଗରେ ଜାନୁଆରୀ ୪ ତାରିଖ ଦିନ ୧୧ଟାରେ "ଯୁବ ବର୍ଗ ଓ ନାଟକ' ବିଷୟବସ୍ତୁ ଉପରେ ନାଟ୍ୟ ଆଲୋଚନା ଓ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ।



## ପାରାଦୀପଗଡ଼ର ଏକ ମୋବାଇଲ ଦୋକାନରୁ ଚୋରି ଘଟଣା

# ଜଣେ ଗିରଫ; ୧୮ ମୋବାଇଲ୍ ସହ ବ୍ଲୁଟୁଥ୍ ଜବତ

**ପାରାଦୀପ, ୧।୧ (ସମିସ):** ଲକ୍‌ଥାନା ଅଧୀନ ପାରାଦୀପଗଡରେ ଥିବା ଏକ ମୋବାଇଲ୍ ଦୋକାନରୁ ୧୮ଟି ମୋବାଇଲ୍ ଚୋରି ହୋଇଥିବା ନେଇ ଥାନାରେ ଅଭିଯୋଗ ହୋଇଥିଲା। ଅଭିଯୋଗ ଆଧାରରେ ପାରାଦୀପ ଲକ୍ ଥାନା ପୁଲିସ ଗତକାଲି ଜଣେ ଅଭିଯୁକ୍ତକୁ ଗିରଫ କରିବା ସହିତ ତା' ନିକଟରୁ ବିପୁଳ ପରିମାଣର ମୋବାଇଲ୍ ଓ ଅନ୍ୟାନ୍ୟ ସାମଗ୍ରୀ ଜବତ ହୋଇଥିବା ନେଇ ଆଜି ପାରାଦୀପ ଏଏସପି ସ୍ମୃତିରଞ୍ଜନ କର ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ପୁଲିସ ସୂଚନା ମୁତାବକ, ପାରାଦୀପଗଡ଼ ମାର୍କେଟ୍‌ରେ ପାରାଦୀପଗଡ଼ ଗ୍ରାମର ବିଜୟ ବେହେରାଙ୍କ ପୁଅ ବିକାଶ ବେହେରା(୪୨) ମୋବାଇଲ୍ ରିପ୍ୟାରିଂ ଦୋକାନ କରିଛନ୍ତି। ଗତ ୩୦ ତାରିଖ ମଧ୍ୟାହ୍ନରେ ବିକାଶ ଘରକୁ ଖାଇବାକୁ ଯାଇ ଫେରିବା ପରେ କବାଟ ଭାଙ୍ଗି କେହି ଦୋକାନରେ ଥିବା ମୋବାଇଲ୍, ବ୍ଲୁ ଟୁଥ୍ ଆଦି ସାମଗ୍ରୀ ଚୋରି କରି ନେଇଥିବା ଦେଖିବାକୁ ପାଇଥିଲେ। ଏ ନେଇ ବିକାଶ ପାରାଦୀପ ଲକ୍ ଥାନାରେ ଅଭିଯୋଗ କରିଥିଲେ। ପୁଲିସ୍ ୪୨୮/୨୫ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଏହାର ତ୍ୱରିତ୍ ପଦକ୍ଷେପ ନେଇ ତଦନ୍ତ କରିବା ପରେ ଅଭୟଚାନ୍ଦପୁର ଥାନା ଅଞ୍ଚଳ ବଗଦିଆ ଗ୍ରାମର ମଦର ମଲ୍ଲିକଙ୍କ ପୁଅ ରଘୁ ମଲ୍ଲିକ(୪୬)ଙ୍କୁ ଗିରଫ କରିବା ସହିତ ତା' ନିକଟରୁ ୧୮ଟି ମୋବାଇଲ୍ ସମେତ ୨ଟି ବ୍ଲୁ ଟୁଥ୍ ଉଦ୍ଧାର କରାଯାଇଥିବା ନେଇ ପାରାଦୀପ ଏଏସପି ସ୍ମୃତିରଂଜନ କର ସୂଚନା ଦେଇଛନ୍ତି । ଥାନା ଅଧିକାରୀ ରଶ୍ମିରଞ୍ଜନ ଦାସ ଚୋରି ସାମଗ୍ରୀର ମୂଲ୍ୟ ପ୍ରାୟ ଅଢେଇ ଲକ୍ଷ ଟଙ୍କା ହେବ ବୋଲି କହିଛନ୍ତି।







ଗୁରୁବାର ଇଂରାଜୀ ନୂଆବର୍ଷର ପ୍ରଥମ ଦିନରେ ମା' ସମଲେଶ୍ୱରୀ, ବାବା ଆଖଣ୍ଡଳମଣୀ ପୀଠ ଏବଂ ପୁରୀ ବେଳାଭୂମିରେ ଭକ୍ତ ଓ ପର୍ଯ୍ୟଟକଙ୍କ ସମାଗମ

# ନୂଆବର୍ଷରେ ଅପରାଧ

## ବଣଭୋଜିରୁ ଲଙ୍କାକାଣ୍ଡ

### ଯୁବକଙ୍କୁ ଭଙ୍ଗା ବୋତଲରେ ଆକ୍ରମଣ; ୨ ଗିରଫ

ନୟାହାଟ,୧।୧(ସମିସ): ନୂଆ ବର୍ଷରେ ବଣ ଭୋଜି କରିବାକୁ ଆସିଥିବା କିଛି ଯୁବକଙ୍କ ମଧ୍ୟରେ ତୁମୁଳକାଣ୍ଡ ଘଟିଛି। ମଦ୍ୟ ପାନ କରି ଗଣ୍ଡଗୋଳ କରିବା ସହ ଜଣେ ଯୁବକଙ୍କ ବେକରେ ଅନ୍ୟଜଣେ ଯୁବକ ଭଙ୍ଗା ବୋତଲ ପୂରାଇ ଦେଇଛନ୍ତି। ଫଳରେ ପିଣ୍ଟୁ ରାଉତ (୨୭) ନାମଙ୍କ ଯୁବକ ଗୁରୁତର ଆହତ



ହୋଇଛନ୍ତି। ତାଙ୍କୁ ଭୁବନେଶ୍ୱରର ଏକ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଏହି ଘଟଣାରେ ପୁଲିସ ନୟାହାଟ ଅଞ୍ଚଳରୁ ୨ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଧୂମାଳ ଗ୍ରାମର ମୁନ୍ନୁ ମିଶ୍ର ଓ ସୀଙ୍ଗପାନିଆଁ ଗ୍ରାମର ପୁପୁଲୁ ନାୟକ।

ସୂଚନାଯୋଗ୍ୟ, ରାମେଶ୍ୱର ମନ୍ଦିରର ପ୍ରାଚୀ ନଦୀ କୂଳରେ ଥିବା ପିକ୍‌ନିକ୍ ସ୍ଥାନରେ ନୟାହାଟ ଅଞ୍ଚଳର କିଛି ଯୁବକ ଓ ସୋରଭା ପଞ୍ଚାୟତ ମୁରୁଡ଼ା ଗ୍ରାମର କିଛି ଯୁବକ ଭୋଜି କରୁଥିଲେ। ମୁରୁଡ଼ାର ରୋହିତ ରାଉତଙ୍କ ପୁଅ ପିଣ୍ଟୁଙ୍କର ନିକଟରେ ନିର୍ବନ୍ଧ ସରିଥିବାରୁ ସେ ତାଙ୍କ ସାଙ୍ଗସାଥୀଙ୍କୁ ନେଇ ନୂଆ ବର୍ଷ ପାଳନ କରିବାକୁ ଆସିଥିଲେ। ପିକ୍‌ନିକ୍ ସ୍ଥାନରେ ଗଣ୍ଡଗୋଳ ଘଟି ପିଣ୍ଟୁଙ୍କ ବେକରେ ଅପରଗୋଷ୍ଠୀର ଯୁବକ ମଦ ବୋତଲ ଭର୍ତ୍ତି କରିଦେଇଥିଲେ। ଖବରପାଇ ନିମାପଡ଼ା ଡିଏସ୍‌ପି ଜନାର୍ଦ୍ଦନ ପାଢ଼ୀ, କାକଟପୁର ଥାନା ଅଧିକାରୀ ରଶ୍ମି ରଞ୍ଜନ ସାହୁ ଓ ଚାରିଛକ ଥାନା ଅଧିକାରୀ ମମତା ବିଶ୍ୱାଳ ନୟାହାଟ ଫାଣ୍ଡିକୁ ଆସି ତଦନ୍ତ କରିଛନ୍ତି। ଗିରଫ ଦୁଇ ଯୁବକଙ୍କୁ ନେଇ ଗଣ୍ଡଗୋଳ ଘଟିଥିବା ସ୍ଥାନରେ ତଦନ୍ତ କରିଥିଲେ।

## ଜ୍ୱାଇଁଙ୍କୁ ବିଷଦେଇ ହତ୍ୟା ଅଭିଯୋଗ

### ଶବ ରଖି ଫାଣ୍ଡି ସମ୍ମୁଖରେ ରାସ୍ତାରୋକ




ନୟାଗଡ଼,୧।୧(ସମିସ): ଶଶୁର ଘରେ ବିଷ ପିଆଇ ଜ୍ୱାଇଁଙ୍କୁ ହତ୍ୟା ଅଭିଯୋଗ। ମୃତକ ହେଲେ ଖଡିଆ ଗାଁର ବିପିନ ଭୂୟାଁ। ନ୍ୟାୟ ଦାବିରେ ଦର୍ପନାରାୟଣପୁର ଫାଣ୍ଡି ଆଗ ରାସ୍ତାରେ ଶବ ରଖି ପରିବାର ଲୋକ ଏବଂ ଗ୍ରାମବାସୀ ଧାରଣା ଦେଇଛନ୍ତି।

ଦର୍ପନାରାୟଣପୁର ଫାଣ୍ଡି ଅନ୍ତର୍ଗତ ଖଡିଆ ଗାଁର ରମେଶ ଭୂୟାଁଙ୍କ ପୁଅ ବିପିନ ଗତ ୮ ମାସ ତଳେ ସଦର ଥାନା ଜୟମଙ୍ଗଳପ୍ରସାଦ ଗାଁରେ ବିବାହ କରିଥିଲେ। ବିବାହ ପରଠାରୁ ଶଶୁର ଘର ଲୋକେ ବିଭିନ୍ନ ସମୟରେ ବିପିନଠାରୁ ଲକ୍ଷାଧିକ ଟଙ୍କା ମାଗି ନେଇଥିଲେ। ଗତ କିଛିଦିନ ତଳେ ପୁଣିଥରେ ୫୦ ହଜାର ଟଙ୍କା ମାଗିଥିଲେ। ଏଥିପାଇଁ ମନା କରିବାରୁ ଶଶୁର ଘର ଲୋକେ ଏବଂ ସ୍ତ୍ରୀ ତାଙ୍କ ସହ କଥା ହୋଇ ନ ଥିଲେ। ଏପରିକି ସ୍ତ୍ରୀ ବାପ ଘରକୁ ଚାଲି ଆସିଥିଲେ। ଗତ ମଙ୍ଗଳବାର ବିପିନ ଶଶୁର ଘରକୁ ଆସିଥିଲେ। ସେଠାରେ ଶଶୁର ଘର ଲୋକେ ତାଙ୍କୁ ପ୍ରବଳ ମାଡ଼ ମାରିବା ସହ ଜୋର୍‌ଜବରଦସ୍ତ ଥଣ୍ଡା ପାନୀୟରେ ବିଷ ପିଆଇ ଦେଇଥିବା ବିପିନଙ୍କ ପରିବାର ଲୋକେ ଅଭିଯୋଗ କରିଛନ୍ତି। ବିପିନଙ୍କୁ ଗୁରୁତର ଅବସ୍ଥାରେ ନୟାଗଡ଼ ଡାକ୍ତରଖାନାରେ ଭର୍ତ୍ତି କରିଦେଇ ଶଶୁର ଘର ଲୋକେ ପଳାଇ ଯାଇଥିଲେ। ପରେ ବିପିନଙ୍କୁ ପରିବାର ଲୋକ ଭୁବନେଶ୍ୱରସ୍ଥ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ଏନେଇ ବିପିନଙ୍କ ପରିବାର ସଦସ୍ୟ ଦର୍ପନାରାୟଣପୁର ଫାଣ୍ଡିରେ ଅଭିଯୋଗ କରିଥିଲେ ମଧ୍ୟ ପୁଲିସ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ନ ଥିଲା। ଚିକିତ୍ସାଧୀନ ଥିବାବେଳେ ବିପିନଙ୍କ ବୟାନ ଭାଇରାଲ୍ ହୋଇଛି। ଗୁରୁବାର ଚିକିତ୍ସାଧୀନ ଅବସ୍ଥାରେ ବିପିନଙ୍କ ମୃତ୍ୟୁ ହୋଇଯିବା ପରେ ନ୍ୟାୟ ଦାବିରେ ଫାଣ୍ଡି ଆଗରେ ଶବ ରଖି ଗ୍ରାମବାସୀ ରାସ୍ତାରୋକ କରିଛନ୍ତି। ରଣପୁର ଥାନା ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କ ସହ ଆଲୋଚନା କରୁଥିବା ସୂଚନା ମିଳିଛି।

# ନନ୍ଦନକାନନରେ ରେକର୍ଡ ପର୍ଯ୍ୟଟକ

- ନୂଆବର୍ଷର ପ୍ରଥମ ଦିନରେ ୩୭,୨୬୦ ଟିକଟ ବିକ୍ରି
- ୨୦୨୫ରେ ବୁଲିଥିଲେ ୪୦.୨୦ ଲକ୍ଷ ପର୍ଯ୍ୟଟକ

ନନ୍ଦନକାନନ/ବାରଙ୍ଗ,୧।୧(ସମିସ): ନୂଆ ବର୍ଷର ପ୍ରଥମ ଦିନରେ ନନ୍ଦନକାନନ ପ୍ରାଣୀ ଉଦ୍ୟାନ ପାଇଁ ୩୭ ହଜାର ୨୬୦ ଖଣ୍ଡ ଟିକଟ ବିକ୍ରି ହୋଇଛି। ସେହିଭଳି ରାଜ୍ୟ ଉଦ୍ଭିଦ ଉଦ୍ୟାନ ପାଇଁ ୩୦୦୯ ଖଣ୍ଡ ଟିକେଟ ବିକ୍ରି ହୋଇଥିବା କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି। ୨୦୨୫ବର୍ଷରେ ନନ୍ଦନକାନନକୁ ମୋଟ ୪୦ଲକ୍ଷ ୨୦ହଜାର ୫୩୯ ଜଣ ପର୍ଯ୍ୟଟକ ଆସିଛନ୍ତି। ଏଥିମଧ୍ୟରୁ ୩୮ ଲକ୍ଷ ୪୩ ହଜାର ୨୮ ଜଣ ଦର୍ଶକ ନନ୍ଦନକାନନ ପ୍ରାଣୀ ଉଦ୍ୟାନ ଏବଂ ୧ ଲକ୍ଷ ୭୭ ହଜାର ୫୧୧ ଜଣ ପର୍ଯ୍ୟଟକ ରାଜ୍ୟ ଉଦ୍ଭିଦ ଉଦ୍ୟାନ ପରିଦର୍ଶନ କରିଥିଲେ। ୨୦୨୪ବର୍ଷରେ ମୋଟ ୩୭ ଲକ୍ଷ ୯୯ହଜାର ୪୫୨ ଜଣ ପର୍ଯ୍ୟଟକ ଆସିଥିବା ବେଳେ ୨୦୨୪ ଅପେକ୍ଷା ୨୦୨୫ରେ ୨ଲକ୍ଷ ୨୧ହଜାର ୮୭ଜଣ ପର୍ଯ୍ୟଟକ ଅଧିକ ଆସିଥିବା ନେଇ ଉପ ନିର୍ଦ୍ଦେଶକ ସନଥ କୁମାର ନାରାୟଣ ସୂଚନା ଦେଇଛନ୍ତି। ତେବେ ୨୦୨୬ ବର୍ଷର ପ୍ରଥମ ଦିନ ୧୨ଟା ପରେ ପର୍ଯ୍ୟଟକଙ୍କ ସୁଅ ଛୁଟିଥିଲା। ଅବସ୍ଥା ଏମିତି ହୋଇଥିଲା କି ଟିକଟ କାଉଣ୍ଟର ପ୍ରବେଶ ପଥ ଲୁହା ଫାଟକ ବନ୍ଦ କରିବାକୁ ପଡିଥିଲା। ଟିକଟ କାଉଣ୍ଟର ପାଖରେ ଭିରେ ଆଉ ପର୍ଯ୍ୟଟକ ଜଗା ହୋଇ ନ ଥିଲେ। କିଛି ପର୍ଯ୍ୟଟକଙ୍କୁ ସେଠାରୁ ଛାଡିଲା ପରେ ଥାକ ଥାକକି ପର୍ଯ୍ୟଟକଙ୍କୁ ଭିତରେ ପ୍ରବେଶ କରିବାକୁ ଦିଆଯାଇଥିଲା।




## ଧାନ ସଂଗ୍ରହ ପ୍ରକ୍ରିୟା ସମ୍ପୂର୍ଣ୍ଣ ଭାବେ ଭୁଶୁଡ଼ି ପଡିଛି: ପ୍ରସନ୍ନ



**ରାଜ୍ୟରେ ମାତ୍ର ୮ ପ୍ରତିଶତ ଧାନ ସଂଗ୍ରହ; ମନ୍ତ୍ରୀ ରାତିରେ ସ୍ୱପ୍ନ ଦେଖି ଧାନ କିଣା ତଥ୍ୟ ଦେଉଛନ୍ତି**

ଭୁବନେଶ୍ୱର,୧।୧(ସମିସ): ରାଜ୍ୟରେ ଧାନ ସଂଗ୍ରହ ପ୍ରକ୍ରିୟା ସମ୍ପୂର୍ଣ୍ଣ ଭାବେ ଭୁଶୁଡ଼ି ପଡିଛି। ଧାନ ପ୍ରତି କୁଇଣ୍ଟାଲ ୮୦୦ ଟଙ୍କା ଇନପୁଟ ସବସିଡି ପ୍ରଦାନ କରୁଛନ୍ତି ବୋଲି ରାଜ୍ୟ ସରକାର ବାହାବା ନେଉଥିବା ବେଳେ ବାସ୍ତବରେ ରାଜ୍ୟର ଧାନ କିଣାକୁ ଦେଖିଲେ, ଏହା ଚାଷୀକୁଳଙ୍କ ପ୍ରତି ଧୋକା ଓ ପ୍ରତାରଣାରେ ପରିଣତ ହୋଇଛି ବିରୋଧୀ ଦଳ ଉପନେତା ପ୍ରସନ୍ନ ଆଚାର୍ଯ୍ୟ କହିଛନ୍ତି।

ଶ୍ରୀ ଆଚାର୍ଯ୍ୟ କହିଛନ୍ତି ଯେ ରାଜ୍ୟରେ ବିଜେପି ସରକାର ଆସିବା ଦିନଠାରୁ ଧାନ ଧାନ ସଂଗ୍ରହ ରାଜ୍ୟରେ କମି କମି ଯାଉଛି। ଗତ ୩୧ ତାରିଖ ଯାଏଁ ତଥ୍ୟ ଅନୁସାରେ ଓଡ଼ିଶାରେ ମାତ୍ର ୮ ପ୍ରତିଶତ ଧାନ ସଂଗ୍ରହ କରାଯାଇଛି। କେନ୍ଦ୍ର ସରକାର ୱେବସାଇଟରେ ଏନେଇ ତଥ୍ୟ ରହିଛି। ମାତ୍ର ଯୋଗାଣ ମନ୍ତ୍ରୀ କିନ୍ତୁ ରାତିରେ ସ୍ୱପ୍ନ ଦେଖି ଧାନ କିଣା ନେଇ ତଥ୍ୟ ଦେଉଛନ୍ତି। ବର୍ତ୍ତମାନ ସୁଦ୍ଧା ଛତିଶଗଡରେ ୪୧ ପ୍ରତିଶତ ଧାନ ସଂଗ୍ରହ ହୋଇଥିବା ବେଳେ ଓଡ଼ିଶାରେ ମାତ୍ର ୮ ପ୍ରତିଶତ ହୋଇଛି। ସରକାର ଚାଷୀଙ୍କଠାରୁ ଧାନ କିଣୁ ନଥିବାରୁ ଚାଷୀ କମ ଦରରେ ଧାନ ବିକ୍ରି କରିବାକୁ ବାଧ ହେଉଛି ବୋଲି ଶ୍ରୀ ଆଚାର୍ଯ୍ୟ କହିଛନ୍ତି। ଅପରପକ୍ଷେ ସରକାରଙ୍କ ଆଖିକୁ ଏକଥା ଦେଖାଯାଉ ନାହିଁ। ସରକାର ନିଜେ ବରଗଡ଼ରେ ଚାଷୀଙ୍କୁ ଲିଖିତ ଭାବେ ୧ ପ୍ରତିଶତ କଟଣୀ ଛଟଣୀ ହେବ ବୋଲି କହିଛନ୍ତି। ରାଜ୍ୟ ସରକାର ଇନପୁଟ ସବସିଡି ଦେଇ ବାହାଦୂରୀ ମାରୁଛନ୍ତି। ମାତ୍ର ଚାଷୀଙ୍କଠାରୁ ଧାନ କିଣିଲେ ସିନା ଚାଷୀ ଇନପୁଟ ସବସିଡ ପାଇବେ ବୋଲି ଶ୍ରୀ ଆଚାର୍ଯ୍ୟ ସମାଲୋଚନା କରିଛନ୍ତି।

## ଆନ୍ଦୋଳନ କରିବେ ଏସ୍‌ଏସ୍‌ବି ଅଧ୍ୟାପକ

**ଯୁକ୍ତ ଦୁଇ ପରୀକ୍ଷାରେ ଅସହଯୋଗ ଓ ଖାତା ଦେଖା ବର୍ଜନ ଚେତାବନୀ**

ଭୁବନେଶ୍ୱର, ୧।୧(ସମିସ): ଷ୍ଟେଟ୍ ସିଲେକ୍ସନ ବୋର୍ଡ (ଏସ୍‌ଏସ୍‌ବି) ପକ୍ଷରୁ ନିଯୁକ୍ତ ଅଧ୍ୟାପକମାନେ ସରକାରଙ୍କୁ ଚରମବାଣୀ ଶୁଣେଇଛନ୍ତି। ପୂର୍ବରୁ ୭ ଦଫା ଦାବିରେ ସେମାନେ ଆନ୍ଦୋଳନ କରିଥିବା ବେଳେ ମୁଖ୍ୟମନ୍ତ୍ରୀଙ୍କ ଠାରୁ ଆରମ୍ଭ କରି ବିଭାଗୀୟ ମନ୍ତ୍ରୀ, ମୁଖ୍ୟ ସଚିବ ଓ ବିଭାଗୀୟ ସଚିବଙ୍କୁ ଅବଗତ କରିଛନ୍ତି। ଆସନ୍ତା ୧୪ ତାରିଖ ମଧ୍ୟରେ ସେମାନଙ୍କ ସମସ୍ତ ଦାବି ପୂରଣ କରା ନ ଗଲେ ୧୫ ରୁ ଅନର୍ଦିଷ୍ଟ କାଳ ଯାଏ ଆନ୍ଦୋଳନ କରିବା ସହିତ ଯୁକ୍ତ ଦୁଇ ପରୀକ୍ଷାରେ ଅସହଯୋଗ ଓ ଖାତା ଦେଖା ବର୍ଜନ କରିବେ ବୋଲି ଗୁରୁବାର ଏକ ସାମ୍ବାଦିକ ସମ୍ମିଳନୀରେ ସଂଘ ପକ୍ଷରୁ ସରକାରଙ୍କୁ ଚେତାବନୀ ଦିଆଯାଇଛି। ଏସ୍‌ଏସ୍‌ବି ଅଧ୍ୟାପକଙ୍କ ଦାବି ଅନୁଯାୟୀ ୟୁଜିସି ପେ-ସ୍କେଲ ପ୍ରଦାନ କରିବା ସହିତ ସରକାରୀ କର୍ମଚାରୀ ମାନ୍ୟତା, ଆସିଷ୍ଟାଣ୍ଟ ପ୍ରଫେସରଙ୍କୁ ଷ୍ଟେଜ -୧ ପଦବୀର ପୁନଃ ନାମକରଣ, ସରକାରୀ କଲେଜ ଅଧ୍ୟାପକଙ୍କ ଭଳି ସମସ୍ତ ସୁବିଧା ସୁଯୋଗ ପ୍ରଦାନ, ଉପଯୁକ୍ତ ଦରମା ପ୍ରଦାନ ଆଦି ୭ ଦଫା ଦାବି ରହିଛି। ପୂର୍ବରୁ ସେମାନେ ରାଜରାସ୍ତାରେ ଆନ୍ଦୋଳନ କରି ନିଜର ହକ୍ ଦେବାକୁ ଦାବି କରିଛନ୍ତି। ଆସନ୍ତା ୧୪ ତାରିଖ ମଧ୍ୟରେ ସେମାନଙ୍କ ଦାବିକୁ ସରକାର ପୂରଣ ନ କଲେ ସେମାନେ ଆନ୍ଦୋଳନକୁ ଓହ୍ଲାଇବେ। ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ବିକ୍ଷୋଭ କରିବେ। ଏପରିକି ଫେବୃଆରୀ ୧୭ ତାରିଖରୁ ଅନୁଷ୍ଠିତ ହେଉଥିବା ଯୁକ୍ତ ଦୁଇ ପରୀକ୍ଷାରେ ଅସହଯୋଗ କରିବା ସହ ଖାତା ଦେଖା ବର୍ଜନ କରିବେ ବୋଲି ସଙ୍ଘର କାର୍ଯ୍ୟକାରୀ ସଭାପତି ମାନସ ରଞ୍ଜନ ସାହୁ କହିଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ବହୁ ଅଧ୍ୟାପକ ଅଧ୍ୟାପିକା ସାମିଲ ଥିଲେ।

## ୬ରୁ 'ଷଷ୍ଠ ଜାତୀୟ ଚିଲିକା ପକ୍ଷୀ ମହୋତ୍ସବ'

**ଲୋକସେବା ଭବନ ସମ୍ମେଳନ କକ୍ଷରେ ହେବ ଉଦ୍‌ଘାଟନ**

ଭୁବନେଶ୍ୱର,୧।୧(ସମିସ): ଚଳିତ ଜାନୁଆରୀ ୬ ରୁ ୮ ତାରିଖ ଯାଏଁ ଷଷ୍ଠ ଜାତୀୟ ଚିଲିକା ପକ୍ଷୀ ମହୋତ୍ସବ ଆୟୋଜିତ ହେବ। ପର୍ଯ୍ୟଟନ ବିଭାଗ ଏବଂ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗର ମିଳିତ ସହଯୋଗରେ ଆୟୋଜିତ ହେବାକୁ ଥିବା ଏହି ମହୋତ୍ସବ ସଂରକ୍ଷଣ-ନେତୃତ୍ୱାଧୀନ ପର୍ଯ୍ୟଟନ, ସ୍ଥାୟୀତ୍ୱ ଏବଂ ଗୋଷ୍ଠୀ ଭାଗୀଦାରି ପ୍ରତି ରାଜ୍ୟର ପ୍ରତିବଦ୍ଧତାକୁ ସୁନିଶ୍ଚିତ କରିବା ନିମନ୍ତେ ଚିଲିକା ହ୍ରଦଠାରେ ଆୟୋଜିତ ହେବାକୁ ଥିବା ଏହି ମହୋତ୍ସବକୁ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ଜଙ୍ଗଲ, ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଗଣେଶ ରାମ ସିଂଖୁଣ୍ଟିଆ ଭୁବନେଶ୍ୱରର ଲୋକସେବା ଭବନରେ ଉଦ୍‌ଘାଟନ କରିବେ।

ଏହି ମହୋତ୍ସବ ପରିଦର୍ଶକମାନଙ୍କୁ ଏକ ସଂରକ୍ଷିତ ଆର୍ଦ୍ରଭୂମିରେ ପ୍ରବାସୀ ପକ୍ଷୀଙ୍କ ସମାଗମ ଦେଖିବାର ସୁଯୋଗ ପ୍ରଦାନ କରିବ। ଏହାସହ ପରିଦର୍ଶକମାନେ ସ୍ଥାନୀୟ ହସ୍ତଶିଳ୍ପ ସହ ପରିଚିତ ହେବା ସାଙ୍ଗକୁ ସମ୍ପ୍ରଦାୟଗୁଡିକ ଦ୍ୱାରା ପ୍ରସ୍ତୁତ ପାରମ୍ପରିକ ଆଞ୍ଚଳିକ ଖାଦ୍ୟର ଆନନ୍ଦ ନେଇପାରିବେ। ପକ୍ଷୀବିଜ୍ଞାନୀ, ପକ୍ଷୀପ୍ରେମୀ ଏବଂ ବନ୍ୟପ୍ରାଣୀ ଫଟୋଗ୍ରାଫରଙ୍କ ନେତୃତ୍ୱରେ ପାରସ୍ପରିକ ଆଲୋଚନା ଅଧିବେଶନରେ ଅଂଶଗ୍ରହଣ କରିବାର ସୁଯୋଗ ଏବଂ ବରକୁଳର ପାନ୍ଥନିବାସ ନିକଟରେ ସ୍ଥାନୀୟ ମତ୍ସ୍ୟଜୀବୀ ସମ୍ପ୍ରଦାୟଙ୍କ ନୌକା ପ୍ରତିଯୋଗିତା ଏବଂ ଦୁଃସାହସିକ ଜଳକ୍ରୀଡ଼ା କାର୍ଯ୍ୟକ୍ରମକୁ ଅନୁଭବ କରିବାର ସୁଯୋଗ ପାଇବେ। ବରକୁଳରେ ଚିଲିକା ଡଙ୍ଗା ଦୌଡକୁ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଉଦ୍‌ଘାଟନ କରିବେ। ଏହି ଉପଲକ୍ଷେ ସ୍ଥାନୀୟ ମତ୍ସ୍ୟଜୀବୀ ସମ୍ପ୍ରଦାୟର ସଦସ୍ୟମାନଙ୍କ ଦ୍ୱାରା ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରାଯିବ। ସ୍ଥାନୀୟ ବିଦ୍ୟାଳୟର ଛାତ୍ର ଏବଂ ଶିକ୍ଷକମାନଙ୍କ ପାଇଁ ସ୍ୱତନ୍ତ୍ର ଆଲୋଚନା ଅଧିବେଶନ ଆୟୋଜନ କରାଯିବ।

# ଲୋକାର୍ପଣ ହେଲା ରାଇରଙ୍ଗପୁର ଇଗ୍‌ନୋ

ରାଇରଙ୍ଗପୁର,୧।୧(ସମିସ): ଆଦିବାସୀ ବହୁଳ ମୟୂରଭଞ୍ଜ ଜିଲ୍ଲାରେ ଶିକ୍ଷାର ମାନଦଣ୍ଡକୁ ସୁଦୃଢ଼ କରିବା ପାଇଁ ଇନ୍ଦିରା ଗାନ୍ଧୀ ଜାତୀୟ ମୁକ୍ତ ବିଶ୍ୱବିଦ୍ୟାଳୟ (ଇଗ୍‌ନୋ)ର ଆଞ୍ଚଳିକ ଓ ଦକ୍ଷତା କେନ୍ଦ୍ର ଗୁରୁବାର ରାଇରଙ୍ଗପୁରରେ ଲୋକାର୍ପଣ ହୋଇଛି। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଭର୍ଚୁଆଲ ମୋଡ୍‌ରେ ଯୋଡ଼ି ହୋଇ ଲୋକର୍ପଣ କରିଛନ୍ତି। ଭର୍ଚୁଆଲରେ ଦିଲ୍ଲୀସ୍ଥିତ ରାଷ୍ଟ୍ରପତି ଭବନରେ ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁଙ୍କ ସମେତ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ଦକ୍ଷତା ବିକାଶ ବିଭାଗ କେନ୍ଦ୍ର ରାଷ୍ଟ୍ରମନ୍ତ୍ରୀ ଜୟନ୍ତ ଚୌଧୁରୀ, ଇଗ୍‌ନୋ କୁଳପତି ପ୍ରଫେସର ଉମା କଞ୍ଜିଲାଲ ପ୍ରମୁଖ ଉପସ୍ଥିତ ଥିଲେ।

ରାଇରଙ୍ଗପୁର ଟାଉନ୍ ହଲ୍‌ଠାରେ ଇଗ୍‌ନୋ ରାଇରଙ୍ଗପୁର ଆଞ୍ଚଳିକ କେନ୍ଦ୍ରର ବରିଷ୍ଠ ଆଞ୍ଚଳିକ ନିର୍ଦ୍ଦେଶକ ଡ. ମନୋଜ କୁମାର ଦାସଙ୍କ ପୌରୋହିତ୍ୟରେ ଆୟୋଜିତ ବୈଠକରେ ରାଜ୍ୟ ସରକାରଙ୍କ ଜଙ୍ଗଲ, ପରିବେଶ ଓ ଶ୍ରମ ବିଭାଗ ରାଷ୍ଟ୍ରମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ, ସାଂସଦ ନବ ଚରଣ ମାଝୀ, ରାଇରଙ୍ଗପୁର ବିଧାୟକ ଜଲେନ ନାଏକ, ସାରସକଣା ବିଧାୟକ ଭାଦବ ହାଁସଦା, ଜିଲ୍ଲାପାଳ ହେମକାନ୍ତ ସୟ, ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ବରୁଣ ଗୁଣ୍ଟୁପାଲ୍ଲୀ ପ୍ରମୁଖ ଉପସ୍ଥିତ ଥିଲେ। ଇଗ୍‌ନୋ ଜରିଆରେ ଅନେକ ଡିଷ୍ଟାନ୍ସ କୋର୍ସର ଶିକ୍ଷା ଗ୍ରହଣ କରାଯାଇଥାଏ। ରାଇରଙ୍ଗପୁରରେ ଏହା ସ୍ଥାପନ ଦ୍ୱାରା ଶିକ୍ଷା କ୍ଷେତ୍ରରେ ଉନ୍ନତି ସହ ଶିକ୍ଷାର ମାନ ବୃଦ୍ଧି କରିବା ନିମନ୍ତେ ଅନେକ ସହାୟକ ହେବ ବୋଲି ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ କହିଛନ୍ତି। ଶିକ୍ଷା ଓ ଦକ୍ଷତା




- ଆଞ୍ଚଳିକ କେନ୍ଦ୍ର ଓ ଦକ୍ଷତା କେନ୍ଦ୍ରକୁ ଶୁଭାରମ୍ଭ କରିଲେ ରାଷ୍ଟ୍ରପତି
- ଅସ୍ଥାୟୀ କ୍ୟାମ୍ପସ୍‌ରେ ଆରମ୍ଭ ହେଲା ଶିକ୍ଷାଦାନ
- ଆଦିବାସୀ ବହୁଳ ଅଞ୍ଚଳରେ ବୃଦ୍ଧି ପାଇବ ଶିକ୍ଷାର ମାନଦଣ୍ଡ

ବିକାଶ ଇତିହାସରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଅଟେ। ମୟୂରଭଞ୍ଜ ଜିଲ୍ଲାର ଆଦିବାସୀ ବହୁଳ ଅଞ୍ଚଳ ରାଇରାଙ୍ଗପୁରରେ ଏହି କେନ୍ଦ୍ର ସ୍ଥାପନା ହେବା ଦ୍ୱାରା ସ୍ଥାନୀୟ ଯୁବକ, ଯୁବତୀ, ବ୍ୟକ୍ତି, ଗୃହିଣୀ ଓ ଶିକ୍ଷାରୁ ବଞ୍ଚିତ ଲୋକମାନଙ୍କ ପାଇଁ ନୂଆ ସମ୍ଭାବନାର ଦ୍ୱାର ଖୋଲିଛି। ଏହା ମାଧ୍ୟମରେ ମୁକ୍ତ ଓ ଦୂରଶିକ୍ଷା ପ୍ରଣାଳୀ ଦ୍ୱାରା ଉଚ୍ଚଶିକ୍ଷା ସହିତ ଦକ୍ଷତାମୂଳକ ତାଲିମ ଲୋକମାନଙ୍କ ଦ୍ୱାରା ସହଜରେ ଗ୍ରହଣ କରାଯିବା ସମ୍ଭବ ହେବ। ରାଷ୍ଟ୍ରପତି ତାଙ୍କ ଉଦ୍‌ବୋଧନ ଦେଇ କହିଥିଲେ ଯେ ଶିକ୍ଷା ହେଉଛି ଏକ ସଶକ୍ତ ଓ ସମାବେଶୀ ରାଷ୍ଟ୍ର ଗଠନର ମୂଳ ଆଧାର। ଆଦିବାସୀ ଅଞ୍ଚଳରେ ଉଚ୍ଚଶିକ୍ଷା ଓ ଦକ୍ଷତା ବିକାଶ ସୁବିଧା ପହଞ୍ଚିବା ନିମନ୍ତେ ଇଗ୍‌ନୋ ପରି ପ୍ରତିଷ୍ଠାନଗୁଡ଼ିକ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଛି। କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ତାଙ୍କ ଭାଷଣରେ ଜାତୀୟ ଶିକ୍ଷା ନୀତି-୨୦୨୦ ଅନୁସାରେ ଶିକ୍ଷାକୁ ସୁଗମ ଏବଂ କୌଶଳମୁଖୀ କରିବା ହେଉଛି ସରକାରଙ୍କ ମୂଳ ଲକ୍ଷ୍ୟ। ରାଇରାଙ୍ଗପୁରରେ ଇଗ୍‌ନୋ ଆଞ୍ଚଳିକ କେନ୍ଦ୍ର ଏବଂ କୌଶଳ କେନ୍ଦ୍ର ସ୍ଥାପନା ଏହି ଦୃଷ୍ଟିକୋଣକୁ ବାସ୍ତବ ରୂପ ଦେବାରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଅଟେ ବୋଲି କହିଛନ୍ତି।

ପୂର୍ବରୁ ଭୁବନେଶ୍ୱରଠାରେ ଆଞ୍ଚଳିକ କେନ୍ଦ୍ର ଥିବାବେଳେ ବାରିପଦାସ୍ଥିତ ଏମ୍‌ପିସି ସ୍ୱୟଂଶାସିତ ମହାବିଦ୍ୟାଳୟରେ ପରୀକ୍ଷା କେନ୍ଦ୍ର ହେଉଥିଲା। କିନ୍ତୁ ତାହାକୁ ଅଧିକ ପରିବ୍ୟାପ୍ତ କରିବା ପାଇଁ ଇଗ୍‌ନୋ ପକ୍ଷରୁ ଓଡ଼ିଶାର ୪ଟି ଜୋନ୍‌ରେ ଆଞ୍ଚଳିକ କେନ୍ଦ୍ର କରିବା ନେଇ ସ୍ଥିରୀକୃତ ହୋଇଛି। ଯେଉଁଥିରେ କି ଉତ୍ତର ଓଡ଼ିଶା ନିମନ୍ତେ ମୟୂରଭଞ୍ଜ ଜିଲ୍ଲାର ରାଇରଙ୍ଗପୁରଠାରେ କେନ୍ଦ୍ର ସ୍ଥାପନ କରାଯାଇଛି। ଉକ୍ତ ଆଞ୍ଚଳିକ କେନ୍ଦ୍ର ଅଧୀନରେ ମୟୂରଭଞ୍ଜ, କେନ୍ଦୁଝର, ବାଲେଶ୍ୱର, ଭଦ୍ରକ ଏବଂ ଯାଜପୁର ଜିଲ୍ଲା ରହିଛି। ଉକ୍ତ ଜିଲ୍ଲାର ସମସ୍ତ ଇଗ୍‌ନୋ ପରୀକ୍ଷା କେନ୍ଦ୍ର ଏହି ଆଞ୍ଚଳିକ କେନ୍ଦ୍ର ଅଧୀନରେ ରହିବ। ବର୍ତ୍ତମାନ ଅସ୍ଥାୟୀ ଭାବେ ନିୟମିତ ବଜାରସ୍ଥିତ ମଣ୍ଡପ ପରିସରରେ ଆଞ୍ଚଳିକ କେନ୍ଦ୍ର କାର୍ଯ୍ୟକ୍ଷମ ହୋଇଛି। ଆଗକୁ ସ୍ଥାୟୀ କ୍ୟାମ୍ପସ୍ ହେବାକୁ ରାଇରଙ୍ଗପୁର ଡିଗ୍ରୀ ମହାବିଦ୍ୟାଳୟ ସମ୍ମୁଖରେ ୧.୨୫ ଏକର ଜମି ଚିହ୍ନଟ ହୋଇଛି। ଜିଲ୍ଲା ପ୍ରଶାସନ ପକ୍ଷରୁ ଜମି ହସ୍ତାନ୍ତର ପ୍ରକ୍ରିୟା ଶେଷ ହେଲେ କେନ୍ଦ୍ର ସ୍ଥାପନ ନେଇ ନିର୍ମାଣ କାର୍ଯ୍ୟ ଆରମ୍ଭ ହେବ ବୋଲି ସୂଚନା ମିଳିଛି।

## ବାଂଲାଦେଶରେ ଆଉ ଜଣେ ହିନ୍ଦୁଙ୍କୁ ଆକ୍ରମଣ

**ଗୁରୁତର ଖୋକନ ମେଡିକାଲରେ ଭର୍ତ୍ତି**

**୧୫ ଦିନରେ ଚତୁର୍ଥ ଘଟଣା**

ଢାକା, ୧।୧ (ଏଜେନ୍ସି): ବାଂଲାଦେଶରେ ସଂଖ୍ୟାଲଘୁ ହିନ୍ଦୁ ସମ୍ପ୍ରଦାୟର ଲୋକଙ୍କ ଉପରେ ଆକ୍ରମଣ ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ଡିସେମ୍ବର ୩୧ ଅର୍ଥାତ ବିଦାୟୀ ବର୍ଷର ଶେଷ ଦିନରେ ଆଉ ଜଣେ ହିନ୍ଦୁ ବ୍ୟକ୍ତିଙ୍କୁ ଆକ୍ରମଣ କରାଯାଇଛି। ଆକ୍ରମଣ କରିବା ପରେ ତାଙ୍କ ଦେହରେ ନିଆଁ ଲଗାଇଦିଆଯାଇଛି। ତେବେ ସେ ନିକଟବର୍ତ୍ତୀ ପୋଖରୀକୁ ଡେଇଁ ନିଜ ଜୀବନ ବଞ୍ଚାଇଛନ୍ତି। କିନ୍ତୁ ତାଙ୍କର ଅବସ୍ଥା ସଙ୍କଟାପନ୍ନ ଥିବା ଜଣାପଡ଼ିଛି। ଗତ ୧୫ ଦିନ ମଧ୍ୟରେ ବାଂଲାଦେଶରେ ଏହାକୁ ମିଶାଇ ୪ ଜଣ ହିନ୍ଦୁ ଲୋକଙ୍କୁ ଆକ୍ରମଣ କରାଗଲାଣି। ଏହାପୂର୍ବରୁ ଘଟିଥିବା ତିନିଟି ଆକ୍ରମଣ ଘଟଣାରେ ତିନି ଜଣ ପ୍ରାଣ ହରାଇଛନ୍ତି। ଏହାକୁ ନେଇ ବାଂଲାଦେଶରେ ହିନ୍ଦୁ ସଂପ୍ରଦାୟ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି।

ଗତକାଲି ଆକ୍ରମଣର ଶିକାର ହୋଇଥିବା ବ୍ୟକ୍ତି ହେଉଛନ୍ତି ସରିୟତପୁର ଜଲ୍ଲାର ଖୋକନ ଦାସ। ସେ ଗତକାଲି ଘରକୁ ଫେରୁଥିବା ବେଳେ ଭିଡ଼ ଆକ୍ରମଣର ଶିକାର ହୋଇଥିଲେ। ୫୦ ବର୍ଷୀୟ ଖୋକନଙ୍କୁ ଭିଡ଼ ଘେରିଯାଇଥିଲେ। ପ୍ରଥମେ ତାଙ୍କୁ ଧାରୁଆ ଅସ୍ତ୍ରରେ ଆକ୍ରମଣ କରାଯାଇଥିଲା। ପରେ ନିର୍ମମ ଭାବେ ମାଡ଼ ମାରି ନିଆଁ ଲଗାଇ ଦିଆଯାଇଥିଲା। ଆକ୍ରମଣରେ ସେ ଗୁରୁତର ଭାବେ ପୋଡ଼ି ଯାଇଥିଲେ। ତେବେ ସେ ପୋଖରୀକୁ ଡେଇଁ ଜୀବନ ବଞ୍ଚାଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ହସ୍ପିଟାଲରେ ଭର୍ତ୍ତି କରିଥିଲେ। ଘଟଣା ପରେ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇଛି। ପୁଲିସ ଅଭିଯୁକ୍ତଙ୍କୁ ଖୋଜୁଛି। ଗତ ୧୫ ଦିନ ମଧ୍ୟରେ ବାଂଲାଦେଶରେ ଚତୁର୍ଥ ହିନ୍ଦୁ ବ୍ୟକ୍ତିଙ୍କୁ ଆକ୍ରମଣ କରାଯାଇଛି। ପୂର୍ବରୁ ଡିସେମ୍ବର ୧୮ରେ ମୟମନସିଂ ଜିଲ୍ଲାରେ ଦୀପୁ ଚନ୍ଦ୍ର ଦାସଙ୍କୁ ଏକ ଭିଡ଼ ଦ୍ୱାରା ପିଟିପିଟି ହତ୍ୟା କରାଯିବା ପରେ ତାଙ୍କ ମୃତଦେହକୁ ଗଛରେ ଟାଙ୍ଗି ଜାଳି ଦିଆଯାଇଥିଲା। ପରବର୍ତ୍ତୀ ସମୟରେ ଆଉ ଦୁଇ ଜଣ ହିନ୍ଦୁ ବ୍ୟକ୍ତି ହତ୍ୟାକାଣ୍ଡର ଶିକାର ହୋଇଥିଲେ। ସେମାନେ ହେଲେ ଅମୃତ ମଣ୍ଡଳ ଓ ବ୍ରଜେନ୍ଦର ବିଶ୍ୱାସ।

ସୂଚନାଯୋଗ୍ୟ ଯେ ଭାରତ ବିରୋଧୀ ନେତା ହାଦିଙ୍କ ମୃତ୍ୟୁ ପାଇଁ ବିଭିନ୍ନ ଚରମପନ୍ଥୀ ସଂଗଠନ ଭାରତକୁ ଦାୟୀ କରୁଛନ୍ତି। ସେମାନେ ଅଭିଯୋଗ କରୁଛନ୍ତି ଯେ ହତ୍ୟାକାଣ୍ଡ ପରେ ଅଭିଯୁକ୍ତମାନେ ଭାରତରେ ଲୁଚିଛନ୍ତି। ଏଥିପାଇଁ ସେମାନେ ଠୋରେ ହିନ୍ଦୁ ଲୋକଙ୍କୁ ଆକ୍ରମଣ କରୁଥିବା ସନ୍ଦେହ କରାଯାଉଛି।



## ଆଜିର ରାଶିଫଳ

**ମେଷ:** ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବେ। ପ୍ରେମ ସମ୍ପର୍କରେ ସମସ୍ୟା ସୃଷ୍ଟି ହୋଇପାରେ। ଦୀର୍ଘଦିନରୁ ଅଟକି ରହିଥିବା କାର୍ଯ୍ୟ ପୂରା ହେବ। ଆୟ ଓ ବ୍ୟୟ ସମାନ ରହିବ। ମହିଳାମାନେ ଘରକାମରେ ବ୍ୟସ୍ତ ରହିବେ।

**ବୃଷ:** ଆତ୍ମବିଶ୍ୱାସ ବୃଦ୍ଧି ପାଇବ। ପାରିବାରିକ ଜୀବନ ସୁଖମୟ ହେବ। ପରିବାର ସହିତ ସୁଖଦ ସମୟ ଅତିବାହିତ କରିବେ। ବ୍ୟବସାୟ ପାଇଁ ନୂଆ ଯୋଜନା ପ୍ରସ୍ତୁତ କରିପାରନ୍ତି। କ୍ରୋଧ ଉପରେ ନିୟନ୍ତ୍ରଣ ରଖନ୍ତୁ।

**ମିଥୁନ:** ଦିନଟି ଶୁଭଫଳ ପ୍ରଦାନ କରିବ। ଆର୍ଥିକ ମାମଲାରେ ସୁଧାର ଆସିବ। ସହକର୍ମୀଙ୍କ ସହଯୋଗରୁ ଅଫିସ୍ କାର୍ଯ୍ୟରେ ସଫଳତା ମିଳିବ। ଧାର୍ମିକ କାର୍ଯ୍ୟରେ ସାମିଲ ହେବେ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**କର୍କଟ:** ବନ୍ଧୁ ତଥା ଭାଇଙ୍କ ସହଯୋଗ ମିଳିବ। ବ୍ୟବସାୟରେ ଉନ୍ନତି ପରିଲକ୍ଷିତ ହେବ। ସାମାଜିକ ପ୍ରତିଷ୍ଠା ବଢ଼ିବ। ଅଫିସ୍‌ରେ ସହକର୍ମୀଙ୍କ ସହଯୋଗରେ ଆଗକୁ ବଢ଼ିବେ। ମାନସମ୍ମାନ ବୃଦ୍ଧି ପାଇବ।

**ସିଂହ:** କର୍ମ ଚଞ୍ଚଳ ରହିବେ। ମନ ପ୍ରଫୁଲ୍ଲିତ ରହିବ। ଆୟଠୁ ବ୍ୟୟ ଅଧିକ ହେବ। ଅଯଥା ଖର୍ଚ୍ଚରୁ ଦୂରେଇ ରୁହନ୍ତୁ। ଘର ପାଇଁ ନୂଆ ଜିନିଷ କିଣିବେ। ଗୁରୁଜନଙ୍କ ସ୍ୱାସ୍ଥ୍ୟାବସ୍ଥାକୁ ନେଇ ଚିନ୍ତିତ ରହିପାରନ୍ତି।

**କନ୍ୟା:** ଶିକ୍ଷା କ୍ଷେତ୍ରରେ ସଫଳତା ପ୍ରାପ୍ତି ହେବ। ରାଜନୀତିରେ ସାମିଲ ହେବେ। ଆର୍ଥିକ ସ୍ଥିତିରେ ସୁଧାର ଆସିବ। ବୈବାହିକ ଜୀବନରେ ସମସ୍ୟା ଆସିବ। ସାଙ୍ଗଙ୍କ ସହ ଦୂରସ୍ଥାନକୁ ଯାତ୍ରା କରିବେ।

**ତୁଳା:** ଅଫିସ୍ କାର୍ଯ୍ୟରେ ବିଦେଶ ଯାତ୍ରା ଯୋଗ ଅଛି। ଧାରକରଜରୁ ଦୂରେଇ ରହିବେ। ମାଆଙ୍କ ସ୍ୱାସ୍ଥ୍ୟ ସମସ୍ୟାରେ ଉନ୍ନତି ପରିଲକ୍ଷିତ ହେବ। ନିବେଶ କରିବା ପୂର୍ବରୁ ଭଲଭାବେ ଚିନ୍ତା କରନ୍ତୁ।

**ବିଛା:** ସୃଜନାତ୍ମକ କାର୍ଯ୍ୟରେ ସଫଳତା ମିଳିବ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। ମନ ପ୍ରସନ୍ନ ରହିବ। ପ୍ରେମ ସମ୍ବନ୍ଧ ମଜଭୁତ୍ ହେବ। ନିଜ ଲୋକ ଶତ୍ରୁ ସାଜିବେ। ମାପିଚୁପି କଥା କୁହନ୍ତୁ।

**ଧନୁ:** ନିବେଶରୁ ଲାଭ ମିଳିବ। କାର୍ଯ୍ୟରୁ ଆଶାଜନକ ଫଳ ମିଳିବ। ଆତ୍ମବିଶ୍ୱାସର ସହ କାର୍ଯ୍ୟ ସମ୍ପାଦନ କରିବେ। ଅଫିସ୍‌ରେ ପଦୋନ୍ନତି ସମ୍ଭାବନା ଅଛି। କୋର୍ଟ କଚେରୀ ମାମଲାର ଶୁଣାଣି ହେବ।

**ମକର:** ଶାରୀରିକ ଯନ୍ତ୍ରଣା ଭୋଗିପାରନ୍ତି। ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବେ। ବୁଲାବୁଲି ପାଇଁ ଯୋଜନା ପ୍ରସ୍ତୁତ କରିବେ। ଖେଳାଳିଙ୍କୁ ସଫଳତା ମିଳିବ। ବ୍ୟବସାୟରେ କ୍ଷତି ଘଟିବ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**କୁମ୍ଭ:** ଦିନଟି ମିଶ୍ରଫଳ ପ୍ରଦାନ କରିବ। ଧାର୍ମିକ କାର୍ଯ୍ୟ କରିବେ। ସମାଜରେ ମାନ ପ୍ରତିଷ୍ଠା ବଢ଼ିବ। ସମାଜସେବାରେ ନିଜକୁ ନିୟୋଜିତ କରିବେ। ସରକାରି ଚାକିରିଆଙ୍କ ପାଇଁ ଦିନଟି ଭଲ।

**ମୀନ:** ସନ୍ତାନଙ୍କ ଭବିଷ୍ୟତ ପାଇଁ ନୂଆ ଯୋଜନା କରିବେ। ବିଦ୍ୟାର୍ଥୀ ପଢ଼ାରେ ମନଯୋଗ ଦେବେ। ପଡ଼ୋଶୀଙ୍କ ସହ ବିବାଦ ଦେଖା ଦେବ। ବିଶେଷ କାର୍ଯ୍ୟରୁ ଲାଭ ମିଳିବ। ଧାର୍ମିକ କାର୍ଯ୍ୟରେ ସାମିଲ ହେବେ।

## ଆଜିର ଇତିହାସ

- ୧୭୫୭- ବ୍ରିଟିଶ୍ ସେନା କଲିକତା ସହର ଉପରେ କବ୍‌ଜା କଲା।
- ୧୯୪୨- ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ଜାପାନୀ ସେନା ଫିଲିପାଇନ୍ସର ରାଜଧାନୀ ମାନିଲା ଉପରେ କବ୍‌ଜା କଲେ।
- ୧୯୫୪- ଭାରତ ରତ୍ନ ପୁରସ୍କାରର ଆରମ୍ଭ ହେଲା।
- ୧୯୭୧-ସ୍କଟ୍‌ଲ୍ୟାଣ୍ଡର ଗ୍ଲାସ୍‌ଗୋରେ ଏକ ଫୁଟବଲ ମ୍ୟାଚ୍‌ରେ ଦଳାଚକଟା ଯୋଗୁ ୬୬ ଜଣ ଫୁଟବଲ ପ୍ରେମୀଙ୍କ ମୃତ୍ୟୁ।
- ୧୯୯୧- ଥିରୁବନନ୍ତପୁରମ୍ ବିମାନ ବନ୍ଦରକୁ ଆନ୍ତର୍ଜାତିକ ବିମାନ ବନ୍ଦରର ମାନ୍ୟତା ମିଳିଲା।

# ଟୁଥ୍‌ପିକ୍‌ରେ ଏଫିଲ୍ ଟାୱାର

ଆମେରିକାର ଜଣେ ବାଳକ ନିଜର ନିଆରା ପ୍ରତିଭା ଯୋଗୁଁ ସମସ୍ତଙ୍କ ଦୃଷ୍ଟିଆକର୍ଷଣ କରିଛନ୍ତି। ଏରିକ୍ କ୍ଲେବଲ ନାମକ ଏହି ବାଳକ ଜଣକ ଏଫିଲ ଟାୱାରର ଏକ ମଡେଲ ତିଆରି କରିଛନ୍ତି। ଏହାର ପୂରା ସଂରଚନାକୁ ସେ ଟୁଥ୍‌ପିକ୍‌ରେ କରିଛନ୍ତି। ଏଥିପାଇଁ ସେ ଗିନିଜ୍ ବିଶ୍ୱ ରେକର୍ଡ ମଧ୍ୟ କରିଛନ୍ତି। ଏରିକ୍ ଟୁଥ୍‌ପିକ୍ ଏବଂ ଅଠାକୁ ବ୍ୟବହାର କରି ୧୭.୩୨ ଫୁଟ ଉଚ୍ଚ ଏଫିଲ ଟାୱାର୍ ତିଆରି କରିଛନ୍ତି। ଏହାକୁ ଏବେ ବିଶ୍ୱର ସବୁଠୁ ଉଚ୍ଚ ଟୁଥ୍‌ପିକ୍ ସଂରଚନା ବୋଲି କୁହାଯାଉଛି। ପିଲାବେଳୁ ଏରିକ୍‌ଙ୍କର ବିଭିନ୍ନ ଜିନିଷ ତିଆରି କରିବାରେ ସଉକ ରହିଛି। ଏଦିଗରେ ଏରିକ୍‌ଙ୍କୁ ତାଙ୍କ ବାପାଙ୍କଠାରୁ ପ୍ରେରଣା ମିଳିଛି। ତାଙ୍କ ବାପା ଜଣେ ସିଭିଲ ଇଞ୍ଜିନିୟର। ଏରିକ୍ ପିଲାବେଳେ ଆଇସ୍‌କ୍ରିମ୍ ଷ୍ଟିକ୍‌ରେ ଜିନିଷ ତିଆରି କରିବାକୁ ପସନ୍ଦ କରୁଥିଲେ। ସେହିପରି ଏହା ତାଙ୍କର ପ୍ରଥମ ଉପଲବ୍ଧି ନୁହେଁ। ୨୦୨୧ ମସିହାରେ ତାଙ୍କୁ ୧୨ ବର୍ଷ ବୟସ ହୋଇଥିବାବେଳେ ସେ ଆଇସକ୍ରିମ୍ ଷ୍ଟିକ୍‌ରେ ୨୦ ଫୁଟ୍ ଉଚ୍ଚ ଏକ ଟାୱାର ତିଆରି କରିଥିଲେ। ସେ ସମୟରେ ବି ଏରିକ୍ ଗିନିଜ୍ ବିଶ୍ୱ ରେକର୍ଡର ଅଧିକାରୀ ହୋଇଥିଲେ। ତେବେ ଆଇସ୍‌କ୍ରିମ୍ ଷ୍ଟିକ୍ ତୁଳନାରେ ଟୁଥ୍‌ପିକ୍‌ରେ କାମ କରିବା ଅଧିକ କଷ୍ଟକର ବୋଲି ଏରିକ୍ କହିଛନ୍ତି।



ଏରିକ୍ ଆହୁରି ମଧ୍ୟ କହିଛନ୍ତି, 'ଟୁଥପିକ୍ ଅତ୍ୟନ୍ତ ଛୋଟ। ଏହାକୁ ଯୋଡ଼ିବା, ସନ୍ତୁଳନ ରକ୍ଷା କରିବା ଏବଂ ଏଫିଲ ଟାୱାର ଭଳି ଏକ ସଂରଚନାକୁ ତିଆରି କରିବା ଆଦୌ ସହଜ କାମ ନୁହେଁ। ଅନ୍ୟପକ୍ଷରେ ସାମାଜିକ ଗଣମାଧ୍ୟମରେ ତାଙ୍କ ପରିଶ୍ରମ ଏବଂ ଧୈର୍ଯ୍ୟର ଖୁବ୍ ପ୍ରଶଂସା କରାଯାଉଛି।

## ଆଜି ବାହୁଡ଼ିଥିଲେ

# ଉତ୍କଳକେଶରୀ ହରେକୃଷ୍ଣ ମହତାବ



ନବ ଉତ୍କଳର ନିର୍ମାତା ଡ. ହରେକୃଷ୍ଣ ମହତାବ ଥିଲେ ଏକାଧାରରେ ଜଣେ ରାଷ୍ଟ୍ରନୀତିଜ୍ଞ, ଚିନ୍ତାନାୟକ, ସଂଗଠକ, ଐତିହାସିକ, ଗବେଷକ, ସାମ୍ବାଦିକ ଏବଂ ଲେଖକ। ଓଡ଼ିଶାରେ ଗଡ଼ଜାତର ମିଶ୍ରଣ, ଭୁବନେଶ୍ୱରରେ ରାଜଧାନୀର ନିର୍ମାଣ ସବୁକିଛି ତାଙ୍କ ଶାସନକାଳରେ ହୋଇଥିଲା। ସେ ଥିଲେ ସ୍ୱାଧୀନ ଓଡ଼ିଶାର ପ୍ରଥମ ମୁଖ୍ୟମନ୍ତ୍ରୀ ଏବଂ ଆଧୁନିକ ଓଡ଼ିଶାର ନିର୍ମାତା। ୧୮୯୯ ନଭେମ୍ବର ୨୧ରେ ଭଦ୍ରକ ଅନ୍ତର୍ଗତ ଅଗରପଡ଼ା ଗ୍ରାମରେ ତାଙ୍କର ଜନ୍ମ ହୋଇଥିଲା। ବି.ଏ. ପଢ଼ିବା ସମୟରେ ସେ ପାଠପଢ଼ା ଛାଡ଼ି ସ୍ୱାଧୀନତା ସଂଗ୍ରାମରେ ଯୋଗ ଦେଇଥିଲେ। ୧୯୨୩-୨୪ ମଧ୍ୟରେ ସେ ଓଡ଼ିଶା ପ୍ରଜା ଆନ୍ଦୋଳନର ନେତୃତ୍ୱ ନେଇ ଜେଲ୍ ଯାଇଥିଲେ। ଏହାପରେ ପୁନର୍ବାର ୧୯୩୦-୩୧ରେ ବାଲେଶ୍ୱରର ଇଞ୍ଚୁଡ଼ିଠାରେ ଲବଣ ସତ୍ୟାଗ୍ରହ ଓ ଆଇନ ଅମାନ୍ୟ ଆନ୍ଦୋଳନକୁ ପରିଚାଳନା କରି ଦୁଇଥର କାରାବରଣ କରିଥିଲେ। ୧୯୪୬ରୁ ୧୯୫୦ ପର୍ଯ୍ୟନ୍ତ ଏବଂ ୧୯୫୬ରୁ ୧୯୬୧ ପର୍ଯ୍ୟନ୍ତ ସେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଭାବେ ଦାୟିତ୍ୱ ତୁଲାଇଥିଲେ। ତାଙ୍କ କାର୍ଯ୍ୟକାଳରେ ସଚିବାଳୟ, ରାଜ୍ୟ ସଂଗ୍ରହାଳୟ, ରାଜ୍ୟ ଲଳିତକଳା ଏକାଡେମୀ, ରବୀନ୍ଦ୍ର ମଣ୍ଡପ, ହୀରାକୁଦ ନଦୀବନ୍ଧ, ମାଛକୁଣ୍ଡ ଜଳଭଣ୍ଡାର ଓ ଜଳବିଦ୍ୟୁତ୍ ଯୋଜନା, କଟକର କେନ୍ଦ୍ରୀୟ ଧାନ ଗବେଷଣାଗାର ଇତ୍ୟାଦି ସ୍ଥାପନ ହୋଇଥିଲା। ୧୯୫୦ରୁ ୧୯୫୨ ପର୍ଯ୍ୟନ୍ତ ସେ କେନ୍ଦ୍ର ଶିଳ୍ପ, ବାଣିଜ୍ୟ ଓ ଯୋଗାଣ ମନ୍ତ୍ରୀ ଭାବରେ କାର୍ଯ୍ୟ କରିଥିଲେ। ୧୯୫୪ରେ ସେ ବମ୍ବେର ରାଜ୍ୟପାଳ ହୋଇଥିଲେ। ୧୯୭୫ରେ ଇନ୍ଦିରା ଗାନ୍ଧୀଙ୍କ ଜରୁରୀକାଳୀନ ପରିସ୍ଥିତିକୁ ବିରୋଧ କରି ସେ କାରାବରଣ କରିଥିଲେ। ତାଙ୍କ ରଚିତ ପୁସ୍ତକଗୁଡ଼ିକ ମଧ୍ୟରେ 'ପ୍ରତିଭା-୧୯୪୬', 'ଟାଉଟର', 'ଅବ୍ୟାପାର', 'ତୃତୀୟପର୍ବ', '୧୯୭୫' ଆଦି ଅନ୍ୟତମ। 'ଗାଁ ମଜଲିସ୍' ତାଙ୍କର ଏକ ଅତ୍ୟନ୍ତ ଲୋକପ୍ରିୟ ସ୍ତମ୍ଭ। ୧୯୮୭ ଜାନୁଆରୀ ଆଜିର ଦିନରେ ସେ ଶେଷ ନିଃଶ୍ୱାସ ତ୍ୟାଗ କରିଥିଲେ।



# ସଞ୍ଜୟଙ୍କ ପାଇଁ ଅଡୁଆରେ ରଣବୀର

ବଲିଉଡ୍ ଅଭିନେତା ରଣବୀର କପୁରଙ୍କ ଲେଉଟାଣିକୁ ତାଙ୍କ ପ୍ରଶଂସକମାନେ ଅନେକ ଦିନରୁ ଅପେକ୍ଷା କରିଛନ୍ତି। ଚଳିତବର୍ଷ ତାଙ୍କର ଦୁଇଟି ବିଗ୍ ବଜେଟ୍‌ର ଫିଲ୍ମ ରିଲିଜ୍ ହେବାରେ ଅଛି। ରଣବୀରଙ୍କ ଅଭିନୀତ ସଞ୍ଜୟ ଲୀଳା ଭଁସାଲିଙ୍କ ନିର୍ଦ୍ଦେଶିତ 'ଲଭ୍ ଆଣ୍ଡ ୱାର୍' ଆସନ୍ତା ମାର୍ଚ୍ଚ ୧୯ ରେ ରିଲିଜ୍ ହେବାର ଥିଲା। ହେଲେ ସୁଟିଂ ସରି ନ ଥିବାରୁ ଏବେ ଏହାର ରିଲିଜ୍‌କୁ ଘୁଞ୍ଚାଇ ଦିଆଯାଇଛି। ରଣବୀର କିନ୍ତୁ ଲଗାତାର ସଞ୍ଜୟଙ୍କୁ ଏହାକୁ ଜୁନ୍‌ରେ ରିଲିଜ୍ କରିବା ପାଇଁ ମନାଉଥିଲେ। କାରଣ ଦୀପାବଳିରେ ତାଙ୍କ କ୍ୟାରିୟରର ସବୁଠୁ ଭଲ ଫିଲ୍ମ କୁହାଯାଉଥିବା 'ରାମାୟଣ' ଆସିବ। ଏହି ଫିଲ୍ମର ବଜେଟ୍ ରହିଛି ୪୦୦୦ କୋଟି। ଇତିମଧ୍ୟରେ 'ଲଭ୍ ଆଣ୍ଡ ୱାର୍'ର ରିଲିଜ୍‌କୁ ଘୁଞ୍ଚାଇ ଦିଆଯିବାରୁ ଏହାକୁ ନେଇ 'ରାମାୟଣ'ର ପ୍ରଯୋଜକ ଅସୁବିଧାରେ ପଡ଼ିଛନ୍ତି। 'ଲଭ୍ ଆଣ୍ଡ ୱାର୍'ର ସୁଟିଂ ଆସନ୍ତା ମେ ପର୍ଯ୍ୟନ୍ତ ଚାଲିବ। ଏହାର ପୋଷ୍ଟ ପ୍ରଡକ୍ସନ କାମ କରିବା ସରିବା ପରେ ଏହାକୁ ଅଗଷ୍ଟ କିମ୍ବା ସେପ୍ଟେମ୍ବରରେ ରିଲିଜ୍ କରାଯାଇପାରିବ। ସଞ୍ଜୟ ଏହାକୁ ଅଗଷ୍ଟ ୧୪ରେ ରିଲିଜ୍ କରିବା ନେଇ ବିଧିବଦ୍ଧ ଭାବେ ଖୁବ୍‌ଶୀଘ୍ର ଘୋଷଣା କରିପାରନ୍ତି ବୋଲି ମଧ୍ୟ ଚର୍ଚ୍ଚା ହେଉଛି। ଏବେ ସଞ୍ଜୟଙ୍କର ଏହି ନିଷ୍ପତ୍ତି ଯୋଗୁଁ 'ରାମାୟଣ' ଟିମ୍ ଅଡୁଆରେ ପଡ଼ିଛି। କାରଣ 'ଲଭ୍ ଆଣ୍ଡ ୱାର୍' ଓ 'ରାମାୟଣ' ରିଲିଜ୍ ମଧ୍ୟରେ ଅନ୍ତତଃ ଛଅମାସର ଅବଧି ରହୁ ବୋଲି ଏହି ଟିମ୍ ଚାହୁଁଥିଲା। ରଣବୀର ଏବେ 'ଲଭ୍ ଆଣ୍ଡ ୱାର୍'ର ସୁଟିଂରେ ବ୍ୟସ୍ତ ରହିବା କାରଣରୁ 'ରାମାୟଣ'ର ସୁଟିଂ ଆହୁରି ବିଳମ୍ବ ହୋଇପାରେ। ଏଥିଯୋଗୁଁ ଫିଲ୍ମର ବଜେଟ୍ ମଧ୍ୟ ବଢ଼ିଯିବ। ନମିତ୍ ମଲହୋତ୍ରାଙ୍କ ପ୍ରଯୋଜିତ 'ରାମାୟଣ'ର ବଜେଟ୍ ରହିଛି ୪୦୦୦ କୋଟି। ଏହା ୨୦୨୬ ଓ ୨୦୨୭ ଦୀପାବଳିରେ ଦୁଇଟି ପାର୍ଟରେ ଆସିବ ବୋଲି ଘୋଷଣା କରାଯାଇଛି।




# କୃତ୍ରିମ ନଖ ସ୍ୱାସ୍ଥ୍ୟ ପାଇଁ କେତେ ଭଲ



ଅଧୁନା ନେଲ୍ ଏକ୍ସଟେନ୍‌ସନର ଲୋକପ୍ରିୟତା ବୃଦ୍ଧି ପାଇଛି। ମହିଳାମାନେ ହାତର ସୌନ୍ଦର୍ଯ୍ୟ ବୃଦ୍ଧି ପାଇଁ କୃତ୍ରିମ ନଖ ଲଗାଉଛନ୍ତି। ତେବେ ଏକ୍ରିଲିକ୍ କିମ୍ବା ଜେଲ୍ ଉପଯୋଗ କରାଯାଇ ନେଲ୍ ଏକ୍ସଟେନ୍‌ସନ୍ କରାଯାଉଥିବାରୁ ଚର୍ମ କର୍କଟ ହୋଇପାରେ ବୋଲି ଅଧ୍ୟୟନରୁ ଜଣାପଡ଼ିଛି। ଏକ୍ରିଲିକ୍ ରଙ୍ଗଯୁକ୍ତ ନ କଲି ନଖକୁ ପ୍ରାକୃତିକ ନଖ ଉପରେ ଲଗାଯାଇଥାଏ। ଏହାକୁ ଶଠାଇବା ପାଇଁ ବ୍ୟବହୃତ ଅଠାରେ ଫର୍ମାଲଡିହାଇଡ, ଟୋଲ୍ୟୁଇନ୍ ପରି ରାସାୟନିକ ପଦାର୍ଥ ରହିଥାଏ। ଦୀର୍ଘ ସମୟ ଧରି ଏହି ରସାୟନ ବ୍ୟବହାର ଚର୍ମ କର୍କଟର ଆଶଙ୍କା ବଢ଼ାଏ। ତ୍ୱଚା ଜଳାପୋଡ଼ା, ଆଲର୍ଜି ଗମ୍ଭୀର ସମସ୍ୟା ସୃଷ୍ଟି କରିପାରେ। ସେହିପରି ଏହି ଅଠାକୁ ଶୁଖାଇବା ପାଇଁ ଯେଉଁ ମେସିନ୍‌ରେ ହାତକୁ ରଖାଯାଏ, ସେଥିରୁ ବାହାରୁଥିବା ଅତି ବାଇଗଣୀ ରଶ୍ମି ଚର୍ମର ଗଭୀରକୁ ପ୍ରବେଶ କରି କୋଷଗୁଡିକୁ କ୍ଷତି ପହଞ୍ଚାଏ। କୋଷଗୁଡ଼ିକରେ ପରିବର୍ତ୍ତନ ହୋଇ କର୍କଟର କାରଣ ସାଜିପାରେ। ଏହା ଦ୍ୱାରା କର୍କଟ କୋଷ ବୃଦ୍ଧି ପାଇପାରେ। କିଛି ଅଧ୍ୟୟନରୁ ଜଣାପଡ଼ିଛି ଯେ, ବାରମ୍ବାର ଅତି ବାଇଗଣୀ ରଶ୍ମୀ ସଂସ୍ପର୍ଶରେ ଆସିବା ଦ୍ୱାରା ହାତ ଚର୍ମରେ ଚର୍ମ କର୍କଟ ଆଶଙ୍କା ବଢ଼ିଯାଏ। ସଂକ୍ରମଣ ବୃଦ୍ଧି ପାଏ। ତେବେ ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ କହିବାନୁସାରେ ପ୍ରତିମାସ ତଥା ବାରମ୍ବାର ନେଲ୍‌ଏକ୍ସଟେନ୍‌ସନ୍ କରିବା ସ୍ୱାସ୍ଥ୍ୟପକ୍ଷେ ଗ୍ରହଣୀୟ ନୁହେଁ।

'ସକାଳ'ର ସ୍ୱାସ୍ଥ୍ୟ

# ଲକ୍ଷଣରୁ ଜାଣନ୍ତୁ ଫ୍ୟାଟି ଲିଭର

**ଯକୃତ ମନୁଷ୍ୟ ଶରୀରର ଗୁରୁତ୍ୱପୂର୍ଣ୍ଣ ଅଙ୍ଗ। ଏହା ପାଚନ କ୍ରିୟାରେ ସାହାଯ୍ୟ କରିଥାଏ। ଶରୀରରେ ପିତ୍ତ ସୃଷ୍ଟିକାରୀ ବିଷାକ୍ତ ପଦାର୍ଥକୁ ବାହାର କରେ। ହେଲେ ଅତ୍ୟାଧୁନିକ ଜୀବନଶୈଳୀ ଯୋଗୁ ଏବେ ଅଧିକାଂଶ ଫ୍ୟାଟି ଲିଭରରେ ପୀଡ଼ିତ। ଆରମ୍ଭରୁ ଏହାର ଲକ୍ଷଣ ଜଣାପଡ଼େ ନାହିଁ। ତେଣୁ ନିମ୍ନଲିଖିତ ଲକ୍ଷଣକୁ ଅଣଦେଖା କରିବା ଅନୁଚିତ।**



ଅଧିକ ଚର୍ବିଯୁକ୍ତ ଖାଦ୍ୟ, ଶ୍ୱେତସାରଜାତୀୟ ଖାଦ୍ୟ ଖାଇବା ଦ୍ୱାରା ଯକୃତରେ ଚର୍ବି ଜମିଯାଏ। ଉଚ୍ଚ କୋଲେଷ୍ଟ୍ରଲ, ମୋଟାପା, ମଦ୍ୟପାନ, ମଧୁମେହ ଆଦି କାରଣରୁ ଯକୃତରେ ଚର୍ବି ଜମା ହୁଏ। ଯକୃତ କାର୍ଯ୍ୟକ୍ଷମ ହରାଇ ବସେ। ଭୋକ ନ ଲାଗିବା, ଦୁର୍ବଳ, ତ୍ୱଚା ଏବଂ ଆଖି ହଳଦିଆ ଆଦି ଲକ୍ଷଣ ଯକୃତ ଅସୁସ୍ଥତାକୁ ସୂଚାଏ। ଚର୍ମଜନିତ ସମସ୍ୟା, ଥକ୍କାପଣ, ଆଦି ରୋଗର ଅନ୍ୟ ଏକ ଲକ୍ଷଣ। ପେଟ ଭାରି ଲାଗିବା, ଓଜନ ବୃଦ୍ଧି, ଭୋକ ନ ଲାଗିବା ଆଦି ଲକ୍ଷଣ ଦେଖାଯାଏ। ଉପରୋକ୍ତ ଲକ୍ଷଣ ଦେଖାଦେଲେ ଡାକ୍ତରଙ୍କ ପରାମର୍ଶ ନେବା ଜରୁରି। ଫ୍ୟାଟି ଲିଭର ରୋଗ ନିର୍ଣ୍ଣୟ ପାଇଁ ଅଲ୍‌ଟ୍ରାସାଉଣ୍ଡ ଏବଂ ଫାଇବ୍ରୋସ୍କାନ କରାଯାଇ ଚିକିତ୍ସା ଯୋଗାଯାଏ। ସେହିପରି ଚର୍ବିଜାତୀୟ ଓ ଶ୍ୱେତସାରଜାତୀୟ ଖାଦ୍ୟ କମ୍ କରି ତନ୍ତୁଜାତୀୟ ଖାଦ୍ୟ ଖାଇପାରିବେ। ଶାରୀରିକ ଶ୍ରମ ଶରୀରର ଚର୍ବି କମାଏ।



## ସୁସ୍ଥ ମନ ସୁସ୍ଥ ଶରୀର

# ଶୀତଦିନିଆ ଅବସାଦ

**ଋତୁ ଅନୁଯାୟୀ, ମନୁଷ୍ୟର ଶରୀର ଓ ମନ ପ୍ରଭାବିତ ହୁଏ। ଏହି କ୍ରମରେ ଶୀତଋତୁରେ କମ୍ ପାଣିପିଇବା, ଅତ୍ୟଧିକ ଥଣ୍ଡା ପବନ ଆଦି ଯୋଗୁ ହଜମଶକ୍ତି ପ୍ରଭାବିତ ହୁଏ। ବିନା କାରଣରେ ଉଦ୍‌ବେଗ, ଚିନ୍ତା, ଅବସାଦ, ଉଦାସ, ବ୍ୟବହାରରେ ପରିବର୍ତ୍ତନ ଆସିଥାଏ। ଚିକିତ୍ସା ଭାଷାରେ ଏହାକୁ 'ଋତୁ ଅନୁଯାୟୀ ଅବସାଦ' ବା SAD କୁହାଯାଏ। ଶୀତଋତୁରେ ଅବସାଦର କାରଣ, ଲକ୍ଷଣ ଓ ନିରାକରଣ ବିଷୟରେ ଜାଣିବା ନିହାତି ଆବଶ୍ୟକ।**

ଶୀତଦିନେ ପରିବେଶ ଥଣ୍ଡା ରହିଥାଏ। ଶରୀରକୁ ସଠିକମାତ୍ରାର ସୂର୍ଯ୍ୟକିରଣ ମିଳିପାରେନି। ଏହାଦ୍ୱାରା ମାନସିକ ସ୍ୱାସ୍ଥ୍ୟାବସ୍ଥା ପ୍ରଭାବିତ ହୁଏ। ସେହିପରି ଅନ୍ତଃସ୍ରାବୀ ଗ୍ରନ୍ଥି ପ୍ରଭାବିତ ହୋଇ ଶରୀରରେ କ୍ଷରଣ ହେଉଥିବା କେତେକ ହରମୋନ୍ ସ୍ୱାଭାବିକ ଭାବେ କାର୍ଯ୍ୟ କରି ନ ଥାନ୍ତି। ମେଟାବୋଲିଜିମ୍ ପ୍ରକ୍ରିୟା ଧିମା ଯୋଗୁଁ ହାପିନେସ୍ ହରମୋନ୍, ଏଣ୍ଡୋରଫିନ୍, ଡୋପାମାଇନ୍ ଏବଂ ମସ୍ତିଷ୍କରେ ସେରାଟୋନିନର କ୍ଷରଣ ଠିକ୍ ଭାବେ ହୋଇପାରେନି। ମନ ଉପରେ କୁ-ପ୍ରଭାବ ପଡ଼ି ଅବସାଦର ରୂପ ନିଏ। ମେଲାଟୋନିନ୍ ହରମୋନ୍ ପ୍ରଭାବିତ ହୋଇ, ଶୋଇବା ଚକ୍ରରେ ପରିବର୍ତ୍ତନ ଆସେ।

- ହାଲିଆ ଲାଗିବା, ଗୋଡ଼ହାତ ଥରିବା, ଓଜନ ବଢ଼ିବା, ଜଙ୍କଫୁଡ ଖାଇବାକୁ ମନ ହେବା, କାମରେ ମନ ନ ଲାଗିବା ଆଦି ଲକ୍ଷଣ ଦେଖାଯାଏ। ଏହି ସମସ୍ୟାକୁ ଅଣଦେଖା ନ କରି ଡାକ୍ତରଙ୍କ ପରାମର୍ଶ ନେବା ଆବଶ୍ୟକ।
- ଶରୀରକୁ ପର୍ଯ୍ୟାପ୍ତ ସୂର୍ଯ୍ୟକିରଣ ଦେବା, ଲାଇଟ୍ ଥେରାପି ନେବା, ଶୀତବସ୍ତ୍ର ପିନ୍ଧିବା ସହ ସନ୍ତୁଳିତ ଖାଦ୍ୟପେୟ ଗ୍ରହଣ ଓ ବ୍ୟାୟାମ କରିବା ସ୍ୱାସ୍ଥ୍ୟପକ୍ଷେ ଭଲ। ସାଙ୍ଗସାଥିଙ୍କ ସହ ସମୟ ଅତିବାହିତ କରିବା ମାନସିକ ସ୍ୱାସ୍ଥ୍ୟ ପାଇଁ ହିତକର।

# ନାକରୁ ରକ୍ତ ପଡୁଥିଲେ

**ଶୀତଋତୁ କିମ୍ବା ଅତି ଗରମରୁ ପିଲା ଓ ବୟସ୍କଙ୍କ ନାକରୁ ରକ୍ତ ପଡ଼ିଥାଏ। ନାକରୁ ରକ୍ତ ପଡ଼ିବାର ବହୁତ କାରଣ ରହିଛି। ଏହି ସମସ୍ୟାକୁ କମ୍ କରିବାକୁ ଚିକିତ୍ସକଙ୍କ ପରାମର୍ଶରେ ଆୟୁର୍ବେଦ ଉପଚାର କରିପାରିବେ।**

- ନାକରୁ ରକ୍ତ ପଡୁଥଲେ ସ୍ଥାନୀୟ ଉତ୍ତାପ ନିୟନ୍ତ୍ରଣ ପାଇଁ ବରଫର ଉପଯୋଗ କରାଯାଇପାରେ।
- ବୟସ୍କ ବ୍ୟକ୍ତି ନାକରେ ଦୁଇବୁନ୍ଦା ପିଆଜ ରସ ପକାଇ ପାରିବେ। ୧୨ ବର୍ଷରୁ କମ୍ ବୟସର ପିଲା ଏହାକୁ ବ୍ୟବହାର କରିବା ଅନୁଚିତ।
- ପ୍ରତ୍ୟେକ ନାକପୁଡ଼ାରେ ଦୁଇଟୋପା କରି ଦୂବରସ ଦିନକୁ ଦୁଇରୁ ତିନିଥର ଚିକିତ୍ସକଙ୍କ ପରାମର୍ଶରେ ପକାଇଲେ ନାକରୁ ରକ୍ତ ପଡୁଥିଲେ ଉପକାର ହୁଏ। ଏଥିପାଇଁ ଶୋଣିତଅର୍ଗଳ ରସ, ବୋଲବୁଧାରସ, ପଞ୍ଚତୃଣକଷାୟ, ଉସିରାସବ ଆଦି ଚିକିତ୍ସକଙ୍କ ପରାମର୍ଶରେ ବ୍ୟବହାର କରାଯାଇପାରେ।



# ଜିରା ଓ କଳାଜିରା ସେବନରେ ସତର୍କତା

**ଆୟୁର୍ବେଦରେ ବିଭିନ୍ନ ମଞ୍ଜିକୁ ଔଷଧ, ଖାଦ୍ୟପେୟ ଭାବେ ବ୍ୟବହାର କରିବା ପାଇଁ ଉଲ୍ଲେଖ କରାଯାଇଛି। ଏହି ମଞ୍ଜି ତୁଟୁକା ଚିକିତ୍ସାରେ, ପାନୀୟ ଭାବରେ, ଲେପ ବା ପ୍ରସାଧନ ସାମଗ୍ରୀରେ ବ୍ୟବହାର କରିଥାଉ। ସେମିତି ଏକ ଔଷଧୀୟ ମଞ୍ଜି ହେଉଛି ଜିରା ଓ କଳା ଜିରା। ତେବେ ଏହାର ମାତ୍ରାଧିକ ସେବନ ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି କରିପାରେ।**

- ଜିରା ଖାଦ୍ୟ ହଜମ ଓ କଳାଜିରା ଓଜନ ନିୟନ୍ତ୍ରଣ ଆଦି ପାଇଁ ବ୍ୟବହାର କରାଯାଏ। ଏହାକୁ ନଖ ଉଷୁମ ପାଣି କିମ୍ବା ହାଲୁକା ଭାଜି ସେବନ କରାଯାଏ। ଆୟୁର୍ବେଦ ଚିକିତ୍ସକଙ୍କ ମତରେ ଦିନକୁ ତିନି ଗ୍ରାମ ମାତ୍ରାର ଦୁଇଥର ଜିରା ଚୂର୍ଣ୍ଣ ସେବନ କରାଯାଇପାରେ। ଏହାର କ୍ୱାଥ ୫୦ ମିଲି ଗ୍ରହଣୀୟ। ହେଲେ ଏହାଠାରୁ ଅଧିକ ମାତ୍ରାର ଜିରା ବ୍ୟବହାର ଦ୍ୱାରା ବାନ୍ତି, ଝାଡ଼ା, ପେଟ ଗ୍ୟାସ୍ ହୋଇପାରେ। ରକ୍ତ ଶର୍କରା କମ୍ କରେ, ଛାତି ଜଳା, ଦୁର୍ବଳ ଲାଗିପାରେ। ସେହିପରି କଳାଜିରା ଦିନକୁ ଏକଗ୍ରାମ କରି ଦୁଇ ଥର ଖିଆ ଯାଏ। ଏଥିରୁ ଅଧିକ ହେଲେ ବାନ୍ତି, ଗ୍ୟାସ୍ ହୁଏ। ଶର୍କରା କମ୍ କରେ। ତେଣୁ ରକ୍ତଚାପ, ମଧୁମେହ ପାଇଁ ଔଷଧ ଖାଉଥିଲେ ଚିକିତ୍ସକଙ୍କ ପରାମର୍ଶରେ ସେବନ କରିବା ଜରୁରି।



ନ୍ୟୁଜିଲାଣ୍ଡ ବିପକ୍ଷ ଦିନିକିଆ ସିରିଜ୍ ୧୧ରୁ

# ଭାରତୀୟ ଦଳ ଚୟନକୁ ନେଇ ଦ୍ୱନ୍ଦ୍ୱ


ସାମିଙ୍କ ସମ୍ଭାବନା, ଆଶଙ୍କାରେ ପନ୍ତ

ମୁମ୍ବଇ,୧୧(ଏଜେନ୍ସି):

ଭାରତ ଓ ନ୍ୟୁଜିଲାଣ୍ଡ ମଧ୍ୟରେ ହେବାକୁ ଥିବା ୮ ମ୍ୟାଚ୍ ବିଶିଷ୍ଟ ସୀମିତ ଓଭର ସିରିଜ୍ କ୍ରିକେଟ ଲାଗି ଭାରତୀୟ ଦଳର ପ୍ରସ୍ତୁତି ଆରମ୍ଭ ହୋଇଯାଇଛି। ଏହି ସିରିଜ୍‌ରେ ଜାନୁଆରୀ ୧୧ରୁ ୧୮ ଯାଏ ୩ ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜ୍ ଓ ଜାନୁଆରୀ ୨୧ରୁ ୩୧ ଯାଏ ୫ ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜ୍ ଖେଳାଯିବ। ଏହା ମଧ୍ୟରୁ ଫେବୃଆରୀ-ମାର୍ଚ୍ଚରେ ଟି-୨୦ ବିଶ୍ୱକପ୍ ଖେଳାଯିବାକୁ ଥିବାରୁ ନ୍ୟୁଜିଲାଣ୍ଡ ସିରିଜ୍‌କୁ ମିଶାଇ ସୂର୍ଯ୍ୟକୁମାର ଯାଦବଙ୍କ ନେତୃତ୍ୱରେ ଭାରତୀୟ ଦଳ ଘୋଷଣା ହୋଇସାରିଛି। କିନ୍ତୁ ଦିନିକିଆ ଦଳ ଜାନୁଆରୀ ୩ କିମ୍ବା ୪ରେ ଘୋଷଣା କରାଯାଇପାରେ ବୋଲି ସୂଚନା ମିଳିଛି। କିନ୍ତୁ ଟି-୨୦ ସିରିଜ୍ ଓ ବିଶ୍ୱକପ୍‌କୁ ଗୁରୁତ୍ୱ ଦିଆଯାଇ କିଛି ଖେଳାଳିଙ୍କୁ ବିଶ୍ରାମ ଦେବା, ଆଉ କିଛି ଆହତ ହେବା ଘଟଣାକୁ ନେଇ ବିସିସିଆଇ ସିନିଅର ଚୟନ କମିଟି ଦ୍ୱନ୍ଦ୍ୱରେ ରହିଛି। ଏଣୁ ଖେଳାଳି ଚୟନବେଳେ କାହାରିକୁ ଯେପରି ଅଣଦେଖା କରା ନ ଯିବ, ତାହା ଉପରେ ଅଜିତ ଅଗରକରଙ୍କ ନେତୃତ୍ୱରେ ଗଠିତ ସିନିଅର ଚୟନ କମିଟି ଯଥେଷ୍ଟ ଗୁରୁତ୍ୱ ଦେବ ବୋଲି ଆଶା କରାଯାଉଛି। ମନୋନୀତ ଖେଳାଳିମାନେ ଜାନୁଆରୀ ୧୧ରେ ପ୍ରଥମ ଦିନିକିଆ ମ୍ୟାଚ୍ ଖେଳାଯିବାକୁ ଥିବା ଭେନ୍ୟୁ ବରୋଦାରେ ୭ ତାରିଖରେ ଏକତ୍ର ହେବେ। ଏହା ପରେ ଦଳ ରଣନୀତି ପ୍ରସ୍ତୁତ କରିବ।

ଏହି ସିରିଜ୍‌ରେ ଦୁଇ କିଂବଦନ୍ତୀ ଖେଳାଳି ରୋହିତ ଶର୍ମା ଓ ବିରାଟ କୋହଲି ଦିନିକିଆ ଦଳକୁ ଫେରିବେ। ଏମାନଙ୍କ ଉପରେ ନଜର ରହିଛି। ଦଳରେ ସ୍ଥାନ ପାଇବାକୁ ଥିବା ୩ଜଣ ଖେଳାଳିଙ୍କୁ ଏହି ସିରିଜ୍ ଲାଗି ଚୟନ କରାଯିବ ନାହିଁ। ସେମାନଙ୍କ ମଧ୍ୟରୁ ପୂରା ଫିଟ୍ ହୋଇ ନ ଥିବା ଉପଅଧିନାୟକ ଶ୍ରେୟସ ଆୟର, ଟି-୨୦ ସିରିଜ୍ ଲାଗି ବିଶ୍ରାମ ନେବାକୁ ଥିବା ଦୁଇ ବରିଷ୍ଠ ଖେଳାଳି ଯଥା ଫାଷ୍ଟ ବୋଲର ଯଶପ୍ରୀତ୍ ବୁମ୍‌ରା ଓ ଅଲରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟା। ଏମାନଙ୍କ ସ୍ଥାନରେ ୩ଜଣ ନୂଆ ଖେଳାଳିଙ୍କୁ ସାମିଲ କରାଯିବ। ଆହତ ହେବା ପରେ ଦକ୍ଷିଣ ଆଫ୍ରିକା ବିପକ୍ଷ ଦ୍ୱିତୀୟ ଟେଷ୍ଟ ଓ ଦିନିକିଆ ସିରିଜ୍ ଖେଳି ପାରି ନ ଥିବା ଶୁବମନ ଗିଲଙ୍କୁ ଦିନିକିଆ ଦଳର ନେତୃତ୍ୱ ଦିଆଯିବ। ଏସହିପରି ଆଉ ଜଣେ କିମ୍ବା ଦୁଇ ଜଣ ଖେଳାଳିଙ୍କୁ ଦଳରେ ସାମିଲ କରାଯିବାର ଯଥେଷ୍ଟ ସମ୍ଭାବନା ରହିଛି। ବୁମ୍‌ରାଙ୍କ ସ୍ଥାନରେ ୩୫ ବର୍ଷୀୟ ଫାଷ୍ଟ ବୋଲର ମହମ୍ମଦ୍ ସାମିଙ୍କୁ ଦଳରରେ ସ୍ଥାନ ମିଳିବ ବୋଲି ଆଶା କରାଯାଉଛି। ସାମି ଘରୋଇ କ୍ରିକେଟର ସମସ୍ତ ଫର୍ମାଟରେ ଖେଳିସାରିଛନ୍ତି। ଏଣୁ ସେ ଏବେ ପର୍ଯ୍ୟାପ୍ତ କ୍ରିକେଟ ଖେଳିବା ସହ ୱିକେଟ ନେବାରେ ମଧ୍ୟ ସଫଳ ହୋଇଛନ୍ତି। ତାଙ୍କୁ ଏଥର ଅଣଦେଖା କରିବା ସହଜ ନୁହେଁ। ପାଣ୍ଡ୍ୟାଙ୍କ ସ୍ଥାନରେ କିଏ ଖେଳିବେ ତାହା ଜଣାପଡୁନାହିଁ। ତାଙ୍କ ସ୍ଥାନରେ ଖେଳୁଥିବା ନୀଶୀଥ ରେଡ୍ଡୀଙ୍କର ଫର୍ମ ନାହିଁ। ଶିବମ ଦୁବେଙ୍କ ନାମ ବିଚାରକୁ ନିଆଯିବ କି ନାହିଁ ତାହା ସ୍ପଷ୍ଟ ହୋଇନାହିଁ। ଆୟରଙ୍କ ସ୍ଥାନରେ କାହାକୁ ନିଆଯିବ ତାହା ମଧ୍ୟ ଆଲୋଚନା ହେବ।

ୱିକେଟ କିପର ଲୋକେଶ ରାହୁଲଙ୍କ ସ୍ଥାନ ପକ୍କା ଥିଲାବେଳେ ଦ୍ୱିତୀୟ ୱିକେଟରକ୍ଷକ ଭାବେ ଋଷଭ ପନ୍ତ୍‌ଙ୍କୁ ଦଳରେ ନିଆଯିବ କି ନାହିଁ ତାହା ଆଶଙ୍କା ମଧ୍ୟରେ ରହିଛି। ଘରୋଇ କ୍ରିକେଟରେ ଧ୍ରୁବ ଜୁରେଲ ଶତକ ହାସଲ କରିବା ସହ ଭଲ ଫର୍ମରେ ରହିଛନ୍ତି। ଇଶାନ କିସାନ ମଧ୍ୟ ଭଲ ନଜରରେ ରହିଛନ୍ତି। ଏଣୁ ପନ୍ତ୍‌ଙ୍କୁ ନେଇ ଆଶଙ୍କା ବୃଦ୍ଧି ପାଇଛି। ମହମ୍ମଦ୍ ସିରାଜ, ଅର୍ଶଦୀପ ସିଂହ ଓ ହର୍ଷିତ ରାଣା ୩ ପେସର, ରବୀନ୍ଦ୍ର ଜାଡେଜା, ୱାଶିଂଟନ ସୁନ୍ଦର ଓ କୁଲଦୀପ ଯାଦବଙ୍କ ସ୍ଥାନ ଏକ ପ୍ରକାର ନିଶ୍ଚିତ ବୋଲି ଆଶା କରାଯାଉଛି।

ଟି-୨୦ ବିଶ୍ୱକପ୍ କ୍ରିକେଟ

## ଅଷ୍ଟ୍ରେଲିଆ ଦଳରେ ୫ ସ୍ପିନର



ମେଲବୋର୍ଣ୍ଣ,୧୧(ଏଜେନ୍ସି): ଭାରତ ଓ ଶ୍ରୀଲଙ୍କାରେ ଆସନ୍ତାମାସ ଖେଳାଯିବାକୁ ଥିବା ଟି-୨୦ ବିଶ୍ୱକପ୍ ଲାଗି ମିଚେଲ ମାର୍ଶଙ୍କ ନେତୃତ୍ୱରେ ଅଷ୍ଟ୍ରେଲିଆ ଦଳ ଘୋଷଣା କରାଯାଇଛି। ଘୋଷିତ ୧୫ ଜଣିଆ ଦଳରେ ୫ଜଣ ସ୍ପିନର ରହିଛନ୍ତି। ସେମାନଙ୍କ ମଧ୍ୟରୁ ଆଦାମ ଜାମ୍ପା ଓ ମାଥ୍ୟୁ କୁନେମାନ ସ୍ପେଶାଲିଷ୍ଟ ସ୍ପିନ୍ ବୋଲର। ଏମାନଙ୍କ ସହ ଅଲରାଉଣ୍ଡର ଗ୍ଲେନ୍ ମ୍ୟାକ୍ସୱେଲ, କୁପର କନୋଲୀ ଓ ଟ୍ରାଭିସ୍ ହେଡ୍ ସ୍ପିନ୍ ବୋଲିଂ କରନ୍ତି। ଦଳରେ ମଧ୍ୟ ୩ଜଣ ଆହତ ଖେଳାଳିଙ୍କୁ ନିଆଯାଇଛି। ସେମାନେ ହେଲେ ପ୍ୟାଟ କମିନ୍ସ, ଜୋଶ ହାଜ୍‌ଲେଉଡ୍ ଓ ଟିମ୍ ଡେଭିଡ୍। ଏମାନେ ଫିଟ୍ ହେଲେ ଦଳରେ ରହିବେ ନଚେତ ଅନ୍ୟ ଖେଳାଳିଙ୍କୁ ନିଆଯିବ। ତେବେ ଦୁଇ ଦମ୍‌ଦାର ଖେଳାଳି ମିଚେଲ ଓଏନ ଓ ବେନ୍ ଡ୍ୱାରସୁଇସ୍ ପ୍ରାରମ୍ଭିକ ଦଳରେ ସ୍ଥାନ ପାଇପାରି ନାହାନ୍ତି। ଜାନୁଆରୀ ୩୧ ସୁଦ୍ଧା ଦଳଗୁଡିକ ଖେଳାଳି ପରିବର୍ତ୍ତନ କରିପାରିବେ। ଅଷ୍ଟ୍ରେଲିଆ ଉଭୟ ଭାରତ ଓ ଶ୍ରୀଲଙ୍କାରେ ଲିଗ୍ ମ୍ୟାଚ୍ ଖେଳିବ।

**ଘୋଷିତ ଦଳ**

ମିଚେଲ ମାର୍ଶ (ଅଧିନାୟକ), ଟ୍ରାଭିସ ହେଡ୍, ଜୋଶ ଇଂଲିଶ (ୱିକେଟକିପର), ମାଥ୍ୟୁ ସର୍ଟ, କାମେରନ ଗ୍ରୀନ୍, କୁପର କନୋଲୀ, ଟିମ୍ ଡେଭିଡ୍, ଗ୍ଲେନ୍ ମ୍ୟାକ୍ସୱେଲ, ମାର୍କସ ଷ୍ଟୋଇନିସ, ପ୍ୟାଟ କମିନ୍ସ, ଜୋଶ ହାଜ୍‌ଲେଉଡ୍, ନାଥାନ ଏଲିସ୍, ଜାଭିୟର ବାର୍ଟଲେଟ୍, ମାଥ୍ୟୁ କୁନେମାନ ଓ ଆଦାମ ଜାମ୍ପା।



## ଥାଇଲାଣ୍ଡରେ ନୂଆ ବର୍ଷ ପାଳିଲେ ଧୋନି

ନୂଆଦିଲ୍ଲୀ, ୧୧ (ସମିସ): ନୂତନ ଆଶା ଓ ସ୍ୱପ୍ନ ନେଇ ପାଦଥାପିଛି ବର୍ଷ ୨୦୨୬। ଭାରତୀୟ କ୍ରିକେଟ୍ ଖେଳାଳି ଏହି ନୂତନ ବର୍ଷକୁ ନିଜ ନିଜ ଢଙ୍ଗରେ ପାଳନ କରିଛନ୍ତି। ନୂଆ ବର୍ଷର ଏହି ଖୁସିର ମୁହୂର୍ତ୍ତକୁ ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି କ୍ରିକେଟର୍‌ମାନେ ଅଭିନନ୍ଦନ ଜଣାଇଛନ୍ତି। ପୂର୍ବତନ ଅଧିନାୟକ ମହେନ୍ଦ୍ର ସିଂ ଧୋନି ଏଥର ଥାଇଲାଣ୍ଡରେ ପୁରା ପରିବାର ସହ ନୂଆ ବର୍ଷ ସେଲିବ୍ରେସନ କରିଥିଲେ। ଧୋନିଙ୍କ ସହ ପତ୍ନୀ ସାକ୍ଷୀ ଓ ଝିଅ ଜିଭା ମଧ୍ୟ ଉପସ୍ଥିତ ରହିଥିଲେ। ସାକ୍ଷୀ ନିଜର ଇନଷ୍ଟାଗ୍ରାମରେ ଏକ ଫଟୋ ଶେୟାର କରି 'ସମସ୍ତଙ୍କୁ ନୂଆ ବର୍ଷର ଅଭିନନ୍ଦନ' ବୋଲି ଉଲ୍ଲେଖ କରିଛନ୍ତି। ଏହି ଫଟୋରେ ଧୋନି ଓ ସାକ୍ଷୀ ଗୋଲ୍ଡେନ ହେଟ୍ ଟୋପି ପିନ୍ଧିଥିବା ଦେଖିବାକୁ ମିଳିଛି। ସେହିଭଳି ବିରାଟ କୋହଲି ପତ୍ନୀ ଅନୁଷ୍କାଙ୍କ ସହ ନୂଆ ବର୍ଷ ପାଳିଥିଲେ। 'ମୋ ଜୀବନର ଆଲୋକ ସହିତ ନୂଆବର୍ଷ ଆରମ୍ଭ କରିବାକୁ ଯାଉଛି' ବୋଲି କ୍ୟାପସନ ଲେଖି ଅନୁଷ୍କାଙ୍କ ସହ ଏକାଠି ଠିଆ ହୋଇଥିବାର ଫଟୋ ଶେୟାର କରିଛନ୍ତି କୋହଲି। ଦ୍ରୁତ ବୋଲର ଯଶପ୍ରୀତ୍ ବୁମ୍‌ରା ମଧ୍ୟ ପତ୍ନୀ ସଞ୍ଜନା, ମା ଦଲଜିତ୍ ବୁମରା ଓ ପୁଅ ଅଙ୍ଗଦ ସହ ଏକାଠି ନୂଆ ବର୍ଷକୁ ସ୍ୱାଗତ କରିଛନ୍ତି। ସେହିଭଳି 'ନିଜର ପ୍ରିୟ ଲୋକଙ୍କ ହାତ ଧରି ୨୦୨୬ରେ ପ୍ରବେଶ କରୁଛି' ବୋଲି ଫଟୋ ଶେୟାର କରି ଭାରତୀୟ ଦଳର ମୁଖ୍ୟ ପ୍ରଶିକ୍ଷକ ଗୌତମ ଗମ୍ଭୀର ନୂଆ ବର୍ଷ ଅଭିନନ୍ଦନ ଜଣାଇଥିଲେ।

## ବେସ୍‌ବଲ୍ ମହାସଂଘର ସଭାପତି ହେଲେ ପଙ୍କଜ




କଟକ,୧୧(ସମିସ): ଭାରତୀୟ ଆମେଚର ବେସ୍‌ବଲ ମହାସଂଘର ସଭାପତି ଭାବେ ନିର୍ବାଚିତ ହୋଇଛନ୍ତି ଓଡ଼ିଶାର ଜଣାଶୁଣା କ୍ରୀଡ଼ା ସଙ୍ଗଠକ ପଙ୍କଜଲୋଚନ ମହାନ୍ତି। ୩୦ ତାରିଖରେ ଭୁବନେଶ୍ୱରର ଏକ ହୋଟେଲରେ ଆୟୋଜିତ ମହାସଂଘର କର୍ମକର୍ତ୍ତା ନିର୍ବାଚନରେ ପଙ୍କଜ ସର୍ବସମ୍ମତିକ୍ରମେ ସଭାପତି ପଦରେ ବିଜୟୀ ହୋଇଥିଲେ। ସେହିଭଳି ହରିୟାଣାର ଅରବିନ୍ଦ କୁମାର ସମ୍ପାଦକ ଭାବେ ନିର୍ବାଚିତ ହୋଇଛନ୍ତି। ଅବସରପ୍ରାପ୍ତ ବିଚାରପତି ଜଷ୍ଟିସ ଦେବବ୍ରତ ଦାଶ ନିର୍ବାଚନ ପରିଚାଳନା କରିଥିଲେ। ପ୍ରକାଶଯୋଗ୍ୟ, ୨୦୧୬ରୁ ୨୦୧୯ ପର୍ଯ୍ୟନ୍ତ ପଙ୍କଜ ମହାସଂଘର ସଭାପତି ରହିଥିଲେ। ତାଙ୍କ ତିନିବର୍ଷର କାର୍ଯ୍ୟକାଳ ଭିତରେ ଭାରତରେ ବେସ୍‌ବଲ୍ କ୍ରୀଡ଼ାର ବ୍ୟାପକ ଉନ୍ନତି ହୋଇଥିଲା।

## ଦିନିକିଆ କ୍ରିକେଟର ଭବିଷ୍ୟତ ଅନ୍ଧାର: ଅଶ୍ୱିନ

ଚେନ୍ନଇ,୧୧(ଏଜେନ୍ସି): ଭାରତର ତାରକା କ୍ରିକେଟର ରବିଚନ୍ଦ୍ରନ ଅଶ୍ୱିନଙ୍କ ମତରେ ଦିନିକିଆ କ୍ରିକେଟର ଭବିଷ୍ୟତ ଅନ୍ଧାର। ସାମ୍ପ୍ରତିକ କ୍ରିକେଟରେ ଟି-୨୦ ଲିଗ୍ ଯୋଗୁଁ ଏହି ଫର୍ମାଟର ମୃତ୍ୟୁ ହେବାକୁ ଯାଉଛି। ଏହାକୁ ଯଦି ଯୋଜନାବଦ୍ଧ ଭାବେ ଖେଳା ନ ଯାଏ, ତେବେ ୨୦୨୭ ବିଶ୍ୱକପ୍ ପରେ ଏହି ଫର୍ମାଟର ଖେଳ ବନ୍ଦ ହୋଇଯିବ ବୋଲି ଅଶ୍ୱିନ ଏକ ସାକ୍ଷାତକାରରେ ଚେତାବନୀ ଦେଇଛନ୍ତି। ଏବେ ଭାରତରେ ବିଜୟ ହଜାରେ ଟ୍ରଫି ଖେଳ ଦେଖିବାକୁ ଦର୍ଶକ ଆସୁଛନ୍ତି। ଏହାର କାରଣ ହେଲେ ରୋହିତ ଶର୍ମା ଓ ବିରାଟ କୋହଲି। ୨୦୨୭ ବିଶ୍ୱକପ୍ ପରେ ଏମାନେ ଅବସର ନେବେ। ଏହାପରେ ଦର୍ଶକ ଖେଳ ଦେଖିବାକୁ ଆସିବା ନେଇ ସନ୍ଦେହ ପ୍ରକାଶ କରିଛନ୍ତି ଅଶ୍ୱିନ।

ଏବେ ଅଧିକ ଅର୍ଥ ପାଇବା ଆଶାରେ ଆଇସିସି ପ୍ରତ୍ୟେକ ବର୍ଷ ବିଶ୍ୱକପ୍ ଆୟୋଜନ କରୁଛି। ଏବେ ଦେଖିଲେ ୨୦୨୩ରେ ଦିନିକିଆ ବିଶ୍ୱକପ୍, ୨୦୨୪ରେ ଟି-୨୦ ବିଶ୍ୱକପ୍, ୨୦୨୫ରେ ପୁରୁଷ ଚାମ୍ପିଅନ୍ସ ଟ୍ରଫି ଓ ମହିଳା ଦିନିକିଆ ବିଶ୍ୱକପ୍ ଆୟୋଜିତ ହୋଇଯାଇଛି। ୨୦୨୬ରେ ଉଭୟ ପୁରୁଷ ଓ ମହିଳା ଟି-୨୦ରେ ବିଶ୍ୱକପ୍ ଓ ୨୦୨୭ରେ ପୁରୁଷ ଦିନିକିଆ ବିଶ୍ୱକପ୍ ଖେଳାଯିବ। ଏତେ ସଂଖ୍ୟାରେ ଆଇସିସି ଟୁର୍ଣ୍ଣାମେଣ୍ଟ ଆୟୋଜିତ ହେଲେ କ୍ରିକେଟ ଖେଳ ଉପରୁ ଦର୍ଶକ ମୁହଁ ଫେରାଇନେବେ। ଏବେ ଟେଷ୍ଟ କ୍ରିକେଟ ସୁରକ୍ଷିତ ସ୍ଥାନରେ ରହିଛି। ଫ୍ରାଞ୍ଚାଇଜ୍ ଭିତ୍ତିକ ଟି-୨୦ ଲିଗ୍ ବିଶ୍ୱରେ ପ୍ରାଧାନ୍ୟ ବିସ୍ତାର କରିଛି। ଏହା ଭିତରେ ଦିନିକିଆ କ୍ରିକେଟ ଚାପି ହୋଇ 'ସ୍ଲୋ ଡେଥ୍' ଆଡକୁ ଅଗସର ହେଉଛି। ଦିନିକିଆ କ୍ରିକେଟକୁ ବଞ୍ଚାଇ ରଖିବାକୁ ହେଲେ ସଚିନ ତେନ୍ଦୁଲକର ଦେଇଥିବା ପରାମର୍ଶକୁ କାର୍ଯ୍ୟକାରୀ କରିବାକୁ ହେବ। ଫିଫା ଯେପରି ପ୍ରତି ୪ ବର୍ଷରେ ଥରେ ବିଶ୍ୱକପ୍ କରୁଛି ଠିକ୍ ସେହିପରି ହେବା ଆବଶ୍ୟକ। ଫିଫା ଦ୍ୱାରା ଲା ଲିଗା, ସେରୀ ଏ', ବୁନ୍ଦେସଲିଗା ପରି ଫ୍ରାଞ୍ଚାଇଜ୍ ଭିତ୍ତିକ ଟୁର୍ଣ୍ଣାମେଣ୍ଟ ଆୟୋଜନ ହେଉଛି। ଫଳରେ ବିଶ୍ୱକପ୍‌ର ଲୋକପ୍ରିୟତା ବଜାୟ ରହୁଛି। ଦିନିକିଆ କ୍ରିକେଟରେ ସେପରି ହେବା ଆବଶ୍ୟକ। ଏହି ଫର୍ମାଟରେ କେବଳ ୪ ବର୍ଷରେ ବିଶ୍ୱକପ୍ ଆୟୋଜନ କରାଯାଉ ବୋଲି ସଚିନ ପରାମର୍ଶ ଦେଇଥିଲେ।

ଜାତୀୟ ଥ୍ରୋ'ବଲ୍

## ଓଡ଼ିଶା ଦଳକୁ କାଂସ୍ୟ ପଦକ



ଭୁବନେଶ୍ୱର,୧୧(ସମିସ): ଓଡ଼ିଶା ଥ୍ରୋ ବଲର ସିନିଅର ପୁରୁଷ ଟିମ୍ କେରଳର କୋଟାୟମ୍‌ଠାରେ ଅନୁଷ୍ଠିତ ୪୭ତମ ଜାତୀୟ ଚାମ୍ପିଅନସିପ୍‌ରେ କାଂସ୍ୟ ପଦକ ଜିତିବାରେ ସମର୍ଥ ହୋଇଛନ୍ତି। ଓଡ଼ିଶା ଦଳ ପୁରୁଷ ବିଭାଗ କାଂସ୍ୟ ପଦକ ମୁକାବିଲାରେ ମଧ୍ୟପ୍ରଦେଶକୁ ୨-୧ ସେଟ୍‌ରେ ପରାସ୍ତ କରି ଏହି ସଫଳତା ପାଇବାରେ ସମର୍ଥ ହୋଇଛି। ପୂର୍ବରୁ ଓଡ଼ିଶା ଦଳ କ୍ୱାର୍ଟର ଫାଇନାଲରେ ରାଜସ୍ଥାନକୁ ୨-୦ସେଟ୍‌ରେ ହରାଇଥିଲାବେଳେ ସେମିରେ ଦିଲ୍ଲୀ ନିକଟରୁ ୧-୨ ସେଟ୍‌ରେ ହାରିଯାଇଥିଲା। ମହିଳା ଦଳ ଲଢୁଆ ଖେଳିବା ସତ୍ତ୍ୱେ କ୍ୱାର୍ଟର ଫାଇନାଲରେ ୪ଥରର ଚାମ୍ପିଅନ ଦିଲ୍ଲୀ ନିକଟରୁ ପରାଜିତ ହୋଇ ସନ୍ତୁଷ୍ଟ ହୋଇଥିଲା। ଓଡ଼ିଶା ଦଳର ପଦକ ବିଜୟ ସଫଳତା ଲାଗି ପ୍ରୋଗାମିଂ ଅଫିସର ହରେଶ ମିଶ୍ର, ଓଡ଼ିଶା ଥ୍ରୋ'ବଲ ପ୍ରତିଷ୍ଠାତା କୃଷ୍ଣଚନ୍ଦ୍ର ଦାସ, ଓଡ଼ିଶା ସଂଘ ସଭାପତି ଭୁପିନ୍ଦର ସିଂହ, ଉପସଭାପତି ମଧୁସୂଦନ ମିଶ୍ର ଓ ସମ୍ପାଦକ ଜିତେନ୍ଦ୍ରନାଥ ଦାସ ଖେଳାଳିମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

## ଫିଫା ରେଫରୀ ତାଲିକାରେ ୩ ଭାରତୀୟ ସାମିଲ

ନୂଆଦିଲ୍ଲୀ, ୧୧ (ଏଜେନ୍ସି): ବିଶ୍ୱ ଫୁଟ୍‌ବଲର ସର୍ବୋଚ୍ଚ ପ୍ରଶାସନିକ ସଂସ୍ଥା ଫିଫାର ମ୍ୟାଚ୍ ଅଫିସିଆଲ୍ ତାଲିକାରେ ଆଉ ୫ଜଣ ଭାରତୀୟ ସାମିଲ ହୋଇଛନ୍ତି। ସେମାନଙ୍କ ମଧ୍ୟରେ ଗୁଜରାଟର ରଚନା କମାନି, ପୁଡୁଚେରୀର ଅଶ୍ୱିନ କୁମାର ଓ ଦିଲ୍ଲୀର ଆଦିତ୍ୟ ପୁର୍କୟସ୍ଥା ଫିଫାର ପୁରୁଷ ଓ ମହିଳା ରେଫରୀ ତାଲିକାରେ ସ୍ଥାନ ପାଇଛନ୍ତି। ସେହିଭଳି ପୁଡୁଚେରୀର ମୁରଲୀଧରନ ପଣ୍ଡୁରଙ୍ଗାନ ଓ ମହାରାଷ୍ଟ୍ରର ପିଟର କ୍ରିଷ୍ଟୋଫର୍ ଫିଫାର ସହାୟକ ରେଫରୀ ମାନ୍ୟତା ଲାଭ କରିଛନ୍ତି। ଫଳରେ ଏବେ ଫିଫାର ୨୦୨୬ ବର୍ଷର ମ୍ୟାଚ୍ ଅଫିସିଆଲ୍ ତାଲିକାରେ ଭାରତର ପ୍ରତିନିଧି ସଂଖ୍ୟା ୧୯କୁ ବୃଦ୍ଧି ପାଇଛି। ଅଶ୍ୱିନ ଓ ଆଦିତ୍ୟ ମଧ୍ୟ କ୍ୱାଲାଲାମ୍ପୁରରେ ଅନୁଷ୍ଠିତ ଏଏଫ୍‌ସି ରେଫରୀ ଏକାଡେମୀ କୋର୍ସକୁ ସଫଳତାର ସହ ଉତ୍ତୀର୍ଣ୍ଣ ହୋଇଛନ୍ତି।

## ଆନ୍ତଃ ବିଶ୍ୱବିଦ୍ୟାଳୟ ମହିଳା କ୍ରିକେଟ୍ ଉଦ୍‌ଘାଟିତ



ଭୁବନେଶ୍ୱର, ୧୧ (ସମିସ): ପୂର୍ବାଞ୍ଚଳ ଆନ୍ତଃ ବିଶ୍ୱବିଦ୍ୟାଳୟ ମହିଳା କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଗୁରୁବାର କିଟ୍ କ୍ରିକେଟ୍ ଗ୍ରାଉଣ୍ଡରେ ଉଦ୍‌ଘାଟିତ ହୋଇଯାଇଛି। କିଟ୍ ବିଶ୍ୱବିଦ୍ୟାଳୟ ଓ ଭାରତୀୟ ବିଶ୍ୱବିଦ୍ୟାଳୟ ସଂଘ (ଏଆଇୟୁ) ର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି ପ୍ରତିଯୋଗିତାର ପ୍ରଥମ ଦିନରେ ଦୁଇଟି ମ୍ୟାଚ୍ ଖେଳାଯାଇଛି। ଏଥିରେ ଦୀନଦୟାଲ୍ ଉପାଧ୍ୟାୟ ଗୋରଖପୁର ବିଶ୍ୱବିଦ୍ୟାଳୟ ୭ ରନରେ ପଣ୍ଡିତ ରବିଶଙ୍କର ଶୁକ୍ଲା ବିଶ୍ୱବିଦ୍ୟାଳୟ (ଛତିଶଗଡ଼)କୁ ପରାସ୍ତ କରିଛି। ସେହିଭଳି ଅନ୍ୟ ଏକ ମ୍ୟାଚରେ ସମ୍ବଲପୁର ବିଶ୍ୱବିଦ୍ୟାଳୟ ୭୧ ରନରେ ଅଟଳ ବିହାରୀ ବାଜପେୟୀ ବିଶ୍ୱବିଦ୍ୟାଳୟ (ଛତିଶଗଡ଼) ନିକଟରୁ ହାରିଯାଇଛି। ଜାନୁଆରୀ ୬ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ପ୍ରତିଯୋଗିତାରେ ୧୬ଟି ବିଶ୍ୱବିଦ୍ୟାଳୟର ମହିଳା ଦଳ ଅଂଶଗ୍ରହଣ କରିଛନ୍ତି। କିଟ୍ ଓ କିସ୍‌ର ପ୍ରତିଷ୍ଠାତା ପ୍ରଫେସର ଅଚ୍ୟୁତ ସାମନ୍ତ ମୁଖ୍ୟଅତିଥିଭାବେ ଯୋଗଦେଇ ଏହି ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ।

## ରାଜ୍ୟ ସିନିଅର୍ ବାସ୍କେଟବଲ୍ ଦଳ ଘୋଷିତ




କଟକ,୧୧(ସମିସ): ଚେନ୍ନଇର ଜବାହରଲାଲ ନେହରୁ ଇଣ୍ଡୋର ଷ୍ଟାଡିୟମରେ ଆସନ୍ତା ୪ରୁ ୭୫ତମ ଜାତୀୟ ସିନିଅର ବାସ୍କେଟବଲ ଚାମ୍ପିଅନସିପ୍ ଖେଳାଯିବ। ଏଥି ନିମନ୍ତେ ଓଡ଼ିଶା ବାସ୍କେଟବଲ ସଂଘ ପକ୍ଷରୁ ଗୁରୁବାର ରାଜ୍ୟ ଦଳ ଘୋଷଣା କରାଯାଇଛି। ପୁରୁଷ ଦଳରେ ଅମିତ ସାମଲ, ସେଖ୍ ରିୟାଜ, ଅନିବେଶ ସାହୁ, ସାହିଦ ଖାନ, ଶିବଶଙ୍କର ବେହେରା, ଆଦିତ୍ୟ ବିକ୍ରମ ପ୍ରଧାନ, ଶରତ ନାୟକ, ହାର୍ଦ୍ଦିକ ପଟ୍ଟନାୟକ, ବ୍ରହ୍ମାନନ୍ଦ ବେହେରା, ଲକ୍ଷ୍ମୀଧର ବାରିକ, ଦିବ୍ୟଜିତ ମହାପାତ୍ର ଓ ଅଭିଷେକ ପଶୁପାଳକ ସ୍ଥାନ ପାଇଛନ୍ତି। ଏହି ଦଳରେ ପ୍ରହ୍ଲାଦ ବେହେରା କୋଚ୍, ଆଶିଷ ସିଂହ ସହକାରୀ କୋଚ୍ ଏବଂ ପ୍ରଦୀପ ବେହେରା ମ୍ୟାନେଜର ଭାବେ ରହିଛନ୍ତି। ସେହିପରି ମହିଳା ଦଳରେ ଲିଜାଲିନ ଜେନା, ସଙ୍ଗୀତା କୁମାର ନାଏକ, ଆୟୁଷି ମଲ୍ଲିକ, ତନୁଶ୍ରୀ ଶାସିନି, ଶ୍ୱେତା ପ୍ରଧାନ, ତନୁଶ୍ରୀ ମହାନ୍ତି, ଶୋହନା ପାତ୍ର, ଚିନ୍ମୟୀ ରଣା, ସ୍ୱାଗତିକା ସାହୁ, ବନିତା ଚାର୍ଲସ, ଅନୀଶା ନିଶାନ, ହେମା ସାହୁ ସ୍ଥାନ ପାଇଥିବା ବେଳେ ଦଳର ମୁଖ୍ୟ କୋଚ୍ ରହିଛନ୍ତି ଶଶୀକାନ୍ତ ନାୟକ। ଶୁଭଶ୍ରୀ ସାହୁ ସହକାରୀ କୋଚ୍ ଏବଂ ରାଜେନ୍ଦ୍ର ଖୁଣ୍ଟିଆଙ୍କୁ ମ୍ୟାନେଜର ଭାବେ ଦଳରେ ସାମିଲ କରାଯାଇଛି।

## ବାଂଲା ଖେଳାଳିଙ୍କୁ ନେଇ କେକେଆର୍‌କୁ ଚେତାବନୀ

ନୂଆଦିଲ୍ଲୀ, ୧୧ (ଏଜେନ୍ସି): ଆଇପିଏଲ୍ ନିଲାମୀରେ ବାଂଲାଦେଶ ଖେଳାଳିଙ୍କୁ କ୍ରୟ କରିଥିବାରୁ କୋଲକାତା ନାଇଟରାଇଡର୍ସ ମାଲିକ ଶାହରୁଖ ଖାନଙ୍କୁ ପ୍ରସିଦ୍ଧ କଥାବାଚକ ଦେବକୀନନ୍ଦନ ଠାକୁର ଚେତାବନୀ ଦେଇଛନ୍ତି। ଯାହା ଏବେ ନୂଆ ବିବାଦ ସୃଷ୍ଟି କରିଛି। ଠାକୁର କହିଛନ୍ତି ଯେ, ମୁଁ ବିସିସିଆଇକୁ ପ୍ରଶ୍ନ କରିବାକୁ ଚାହୁଁଛି। ବାଂଲାଦେଶୀ କ୍ରିକେଟରଙ୍କୁ ଏଠାକୁ ଅଣାଯିବା ଉଚିତ୍ ନୁହେଁ। ଯଦି ସେମାନେ ଆଇପିଏଲ୍ ଖେଳାଳି ନିଲାମୀରେ ସାମିଲ ହେଲେ ତେବେ ଅନ୍ୟକୌଣସି ଫ୍ରାଞ୍ଚାଇଜ ସେମାନଙ୍କୁ ଯେତେବେଳେ କ୍ରୟ କରିନଥିଲେ କୋଲକାତା କାହିଁକି ଆଗ୍ରହ ଦେଖାଇ କିଣିଲା। ସେହି ବାଂଲାଦେଶୀ ଖେଳାଳିଙ୍କୁ କେକେଆର ଦଳରୁ ବାହାର କରିବାକୁ ପଡ଼ିବ। ନଚେତ ଆମେ ଦଳକୁ ବୟକଟ୍ କରିବୁ।

ଜାତୀୟ ସିନିଅର ଭଲିବଲ୍

## ରାହୁଲ, ଅଶ୍ୱଥୀଙ୍କୁ ଓଡ଼ିଶା ଦଳର ନେତୃତ୍ୱ



ଭୁବନେଶ୍ୱର, ୧୧ (ସମିସ):

ଆଗାମୀ ଜାତୀୟ ସିନିଅର ଭଲିବଲ୍ ଚାମ୍ପିଅନସିପ୍‌ର ୭୨ତମ ସଂସ୍କରଣ ଲାଗି ଗୁରୁବାର ଓଡ଼ିଶା ପୁରୁଷ ଓ ମହିଳା ଦଳ ଘୋଷଣା କରାଯାଇଛି। ଏଥିରେ ରାହୁଲ ବାରିକଙ୍କୁ ପୁରୁଷ ଦଳର ଏବଂ ଅଶ୍ୱଥୀ ପି.ଆର.ଙ୍କୁ ମହିଳା ଦଳର ନେତୃତ୍ୱ ଭାର ଦିଆଯାଇଛି। ଜାନୁଆରୀ ୪ରୁ ୧୧ ତାରିଖ ପର୍ଯ୍ୟନ୍ତ ଉତ୍ତରପ୍ରଦେଶର ବାରଣାସୀରେ ଏହି ଚାମ୍ପିଅନସିପ୍ ଖେଳାଯିବ। ବାରଣାସୀରେ ପ୍ରଥମଥର ଆୟୋଜିତ ହେବାକୁ ଥିବା ଏହି ମେଗା ଇଭେଣ୍ଟକୁ ପ୍ରଧାନମନ୍ତ୍ରୀ ଓ ଉତ୍ତର ପ୍ରଦେଶ ମୁଖ୍ୟମନ୍ତ୍ରୀ ଉଦ୍‌ଘାଟନ କରିବାର କାର୍ଯ୍ୟସୂଚୀ ରହିଛି। ଓଡ଼ିଶା ମହିଳା ଭଲିବଲ୍ ଦଳ ଗତ ସଂସ୍କରଣରେ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଥିବାରୁ ଏଥର ଆହୁରି ଭଲ ପ୍ରଦର୍ଶନ କରିବ ବୋଲି ଓଡ଼ିଶା ଭଲିବଲ୍ ସଂଘର ସଭାପତି ପ୍ରଫେସର ଅଚ୍ୟୁତ ସାମନ୍ତ ଆଶାବାଦୀ ରହିଛନ୍ତି।

**ଓଡ଼ିଶା ପୁରୁଷ ଦଳ:** ରାହୁଲ ବାରିକ (ଅଧିନାୟକ), ଦୀପ୍ତିରାଜ ମିଶ୍ର, ମହସୀମ ଖାନ, ରାଖାଲ କିଶୋର, ଅନିଲ ସେନାପତି, ଆକାଶ ସିଂ, ଗୋବିନ୍ଦ ପ୍ରସାଦ ବାରିକ, ଶୁଭ୍ରାଂଶୁ ଶେଖର ଓଝା, ଏମ୍‌ଡି ରାଜା, ମାନସ ପ୍ରଧାନ, ମାନସ ପାଣି, ମୋହନ ବିଶ୍ୱାଳ, ଜ୍ଞାନରଞ୍ଜନ ମହାପାତ୍ର ଓ ପ୍ରଜ୍ଞା ସାରଥୀ ଜେନା। ମୁଖ୍ୟକୋଚ୍: ଶୁଭ୍ରାଂଶୁ ଭୂଷଣ ମିଶ୍ର, ସହାୟକ କୋଚ୍: ଲୋଚନବିନ୍ଦୁ ଦାଶ ଓ ରମେଶ ଚନ୍ଦ୍ର ଓଝା।

**ଓଡ଼ିଶା ମହିଳା ଦଳ:** ସୁଚିସ୍ମିତା ଦିଣ୍ଡା, ଅଶ୍ୱଥୀ ପି.ଆର୍. (ଅଧିନାୟିକା), ସ୍ମିଜପ୍ରଜ୍ଞା ଜେନା, କେ. ଭିନା, ଶ୍ରୁତି ଲକ୍ଷ୍ମୀ, କମଳେଶ କୁମାରୀ, ସ୍ନେହମୟୀ କିଶାନ, ସଞ୍ଚାରୀ ସୁନିଲ ଭୋୱାତେ, ମାମାଲି ନାଗ, ଲିପିକା ଖେସ୍, ଶିବାନୀ ପ୍ରିୟଦର୍ଶିନୀ, ଆରତୀ ହେପରିକା, ପାୟଲ କାଣ୍ଡି, ବି. ଅନିଶା। ମୁଖ୍ୟକୋଚ: ସଙ୍ଗୀତା ଟପ୍ପୋ, ମ୍ୟାନେଜର: ରତ୍ନାକର ପ୍ରଧାନ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS